

ସ୍କୁଲରେ 'ବନ୍ଦେ ମାତରମ୍' ବାଧ୍ୟତାମୂଳକ

ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sanchardisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 228 | ଭାଗ ୩୩ | ସଂଖ୍ୟା ୨୨୮ | Tuesday 11 November 2025 | Page 8 Rs. 5.00 | ● ଭୁବନେଶ୍ୱର ମଙ୍ଗଳବାର ୧୧ ନଭେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




## ସାରା ଦେଶରେ ହାଇ ଆଲର୍ଟ

## ଥରିଲା ଦିଲ୍ଲୀ ୧୦/୧୧

# ଲାଲକିଲ୍ଲା ରକ୍ତରଞ୍ଜିତ

# ୧୩ ମୃତ ୨୫ ଆହତ

**ନୂଆଦିଲ୍ଲୀ,୧୦।୧୧:** ବିସ୍ଫୋରଣରେ ଥରିଲା ରାଜଧାନୀ ଦିଲ୍ଲୀ। ଦିଲ୍ଲୀର ଲାଲକିଲ୍ଲା ମେଟ୍ରୋ ଷ୍ଟେସନର ଗେଟ ନମ୍ବର ୧ ନିକଟରେରେ ଆଜି ସନ୍ଧ୍ୟାରେ ଏକ ଭୟଙ୍କର କାର ବିସ୍ଫୋରଣ ଘଟିଛି। ବିସ୍ଫୋରଣରେ ୧୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୫ ଜଣ ଆହତ ହୋଇଥିବା ଜଣାପଡ଼ିଛି। ବସ୍ଫୋରଣ ପରେ ଅନେକ ଲୋକଙ୍କୁ ହସ୍ପିଟାଲକୁ ଅଣାଯାଇଛି। ନିଆଁ ଲିଭାଇବା ଲାଗି ଘଟଣା ସ୍ଥଳରେ ୭ରୁ ଅଧିକ ଦମକଳ ଗାଡି ପହଞ୍ଚିଛି। ବିସ୍ଫୋରଣ ପରେ ଏକ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ମୃତାହତଙ୍କ ସଂଖ୍ୟା ବଢ଼ିବାର ଆଶଙ୍କା କରାଯାଉଛି। ବିସ୍ଫୋରଣରେ ଅନ୍ୟ ତିନୋଟି ଗାଡ଼ି ମଧ୍ୟ ଜଳିଯାଇଛି। ବିସ୍ଫୋରଣ ଯୋଗୁ କାର୍ ପାର୍ଟସ୍ ଏଠି ସେଠି ବିଛାଡ଼ି ପଡ଼ିଛି।

■ ୨୦ ଫୁଟ ଉଚ୍ଚକୁ ଉଡ଼ିଲା 'ଆଇ-୨୦'
■ କାର ମାଲିକ ମହମ୍ମଦ ସଲମାନ ଅଟକ
■ ଷ୍ଟ୍ରୀଟ୍ ଲାଇଟ୍ ଜଳିବା କ୍ଷଣି ବିସ୍ଫୋରଣ

ଦିଲ୍ଲୀ ପୁଲିସର ଏକ ଦଳ ଘଟଣାସ୍ଥଳରେ ପହଞ୍ଚିଛି। ଲାଲକିଲ୍ଲା ନିକଟରେ ପ୍ରବଳ ଭିଡ଼ ଜମା ହୋଇଛନ୍ତି। ଲାଲକିଲ୍ଲା ନିକଟରେ ଥିବା ବଡ଼ ବଜାର, ଚାନ୍ଦନୀ ଚୌକରେ ପ୍ରତିଦିନ ହଜାର ହଜାର ଲୋକଙ୍କର ସମାଗମ ହୋଇଥାଏ। ଏଭଳି ଜନବହୁଳ ଅଞ୍ଚଳରେ ବଡ଼ ଧରଣର ବିସ୍ଫୋରଣ ଘଟିଥିବାରୁ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି। ଫୋରେନସିକ୍ ଏବଂ ଆତଙ୍କବାଦ ➪ପୃଷ୍ଠା-୬







## ପୂର୍ବରୁ ୬ ଥର ଦୋହଲିଛି

**୨୯ ଅକ୍ଟୋବର ୨୦୦୫ :** ନୂଆଦିଲ୍ଲୀ ରେଳଷ୍ଟେସନ, ଗୋବିନ୍ଦପୁରୀ ଏବଂ ସରୋଜିନୀ ମାର୍କେଟରେ ତିନୋଟି ବିସ୍ଫୋରଣ, ୬୨ ଜଣଙ୍କର ମୃତ୍ୟୁ ଏବଂ ୨୧୦ ଜଣ ଆହତ ହୋଇଥିଲେ।

**୧୪ ଏପ୍ରିଲ୍ ୨୦୦୬ :** ଜାମା ମସଜିଦ ଭିତରେ ଦୁଇଟି ବୋମା ବିସ୍ଫୋରଣ ହୋଇଥିଲା, ଯେଉଁଥିରେ ୧୪ ଜଣ ଆହତ ହୋଇଥିଲେ।

**୧୩ ସେପ୍ଟେମ୍ବର ୨୦୦୮ :** ଦିଲ୍ଲୀରେ ପାଞ୍ଚଟି ବୋମା ବିସ୍ଫୋରଣ, ୨୫ ଜଣଙ୍କ ମୃତ୍ୟୁ, ୧୦୦ରୁ ଅଧିକ ଆହତ ହୋଇଥିଲେ।

**୨୭ ସେପ୍ଟେମ୍ବର ୨୦୦୮ :** ଦିଲ୍ଲୀର ମେହରୌଲି ଫୁଲ ବଜାରରେ ବିସ୍ଫୋରଣ, ୪ ଜଣଙ୍କ ମୃତ୍ୟୁ, ୧୫ ଆହତ ହୋଇଥିଲେ।

**୧୯ ସେପ୍ଟେମ୍ବର , ୨୦୧୦ :** ଜାମା ମସଜିଦ (ଦିଲ୍ଲୀ)ରେ ଗୁଳିଚାଳନା ଏବଂ ବିସ୍ଫୋରଣ, ୨ ଜଣ ଆହତ ହୋଇଥିଲେ

**୭ ସେପ୍ଟେମ୍ବର ୨୦୧୧ :** ଦିଲ୍ଲୀ ହାଇକୋର୍ଟରେ ବିସ୍ଫୋରଣ, ୧୧ ଜଣଙ୍କ ମୃତ୍ୟୁ, ୬୪ ଜଣ ଆହତ ହୋଇଥିଲେ।

**୧୦ ନଭେମ୍ବର, ୨୦୨୫:** ଦିଲ୍ଲୀର ଐତିହାସିକ ଲାଲକିଲ୍ଲା ନିକଟରେ ବିସ୍ଫୋରଣ ସମଗ୍ର ଦେଶରେ ଆତଙ୍କ ସୃଷ୍ଟି କରିଛି। ଏବେ ସୁଦ୍ଧା ୧୧ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ଯାନବାହାନ ଏବଂ ନିକଟବର୍ତ୍ତୀ ଦୋକାନ କ୍ଷତିଗ୍ରସ୍ତ ହୋଇଥିଲା।

## ଆକ୍ସନ ମୋଡ୍‌ରେ ମୋଦି

■ ଗୃହମନ୍ତ୍ରୀଙ୍କ ସହ କଥାହେଲେ ପ୍ରଧାନମନ୍ତ୍ରୀ
■ ଆଇବି ମୁଖ୍ୟ ଓ ଏନଆଇଏକୁ ବଡ଼ ନିର୍ଦ୍ଦେଶ
■ ତଦନ୍ତରେ ଏନ୍ଆଇଏ, ଏନ୍ଏସ୍‌ଜି, ସିଆରପିଏଫ୍ ସାମିଲ୍

ବିସ୍ଫୋରଣରେ ଥରି ଉଠିଲା ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀ। ସୋମବାର ସନ୍ଧ୍ୟା ପ୍ରାୟ ୬ଟା ୫୫ରେ ଏକ କାରରେ ହୋଇଥିବା ବିସ୍ଫୋରଣରେ ଏ ପର୍ଯ୍ୟନ୍ତ ୧୩ ଜଣଙ୍କ ମୃତ୍ୟୁ ଘଟି ସାରିଥିବା ବେଳେ ୨୫ ଜଣ ଆହତ ହୋଇଥିବା କୁହାଯାଉଛି। ସମସ୍ତ ଆହତଙ୍କୁ ଲୋକନାରାୟଣ ଜୟପ୍ରକାଶ ନାରାୟଣ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦିଲ୍ଲୀ ପୁଲିସ ବର୍ତ୍ତମାନ ମାମଲାର ତଦନ୍ତରେ ଜୁଟି ଯାଇଛି। ଆକ୍ସନ ମୋଡକୁ ଆସିଛନ୍ତି କେନ୍ଦ୍ର ସରକାର। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିସ୍ଫୋରଣକୁ ନେଇ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହଙ୍କ ସହ ଆଲୋଚନା କରିଛନ୍ତି। ଗୃହମନ୍ତ୍ରୀ ➪ପୃଷ୍ଠା-୬



## ସବୁ ଦିଗରୁ ହେଉଛି ତଦନ୍ତ

ଦିଲ୍ଲୀର ଲାଲକିଲ୍ଲା ନିକଟରେ ହୋଇଥିବା ବିସ୍ଫୋରଣ ମାମଲାର ଟିକିନିଖି ତଦନ୍ତ କରାଯାଉଛି। ଏତେଶୀଘ୍ର ଏଥିରେ ଆତଙ୍କବାଦୀଙ୍କ ହାତ ଥିବା କହିବା ଠିକ୍ ହେବନି। ସରକାର ପ୍ରତିଟି କ୍ଷେତ୍ର ନେଇ ସତର୍କ ଓ ସଜାଗ ରହିଛନ୍ତି ବୋଲି ଗୃହମନ୍ତ୍ରୀ ଅମିତ ଶାହା କହିଛନ୍ତି। ଏନଆଇଏ, ଆଇବି, ଏନଏସଜି ଓ ସିଆରପିଏଫ୍ ମୁଖ୍ୟଙ୍କ ସହ ଏନେଇ ଆଲୋଚନା କରାଯାଇଛି। ଆଇବି ମୁଖ୍ୟ ତପନ ଡେକା ଓ ଦିଲ୍ଲୀ ପୁଲିସ କମିଶନର ସତୀଶ ଗୋଲଛା ପରିସ୍ଥିତିର ସମୀକ୍ଷା କରିଛନ୍ତି। ଫରେନସିକ ଟିମ୍ ଓ ସିସିଟିଭି ଫୁଟେଜର ଯାଞ୍ଚ ମଧ୍ୟ ଚାଲିଛି। ବିସ୍ଫୋରଣ ସ୍ଥଳରୁ ମିଳିଥିବା କିଛି ଦ୍ରବ୍ୟର ଯାଞ୍ଚ ଚାଲିଛି। ତଦନ୍ତ ଶେଷ ହେବା ପରେ ସମସ୍ତ ତଥ୍ୟ ଲୋକଲୋଚନକୁ ଆସିବ। ➪ପୃଷ୍ଠା-୬

## ଡିଜିଙ୍କ ସହ କଥାହେଲେ ମୁଖ୍ୟମନ୍ତ୍ରୀ

### ସୁରକ୍ଷା କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ



**ଭୁବନେଶ୍ୱର:** ଆଜି ସନ୍ଧ୍ୟାରେ ଦିଲ୍ଲୀରେ ଘଟିଥିବା ବିସ୍ଫୋରଣ ଓ ସାଧାରଣ ଲୋକଙ୍କ ଜୀବନହାନି ଘଟଣା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ଏଭଳି ଏକ ଅମାନବୀୟ ଘଟଣାକୁ ଭାରତ କଦାପି ବରଦାସ୍ତ କରିବ ନାହିଁ ବୋଲି କହିଛନ୍ତି। ➪ପୃଷ୍ଠା-୬

## ଆଲର୍ଟରେ ପୁରୀ, କଟକ ଓ ଭୁବନେଶ୍ୱର

### ● ଶ୍ରୀମନ୍ଦିର, ବାଲିଯାତ୍ରା ଓ ବିମାନବନ୍ଦରରେ କଡ଼ା ସୁରକ୍ଷା

**ଭୁବନେଶ୍ୱର:** ଲାଲକିଲ୍ଲା ନିକଟରେ ଘଟିଥିବା ଭୟଙ୍କର ବିସ୍ଫୋରଣକୁ ନେଇ ସାରା ଦେଶରେ ଆତଙ୍କର ମାହୋଲ ଖେଳିଯାଇଛି। ଲାଲକିଲ୍ଲା ନିକଟରେ ଏକ କାର୍‌ରେ ବିସ୍ଫୋରଣରେ ୧୧ ଜଣକ ମୃତ୍ୟୁ ହୋଇଥିବା ବେଳେ ୨୫ରୁ ଅଧିକ ଆହତ ହୋଇଥିବା ଜଣାପଡ଼ିଛି। ଏହି ଘଟଣା ପରେ ଦେଶର ବିଭିନ୍ନ ସ୍ଥାନ ପାଇଁ ହାଇ ଆଲର୍ଟ ଜାରି କରାଯାଇଛି। ଏହିକ୍ରମରେ ପୁରୀ ପାଇଁ ମଧ୍ୟ ହାଇଆଲର୍ଟ ଜାରି କରାଯାଇଛି। ଶ୍ରୀମନ୍ଦିର, ବଡ଼ଦାଣ୍ଡରେ ସୁରକ୍ଷା କଡ଼ାକଡ଼ି କରିଛି ପୁଲିସ। ସେହିଭଳି ଭୁବନେଶ୍ୱର ବିମାନ ବନ୍ଦରରେ ମଧ୍ୟ ସୁରକ୍ଷା ➪ପୃଷ୍ଠା-୬



## ଡିଜିଙ୍କ ଉଚ୍ଚସ୍ତରୀୟ ବୈଠକ

### ବାଲିଯାତ୍ରାରେ ସୁରକ୍ଷା ବ୍ୟବସ୍ଥା ପରଖିଲେ

**କଟକ:** ସାମ୍ପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟବାସୀଙ୍କ ସୁରକ୍ଷା ଉଦ୍ଦେଶ୍ୟରେ ଆଜି କଟକସ୍ଥିତ ରାଜ୍ୟ ପୁଲିସ ମୁଖ୍ୟାଳୟଠାରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ରାଜ୍ୟର ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ କରିବା ସହ କୌଣସି ଅପ୍ରୀତିକର ପରିସ୍ଥିତିର ମୁକାବିଲା ପାଇଁ ସର୍ବଦା ପ୍ରସ୍ତୁତ ରହିବାକୁ ରାଜ୍ୟର ବରିଷ୍ଠ ପୁଲିସ ଅଧିକାରୀମାନଙ୍କୁ ➪ପୃଷ୍ଠା-୬

## ଗୁଜବରେ ବିଶ୍ୱାସ ନକରିବାକୁ ଅପିଲ



**ନୂଆଦିଲ୍ଲୀ:** ବିସ୍ଫୋରଣ ପରେ ଦେଶରେ ନାନା ଗୁଜବ ସୃଷ୍ଟି ହେଉଛି। ଏସବୁ ଗୁଜୁବରେ ବିଶ୍ୱାସ ନକରିବାକୁ ଦେଶବାସୀଙ୍କୁ ଅପିଲ କରିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ବିସ୍ଫୋରଣରେ ୧୩ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୫ରୁ ଅଧିକ ଆହତ ହୋଇଛନ୍ତି। ମୃତ୍ୟୁବରଣ କରିଥିବା ପରିବାର ପ୍ରତି କେନ୍ଦ୍ରମନ୍ତ୍ରୀ ସମବେଦନା ଜଣାଇଛନ୍ତି। ଏଥିସହିତ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ଆଜି ନୂଆପଡ଼ା ଭୋଟ | ତିନି ଦଳ ପାଇଁ ଲିଟମସ ଟେଷ୍ଟ

**ନୂଆପଡ଼ା,୧୦।୧୧(ସଂଚାର ବ୍ୟୁରୋ):** ଆଉ କିଛି ଘଣ୍ଟାର ଅପେକ୍ଷା। ଇଭିଏମରେ ସିଲ ହେବ ପ୍ରାର୍ଥୀଙ୍କ ଭାଗ୍ୟ। ୩୫୮ଟି ମତଦାନ କେନ୍ଦ୍ରରେ ପ୍ରାୟ ୨ଲକ୍ଷ ୫୪ ହଜାର ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ନୂଆପଡ଼ା ଉପନିର୍ବାଚନ ପାଇଁ ରେସରେ ୧୪ ପ୍ରାର୍ଥୀ ଥିବା ବେଳେ ଏଥିରେ ଦୁଇ ଜଣ ପ୍ରାର୍ଥୀ ଅନ୍ୟ ଦଳ ସହ ମିଶିଯାଇଛନ୍ତି। ତେବେ ପ୍ରତିଯୋଗିତା ହେଉଛି ତିନି ମୁଖ୍ୟ ପ୍ରାର୍ଥୀଙ୍କ ମଧ୍ୟରେ। ବିଜେପିର ଜୟ ଢୋଲକିଆ, ବିଜେଡିର ସ୍ନେହାଙ୍ଗିନୀ ଛୁରିଆ ଓ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କ ପାଇଁ ଏହି ନିର୍ବାଚନ ଲିଟମସ ଟେଷ୍ଟ ପରି।

■ ନେତାଙ୍କ ଛାତି ଧଡ଼ଧଡ଼
■ ସକାଳ ୭ଟାରୁ ଆରମ୍ଭ ହେବ ଭୋଟିଂ
■ ୮ ମାଓପ୍ରବଣ ବୁଥରେ ୪ଟା ଯାଏଁ ପୁଲିଂ
■ ୨.୫୪ ଲକ୍ଷ ଭୋଟରଙ୍କ ହାତରେ ପ୍ରାର୍ଥୀଙ୍କ ଭାଗ୍ୟ





ଏହି ଉପନିର୍ବାଚନର ଫଳାଫଳ ତିନି ପ୍ରମୁଖ ରାଜନୈତିକ ଦଳର ଭବିଷ୍ୟତ ନିର୍ଦ୍ଧାରଣ କରିବ। କାରଣ ୨୦୨୪ ସାଧାରଣ ନିର୍ବାଚନ ପରେ ତିନି ଦଳଙ୍କ ପାଇଁ ଏହା ପ୍ରଥମ ଉପନିର୍ବାଚନ। ନବୀନ ପଟ୍ଟନାୟକ ପୂର୍ବଭଳି ନିଜର ଲୋକପ୍ରିୟତା ରହିଥିବା ପ୍ରମାଣିତ କରିବାକୁ ଯଥାସାଧ୍ୟ ଚେଷ୍ଟା କରୁଛନ୍ତି। ସେହିଭଳି ରାଜ୍ୟରେ ବିଜେପି ସରକାର ଗଠନ ପରେ ଏହା ପ୍ରଥମ ଉପନିର୍ବାଚନ ହେଉଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ରାଜ୍ୟରେ ସରକାର ବିରୋଧୀ ହାୱା ନାହିଁ ବୋଲି ପ୍ରମାଣିତ କରିବାକୁ ଚାହୁଁଛନ୍ତି। ସେପଟେ ପିସିସି ସଭାପତି ଭକ୍ତ ଦାସଙ୍କ ପାଇଁ ମଧ୍ୟ ଏହା ସମ୍ମାନର ପ୍ରଶ୍ନ ହୋଇଛି। ଗତ ➪ପୃଷ୍ଠା-୬

## ବିଧାନସଭା ସ୍ମୃତି ସାଉଁଟିବେ ମହାମହିମ



■ ଶୀତ ଅଧିବେଶନକୁ ସମ୍ବୋଧିତ କରିବେ ରାଷ୍ଟ୍ରପତି
■ ୨୭ରୁ ଆରମ୍ଭ ହେବ ଅଧିବେଶନ
■ ୨୮ରେ ଉପସ୍ଥାପିତ ହେବ ଅତିରିକ୍ତ ବଜେଟ୍

**ଭୁବନେଶ୍ୱର, ୧୦।୧୧ (ସଂଚାର ବ୍ୟୁରୋ) :** ପ୍ରଥମ ଥର ପାଇଁ ଓଡିଶା ବିଧାନସଭାକୁ ସମ୍ବୋଧିତ କରିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଆସନ୍ତା ୨୭ରୁ ଆରମ୍ଭ ହେଉଥିବା ଶୀତ ଅଧିବେଶନର ପ୍ରଥମ ଦିନ ରାଷ୍ଟ୍ରପତି ନିଜର ଅଭିଭାଷଣ ରଖିବେ। ଏହି ଅବସରରେ ସେ ଓଡ଼ିଶା ବିଧାନସଭା ସହ ଜଡ଼ିତ ତାଙ୍କର ସ୍ମୃତିର ରୋମନ୍ଥନ ମଧ୍ୟ କରିବେ। ଓଡ଼ିଶା ବିଧାନସଭା ଇତିହାସରେ ରାଷ୍ଟ୍ରପତି ସମ୍ବୋଧନ କରିବା ଏହା ପ୍ରଥମ ଘଟଣା ହେବ। କାରଣ ପୂର୍ବରୁ କଦାପି ରାଷ୍ଟ୍ରପତି କୌଣସି ବିଧାନସଭାକୁ ସମ୍ବୋଧିତ କରିନାହାନ୍ତି। ଯଦିଓ ସାମ୍ବିଧାନିକ ବିଧି ବ୍ୟବସ୍ଥାରେ ରାଷ୍ଟ୍ରପତି ଚାହିଁଲେ ଯେକୌଣସି ବିଧାନସଭା ଅଧିବେଶନକୁ ସମ୍ବୋଧିତ ➪ପୃଷ୍ଠା-୬

## ସ୍ପଷ୍ଟକଲେ ସିଇଓ
## ବାହାର ଜିଲ୍ଲାରୁ ଆସିନି ଇଭିଏମ୍

**ଭୁବନେଶ୍ୱର:** ଇଭିଏମ୍ ଲୁଚାଇବା ଅଭିଯୋଗର ସ୍ପଷ୍ଟୀକରଣ ଦେଇଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଆର୍. ଏସ୍. ଗୋପାଳନ। ଅନ୍ୟ ଜିଲ୍ଲାରୁ କୌଣସି ଇଭିଏମ୍ ଆସିନଥିବା କହିଲେ ମୁଖ୍ୟ ନିର୍ବାଚନ ଅଧିକାରୀ। ରବିବାର ସନ୍ଧ୍ୟାରେ ବିଜେଡି ବଡ଼ ଅଭିଯୋଗ ଆଣିଥିଲା




ଯେ ନୂଆପଡ଼ା ଜିଲ୍ଲାପାଳ ଗଞ୍ଜାମରୁ ଗୋଟିଏ ଇଭିଏମ୍ ଲୋଡ୍ ଟ୍ରକ୍ ଆଣି କୁଆଡେ ଲୁଚାଇ ଦେଇଛନ୍ତି। ଏହାକୁ ଏକ ଚ୍ୟାନେଲ ଲଗାତର ଭାବେ ପ୍ରସାରଣ କରିଥିଲା। ଯେଉଁଥିପାଇଁ ପାଇଁ ଆଜି ସେ ଏନେଇ ସ୍ପଷ୍ଟୀକରଣ ଦେଇଛନ୍ତି। ୩୦ ଜିଲ୍ଲାରେ ଇଭିଏମ୍ ୱେୟାରହାଉସ୍ ➪ପୃଷ୍ଠା-୬



### କାନ ଡେରିଆ

ଯିଏ ଜିତୁ ପଛେ ତମର କି ଯାଏ
ପଇସା ଗୋଟାଇ ଚାଲ
ଯିଏ ଜିତିଯିବ ତା ଆଡେ ଅନାଇ
ଛତା ବୁଲାଇଲେ ଭଲ
କରି ଚାଲ ତାଙ୍କୁ ଗେଲ...
ଲକ୍ଷଲକ୍ଷ ଅର୍ଥ ପକେଟେ ପଶିବ
ବାକି ସବୁ ଗୋଳମାଳ ।

■ ଦେବାଶିଷ

### ଛୁଆଙ୍କ ହାତରେ ମେସିନ୍

# ପୁଲିସ କହୁଛି 'କାଇଁ ନାଇଁ ତ!'

**ଭୁବନେଶ୍ୱର, ୧୦।୧୧ (ସଂଚାର ବ୍ୟୁରୋ) :** ଗୋଟାଏର ଦାମ୍ ୭୦ ହଜାର। ଯୋଡ଼ା ନେଲେ ୧୦ ହଜାର ଡିସକାଉଣ୍ଟ। ବେଫିକର ବନ୍ଧୁକ ବେପାରର ବଜାର ପାଲଟିଛି ଓଡ଼ିଶା। ବିହାର ଓ ୟୁପିରୁ ବନ୍ଧୁକ ଆଣି ଛତୁ ଫୁଟିବା ଭଳି ଧରି ବୁଲୁଛନ୍ତି ମାଫିଆ। କିଏ ଭାଇ ବନିବା ପାଇଁ ମେସିନ ଅଣ୍ଟାରେ ଖୋସି ବୁଲୁଛି ତ ଆଉ କିଏ କ୍ରାଇମ ସିଣ୍ଡିକେଟ ଚଳାଇବା ପାଇଁ ଗାଡି ଡ୍ୟାସବୋର୍ଡରେ ପିସ୍ତଲ ରଖି ବୁଲୁଛି। ଗୋରୁ ଚାଲାଣ, ପାଉଡର ବେପାର, ଲଘୁ ଖଣିଜ ଲୁଟ୍, ଦେହ ବେପାର ଚଳାଉଥିବା ମାଫିଆ, ପ୍ରୋଟେକ୍ସନ ପାଇଁ ଅଣ୍ଟାରେ ବନ୍ଧୁକ ଖୋସି ବୁଲୁଛନ୍ତି। ଗତ କିଛିଦିନ ମଧ୍ୟରେ କମିଶନରେଟ ପୁଲିସର ସ୍ପେଶାଲ କ୍ରାଇମ ୟୁନିଟ ଓ ସ୍ପେଶାଲ ସ୍କ୍ୱାଡ୍ ପୁଳା ପୁଳା ବନ୍ଧୁକ ଠାବ କରିଛି। କ୍ରାଇମବ୍ରାଞ୍ଚର ଏସଟିଏଫ ମଧ୍ୟ ବିହାର ଓ ଝାଡ଼ଖଣ୍ଡ ମାଫିଆଙ୍କଠାରୁ ଏକାଧିକ କେସରେ ୧୦ରୁ ଉର୍ଦ୍ଧ୍ୱ ବନ୍ଧୁକ, ଅଫୁଟା ଗୁଳି ଜବତ କରିଛି। ଏପରିକି ଗତ ମାର୍ଚ୍ଚରେ କଟକ ବୟାଳିଶ ମୌଜା ଅଞ୍ଚଳରେ ଏକ ଗୁହାଳରେ ବନ୍ଧୁକ ତିଆରି କାରଖାନା ଚାଲିଥିବା ବେଳେ ତାକୁ ଠାବ କରିଥିଲା ସ୍ପେଶାଲ ଟାସ୍କଫୋର୍ସ। ପ୍ରତି କେସରେ ଧରାପଡୁଥିବା ଅଭିଯୁକ୍ତଙ୍କ ପାଖରୁ

● ନିୟମିତ ଠାବ ହେଉଛି ପୁଳା ପୁଳା ବନ୍ଧୁକ
● ବାଟ ହୁଡ଼ିଛି ଅପରେସନ୍ ବ୍ଲାକ୍ ସ୍ନୋକ୍



ବି ମିଳୁଛି ପୁଳା ପୁଳା ମେସିନ। ରୁଜୁ ହେଉଛି ଆର୍ମ୍ସ ଆକ୍ଟରେ ମାମଲା। କିନ୍ତୁ ଚେର ପର୍ଯ୍ୟନ୍ତ ପହଞ୍ଚିପାରୁନି ପୁଲିସ। ଯେଉଁଥିପାଇଁ କିଛିଦିନ ତଳେ ଘୁଙ୍ଗୁରୁ ମିଶ୍ର ବୋଲି ଜଣେ ମହିଳା ନିଜର ପତିଆରା ଜାହିର କରିବା ଉଦ୍ଦେଶ୍ୟରେ ଭରତପୁର ଅଞ୍ଚଳରେ ଥିବା ତାଙ୍କ ନିଜ ଘର ଉପରେ କରିଥିଲେ ଗୁଳି ଓ ବୋମାମାଡ଼। ୩ ଅଭିଯୁକ୍ତଙ୍କ ସହ ପୁଲିସ ଜବତ କରିଥିଲା ଚୋରା ବନ୍ଧୁକ ଓ ଅଫୁଟା ଗୁଳି। ମୁଙ୍ଗେରରୁ ୮୦ ହଜାର ଦେଇ ଘୁଙ୍ଗୁରୁ ସେହି ବନ୍ଧୁକ ମଗେଇଥିବା ତଦନ୍ତ ସମୟରେ ପୁଲିସ୍ ଜାଣିବାକୁ ପାଇଛି।

ବନ୍ଧୁକ ଡିଲରେ ଲଗାମ ଲଗାଇବା ପାଇଁ ଗତ ୨୦୧୪ରେ ଆରମ୍ଭ ହୋଇଥିଲା ଅପରେସନ ବ୍ଲାକ୍ ସ୍ନୋକ୍। କ୍ୱିକ ଆକ୍ସନ ଟିମ (କ୍ୟୁଏଟି) ଏହାର ତଦନ୍ତ ଭାର ନେବା ସହ ସେହିବର୍ଷ ୯୩ଟି ମାଉଜର ଓ ୨୪୯ଟି ଅଫୁଟା ଗୁଳି ଜବତ କରିଥିଲା। ସେହିପରି ପରବର୍ଷ ଅର୍ଥାତ୍ ୨୦୧୫ରେ ୧୧୩ଟି ମାମଲା ରୁଜୁ କରାଯିବା ସହ ୬୩ଟି ମାଉଜର ସହ ୧୬୨ଟି ଅଫୁଟା ଗୁଳି ଜବତ ହୋଇଥିଲା। ଆହୁରି ୨୦୧୬ରେ ୧୨୨ଟି ମାମଲା ରୁଜୁ ହେବା ସହ ୮୯ଟି ମାଉଜର ଓ ୨୧୨ଟି ଅଫୁଟା ଗୁଳି ଜବତ ହୋଇଥିଲା। ଅର୍ଥାତ୍ ପ୍ରଥମ ୩ ବର୍ଷରେ ୩୭୮ ଜଣଙ୍କୁ ଗିରଫ କରି ଅପରାଧୀଙ୍କ ମନରେ ଛନକା ସୃଷ୍ଟି କରିପାରିଥିଲା କ୍ୟୁଏଟି। ପରେ ପରେ କମିଶନରଙ୍କ ନେତୃତ୍ୱରେ ଗଠିତ ଟିମ ପୁଳା ପୁଳା ବନ୍ଧୁକ ଠାବ କରିଛି ସତ, ହେଲେ କେବଳ ଗ୍ରାହକ ଓ ଦଲାଲଙ୍କୁ ଧରି ନିଜ କାମ ସୀମିତ ରଖିଛି। କିନ୍ତୁ ମାଷ୍ଟରମାଇଣ୍ଡ ପାଖରେ ପହଞ୍ଚିବାରେ ପୁଲିସ୍ ସଫଳ ହୋଇପାରିନାହିଁ। ଯେଉଁଥିପାଇଁ କଥା କଥାରେ ଫୁଟୁଛି ଗୁଳି, ଗର୍ଜୁଛି ବନ୍ଧୁକ। ଏଥିରେ ଲଗାମ ନ ଲାଗିଲେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେବା ନିଶ୍ଚିତ।



## ଫୁଟେଇଥିଲା ଶିବା

୩ ମାସ ପୂର୍ବରୁ ପ୍ରାକ୍ଟିସ ଆଉ ଗତ ଅକ୍ଟୋବର ୧୩ରେ ପଏଣ୍ଟ ବ୍ଲାଙ୍କ ଫାୟାରିଂ। ସରକନ୍ତରା ଏମ୍ସ କର୍ମଚାରୀ ସୁଧାଂଶୁ ଖୁଣ୍ଟିଆ ମର୍ଡର କେସରେ ଆଜି ସ୍ଥାନୀୟ ପୁଲିସ୍ ମାଷ୍ଟରମାଇଣ୍ଡ ସଦାଶିବ ପ୍ରଧାନ ଓରଫ ଶିବାକୁ ହଂସପାଳ ନିକଟରୁ ଖଣ୍ଡଗିରି ଥାନା ପୁଲିସ୍ ଗିରଫ କରିଛି। ଗତ ଅକ୍ଟୋବର ୧୩ ତାରିଖରେ ସୁଧାଂଶୁଙ୍କୁ ଅତି ବୀଭତ୍ସ ଭାବେ ହତ୍ୟା କରାଯାଇଥିଲା। ଜମିବାଡ଼ି ବିବାଦକୁ କେନ୍ଦ୍ର କରି ହୋଇଥିଲା ଏହି ହତ୍ୟାକାଣ୍ଡ। ପୁଲିସ ଏହି ଘଟଣାର ତଦନ୍ତ କରି ୪ ଜଣ ଅଭିଯୁକ୍ତଙ୍କୁ ପୂର୍ବରୁ ଗିରଫ କରିଥିଲା। ହତ୍ୟାକାଣ୍ଡ ଘଟାଇବା ପରେ ଫେରାର ହୋଇଯାଇଥିଲା ଶିବା। ତାକୁ ଧରିବା ଦାବିରେ ପୂର୍ବରୁ ପୁଲିସ କମିଶନରଙ୍କ ଦ୍ୱାରସ୍ଥ ହୋଇଥିଲେ ମୃତକଙ୍କ ପରିବାର ଲୋକେ। ତେବେ ୩ ମାସ ତଳୁ ବନ୍ଧୁକ ଆଣି ଶିବା ତା' ଭାଇର ମର୍ଡର ପାଇଁ ପ୍ରି ପ୍ଲାନ କରୁଥିବା କହିଛନ୍ତି ଏସିପି ତାପସ ପ୍ରଧାନ।

## ନରୁଆ-ମଙ୍ଗଳପୁର ଉଚ୍ଚ ବିଦ୍ୟାଳୟର ସମସ୍ୟା ବୁଝିଲେ ବିଧାୟକ



**ନିଶ୍ଚିନ୍ତକୋଇଲି,୧୦।୧୧ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ଶିକ୍ଷା ମଣ୍ଡଳ ଅଧିନସ୍ଥ ଝାଡ଼େଶ୍ୱରପୁର ପଞ୍ଚାୟତ ନରୁଆ-ମଙ୍ଗଳପୁର ଉଚ୍ଚ ବିଦ୍ୟାଳୟକୁ ସୋମବାର ଅପରାହ୍ନରେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଗ୍ରସ୍ତ କରି ବିଭିନ୍ନ ସମସ୍ୟା ସମ୍ପର୍କରେ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ, ଗ୍ରାମବାସୀ, ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନିକଟରୁ ପଚାରି ବୁଝିବା ସହିତ କିପରି ଶୀଘ୍ର ସମାଧାନ କରାଯିବ ତାହା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ବିଇଓ ସଂଯୁକ୍ତା ମହାପାତ୍ର, ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଦୀପକ କୁମାର ବାରିକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଜିତ୍ କୁମାର ଦାସଙ୍କ ସମେତ ଆତ୍ମାର ସଭାପତି ଅଶୋକ କୁମାର ସାହୁ, ରବୀନ୍ଦ୍ର କୁମାର ତ୍ରିପାଠୀ, ଅନୁସୂୟା ମହାନ୍ତି, ବିନୋଦ ସାମଲ, ସରପଞ୍ଚ ଅନିଲ କୁମାର ଦଳାଇ, ସରପଞ୍ଚ ପ୍ରଦୀପ୍ତ କୁମାର ପରିଡ଼ା, ଦୀପକ ସ୍ୱାଇଁ, ସୁରେନ୍ଦ୍ରନାଥ ଜେନା, ରମେଶଚନ୍ଦ୍ର ସ୍ୱାଇଁ, ଦେବେନ୍ଦ୍ର କୁମାର ସାହୁଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଉଦ୍‌ଯାପିତ ହେଲା କଳିଙ୍ଗ ବାଲିଯାତ୍ରା

**ପାରାଦୀପ,୧୦।୧୧ (ସଂଚାର ବ୍ୟୁରୋ):** ଐତିହ୍ୟ ସମ୍ପନ୍ନ ପାରାଦୀପ କଳିଙ୍ଗ ବାଲିଯାତ୍ରା ୨୦୨୫ ଆଜି ଉଦଯାପିତ ହୋଇଯାଇଛି। ଉଦଯାପନୀ ସନ୍ଧ୍ୟାରେ ଓଡ଼ିଶାର ମହାମହିମ ରାଜ୍ୟପାଳ ହରି ବାବୁ କମ୍ଭପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଶିଳ୍ପ ଓ ଦକ୍ଷତା ବିକାଶ ତଥା ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ବକ୍ତା ଭାବେ ଓ ସମ୍ମାନିତ ଅତିଥି ଭାବେ ସାଂସଦ ଡ ବିଭୁ ପ୍ରସାଦ ତରାଇ, କେନ୍ଦ୍ରାଞ୍ଚଳ ଡ଼ିଆଇଜି ସତ୍ୟଜିତ ନାୟକ, ଜିଲ୍ଲାପାଳ ଯେ ସୋନୁଓ୍ୱାଲ, ଏସ୍‌ପି ଅଙ୍କିତ କୁମାର ବର୍ମା ଯୋଗ ଦେଇଥିଲେ।




ବାଲିଯାତ୍ରା ଏକ ଯାତ୍ରା ନୁହଁ ଏହା ଆମ ସଂସ୍କୃତିର ଗୌରବମୟ ଇତିହାସ , କଳିଙ୍ଗ ସାହସିକା ମାନଙ୍କ ବୀରତ୍ୱର ଗାଥା ବାସ୍ତବିକ ଆମ ଗୌରବ , ଏହି ବାଲିଯାତ୍ରା ଆମ ପୂର୍ବ ଓ ବର୍ତ୍ତମାନ ଏବଂ ପରପିଢ଼ି ମଧରେ ଏକ ମହାନ ସମନ୍ୱୟ ରକ୍ଷା କରି ପାରୁଥିବା ରାଜ୍ୟପାଳ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ବାଲିଯାତ୍ରା କେବଳ ମନୋରଞ୍ଜନ କିଣାବିକା ଓ ଖାଦ୍ୟ ଖାଇବା ଭଳି ମନୋରଞ୍ଜନ ଭିତିକ ଯାତ୍ରା ନୁହଁ, ଏହା ଆମ ଐତିହ୍ୟ ପରମ୍ପରାକୁ ଉଦ୍‌ଜୀବିତ କରିପାରୁଥିବା ଯାତ୍ରା, ଜଟାଧାରୀ ମୁହାଣ, ବୋଇତରା କୁଦ ଓ ହୁକିତୋଲା ଯରୁ ଆମ ସାଧବ ପୁଅମାନେ ନୌବାଣିଜ୍ୟ କରିବା ପାଇଁ ସମୁଦ୍ର ପଥରେ ଯାତ୍ରା କରୁଥିଲେ ବୋଲି ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପ୍ରକାଶ କରିଥିଲେ। ପାରାଦୀପ ଶିଳ୍ପ କ୍ଷେତ୍ରରେ ଏବେ ବ୍ୟାପକ ହେବାରେ ଲାଗିଛି , ଉତ୍କଳୀୟ ଚିନ୍ତା ଚେତନାର ବାର୍ତା ବହନ କରୁଥିବା ଆମ ନୌବାଣିଜ୍ୟ ପରମ୍ପରା ଆମକୁ ସେତେବେଳଠାରୁ ସଶକ୍ତ କରି ରଖିଛି। ଜଗତସିଂହପୁର ଜିଲ୍ଲାକୁ ସମଗ୍ର ଜିଲ୍ଲାରେ ଏକ ନମ୍ବର ଜିଲ୍ଲା ରୂପେ ଗଢି ତୋଳିବାକୁ ପ୍ରୟାସ ଆରମ୍ଭ ହୋଇଥିବା ସାଂସଦ ଶ୍ରୀଯୁକ୍ତ ତରାଇ ପ୍ରକାଶ କରିଥିଲେ।

ଚଳିତ ବର୍ଷ କଳିଙ୍ଗ ବାଲୀଯାତ୍ରାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଥିବା ବେଳେ ମହାମହିମ ରାଜ୍ୟପାଳ ଏହାକୁ ଉଦଯାପିତ କରିଛନ୍ତି। ପ୍ରତିଦିନ ସାଂସ୍କୃତିକ ସନ୍ଧ୍ୟା ଆୟୋଜିତ ହୋଇଛି। ଚଳିତ ବର୍ଷ ବାଲିଯାତ୍ରାରେ ଅନେକ ଷ୍ଟଲ ଫାଙ୍କା ପଡିବା ଓ ସେତେଟା ଲୋକାରଣ୍ୟ ନହେବାର କାରଣ ଖୋଜୁଛନ୍ତି ସମସ୍ତେ।

## ଗ୍ରାମଦେବତୀଙ୍କ ଦାନବାକ୍ସ ଲୁଟିଲେ ଦୁର୍ବୃତ୍ତ

**ମହାକାଳପଡ଼ା, ୧୦।୧୧ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଅଧୀନ ଯଦୁପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସାନଗାଁ ଗ୍ରାମର ଗ୍ରାମଦେବତୀ ମା ବଜ୍ର ମହାକାଳୀ ଙ୍କ ଦାନ ବାକ୍ସ ଦୁର୍ବୃତ୍ତମାନେ ଶନିବାର ରାତିରେ ଚୋରି କରି ନେଇଯାଇଛନ୍ତି। ରବିବାର ସକାଳୁ ମାଆଙ୍କ ଦାନ ବାକ୍ସ ଗ୍ରାମର ନଦୀବନ୍ଧ ନିକଟ ଇଟାଭାଟି ପାଖରେ ପଡିଥିବା କିଛି ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଦାନ ବାକ୍ସରେ ଦୁଇବର୍ଷର ଦାନ ଅର୍ଥ ରହିଥିଲା। ଦୁର୍ବୃତ୍ତମାନେ ଦାନ ଅର୍ଥ କୁ ନେଇ କେବଳ ବାକ୍ସଟି କୁ ଫୋପାଡ଼ି ଚାଲି ଯାଇଛନ୍ତି। ଏନେଇ ମାର୍ଶାଘାଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ଏତଲା ଆଧାରରେ ତଦନ୍ତ କରୁଥିବା ସୂଚନା ମିଳିଛି।



● ବେଆଇନ ଗୋରୁ ଚାଲାଣ

## ୧୯ ଗୋରୁ ଉଦ୍ଧାର; ଜଣେ ଗିରଫ, ଦୁଇ ଫେରାର

**କଣାସ,୧୦।୧୧ (ସଂଚାର ବ୍ୟୁରୋ):** ଗତକାଲି ରିଖ ସନ୍ଧ୍ୟା ୫ ଟା ବେଳେ ତିନିଜଣ ବ୍ୟକ୍ତି ୧୯ଗୋଟି ଗାଈ ଙ୍କୁ ବେଆଇନ ଓ ନିର୍ଦ୍ଦୟ ଭାବେ ଅଣ୍ଡା ଗ୍ରାମରୁ ବେଣାପଞ୍ଜରି ଗ୍ରାମ ଆଡ଼କୁ ଚୋରା ଚାଲାଣ କରୁଥିବା ସମୟରେ ସନ୍ଦେହରେ ଜଣେ ବ୍ୟକ୍ତି ତାଙ୍କୁ ପଚାରି ବିନା କାଗଜ ପତ୍ରରେ ନେଉଥିବା ଜାଣି କଣାସ ଥାନାକୁ ଖବର ଦେଇଥିଲେ। କଣାସ ପୋଲିସ ଟିମ୍ ତୁରନ୍ତ ଘଟଣା ସ୍ଥଳ ଅଁଳାଯୋଡ଼ି ରେ ପହଞ୍ଚି ସମସ୍ତ ୧୯ଗୋଟି ଗାଈ ଜବତ କରିବା ସହିତ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଥିଲେ। ଆଉ ଅନ୍ୟ ଦୁଇ ଜଣେ ଫେରାର ଅଛନ୍ତି। ଜବତ ଗାଈ ମାନଙ୍କୁ ଭୁବନେଶ୍ୱର ସ୍ଥିତ ଗୋଶାଳାକୁ ଉତ୍ତମ ରକ୍ଷଣାବେକ୍ଷଣ ପାଇଁ ହସ୍ତାନ୍ତର କରାଯାଇଛି। ଅଭିଯୁକ୍ତ ଗୋ-ଚାଲାଣକାରି କମର ଅଲ୍ଲୀ ଖାଁ କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଚି। ଜାମିନ ନାମଞ୍ଜୁର ହେବାରୁ ତାକୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଚି।

## କାର୍ତ୍ତିକେଶ୍ୱର ପୂଜାରେ କୁନି କଳାକାର ପୁରସ୍କୃତ

**ମହାକାଳପଡ଼ା,୧୦।୧୧(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ୍ ଦେଉଳପଡା ପଞ୍ଚାୟତ ଅନ୍ତର୍ଗତ ଚଣ୍ଡୀଆପଲ୍ଲୀ ଗ୍ରାମରେ କାର୍ତ୍ତିକେଶ୍ୱର ପୂଜା ଅବସରରେ ଗ୍ରାମର କୁନି କୁନି କଳାକାର ମାନଙ୍କୁ ପୁରସ୍କୃତ କରାଯାଇଛି।



ଚଳିତ ବର୍ଷ ଚଣ୍ଡୀଆପଲ୍ଲୀ ଗ୍ରାମରେ ୨୩ତମ କାର୍ତ୍ତିକେଶ୍ୱର ପୂଜା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ପୂଜାର ପ୍ରତ୍ୟେକ ଦିନ ଭଜନ, ସଂକୀର୍ତ୍ତନ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଗ୍ରାମର କୁନି କୁନି କଳାକାର ମାନଙ୍କ ଦ୍ୱାରା ନୃତ୍ୟ ପ୍ରତିଯୋଗୀତାମାନ ଅନୁଷ୍ଠିତ କରାଯାଇ କୃତୀ ପ୍ରତିଯୋଗୀ ମାନଙ୍କୁ ଚୟନ କରାଯାଇଥିଲା। ପୂଜାର ଶେଷ ଦିନରେ ଆୟୋଜିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଗ୍ରାମର ବିଶିଷ୍ଟ ବ୍ୟକ୍ତି ତଥା ସମାଜସେବୀ ଅଶ୍ୱିନୀ କୁମାର ପରିଡା, ଯୁବନେତା ତଥା ସମାଜସେବୀ ସରୋଜକାନ୍ତ ରାଉତ, ପୂଜା କମିଟିର ସଭାପତି ପ୍ରବୀଣ କୁମାର ନାୟକ ପ୍ରମୁଖ ଅତିଥିଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ ।

## ଜିଲ୍ଲା ଓକିଲ ସଂଘ ସହ ଆଲୋଚନା କଲେ ସାଂସଦ ବୈଜୟନ୍ତ

**କେନ୍ଦ୍ରାପଡା,୧୦।୧୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସାଂସଦ ତଥା ରାଷ୍ଟ୍ରୀୟ ବିଜେପି ଉପାଧକ୍ଷ ବୈଜୟନ୍ତ ପଣ୍ଡା କେନ୍ଦ୍ରାପଡା ଜିଲ୍ଲା ଓକିଲ ସଂଘ ପରିଦର୍ଶନ କରି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।




ଜିଲ୍ଲା ଓକିଲ ସଂଘ ସଭାପତି ଗୋବର୍ଦ୍ଧନ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସଂଘ ପାଇଁ ଏକ କନଫରେନ୍ସ ହଲ୍ ଇ-ଲାଇବ୍ରେରୀ, ପୁରୁଣା କୋର୍ଟ ପରିସରରେ କାର୍ଯ୍ୟରତ ଓକିଲ ଓ ମହକିଲମାନଙ୍କ ପାଇଁ ପାନୀୟ ଜଳ, ପରିସ୍ରାଗାର, ଶୌଚାଳୟ ଏବଂ ଏକ ଜେନେରେଟର୍ ପାଇଁ ଓକିଲସଂଘ ତରଫରୁ ଦାବି କରାଯାଇଛି । ସେଥିରେ ମାନ୍ୟବର ସାଂସଦ ଶ୍ରୀ ପଣ୍ଡା ଖୁବ୍‌ଶୀଘ୍ର ଏହି ସମସ୍ୟା ଗୁଡିକୁ ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । କେନ୍ଦ୍ରାପଡା ଜନସାଧାରଣଙ୍କ ଦୃଷ୍ଟିରେ ରଖି ଜିଲ୍ଲା ଓକିଲସଂଘ କେନ୍ଦ୍ରାପଡାରେ ଏକ ମେଡିକାଲ୍ କଲେଜ୍ ପ୍ରତିଷ୍ଠା ପାଇଁ ଅନୁରୋଧ କରିଥିଲେ ।

ଉକ୍ତ ସଭାରେ ଓକିଲ ସଂଘ ସଂପାଦକ ନୃସିଂହ ଚରଣ ରାଉତ, ସହ ସଂପାଦକ ବିନୋଦ କୁମାର ବେହେରା, ଉପସଭାପତି ହାଡିବନ୍ଧୁ ସିଂ, କୋଷାଧକ୍ଷ ବିଭୁତି ଭୂଷଣ କର ଓ ହରିପ୍ରସାଦ କର, ରେଣୁବାଳା ସାମଲ, ମମତାମୟୀ ସାମଲଙ୍କ ସମେତ ବରିଷ୍ଠ ଆଇନ୍‌ଜିବୀ ଧ୍ରୁବଚରଣ ଜେନା, ଭୀମସେନ ଭୂୟାଁ, ସରୋଜରାଜ ସିଂ, ଦୁର୍ଯ୍ୟୋଧନ ସାହୁ, ଶାନ୍ତି ସ୍ୱରୂପ ଭୂୟାଁ, ପ୍ରଫୁଲ୍ଲ କୁମାର ସାହୁ, ଗୌର ପ୍ରସାଦ ମହାପାତ୍ର, ନେହେରୁ ସାହୁ ପ୍ରମୁଖ ସାଂସଦଙ୍କ ଆଗରେ ନିଜର ମତ ରଖିଥିଲେ।

## କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦ ତରଫରୁ ବର୍ଣ୍ଣବୋଧ ବଣ୍ଟନ

**ରାଜନଗର,୧୦।୧୧(ସଂଚାର ବ୍ୟୁରୋ):** ଆଜି ରାଜନଗର ବ୍ଲକ୍ ବନ୍ଧପଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଫିରିକଦାଣ୍ଡି ପ୍ରାଥମିକ ବିଦ୍ୟାଳୟ ଓ ଫିରିକଦାଣ୍ଡି ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦ



ତରଫରୁ ବର୍ଣ୍ଣବୋଧ ବହି ବଣ୍ଟନ କରାଯାଇଛି। ଶିକ୍ଷାବିତ୍ ରଙ୍ଗାଧର ଜେନାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ରାଜନଗରର ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ଉପସ୍ଥିତ ରହି ମଧୁସୂଦନ ରାଓଙ୍କ ଲିଖିତ ଏ ବର୍ଣ୍ଣବୋଧକୁ ମୋର ପୂଜ୍ୟ ପିତା ପଢ଼ିଥିଲେ, ମୁଁ ମଧ ପଢ଼ିଛି ଆଉ ଆମର ପରବର୍ତ୍ତୀ ପିଢ଼ି ମଧ ଏ ବର୍ଣ୍ଣବୋଧକୁ ପଢିବା ଉଚିତ୍ ବୋଲି କହିବା ସହିତ ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ବର୍ଣ୍ଣବୋଧକୁ ପ୍ରଚଳନ କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଭାବେ ଜଣାଇବେ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଡେରା ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ଦେବେନ୍ଦ୍ର କୁମାର ଜେନା,ସାହିତ୍ୟ ସଂସଦ ର ସଭାପତି ଆଇନଜୀବୀ ଧୀରେନ୍ଦ୍ରନାଥ ସାହୁ,ଫିରିକଦାଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ନରେଶ କୁମାର ପାତ୍ର,ସହକାରୀ ଶିକ୍ଷୟତ୍ରୀ ତିଳୋତ୍ତମା ନାୟକ ଓ ଶ୍ରୀମତୀ ସୁଶିଳା ସାମଲ,ବଡ ଫିରିକଦାଣ୍ଡି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ଶ୍ରୀମତୀ କୈଳାସୀ ଦାସ ଓ ସହକାରୀ ଶିକ୍ଷୟତ୍ରୀ ଶ୍ରୀମତୀ ଭାନୁମତି ଖଟୁଆ,କଣଷରା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ଶ୍ରୀମତୀ ଆଲୋକ ମଞ୍ଜରୀ ରାଉତ, ଶିକ୍ଷାବିତ୍ ସରୋଜ କୁମାର ଆଚାର୍ଯ୍ୟ ଆଦି ଉପସ୍ଥିତ ରହି ପିଲାମାନଙ୍କୁ ବର୍ଣ୍ଣବଧେ ବଣ୍ଟନ କରିଥିଲେ ।

## ବିଧାୟକଙ୍କ ପ୍ରୟାସରେ ସଫଳ ହେବାକୁ ଯାଉଛି ମିଶନ୍ ମେରିଟ୍ କାର୍ଯ୍ୟକ୍ରମ

**ନିଶ୍ଚିନ୍ତକୋଇଲି,୧୦।୧୧(ସଂଚାର ବ୍ୟୁରୋ):** ରାଜ୍ୟ ଶିକ୍ଷାବିଭାଗ ଦ୍ୱାରା ପରିଚାଳିତ ହେଉଥିବା ମଣ୍ଡଳ ସ୍ତରୀୟ ମିଶନ ମେରିଟ୍ କାର୍ଯ୍ୟକ୍ରମ ସମସ୍ତ ମଣ୍ଡଳ ଶିକ୍ଷା ବିଭାଗରେ ଅନୁଷ୍ଠିତ ହେଉଅଛି। ଚଳିତ ବର୍ଷ କିପରି ମାଟ୍ରିକ ପରୀକ୍ଷାରେ ଛାତ୍ର ଛାତ୍ରୀ ମାନେ ୯୦ ଶତକଡ଼ାରୁ ଉର୍ଦ୍ଧ୍ୱ ମାର୍କ ରଖି ମାହାଙ୍ଗା ନିର୍ବାଚନ ମଣ୍ଡଳୀକୁ ସମଗ୍ର ଓଡ଼ିଶାରେ ଗୌରବାନ୍ୱିତ କରିବେ ସେ ନେଇ ମାହାଙ୍ଗା ବିଧାୟକ ଶାରଦାପ୍ରସାଦ ପ୍ରଧାନଙ୍କ ପ୍ରୟାସ ରେ ସଫଳ ହେବାକୁ ଯାଉଛି ମିଶନ ମେରିଟ୍ କାର୍ଯ୍ୟକ୍ରମ। ଏ ନେଇ ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟ ପରିସରରେ ନିଶ୍ଚିନ୍ତକୋଇଲି ଶିକ୍ଷା ମଣ୍ଡଳ ସ୍ତରୀୟ ମିଶନ ମେରିଟ କର୍ମଶାଳା ୨୦୨୫ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ବିଇଓ ସଂଯୁକ୍ତା ମହାପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ କଲେଜ ଅଧକ୍ଷା ଡ଼ଃ ପ୍ରଫେସର ତରୁଲତା ଦେବୀ ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ



କରିବା ସହିତ ଚଳିତ ମାଟ୍ରିକ ପରୀକ୍ଷାରେ କିଭଳି ଅଧିକରୁ ଅଧିକ ପିଲା ୯୦ ଶତକଡ଼ା ମାର୍କ ରଖି ଏ ବ୍ଲକକୁ ଗୌରବାନ୍ୱିତ କରିବା ସହିତ ଆଗାମୀ ଦିନରେ ଜଣେ ଉତ୍ତମ ଛାତ୍ର ଛାତ୍ରୀ ଭାବେ ଏ ଦେଶ ଓ ରାଜ୍ୟର ପ୍ରଗତିରେ ସାମିଲ ହେବେ ସେ ସମ୍ପର୍କରେ ଛାତ୍ର ଛାତ୍ରୀ ମାନଙ୍କୁ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସହକାରୀ ବ୍ଲକ ଶିକ୍ଷାଧିକାରୀ, ବିଆରସିସି, ସିଆରସିସି, ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ୧୦ ତାରିଖରେ ଆରମ୍ଭ ହୋଇଥିଲା ବେଳେ ୧୪ତାରିଖ ରେ ଉଦ୍‌ଯାପିତ କରାଯିବ ବୋଲି ଜଣାଯାଇଛି। ଏପରିକି ବିଧାୟକ ଶାରଦାପ୍ରସାଦ ପ୍ରଧାନଙ୍କ ଏଭଳି ପ୍ରୟାସକୁ ଶିକ୍ଷାବିତ୍, ଛାତ୍ରାଭିଭାବକ ମାନଙ୍କ ମହଲରେ ଦୃଢ ପ୍ରଶଂସା କରାଯାଇଛି।

## କାର ଧକ୍କାରେ ସ୍କୁଟି ଆରୋହୀ ମୃତ

**ମାର୍ଶାଘାଇ,୧୦।୧୧(ସଂଚାର ବ୍ୟୁରୋ):** ଜାତୀୟ ରାଜପଥ ୫୩ର ମାର୍ଶାଘାଇ ଫିଲିଙ୍ଗ ଷ୍ଟେସନ ପେଟ୍ରୋଲ ପମ୍ପ ସମ୍ମୁଖ ରାଜପଥ ଉପରେ କାର ଧକାରେ ସ୍କୁଟି ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତକ ଜଣକ ହେଲେ ମାର୍ଶାଘାଇ ଥାନା ଅଧିନ ଆଶ୍ରମବାଲିକୁଦା ଏଲ ଏନ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଅକ୍ଷୟ କୁମାର ରାଉତ । ମାର୍ଶାଘାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି ।

## ବେଆଇନ ବାଲି ଚାଲାଣ ବେଳେ ମାଡ଼ିବସିଲା ଖଣି ବିଭାଗ



**ଡେରାବିଶ,୧୦।୧୧(ସଂଚାର ବ୍ୟୁରୋ):** ଆଜି ପୂର୍ବାହ୍ନରେ କଟକ-ଚାନ୍ଦବାଲି ରାଜରାସ୍ତାରେ ଏକ ହାଇୱା ବେଆଇନ ଭାବେ ବାଲି ଚାଲାଣ କରୁଥିବା ବେଳେ ପୂର୍ବରୁ ସଦଳବଳେ ଛକିବସିଥିବା ଖଣିବିଭାଗର କର୍ମଚାରୀମାନେ ମାଡ଼ିବସିଥିଲେ। ପରେ ଏହି ବାଲି ବୋଝେଇ ହାଇୱାଟିକୁ ଜବତ କରି ଚାନ୍ଦୋଳ ଫାଣ୍ଡି ପରିସରକୁ ନେଇଯାଇଥିଲେ। ସୂଚନାଯୋଗ୍ୟ ଗତ ସପ୍ତାହକ ମଧରେ ଡେରାବିଶ ବ୍ଲକରେ ଏହାକୁ ମିଶାଇ ମୋଟ ୪ଟି ବାଲିବୋଝେଇ ହାଇୱା ଧରାଗଲାଣି। ଏ ସମ୍ପର୍କରେ ଖଣି ଅଧିକାରୀଙ୍କୁ ପଚାରିବାରୁ କେନ୍ଦ୍ରାପଡ଼ା ଜିଲ୍ଲାରେ ମାତ୍ର ୪ ଗୋଟି ବାଲିଘାଟ ସରକାରୀ ଭାବେ ନିଲାମ ହୋଇଥିବା ପ୍ରକାଶ କରିଥିଲେ। ଡେରାବିଶ ବ୍ଲକ ଅଞ୍ଚଳରେ କୌଣସି ବାଲିଘାଟ ନିଲାମ ହୋଇନଥିବା ବେଳେ ଡେରାବିଶ ଥାନା ପକ୍ଷରୁ ଦୁଇଦିନ ତଳେ ରଘୁଦେଇପୁର ନିକଟରୁ ଧରାଯାଇଥିବା ତିନୋଟି ହାଇୱା ବିରୁପା ନଦୀରୁ ଚୋରାରେ ବାଲି ଚାଲାଣ କରୁଥିବା ଜଣାଯାଇଛି। ଯଦି ତୁରନ୍ତ ଖଣି ନିଗମ ଡେରାବିଶ ବ୍ଲକ ଅଞ୍ଚଳ ଦେଇ ପ୍ରବାହିତ ହୋଇଥିବା ଲୁଣା, କରାଣ୍ଡିଆ, ବିରୁପା ଆଦି ନଦୀରେ ରହିଥିବା ବାଲିଘାଟ ଗୁଡ଼ିକ ସରକାରୀ ଭାବେ ନିଲାମ ନକରନ୍ତି ଏହିପରି ଭାବେ ଦୈନିକ ଚୋରାରେ ବାଲି ଚାଲାଣ ହେବ ବୋଲି ଅଞ୍ଚଳ ବାସୀ ପ୍ରକାଶ କରିଛନ୍ତି। ଅପରପକ୍ଷରେ ବାଲିଘାଟ ନିଲାମ ହେଉନଥିବା ଯୋଗୁଁ ସ୍ଥାନୀୟ ଅଞ୍ଚଳର ଲୋକମାନେ ନିର୍ମାଣ କାର୍ଯ୍ୟ କରିବା ପାଇଁ ବାଲିର ଘୋର ସଙ୍କଟ ଦେଖାଦେଉଥିବାବେଳେ ଚୋରାରେ ବାଲିର ଦାମ ବହୁତ ବଢ଼ିଯାଉଥିବାରୁ ଆବାସ ହିତାଧିକାରୀମାନେ ଘର କରିବା ପାଇଁ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି।

## ରାଜ୍ୟସ୍ତରୀୟ ବାଳିକା ଖୋଖୋ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନ

**ରାଜନଗର,୧୦।୧୧(ସଂଚାର ବ୍ୟୁରୋ):** ରାଜ୍ୟ ସ୍ତରୀୟ ବାଳିକା ଖୋ ଖୋ ପ୍ରତିଯୋଗିତା ଡି ଏନ ଉଚ୍ଚ ବିଦ୍ୟାଳୟ , କେଉଁଝର ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଆମ କେନ୍ଦ୍ରାପଡ଼ା ଜିଲ୍ଲାରୁ ଭାଗନେଇଥିବା ବାଳିକା ଦଳରେ ରାଜନଗର ବ୍ଲକ୍ ଅନ୍ତର୍ଗତ କୋଇଲିପୂର ପଞ୍ଚାୟତର ସପନେଶ୍ୱର ସରକାରୀ ଉଚ୍ଚବିଦ୍ୟାଳୟ ବାର୍ହାପୁରର ୪ଜଣ ଛାତ୍ରୀ ସାମିଲ ହୋଇଥିଲେ। ୧୦ମ ଶ୍ରେଣୀର



ଛାତ୍ରୀ ସୃତିଶ୍ରୀ ଦାସ, ତ୍ରିଶା ମଲ୍ଲିକ, ୯ମ ଶ୍ରେଣୀର ଛାତ୍ରୀ ଶୁଲଗ୍ନା ବରାଳ, ୮ମ ଶ୍ରେଣୀର ଛାତ୍ରୀ ସ୍ୱାତିପ୍ରଜ୍ଞା ନାୟକ ଅଂଶ ଗ୍ରହଣ କରିଥିଲେ। ଏହି ୪ଜଣ ଛାତ୍ରୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଆମ ବିଦ୍ୟାଳୟ , ଆମ ବ୍ଲକ୍ ତଥା ଆମ ଜିଲ୍ଲା ପାଇଁ ଗୌରବ ଆଣି ଦେଇଛନ୍ତି। ଏହି ପ୍ରତିଯୋଗିତାରେ ଉତ୍ତମ ପ୍ରଦର୍ଶନ କରି ନିଜର ଦଳକୁ ସଫଳତାର ସ୍ୱାଦ ପାଇବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବାରୁ ୪ ଜଣ ଛାତ୍ରୀଙ୍କୁ ଆଜି ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି।

## ଜାତୀୟ ଆଇନସେବା ଦିବସ ପାଳିତ




**କେନ୍ଦ୍ରାପଡା,୧୦।୧୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜାତୀୟ ଆଇନସେବା ଦିବସ ପୌରସଂସ୍ଥା ଟାଉନ ହଲ ଠାରେ ପାଳନ କରାଯାଇଛି। ପ୍ରାଧିକରଣର ସଚିବ ସନ୍ତୋଷ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନ ରେ ଏକ ର୍‌ୟାଲି କୋର୍ଟ ପରିସର ରୁ ବାହାରି ପୁରୁଣା ବସଷ୍ଟାଣ୍ଡ, ଜିଲ୍ଲା କାର୍ଯ୍ୟାଳୟ ପ୍ରଭୃତି ଅଂଚଳ ପରିକ୍ରମା କରିଥିଲା । ଏହି ଉପଲକ୍ଷେ ଅନୁଷ୍ଠିତ ସଚେତନତା ଶିବିର ରେ ସଚିବ ଶ୍ରୀ ମହାପାତ୍ର ଅଧକ୍ଷତା କରିଥିବା ବେଳେ ସିନିୟର ସିଭିଲ ଜର୍ଜ ଶୁଭ ଗୌତମ ମିଶ୍ର, ଜେଏମଏଫସି ସସ୍ମିତା ସାହୁ, ଦେବାଶିଷ ମିଶ୍ର, ପ୍ରୋଭେସନ ଅଫିସର ସିମରନ ସୁକୁନିଆ, ତହସିଲଦାର ରବି ନାରାୟଣ ଆଚାର୍ଯ୍ୟ, ଜେଲ ସୁପରିଟେଣ୍ଡେଣ୍ଟ ସୁନିଲ କୁମାର ପାତ୍ର, ଜିଲ୍ଲା ଶିଶୁ ସୁରକ୍ଷ ଅଧିକାରୀ ବିଜୟ କୁମାର ସାହୁ, ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେହୁରା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ସହକାରୀ ଶ୍ରମ ଅଧିକାରୀ ଜ୍ୟୋତି ରଂଜନ ପରିଡା, ଆଇନ ମହା ବିଦ୍ୟାଳ୍ୟ ଅଧକ୍ଷ ଡ଼ଃ ରବିନ୍ଦ୍ର ବଳ, ପାରା ଲିଗାଲ ଭଲେଣ୍ଟିଅର, ଆଶାକର୍ମୀ, ଅଙ୍ଗନବାଡି କର୍ମୀ ମାନେ ଅଂଶ ଗ୍ରହଣ କରିଥିଲେ ।

## ବଗଡ଼ା କୃଷି ସମବାୟ ସମିତିର ବୋର୍ଡ ବୈଠକ

**କେନ୍ଦ୍ରାପଡା,୧୦।୧୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ୍ ଅନ୍ତର୍ଗତ ବଗଡା ପ୍ରାଥମିକ କୃଷି ସମବାୟ ସମିତିର ପଞ୍ଚଦଶ ବୋର୍ଡ ବୈଠକ ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଇଂ ଅକ୍ଷୟ କୁମାର ପାଣିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ଅଧିବେଶନରେ ସମ୍ପାଦକ କାଳନ୍ଦୀ ଚରଣ ବିଶ୍ୱାଳ ପୂର୍ବ ସଭାର ବିବରଣୀ ପାଠ କରିବା ପରେ ଏହାର ଦୃଢ଼ୀକରଣ କରାଯାଇଥିଲା। ସମିତିର ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣର ସମୀକ୍ଷା କରାଯାଇ ଚଳିତ ମାସ ଶେଷ ସୁଦ୍ଧା ଡିପୋଜିଟ କାଉଣ୍ଟର ପୂର୍ଣ୍ଣାଙ୍ଗ ସହ ଏହାର ଉଦଘାଟନ ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଖରିଫ୍ ଧାନ ପଞ୍ଜିକରଣ,ମୁଗମଣ୍ଡି ତଥା ରାସାୟନିକ ସାର ବିକ୍ରୟର ସମୀକ୍ଷା, ଖରିଫ୍ ଋଣ ଆଦାୟ ଓ ରବି ଋଣ ଲଗାଣ, ନୂତନ ସଦସ୍ୟତା ଗ୍ରହଣ, ସମିତିର ଆୟ ବୃଦ୍ଧି ନିମନ୍ତେ ଏକ ଜନ ସେବା କେନ୍ଦ୍ର ଖୋଲାଯିବା ଉପାରେ ଆଲୋଚନା କରାଯାଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବ୍ୟୟ ବରାଦ ପରେ ବ୍ଲକ୍



ଯନ୍ତ୍ରୀଙ୍କ ଦ୍ୱାରା କାର୍ଯ୍ୟ ଆକଳନ ସତ୍ତ୍ୱେ ଅଦ୍ୟାବଧି ବ୍ଲକ୍ କର୍ତ୍ତୃପକ୍ଷ ବିପଦ ସଙ୍କୁଳ ଗୋଦାମ ଗୃହ ନିର୍ମାଣ ନିମନ୍ତେ ଟେଣ୍ଡର ଆହ୍ୱାନ କରୁ ନ ଥିବାରୁ ବୈଠକରେ ସଦସ୍ୟମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଏଥିପାଇଁ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ନଭେମ୍ବର ୧୪ତାରିଖ ରେ ସମବାୟ ସପ୍ତାହ ପାଳନ ସଂକ୍ରାନ୍ତରେ ବିବିଧ ଆଲୋଚନା କରାଯାଇଥିଲା। ସମିତିର ନିର୍ଦ୍ଦେଶକ ସୁଜିତ୍ ବେହେରା, ପ୍ରତାପ ନାୟକ, ଧରଣୀଧର ପାତ୍ର, ବିଜୟ କେତନ ଜେନା, ଖଗେଶ୍ୱର ସ୍ୱାଇଁ, ମାନସ ରଂଜନ ପ୍ରଧାନ, ଜ୍ଞାନ ରଂଜନ ସାହୁ, ଜୟନ୍ତ ପରିଡ଼ା, ତପନ କୁମାର ନାୟକ, ସୁରେନ୍ଦ୍ର ମୋହନ ସ୍ୱାଇଁ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

## କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ ରାଜ୍ୟସ୍ତରୀୟ ଟେନିସ୍ ପ୍ରତିଯୋଗିତାରେ ଦ୍ୱିତୀୟ




**କେନ୍ଦ୍ରାପଡା,୧୦।୧୧(ସଂଚାର ବ୍ୟୁରୋ):** ଭୁବନେଶ୍ୱର କ୍ଲବଠାରେ ଆୟୋଜିତ ମେଜର ସଂଜୀବ ମହାପାତ୍ର ମେମୋରିଆଲ୍ ଓଡିଶା ଓପନ୍ -୨୦୨୫ ଟେନିସ୍ ପ୍ରତିଯୋଗୀତାରେ କେନ୍ଦ୍ରାପଡା ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଉପଜିଲ୍ଲାପାଳ ଶ୍ରୀ ନାୟକ ଟେନିସ୍ ପ୍ରତିଯୋଗୀତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାରୁ ଆୟୋଜିତ ଏକ ସମ୍ବର୍ଦ୍ଧନା ଉତ୍ସବରେ ଓ.ଏସ୍.ଏସ୍.ସିର ଅଧକ୍ଷ ଲଲୀତ ଦାସ (ଆଇପିଏସ୍), ମଧୁସୁଦନ ପାଢି (ଆଇ.ଏ.ଏସ୍), ରେରା ର ଅଧକ୍ଷ ଅସୀତ୍ ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ଶ୍ରୀ ନାୟକଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଏବଂ କପ୍ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି ।

## ଆମ ଗାଁ ସାହିତ୍ୟ ପରିଷଦର ଦଶମ ସ୍ୱନକ୍ଷତ୍ର ବାର୍ଷିକ ଉତ୍ସବ

**କେନ୍ଦ୍ରାପଡା,୧୦।୧୧(ସଂଚାର ବ୍ୟୁରୋ):** ଆମ ଗାଁ ସାହିତ୍ୟ ପରିଷଦର ସ୍ୱନକ୍ଷତ୍ର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ନାଟ୍ୟକାର ସଞ୍ଜୟ କୁମାର ମଲ୍ଲିକଙ୍କ ଅଧକ୍ଷତରେ ଅନୁଷ୍ଠିତ ଏହି ସଭାରେ ବିଶିଷ୍ଟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ନନ୍ଦ କିଶୋର ପରିଡ଼ା ଏହି କାର୍ଯ୍ୟକ୍ରମକୁ ପ୍ରଦୀପ ଜାଳି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ଡ଼ ନୀଳମଣି ଲେଙ୍କ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଲେଖିକା, ଅଧାପିକା ସରିତା ସାହୁ, ସମ୍ମାନନିୟ ଅତିଥି ଭାବେ ବିଶିଷ୍ଟ ସ୍ତମ୍ଭକାର ଡ଼ ସର୍ବେଶ୍‌ବର ସେଣ ଯୋଗ ଦେଇ ଥିଲେ ପରିଷଦର ମୁଖପତ୍ର "ଆମ ଗାଁ ଆମ ସ୍ୱର" ଲୋକାର୍ପିତ ହୋଇଥିଲା। ନାଟ୍ୟକାର ସଞ୍ଜୟ କୁମାର ମଲ୍ଲିକ ଙ୍କ ରଚିତ " ବିଚାର କରିବ ଉପର




ବାଲା " ର ଶୁଭ ଉନ୍ମୋଚନ ହୋଇଥିବା। ବିଦ୍ୟାଳୟସ୍ତରରେ କରାଯାଇଥିବା ଓଡ଼ିଆ ଭାଷା ଭିତ୍ତିକ ପ୍ରତିଯୋଗିତାରେ କୃତି ନଅ ଜଣ ପ୍ରତିଯୋଗୀ ଓ ତିନିଜଣ ଦିବ୍ୟାଙ୍ଗ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରିଥିଲେ। ସାହିତ୍ୟ କ୍ଷେତ୍ରରେ ଉଚ୍ଚ ପ୍ରଶଂସିତ ହୋଇଥିବା ସର୍ବଶ୍ରୀ ସୁରେନ୍ଦ୍ର କୁମାର ବେହେରା, ଈଶ୍ୱର ଚନ୍ଦ୍ର ପୃଷ୍ଟି,ଶୈଳଜା ଶଙ୍କର ସାମଲ, ସାବିତ୍ରୀ ମହାରଣା, ଡ଼ ଚିତ୍ରସେନ୍ ସେଠୀ ପ୍ରମୁଖ ସାତ ଜଣ ଓ ପନ୍ଦର ଜଣ ମଞ୍ଚ କଳାକାରମାନଙ୍କୁ ମାନପତ୍ର, ଉପଢୋକନ୍ ଦିଆଯାଇ ପରିଷଦ ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଥିଲା । ସମ୍ପାଦକ ଶ୍ୱପ୍ନାଂସୁ କୁମାର ଦାସ ସଂପାଦକୀୟ ବିବରଣୀ ଓ କାର୍ଯ୍ୟକାରୀ ସଭାପତି ଟିଟି କାନ୍ତ ନାୟକ ସ୍ୱାଗତ ଭାଷାଣ ପ୍ରଦାନ କରିଥିଲେ। ଯୋଗ ଗୁରୁ ସଞ୍ଜୟ କୁମାର ମଥାନ ବେଦ ପାଠ ଓ କବି ଈଶ୍ୱର ଚନ୍ଦ୍ର ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାକ୍ତନ ଅଧକ୍ଷ ଡ଼ ଚୈତନ୍ୟ ଚରଣ ପରିଡ଼ା ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଜାତୀୟ ତାଲୁକ ଆଇନ ଦିବସ ପାଳିତ

**ରାଜନଗର,୧୦।୧୧(ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ମହୁଲିଆ ପଂଚାୟତ ନୀଳକଣ୍ଠେଶ୍ୱ ଉଚ୍ଚ ବିଦ୍ୟାଳୟ, ରାଜଗଡା - ବାଘଡୈଳା ପରିସରରେ ପଟ୍ଟାମୁଣ୍ଡାଇ ତାଲୁକା ଆଇନି ସେବା ସମିତି ପକ୍ଷରୁ ଜାତୀୟ ତାଲୁକ




ଆଇନ ଦିବସ ପାଳିତ ହୋଇଅଛି। ତାଲୁକ ଆଇନି ସମିତିର ଅଧକ୍ଷ ତଥା ଜିଲ୍ଲା ଅତିରିକ୍ତ ବିଚାରପତି ବିଦ୍ୟାଧର ପୃଷ୍ଟିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପଟ୍ଟାମୁଣ୍ଡାଇ ବାର ଆସ୍ସୋସିଏସନର ଉପ ସଭାପତି ସୁରେଶ କୁମାର ନରେନ୍ଦ୍ର ସଂଯୋଜନା କରିବା ସହିତ ତାଲୁକ ଆଇନ ସେବାର ଭୂମିକା ଉପରେ ଆଲୋକପାତ କରିଥିଲେ। ତାଲୁକ ସେବାର ଅଧକ୍ଷ, ଉକ୍ତ ବ୍ୟବସ୍ଥା ମାଧ୍ୟମରେ ବିନା ଅର୍ଥରେ କିପରି ଗରିବ ଲୋକମାନେ ଆଇନି ସୁବିଧା ପାଉଛନ୍ତି ତାହା ଅବଗତ କରାଇଥିଲେ। ବାର୍ ଆସୋସିଏସନର ସମ୍ପାଦକ ରବିନ୍ଦ୍ର ଦାଶ, ଗୀତାଞ୍ଜଳି ପୃଷ୍ଟି, ଆଇନଜୀବୀ ତ୍ରୈଲୋକ୍ୟ ସ୍ୱାଇଁ ତାଲୁକ ଆଇନ ସେବାର ବର୍ତ୍ତମାନ ଭୂମିକା ଉପରେ ଗୁରୁତ୍ୱ ଆରପ କରିଥିଲେ। ଆଇନଜୀବ ଧୀରେନ୍ଦ୍ର ନାଥ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରାକାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। କୃତି ଛାତ୍ର ଛାତ୍ରୀ ମାନଙ୍କୁ ସାଟିଫିକେଟ ଏବଂ ଟ୍ରଫି ପ୍ରଦାନ କରାଯାଇଥିଲା।

## ନିର୍ବାଚନ କମିଶନଙ୍କ ହସ୍ତକ୍ଷେପ ଲୋଡ଼ିଲେ ନବୀନ



**ଭୁବନେଶ୍ୱର,୧୦।୧୧ (ସଂଚାର ବ୍ୟୁରୋ):** ନୂଆପଡ଼ା ଉପନିର୍ବାଚନ ପାଇଁ ଆସନ୍ତାକାଲି ଭୋଟ୍। ଗତକାଲି ପ୍ରଚାର ସରିବା ସହ ମତଦାନ ପାଇଁ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ପ୍ରସ୍ତୁତି ସରିଛି। ତେବେ ଇତି ମଧ୍ୟରେ ରାଜ୍ୟରେ ବିଜେପି ସରକାର ବିରୋଧରେ ସଙ୍ଗୀନ ଅଭିଯୋଗ ଆଣିଛନ୍ତି ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସାଇଲେନ୍ସ ଅବଧି ସମୟରେ ନୂଆପଡ଼ାରେ ନିୟମ ଉଲ୍ଲଂଘନ ହୋଇଥିବା ନବୀନ ଅଭିଯୋଗ କରିଛନ୍ତି। ନୂଆପଡ଼ାରେ ସାଇଲେନ୍ସ ପିରିଅଡ଼ରେ ଆଚରଣ ବିଧି ଉଲ୍ଲଂଘନ ନେଇ ସେ ଭାରତୀୟ ନିର୍ବାଚନ କମିଶନ (ଇସିଆଇ)ଙ୍କ ହସ୍ତକ୍ଷେପ ମଧ୍ୟ ଲୋଡ଼ିଛନ୍ତି। ସେ କହିଛନ୍ତି, ଭାରତୀୟ ଗଣତନ୍ତ୍ରର ହଲମାର୍କ ହେଉଛି ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ। ଇସିଆଇଙ୍କ ଗାଇଡଲାଇନ ଅନୁସାରେ ସାଇଲେନ୍ସ ଅବଧି ଆରମ୍ଭ ହେବା ପରେ ମାନ୍ଦ୍ର ରାଜନୈତିକ ନେତା ଓ କର୍ମୀଙ୍କ ପାଇଁ ନିର୍ବାଚନ କ୍ଷେତ୍ର ଛାଡ଼ିବା ବାଧ୍ୟତାମୂଳକ। କିନ୍ତୁ ବିଜେଡି ପାଖରେ ଥିବା ସୂଚନାନୁସାରେ, ନୂଆପଡ଼ାରେ ବିଜେପିର ବାହାର ଅଞ୍ଚଳ ନେତା ଓ କାର୍ଯ୍ୟକର୍ତ୍ତା ଖୋଲାଖୋଲି ବୁଲୁଛନ୍ତି। ବେଆଇନ ଭାବେ ମତଦାତାଙ୍କୁ ପ୍ରଭାବିତ କରିବା ସକାଶେ ସେମାନେ ଉଦ୍ୟମ କରୁଛନ୍ତି। ଏହା ନିଶ୍ଚିତ ଭାବେ ଚିନ୍ତାର ବିଷୟ। ଯେବେ ବିଜେଡି ନେତାମାନେ ବିଜେପି ନେତା-କର୍ମୀଙ୍କ ଗତିବିଧି ଉପରେ ଆପତ୍ତି ଉଠାଉଛନ୍ତି, ସେତେବେଳେ ସ୍ଥାନୀୟ ପୁଲିସ ସେମାନଙ୍କୁ ଅଟକ ରଖିଛି। ଏଥିରୁ ସ୍ପଷ୍ଟ ଭାବେ ଜଣାପଡ଼ିଛି ଯେ ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ପୁଲିସ ସରକାରୀ ଦଳ ପକ୍ଷରୁ କାମ କରୁଛନ୍ତି। ନିର୍ବାଚନରେ ନିରପେକ୍ଷତା ବଜାୟ ରଖିବା ପରିବର୍ତ୍ତେ କ୍ଷମତାସୀନ ପାର୍ଟିର ହିତସାଧନ କରୁଛନ୍ତି ବୋଲି ନବୀନ ଅଭିଯୋଗ କରିଛନ୍ତି।

ସେ ଆହୁରି କହିଛନ୍ତି ଯେ ଏପରି ଆଚରଣ ଗଣତନ୍ତ୍ରର ନିରପେକ୍ଷତାକୁ ଆଘାତ ଦେଉଛି ଓ ନିର୍ବାଚନ ପ୍ରକ୍ରିୟାରେ ଜନତାଙ୍କ ବିଶ୍ୱାସକୁ ହ୍ରାସ କରୁଛି। ଯଦି ଏପରି ଗତିବିଧି ଜାରି ରହେ, ତା'ହେଲେ ନୂଆପଡ଼ାରେ ନିର୍ବାଚନର ନିରପେକ୍ଷତା ଉପରେ ଏହାର ଗୁରୁତର ପ୍ରଭାବ ପଡ଼ିବ। ଏଥିପାଇଁ ଏଥିରେ ଇସିଆଇଙ୍କୁ ତତ୍କାଳ ହସ୍ତକ୍ଷେପ କରିବା ସକାଶେ ନବୀନ ନିବେଦନ କରିଛନ୍ତି। ଏଥିସହ ୪୮ ଘଣ୍ଟାର ମଉନ ଅବଧିକୁ କଡ଼ାକଡ଼ି ଲାଗୁ କରାଯାଉ। ନିର୍ବାଚନ କମିଶନର ନିୟମ ଅନୁଯାୟୀ ସମସ୍ତ ଅଣ-ସ୍ଥାନୀୟ ରାଜନୈତିକ ନେତାମାନେ ନିର୍ବାଚନମଣ୍ଡଳୀ ଛାଡ଼ିବା ନିଶ୍ଚିତ କରନ୍ତୁ। ଜିଲ୍ଲା ପ୍ରଶାସନ ଏବଂ ପୋଲିସକୁ ନିରପେକ୍ଷ ଭାବରେ କାର୍ଯ୍ୟ କରିବାକୁ ଏବଂ ନିର୍ବାଚନ ପ୍ରକ୍ରିୟାର ପବିତ୍ରତା ବଜାୟ ରଖିବାକୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ନବୀନ କହିଛନ୍ତି।

# ମଧ୍ୟାହ୍ନଭୋଜନରେ ସାମିଲ୍ ହେଉ ମାଣ୍ଡିଆ

- ଅନ୍ୟ ରାଜ୍ୟ ପାଇଁ ଓଡ଼ିଶା ଅନୁକରଣୀୟ
- ମହିଳା ଚାଷୀଙ୍କୁ ସଶକ୍ତ କରିଛି ମାଣ୍ଡିଆ ମିଶନ୍: ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୧୦।୧୧(ସଂଚାର ବ୍ୟୁରୋ):** ସ୍ଥାନୀୟ ଲୋକ ସେବା ଭବନସ୍ଥିତ କନଭେନସନ ସେଣ୍ଟରରେ ମାଣ୍ଡିଆ ଦିବସ ସୋମବାର କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଉଦଘାଟନ କରିଛନ୍ତି। ଭାରତର ମାଣ୍ଡିଆ ଆନ୍ଦୋଳନକୁ ଏକ ଜନ ମିଶନରେ ପରିଣତ କରିବାରେ ଓଡ଼ିଶାର ଅନୁକରଣୀୟ ଅବଦାନ ଉପରେ ଆଲୋକପାତ କରିଛନ୍ତି। କେନ୍ଦ୍ର ମନ୍ତ୍ରୀ କହିଛନ୍ତି ଯେ ମାଣ୍ଡିଆ ଦିବସ ଶ୍ରୀଅନ୍ନଗୁଡ଼ିକର ପ୍ରଚାର ଦିଗରେ ଅର୍ଥପୂର୍ଣ୍ଣ ଅଭିଯାନର ପ୍ରତିନିଧିତ୍ୱ କରୁଛି। ଓଡ଼ିଶା ଏହି ଦୃଷ୍ଟିକୋଣକୁ ସମସ୍ତଙ୍କ ନିକଟରେ ପହଞ୍ଚାଇଛି। ତେଣୁ ଏପରି ଏକ ଉଲ୍ଲେଖନୀୟ ପ୍ରୟାସ ପାଇଁ କେନ୍ଦ୍ର ମନ୍ତ୍ରୀ ଓଡ଼ିଶା ସରକାରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ ଆହୁରି କହିଛନ୍ତି ଯେ ଶ୍ରୀଅନ୍ନ କେବଳ ଏକ ଶସ୍ୟ ନୁହେଁ, ବରଂ ଭବିଷ୍ୟତ ପିଢ଼ି ପାଇଁ ପୁଷ୍ଟିସାର, ଜଳ ସଂରକ୍ଷଣ, ପରିବେଶଗତ ଯତ୍ନ ଓ ସ୍ଥାୟିତ୍ୱର ପ୍ରତୀକ। ମାଣ୍ଡିଆ ଶରୀରକୁ ପୋଷଣ ଯୋଗାଉଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱରେ ଏହା ଏବେ ବିଶ୍ୱସ୍ତରୀୟ ସ୍ୱୀକୃତି ହାସଲ କରିଛି। ଏପରି ସ୍ଥିତିରେ ପିଲାମାନଙ୍କ ପାଇଁ ମଧ୍ୟାହ୍ନଭୋଜନରେ ମାଣ୍ଡିଆକୁ ସାମିଲ କରାଯିବା ଉଚିତ। ଏଥିସହ ସମସ୍ତ ସରକାରୀ ବିଭାଗରେ ମାଣ୍ଡିଆ ଦୋକାନ ଖୋଲାଯିବାର ଆବଶ୍ୟକତା ରହିଛି, ଯାହାଦ୍ୱାରା ଅନ୍ୟ ରାଜ୍ୟଗୁଡ଼ିକ ଓଡ଼ିଶାର ମଡେଲକୁ ଅନୁକରଣ କରିବେ ବୋଲି ଶ୍ରୀ ଚୌହାନ୍ କହିଛନ୍ତି। ଏଥିସହ ମହିଳାମାନଙ୍କ ବିନା କୃଷି ପ୍ରଗତି କରିପାରିବ ନାହିଁ। ଓଡ଼ିଶାର ମହିଳାମାନେ ଆଗକୁ ବଢ଼ିଛନ୍ତି ଏବଂ କୃଷି କ୍ଷେତ୍ରରେ ଆଗେଇ ଆସୁଛନ୍ତି ବୋଲି ମଧ୍ୟ କେନ୍ଦ୍ର ମନ୍ତ୍ରୀ ମତ ବ୍ୟକ୍ତ କରିଛନ୍ତି।

କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଦେଶ ଲକ୍ଷ ଲକ୍ଷ ଚାଷୀଙ୍କୁ ଲାଭ ପହଞ୍ଚାଉଥିବା ଅନେକ କୃଷି ଯୋଜନାର ସଫଳ ରୂପାୟନ ଦେଖିଛି। କୃଷି ଓଡ଼ିଶା ଅର୍ଥନୀତିର ମେରୁଦଣ୍ଡ ହୋଇଥିବା ବେଳେ ରାଜ୍ୟ ସରକାରଙ୍କ ମାର୍ଗଦର୍ଶନରେ କୃଷକମାନେ ବହୁତ ଆଗକୁ ବଢ଼ିଛନ୍ତି। ପୁଷ୍ଟିସାରରେ ଭରପୂର ମାଣ୍ଡିଆ ସ୍ୱାସ୍ଥ୍ୟକର ଓ ସ୍ୱାଦିଷ୍ଟ ଏବଂ ମାଣ୍ଡିଆ ମିଶନ ମାଧ୍ୟମରେ ଓଡ଼ିଶାର କ୍ଷୁଦ୍ର ଏବଂ ମହିଳା ଚାଷୀମାନେ ଦ୍ରୁତ ଗତିରେ ଆଗକୁ ବଢୁଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ଆନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନର ମହାନିର୍ଦ୍ଦେଶକ ଡକ୍ଟର ୟୋଭନ୍ ପିଣ୍ଟୋ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପୂର୍ବତନ ମୁଖ୍ୟ ବୈଜ୍ଞାନିକ ଓ ଏମଏସ ସ୍ୱାମୀନାଥନ ରିସୋର୍ସ ଫାଉଣ୍ଡେସନର ଅଧ୍ୟକ୍ଷା ଡକ୍ଟର ସୌମ୍ୟା ସ୍ୱାମୀନାଥନ, ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ନିର୍ଦ୍ଦେଶକ ମିସ୍ ଏଲିଜାବେଥ୍ ଫାଉର, ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣର ପ୍ରମୁଖ ସଚିବ ଡକ୍ଟର ଅରବିନ୍ଦ କୁମାର ପାଢୀ, କୃଷି ଏବଂ କୃଷକ ସଶକ୍ତିକରଣ ନିର୍ଦ୍ଦେଶକ ଶୁଭମ୍ ସକ୍ସେନାଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ, ବୈଜ୍ଞାନିକ ଓ ଗବେଷକ ଉପସ୍ଥିତ ଥିଲେ।

## ତଞ୍ଚକତା କରୁଛି ବିଜେପି: କଂଗ୍ରେସ

**ଭୁବନେଶ୍ୱର,୧୦।୧୧(ସଂଚାର ବ୍ୟୁରୋ):** ବିଜେପି ନୂଆପଡ଼ା ବିଧାନସଭା ଆସନକୁ ବିଭିନ୍ନ ତଞ୍ଚକତା କରି ହାତେଇବାକୁ ଉଦ୍ୟମ କରୁଛି ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି। ବିଜେପି କ୍ୟାରଟ ଓ ଲାଠି ନୀତି ଦେଖାଇ ଦଳୀୟ ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ବିଜେପିରେ ମିଶାଇବା ପରେ ଦଳର ବରିଷ୍ଠ ନେତା ତଥା ପୂର୍ବତନ ସାଂସଦ ବସନ୍ତ କୁମାର ପଣ୍ଡା ଓ ଅନ୍ୟ ନେତାମାନଙ୍କୁ ଅଣଦେଖା କରାଯାଉଛି। ଫଳତଃ ଏଠାରେ ଦଳର ପରାଜୟ ସୁନିଶ୍ଚିତ ବୋଲି ଅନୁଭବ କରି ବିଜେପି ନେତାଏ ଯେନତେନ ପ୍ରକାରେଣ ଜୟଲାଭ କରିବାକୁ ଉଦ୍ୟମ କରି ପୁରା ସରକାରୀ କଳକୁ ଏଥିରେ ଲଗାଇଦେଇଥିବା କଂଗ୍ରେସ ଅଭିଯୋଗ କରିଛି। ସିଆରପି ଓ ବିଭିନ୍ନ ଏଜେନ୍ସି ସହ ଜଡ଼ିତ କର୍ମଚାରୀମାନଙ୍କୁ ପୂର୍ବରୁ ବକେୟା ଥିବା ଦୁଇ ବର୍ଷର ଇର୍ପଫ୍ ଫଣ୍ଡ କିସ୍ତି ଟଙ୍କା ହାତରେ ବଣ୍ଟନ କରିବାକୁ କୁହାଯାଇଛି। ଏହା ନିର୍ବାଚନ ଆଚରଣ ବିଧିର ଖୋଲା ଉଲ୍ଲଂଘନ। ସେହିପରି କଂଗ୍ରେସର ନୂଆପଡ଼ା ଖୁଣ୍ଟିଆ ଭବନ କାର୍ଯ୍ୟାଳୟରେ ବିନା କୌଣସି କାରଣରେ ପୁଲିସ ପକ୍ଷରୁ ଚଢ଼ାଉ କରାଯାଇ ଦଳୀୟ କର୍ମୀ ଓ ନେତାଙ୍କୁ ନିର୍ଯ୍ୟାତନା ଦିଆଯାଉଛି। ଏପରିକି ଜିଲ୍ଲା ଯୁବ କଂଗ୍ରେସ ଅଧ୍ୟକ୍ଷ ଅଙ୍କିତ ସିଂଘାଇ ଓ ଅନ୍ୟମାନଙ୍କ ଘରେ ବି ଆୟକର ବିଭାଗ ପକ୍ଷରୁ ଚଢ଼ାଉ ହୋଇଛି। ପ୍ରୋ-ବିଜେପି ଆଇପିଏସ୍ ଅଧିକାରୀ ସୁଧାଂଶୁ କୁମାର ଲାଲ୍‌ଙ୍କୁ କିଛି ଦିନ ପୂର୍ବରୁ ଏହି ଅଞ୍ଚଳର ଆଇଜି ଇନଚାର୍ଜ ଭାବେ ନିଯୁକ୍ତି ଦିଆଯାଇଛି। କ୍ଷମତାରେ ଥିବାରୁ ପରାଜୟ ବିଜେପି ସରକାର ପାଇଁ ଲଜ୍ଜାଜନକ ହେବ ବୋଲି ଦଳୀୟ ନେତାଏ ଅନୁଭବ କରି କଳେବଳେ କୌଶଳେ ନୂଆପଡ଼ା ଆସନକୁ ଜିତିବା ସକାଶେ ଉଦ୍ୟମ କରୁଛି ବୋଲି ପିସିସି ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ଅଭିଯୋଗ କରିଛନ୍ତି।

# ସୂର୍ଯ୍ୟସ୍ନାତଙ୍କୁ ମିଳିବ ସୋଆ ଯୁବ ସାହିତ୍ୟ ପୁରସ୍କାର



**ଭୁବନେଶ୍ୱର,୧୦।୧୧(ସଂଚାର ବ୍ୟୁରୋ):** ଓଡ଼ିଆ ଯୁବ କବି ଓ ଲେଖକ ସୂର୍ଯ୍ୟସ୍ନାତ ତ୍ରିପାଠୀ ପାଇବେ ସୋଆ ଯୁବ ସାହିତ୍ୟ ପୁରସ୍କାର-୨୦୨୫। ଆସନ୍ତା ୩୦ରେ ସୋଆ ବିଶ୍ୱବିଦ୍ୟାଳୟରେ ଆୟୋଜିତ ହେବାକୁ ଥିବା ଦୁଇଦିନିଆ ତୃତୀୟ ସୋଆ ସାହିତ୍ୟ ଉତ୍ସବର ଉଦ୍‌ଯାପନୀ ଉତ୍ସବରେ ଶ୍ରୀ ତ୍ରିପାଠୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ବର୍ଷା ପ୍ରକାଶନୀ ପକ୍ଷରୁ ଗତବର୍ଷ ପ୍ରକାଶିତ ଶ୍ରୀ ତ୍ରିପାଠୀଙ୍କ କ୍ଷୁଦ୍ର ଗଳ୍ପ ସଂକଳନ 'ଠିଆପୁଚି ନାରଙ୍ଗ' ନିମନ୍ତେ ସେ ଏହି ସମ୍ମାନ ପାଇବାକୁ ବିଚାରକ ମଣ୍ଡଳୀ ଦ୍ୱାରା ମନୋନୀତ ହୋଇଛନ୍ତି। ଏହି ସଂକଳନରେ ୧୨ଟି ଗଳ୍ପ ରହିଛି, ଯେଉଁଥିରେ ଲେଖକ ମଣିଷର ମନସ୍ତତ୍ତ୍ୱ ଓ ସମସାମୟିକ ଅନୁଭୂତିର ନିଚ୍ଛକ ପରିପ୍ରକାଶ କରିଛନ୍ତି। ଶ୍ରୀ ତ୍ରିପାଠୀ ଏବେ ଆଇଆଇଟି ରୁପାର୍‌ର ବାୟୋମେଡିକାଲ୍ ଇଞ୍ଜିନିୟରିଂ ବିଭାଗର ଆସିଷ୍ଟାଣ୍ଟ୍ ପ୍ରଫେସର ଭାବେ କାର୍ଯ୍ୟରତ। ୧୯୯୧ରେ ଜନ୍ମିତ ଶ୍ରୀ ତ୍ରିପାଠୀଙ୍କର ଅଦ୍ୟାବଧି ୭ଟି କବିତା ସଂକଳନ ଓ ଗୋଟିଏ କ୍ଷୁଦ୍ର ଗଳ୍ପ ସଂକଳନ ପ୍ରକାଶ ପାଇଛି। ସେ ଧରମବୀର ଭାରତୀଙ୍କ ଲିଖିତ 'କନୁପ୍ରିୟା'ର ଓଡ଼ିଆ ଅନୁବାଦ ମଧ୍ୟ କରିଛନ୍ତି। ୨୦୧୭ରେ କେନ୍ଦ୍ର ସାହିତ୍ୟ ଅକାଦେମୀ ଯୁବ ପୁରସ୍କାର ସମ୍ମାନିତ ହୋଇଥିବା ଶ୍ରୀ ତ୍ରିପାଠୀ ହାଇଦ୍ରାବାଦସ୍ଥିତ ନାଟକ ସଂସ୍ଥା 'କାସ', 'କିସ୍‌ସା ଗୋ' ଏବଂ 'ପ୍ଲେ ଅଫ୍ ଶିବା' ଭଳି ଅନୁଷ୍ଠାନ ନିମନ୍ତେ ବିଭିନ୍ନ ନାଟକ ସହ 'ବୋତଲ ଅର୍ଜ ହେଁ', 'ଲାଷ୍ଟ ୱିସ୍', 'ଜେନେରେସନ୍ସ ଅଫ୍ ନ୍ୟୁଟନ୍' ଭଳି ନାଟକର ସଂଳାପ ଲେଖିଛନ୍ତି। ନିକଟରେ ସେ ଓଡ଼ିଆ ସିନେମା 'ଇନ୍ଦ୍ରଧନୁ' ସହ ୨ଟି କ୍ଷୁଦ୍ର ଚଳଚ୍ଚିତ୍ର 'ମାଟି ମୁହାଣ' (ଓଡ଼ିଆ) ଏବଂ 'ଖିଡ଼କିୟାଁ' (ହିନ୍ଦୀ) ନିମନ୍ତେ ମଧ୍ୟ ସଂଳାପ ରଚନା କରିଛନ୍ତି। ପୁରସ୍କାର ଆକାରରେ ଶ୍ରୀ ତ୍ରିପାଠୀଙ୍କୁ ଏକ ଲକ୍ଷ ଟଙ୍କାର ପୁରସ୍କାର ରାଶି ସହ ମାନପତ୍ର, ରୌପ୍ୟ ଫଳକ ଓ ଉତ୍ତରୀୟ ପ୍ରଦାନ କରାଯିବ।

ଆସନ୍ତା ୨୯ରୁ ଆରମ୍ଭ ହେବାକୁ ଥିବା ଉକ୍ତ କାର୍ଯ୍ୟକ୍ରମରେ ପ୍ରଖ୍ୟାତ କବି, ସଂଳାପ ଲେଖକ, ଗୀତିକାର ଓ ଚିନ୍ତକ ଜାଭେଦ ଅଖତରଙ୍କୁ ଭାରତୀୟ ସିନେମା ଓ ସାହିତ୍ୟ କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ଓ ଅବଦାନ ନିମନ୍ତେ ସୋଆ ସାହିତ୍ୟ ସମ୍ମାନ-୨୦୨୫ରେ ସମ୍ମାନିତ କରାଯିବ।

## ବେଦାନ୍ତର 'ପ୍ରୋଜେକ୍ଟ ସମ୍ପର୍କ'

### ପାକଶାଳା ଉଦ୍ୟାନ ଚାଷ ମାଧ୍ୟମରେ ସଶକ୍ତ ହେଉଛନ୍ତି ନାରୀ

# ଓଡ଼ିଶାରେ ସୁସ୍ଥ ଜୀବନଶୈଳୀକୁ ପ୍ରୋତ୍ସାହିତ କରୁଛି




**ଭୁବନେଶ୍ୱର,୧୦।୧୧(ସଂଚାର ବ୍ୟୁରୋ):** ଦେଶର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଏହାର ସାମୁଦାୟିକ ବିକାଶ ପଦକ୍ଷେପ, ପ୍ରୋଜେକ୍ଟ ସମ୍ପର୍କ ମାଧ୍ୟମରେ ସ୍ୱାସ୍ଥ୍ୟ, ପୁଷ୍ଟି ଏବଂ ସ୍ଥାୟିତ୍ୱର ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି। କାର୍ଯ୍ୟକ୍ରମର ଏକ ଅଂଶ ଭାବେ କମ୍ପାନୀ ବଞ୍ଜାରୀ, କୁଡାଲୋଇ ଓ ପିପଲିମାଲରୁ ୧ ହଜାରରୁ ଅଧିକ ମହିଳାଙ୍କୁ ରୋଷେଇ ଘର ଉଦ୍ୟାନ ଗ୍ରହଣ କରିବା ଓ ଜୈବିକ ଘରେ ଉତ୍ପାଦିତ ଖାଦ୍ୟ ଅଭ୍ୟାସ ଗ୍ରହଣ କରିବା ଦିଗରେ ସଶକ୍ତ କରିଛି। ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କୁ ଜୈବିକ ସାର ସହ ୧୦ ପ୍ରକାରର ପନିପରିବା ବିହନ ଥିବା ଏକ ରୋଷେଇ ଘର ଉଦ୍ୟାନ କିଟ୍ ମିଳିଥିଲା। ୧୦ ହଜାରରୁ ଅଧିକ ବିହନ ପ୍ୟାକେଟ ମହିଳା ଓ ଅଙ୍ଗନୱାଡି କର୍ମୀଙ୍କୁ ବଣ୍ଟାଯାଇଥିଲା। ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ସହ ରୋପଣ, କମ୍ପୋଷ୍ଟ ଓ ଉଦ୍ୟାନ ରକ୍ଷଣାବେକ୍ଷଣ ପାଇଁ ସରଳ କୌଶଳ ପ୍ରଦର୍ଶନ ସକାଶେ ଆଦାନପ୍ରଦାନ ଅଧିବେଶନ ଆୟୋଜିତ ହୋଇଥିଲା। ଏହି ଅଧିବେଶନଗୁଡ଼ିକ ଅଂଶଗ୍ରହଣକାରୀମାନଙ୍କୁ ସେମାନଙ୍କ ବାଡ଼ିବଗିଚାରେ ସବୁଜିମା ସୃଷ୍ଟି ସହ ସେମାନଙ୍କ ପରିବାରର ପୁଷ୍ଟିକର ଗ୍ରହଣକୁ ଉନ୍ନତ କରିବା ସକାଶେ ଉତ୍ସାହିତ କରିଥିଲା।

ଏ ସଂକ୍ରାନ୍ତରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି ଯେ ବେଦାନ୍ତ ଆଲୁମିନିୟମରେ ସ୍ଥାୟୀ ବିକାଶ ସମ୍ପ୍ରଦାୟକୁ ସଶକ୍ତ କରିବା ସହ ଆରମ୍ଭ ହୁଏ ବୋଲି ବିଶ୍ୱାସ କରାଯାଏ। ପ୍ରୋଜେକ୍ଟ ସମ୍ପର୍କ ମାଧ୍ୟମରେ ଗ୍ରାମୀଣ ଓଡ଼ିଶାର ମହିଳାମାନଙ୍କୁ ରୋଷେଇ ଘର ଉଦ୍ୟାନ ଚାଷ କରି ସେମାନଙ୍କ ପରିବାରର ପୁଷ୍ଟି ଓ କଲ୍ୟାଣର ଦାୟିତ୍ୱ ନେବା ଦିଗରେ ସକ୍ଷମ କରୁଛି।

## ସାଇଲେନ୍ସ ଅବଧିରେ ବି ପ୍ରଚାର କରୁଛି ବିଜେପି: ବିଜେଡି

**ଭୁବନେଶ୍ୱର,୧୦।୧୧(ସଂଚାର ବ୍ୟୁରୋ):** ରାତି ପାହିଲେ ନୂଆପଡ଼ାରେ ବହୁ ଚର୍ଚ୍ଚିତ ଉପନିର୍ବାଚନ ପାଇଁ ଭୋଟ ପଡିବ। ତେବେ ଶାସକ ବିଜେପି ବିରୋଧରେ ବିଜେଡିର ଅଭିଯୋଗ ତାଲିକା ବଢ଼ି ଚାଲିଛି। ବିଜୁ ଜନତା ଦଳର ଏକ ପ୍ରତିନିଧିମଣ୍ଡଳୀ ଆଜି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ୪ଟି ଅଭିଯୋଗପତ୍ର ଦାଖଲ କରିଛି। ଏଥିରେ ଆଦର୍ଶ ଆଚରଣ ବିଧି ଓ ନିର୍ବାଚନ ନିୟମର ଉଲ୍ଲଂଘନ ଭଳି ଗମ୍ଭୀର ଅଭିଯୋଗ ରହିଛି। ନିର୍ବାଚନ ପୂର୍ବରୁ ୪୮ ଘଣ୍ଟାର ସାଇଲେଣ୍ଟ ପିରିୟଡ ମଧ୍ୟରେ ବିଜେପି ଓ ତାଙ୍କ ପ୍ରାର୍ଥୀ ଜୟ ଢୋଲକିଆ ନିଜ ମା' କଳ୍ପନା ଢୋଲକିଆଙ୍କୁ ନେଇ ସାମାଜିକ ଗଣମାଧ୍ୟମରେ ନିର୍ବାଚନ ପ୍ରଚାର ଭିଡିଓ ପୋଷ୍ଟ କରିଛନ୍ତି। ଏହି ଭିଡିଓରେ ସେମାନେ ବିଜେପିକୁ ଭୋଟ ଦେବା ପାଇଁ ଆହ୍ୱାନ ଦେଉଛନ୍ତି। ନିଜ ପରିବାର ପ୍ରତି ସମବେଦନା ହାସଲ କରିବା ସକାଶେ ଜୟ ପ୍ରୟାସ କରିଛନ୍ତି। ଏଥିରେ ବିଜେପି ଦଳର ସଂକେତ ମଧ୍ୟ ସ୍ପଷ୍ଟ ଦୃଶ୍ୟମାନ ହେଉଛି ବୋଲି ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ସେହିପରି ଦଳ ପକ୍ଷରୁ ଆହୁରି କୁହାଯାଇଛି ଯେ ବିଜେପି ଖୋର୍ଦ୍ଧା ଜିଲ୍ଲା ସଭାପତି ବିଶ୍ୱ ରଞ୍ଜନ ବଡ଼ଜେନା, ବିଜେପିର ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ନୂଆପଡ଼ା ନିର୍ବାଚନମଣ୍ଡଳୀରେ ଗାଡ଼ି ଧରି ପ୍ରଚାର ଚଳାଇଛନ୍ତି। ବିଜେପି କାର୍ଯ୍ୟକର୍ତ୍ତା ଓ ଛତିଶଗଡ଼ରୁ ଆସିଥିବା ଲୋକ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ସଂଗଠିତ ଭାବେ ଟଙ୍କା ବାଣ୍ଟୁଛନ୍ତି। ଏନେଇ ଦଳ ପକ୍ଷରୁ ସିଇଓଙ୍କୁ ଭିଡିଓ ମଧ୍ୟ ଦିଆଯାଇଛି। ଏହାଛଡ଼ା ନୂଆପଡ଼ା ଜିଲ୍ଲାପାଳ ଓ ଏସ୍‌ପି ମଧ୍ୟ ପକ୍ଷପାତିତାରେ ମାତିଛନ୍ତି। ରାଜନୈତିକ କର୍ମୀ ଭଳି ବିଜେପିକୁ ସୁହାଇବା ଭଳି କାର୍ଯ୍ୟରେ ସେମାନେ ଲିପ୍ତ ଅଛନ୍ତି। ଏପରିସ୍ଥଳେ ନୂଆପଡ଼ାରେ ପ୍ରଚାର ସାମଗ୍ରୀ, ଅନଧିକୃତ ଗାଡ଼ି ଓ ବ୍ୟକ୍ତିଙ୍କୁ ତୁରନ୍ତ ନିର୍ବାଚନୀ ଅଞ୍ଚଳରୁ ବାହାର କରିବା ସହ ପକ୍ଷପାତ କରୁଥିବା ଅଧିକାରୀଙ୍କୁ ଦାୟିତ୍ୱରୁ ହଟାଇବାକୁ ବିଜେଡି ଦାବି କରିଛି।

## ବିଜେଡିର ଉଚ୍ଚାରଣରେ ଅହିଂସା, ଆଚରଣରେ ହିଂସା: ବିଜେପି

ଭୁବନେଶ୍ୱର,୧୦।୧୧: ଗତ ୨୪ ବର୍ଷ ଶାସନ ପରେ ବି ନିର୍ବାଚନ ଲଢ଼ିବା ପାଇଁ ବିଜେଡି ଆତ୍ମବିଶ୍ୱାସ ହରାଇ ବସିଛି। ନିଜ ଶାସନକାଳର ସଫଳତା ବଖାଣିବା ପରିବର୍ତ୍ତେ ଭୋଟରଙ୍କୁ ଧମକାଇ ଓ ଭୟଭୀତ କରାଇ ଜନମତକୁ ବିଭ୍ରାନ୍ତ କରିବାର ଅପ୍ରୟାସ କରୁଛି ବିଜେଡି। ଗତ ୨୦୨୪ ସାଧାରଣ ନିର୍ବାଚନରେ ଓଡ଼ିଶାବାସିଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହେବା ପରେ ବି ବିଜେଡି ଅହିଂସାର ଉଚ୍ଚାରଣ କରି ହିଂସାର ଆଚରଣ କରୁଛି। ଆଜି ନୂଆପଡ଼ା ଏନଏସି ଅଧ୍ୟକ୍ଷଙ୍କ ପୁତୁରା କିଛି ଦଳୀୟ ଗୁଣ୍ଡାଙ୍କ ସହିତ ମିଶି ବିଜେପି କାର୍ଯ୍ୟକର୍ତ୍ତାଙ୍କୁ ବନ୍ଧୁକ ଦେଖାଇ ମାରିଦେବାର ଧମକ ଦେବାକୁ ଯେତେ ନିନ୍ଦା କଲେ ମଧ୍ୟ କମ୍ ପଡ଼ିବ। ଗଣତନ୍ତ୍ରରେ ଗୁଣ୍ଡାଗର୍ଦ୍ଦି, ଭୟ ଓ ହିଂସାର ଆଦୌ ସ୍ଥାନ ନାହିଁ। ନୂଆପଡ଼ା ଉପନିର୍ବାଚନରେ ଆସନ୍ନ ପରାଜୟକୁ ଦେଖି ବିଜେଡି ଭୟଭୀତ ହେବା ସହିତ ଅତ୍ୟନ୍ତ ନିମ୍ନସ୍ତରକୁ ଓହ୍ଲାଇ ଏଭଳି ଦୁର୍ଭାଗ୍ୟଜନକ କାଣ୍ଡ ଭିଆଇଛି। ଏହାକୁ ଆମେ ଦୃଢ଼ ଭାବେ ନିନ୍ଦା କରୁଛୁ ବୋଲି ରାଜ୍ୟ ଉପସଭାପତି ଡା. ଯତୀନ ମହାନ୍ତି କହିଛନ୍ତି। ସେ କହିଛନ୍ତି ଯେ ଓଡ଼ିଶାବାସୀଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହେବା ପରେ ବି ହ୍ୟାଙ୍ଗ ଓଭର ଯାଇନାହିଁ। ଆମେ ବ୍ୟାଲେଟକୁ ବିଶ୍ୱାସ କରୁଥିବାବେଳେ ଜନମତକୁ ବିଭ୍ରାନ୍ତ କରିବା ପାଇଁ ବିଜେଡି ବୁଲେଟର ଆଶ୍ରୟ ନେବା ଅତ୍ୟନ୍ତ ନିନ୍ଦନୀୟ। ଗଣତନ୍ତ୍ରର ମହାନ ପର୍ବରେ ଶାନ୍ତିପୂର୍ଣ୍ଣ ଭୋଟଦାନ ପାଇଁ ଆବଶ୍ୟକୀୟ ବାତାବରଣ ସୃଷ୍ଟି କରିବାରେ ସହଯୋଗ କରନ୍ତୁ ଏବଂ ହିଂସାତ୍ମକ ଆଚରଣରୁ କ୍ଷାନ୍ତ ରୁହନ୍ତୁ ବୋଲି ଡା. ମହାନ୍ତି ପରାମର୍ଶ ଦେଇଛନ୍ତି।

# ଅପଗ୍ରେଡ୍ ହେବ ସମ୍ବଲପୁର ଡିଭିଜନ୍

**ଭୁବନେଶ୍ୱର,୧୦।୧୧(ସଂଚାର ବ୍ୟୁରୋ):** ପୂର୍ବତଟ ରେଳପଥ ଏହାର ଟ୍ରାକ୍ସନ୍ ପାୱାର ଭିତ୍ତିଭୂମିକୁ ସୁଦୃଢ଼ କରିବା ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଉଛି। ଏହାଦ୍ୱାରା ସିଙ୍ଗାପୁର ରୋଡ୍-ଟିଟଲାଗଡ଼ ସେକ୍ସନରେ ୧x୨୫ କେଭି ଓଭରହେଡ୍ ବିଦ୍ୟୁତ୍‌କରଣ (ଓଏଚ୍‌ଇ) ସିଷ୍ଟମକୁ ଉନ୍ନତ ୨x୨୫ କେଭି ସିଷ୍ଟମକୁ ଅପଗ୍ରେଡ୍ କରାଯିବ। ଏହି ପ୍ରକଳ୍ପରେ ସମ୍ବଲପୁର ଡିଭିଜନର ଟିଟଲାଗଡ଼-ବଡ଼ମାଲ ଓ ଟିଟଲାଗଡ଼-ମୁରିବାହାଲ ଟ୍ରିପଲ୍ ଲାଇନ୍ ସେକ୍ସନ ସାମିଲ୍ ରହିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି। ଏହି ପ୍ରକଳ୍ପରେ ୧୫୩ ରୁଟ୍ କିମି (ଆର୍‌କେଏମ୍) ଓ ୫୭୫ ଟ୍ରାକ୍ କିମି (ଟିକେଏମ୍)କୁ ଅନ୍ତର୍ଭୁକ୍ତ କରାଯାଇଥିବା ବେଳେ ଏ ବାବଦରେ ମୋଟ ୪୬୫.୪୭ କୋଟି ଟଙ୍କା ଖର୍ଚ୍ଚ କରାଯିବାର ପ୍ରସ୍ତାବ ରହିଛି। ଏହା ଭାରତୀୟ ରେଳବାଇରେ ବୈଦ୍ୟୁତିକ ଟ୍ରାକ୍ସନ୍ ସିଷ୍ଟମକୁ ଉନ୍ନତ କରିବା ଦିଗରେ ରେଳବାଇ ବୋର୍ଡ ପଦକ୍ଷେପର ଏକ ପ୍ରମୁଖ ଅଂଶ। ଏଥିପାଇଁ ବିଦ୍ୟୁତ୍ ଯୋଗାଣ ଭିତ୍ତିଭୂମିକୁ ସୁଦୃଢ଼ କରିବା ଓ ବୈଦ୍ୟୁତିକୀକୃତ ରୁଟର କ୍ଷମତା ବୃଦ୍ଧି ପାଇଁ ଦେଶବ୍ୟାପୀ ପ୍ରାୟ ୧୨ ହଜାର କୋଟି ଟଙ୍କା ଆବଣ୍ଟିତ ହୋଇଛି। ୨x୨୫କେଭି ଟ୍ରାକ୍ସନ୍ ସିଷ୍ଟମ୍ ଏକ ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ଉନ୍ନତ ବିଦ୍ୟୁତ୍‌କରଣ ବିନ୍ୟାସ ଯାହା ୫୦ କେଭିରେ ଶକ୍ତି ପରିବହନ କରେ ଓ ନିୟମିତ ବ୍ୟବଧାନରେ ସ୍ଥାପିତ ଅଟୋଟ୍ରାନ୍ସଫର୍ମର ମାଧ୍ୟମରେ ଟ୍ରେନଗୁଡ଼ିକୁ ୨୫କେଭି ପ୍ରଦାନ କରେ। ଏହା ସ୍ଥିର ଭୋଲଟେଜ ସୁନିଶ୍ଚିତ କରିବା ସହ ବିଦ୍ୟୁତ କ୍ଷତିକୁ କମ କରେ ଏବଂ ବୈଦ୍ୟୁତିକ ଲୋକୋମୋଟିଭ୍‌ର ସାମଗ୍ରିକ କାର୍ଯ୍ୟକ୍ଷମତାକୁ ଉନ୍ନତ କରିଥାଏ। ଅପଗ୍ରେଡ୍ ସିଷ୍ଟମ୍ ସେମି-ହାଇ-ସ୍ପିଡ୍ ଯାତ୍ରୀବାହୀ ଟ୍ରେନ୍ ଓ ଅତ୍ୟଧିକ ଲୋଡ୍ ଥିବା ମାଲବାହୀ ଟ୍ରେନ୍‌ଗୁଡ଼ିକର ନିର୍ବିଘ୍ନ କାର୍ଯ୍ୟକୁ ସକ୍ଷମ କରିବା ସହ ନିର୍ଭରଯୋଗ୍ୟତା, ଉନ୍ନତ ପରିବହନ କ୍ଷମତା ଓ କ୍ରମାଗତ ଭାବେ ହ୍ରାସ ପାଉଥିବା ରକ୍ଷଣାବେକ୍ଷଣ ଆବଶ୍ୟକତାକୁ ସୁନିଶ୍ଚିତ କରିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି।

**ବଢ଼ିବ ପୂର୍ବତଟ ରେଳପଥ ଦକ୍ଷତା ଓ କ୍ଷମତା**

# ସିଇଓଙ୍କ ସ୍ପଷ୍ଟୋକ୍ତି ପରେ ବି ବିଜେଡି ଅବୁଝା



**ବିଜେପି ବିରୋଧରେ ପୁଣି ଆଣିଲା ଅଭିଯୋଗ**

**ଭୁବନେଶ୍ୱର,୧୦।୧୧(ସଂଚାର ବ୍ୟୁରୋ):** ଗୋଟିଏ ଟ୍ରକରେ ଇଭିଏମ୍ ମେସିନ ନୂଆପଡାକୁ ନିଆଯାଇଛି ବୋଲି ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଥିଲେ ହେଁ ଏନେଇ ଆଜି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ସ୍ପଷ୍ଟ କରିବା ପରେ ବି ଦଳ ଏନେଇ ଆହୁରି ଅଧିକ ଯୁକ୍ତି ବାଢ଼ିଛି। ନୂଆପଡା ନିର୍ବାଚନମଣ୍ଡଳୀରେ ଥିବା ସମ୍ବେଦନଶୀଳ ବୁଥ୍‌ଗୁଡିକର ତାଲିକା ପ୍ରଦାନ କରିବା ସହ ସେଠାକୁ ନିଆଯାଇଥିବା ଇଭିଏମ୍ ସ୍ଥାନିତ କରିବା ସକାଶେ ଯୋଜନା ହେଉଛି ବୋଲି ଦଳ ପକ୍ଷରୁ ଆଉ ଥରେ ଅଭିଯୋଗ କରାଯାଇଛି।

ଆଜି ଶଙ୍ଖ ଭବନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ. ଲେନିନ୍ ମହାନ୍ତି, ରାଜ୍ୟସଭା ସାଂସଦ ସୁଲତା ଦେଓ, ପୂର୍ବତନ ମହିଳା କମିସନର ମିନତୀ ବେହେରା ଓ ବିଜେଡି ଛାତ୍ର ସଭାପତି ଇପ୍ସିତା ସାହୁ ଉପସ୍ଥିତ ରହି ପ୍ରଶାସନିକ କଳର ଅପବ୍ୟବହାର କରି ବିଜେପି ଏହି ଉପନିର୍ବାଚନ ଜିତିବାକୁ ଉଦ୍ୟମ କରୁଥିବା ଅଭିଯୋଗ କରିଛନ୍ତି।

ଡ. ମହାନ୍ତି କହିଛନ୍ତି, ଗୋଟିଏ ଟ୍ରକରେ ଇଭିଏମ୍ ନୂଆପଡ଼ାକୁ ନିଆଯାଇଛି ହୋଇଥିବା ଅଭିଯୋଗ ଉପରେ ସିଇଓ ଗଞ୍ଜାମ ଜିଲ୍ଲାରେ ରଖାଯାଇଥିବା ଇଭିଏମଗୁଡ଼ିକ ସିସି କ୍ୟାମେରା ନଜରରେ ରହିଛି ବୋଲି କହିଛନ୍ତି। କିନ୍ତୁ ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ସମୟରେ ଉକ୍ତ ଅଞ୍ଚଳର ସିସିଟିଭି କାମ କରୁନଥିଲା। ତେଣୁ ଏବେ ସେଗୁଡ଼ିକ କାମ କରୁଛି କି ନାହିଁ, ତା' ନିଶ୍ଚିତ ହେବା ଦରକାର। ତେଣୁ ଦଳ ପକ୍ଷରୁ ସିଇଓଙ୍କ ନିକଟରେ ସମ୍ବେଦନଶୀଳ ବୁଥ୍‌ଗୁଡିକର ତାଲିକା ପ୍ରଦାନ କରାଯିବା ସହ ସେଠାକୁ ନିଆଯାଇଥିବା ଇଭିଏମଗୁଡିକ ସ୍ଥାପିତ କରିବାକୁ ଚେଷ୍ଟା କରାଯାଉଛି ବୋଲି ଅଭିଯୋଗ କରାଯାଇଥିବା ଡ. ମହାନ୍ତି କହିଛନ୍ତି। ସେହିପରି ଶ୍ରୀମତୀ ଦେଓ କହିଛନ୍ତି ଯେ ଚଳିତ ଉପନିର୍ବାଚନରେ ବିଜେପି ପକ୍ଷରୁ ନିୟମିତ ସରକାରୀ ଦଳ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରୁଥିବା ନେଇ ବିଜେଡି ପକ୍ଷରୁ ଅଭିଯୋଗ କରାଯିବା ସହ ସିଇଓଙ୍କ ନିକଟରେ ଏନେଇ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।

## ଚିଲିକାର ପୁନର୍ବିକାଶ ଓ ଉନ୍ନତିକରଣ ସମ୍ପର୍କିତ ବୈଠକ



**ଭୁବନେଶ୍ୱର,୧୦।୧୧(ସଂଚାର ବ୍ୟୁରୋ):** ଆଜି ସ୍ଥାନୀୟ ଲୋକସେବା ଭବନଠାରେ ଚିଲିକାର ପୁନର୍ବିକାଶ ଓ ଉନ୍ନତିକରଣ ସମ୍ପର୍କରେ ଆୟୋଜିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅଧ୍ୟକ୍ଷତା କରି ବିଭିନ୍ନ ଦିଗ ଉପରେ ବିଶଦ ଆଲୋଚନା କରାଯାଇଛି। ଏହି ବୈଠକରେ ଚିଲିକା ପୁନର୍ବିକାଶ ଓ ଜୀବଜନ୍ତୁ ସଂରକ୍ଷଣ ପାଇଁ ଆଗାମୀ କେନ୍ଦ୍ରୀୟ ବଜେଟ୍‌ରେ ନିର୍ଦ୍ଦିଷ୍ଟ ବିଶେଷ ଅନୁଦାନ ମଞ୍ଜୁରିକରଣ ସମ୍ବନ୍ଧରେ ମାନ୍ୟବର କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ନିକଟକୁ ଏକ ସବିସ୍ତୃତ ସ୍ମାରକପତ୍ର ଦାଖଲ ଏବଂ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର୍) ପ୍ରସ୍ତୁତି ପାଇଁ ଆଇଆଇଟି ଚେନ୍ନାଇର ବିଶେଷଜ୍ଞ ଦଳଙ୍କ ସହ ପରାମର୍ଶ କରିବା ପ୍ରକ୍ରିୟା ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଚିଲିକାରେ ପଙ୍କ ଫଳରେ ଚିଲିକା ହ୍ରଦର ମୂଳ କ୍ଷେତ୍ରଫଳ ପ୍ରାୟ ୩୦ ପ୍ରତିଶତ ପର୍ଯ୍ୟନ୍ତ କମିବାରେ ଲାଗିଛି। ହ୍ରଦର ପ୍ରାକୃତିକ ଜଳଗତି ରକ୍ଷା ପାଇଁ ସମୁଦ୍ର ମୁହଁ ଖୋଲା ରଖିବା ଏବଂ ପର୍ଯ୍ୟାୟକ୍ରମେ ଡ୍ରେଜିଂ କାର୍ଯ୍ୟ ଜାରି ରହିବ। ଏଥିସହ ଆଧୁନିକ ଗୋଦାମ, କୋଲ୍ଡ ଷ୍ଟୋରେଜ୍, କୋଲ୍ଡ ଚେନ୍ ଯାନବାହନ ବ୍ୟବସ୍ଥା ସହ ଫିଶ୍ ଲ୍ୟାଣ୍ଡିଂ ସେଣ୍ଟର ବିକାଶକୁ ସମନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।ଏହା ସହିତ ମାଛ ଧରାଳି ପରିବାର ମାନଙ୍କ ପାଇଁ କୌଶଳ କେନ୍ଦ୍ର, ମାଛ ଧରାଳିଙ୍କ ଆୟ ବୃଦ୍ଧି ପ୍ରସ୍ତାବ, ମୂଲ୍ୟ ବୃଦ୍ଧି ପାଇଁ ପ୍ରଶିକ୍ଷଣ ମଡ୍ୟୁଲ ଗଠନ ସମ୍ପର୍କରେ ତଥା ସମନ୍ୱିତ ବିକାଶ ପ୍ରସ୍ତାବ ଉପରେ ଆଲୋଚନା ହୋଇଛି। ପର୍ଯ୍ୟଟନ ଓ ସଂଯୋଗ ନିମନ୍ତେ ପରିବେଶ-ମିତ୍ର କ୍ରୁଜ୍, କାଳିଜାଈ ପୀଠରେ ସୌର ଆଲୋକ , ସତପଡା ସହ ରାସ୍ତା ସଂଯୋଗ ଏବଂ ଇକୋ-ଫ୍ରେଣ୍ଡଲି ହାଉସ ବୋଟ୍, ସି-ପ୍ଲେନ୍ ପ୍ରଚଳନ ପ୍ରସ୍ତାବ ନିମନ୍ତେ ବିଶଦ ଆଲୋଚନା କରାଯାଇଛି। ଆଗାମୀ ୩ ଦିନ ମଧ୍ୟରେ ବନ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀଙ୍କ ସହ ଆଲୋଚନା କରି ଆଇଆଇଟି, ଚେନ୍ନାଇର ବିଶେଷଜ୍ଞ ଦଳଙ୍କ ସହ ପ୍ରାରମ୍ଭିକ ପ୍ରକଳ୍ପ ପ୍ରସ୍ତାବର ରୂପରେଖ ଉପରେ ଆଲୋଚନା କରିବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ପୁରୀ ଲୋକସଭା ସାଂସଦ ଡ଼ାଃ ସମ୍ବିତ ପାତ୍ର, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ଅତିରିକ୍ତ ମୁଖ୍ୟ ଶାସନ ସଚିବ (ଜଙ୍ଗଲ,ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ) ସତ୍ୟବ୍ରତ ସାହୁ, ଜଙ୍ଗଲ, ପରିବେଶ ଓ ବନ୍ୟପ୍ରାଣୀର ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ପ୍ରେମ କୁମାର ଝା, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏମ୍. ଯୋଗଜୟାନନ୍ଦ, ଚିଲିକା ବନ୍ୟପ୍ରାଣୀ ବନଖଣ୍ଡର ଡିଏଫଓ ଅମ୍ଲାନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସରକାରୀ ଅର୍ଥ ତୋଷରପାତ ଅଭିଯୋଗରେ ଜେଇ ଗିରଫ

**କଟକ,୧୦।୧୧(ସଂଚାର ବ୍ୟୁରୋ):** ସରକାରୀ ଅର୍ଥ ତୋଷରପାତ କରି ଗିରଫ ହେଲେ କନିଷ୍ଠ ଯନ୍ତ୍ରୀ। ବଲାଙ୍ଗୀର ବଙ୍ଗମୁଣ୍ଡା କନିଷ୍ଠ ଯନ୍ତ୍ରୀ ଜୟନାରାୟଣ ବାଗ। ୨୨ ଲକ୍ଷ ୧୬ ହଜାର ୭୨ ଟଙ୍କାର ଘୋଟାଲା କରିଥିବା ନେଇ ଅଭିଯୋଗ ହୋଇଥିଲା। ବଙ୍ଗମୁଣ୍ଡା ବେଲପଡା ଗ୍ରାମ ପଞ୍ଚାୟତ କାମ ନାଁରେ ହୋଇଛି ଘୋଟାଲା। ପୋଖରୀ ପୁନରୁଦ୍ଧାର ନାଁରେ ହୋଇଛି ଏହି ଅର୍ଥ ତୋଷରପାତ। ଏପରିକି ପୋଖରୀ ନଥାଇ ପୁନରୁଦ୍ଧାର ହୋଇଥିବା ଦେଖାଯାଇଛି। ଗିରଫ ପରେ ବଲାଙ୍ଗୀର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ କନିଷ୍ଠ ଯନ୍ତ୍ରୀଙ୍କୁ ପଠାଯାଇଛି। ଏନେଇ ଅଭିଯୁକ୍ତ ଶ୍ରୀ ବାଗଙ୍କ ବିରୋଧରେ ସମ୍ବଲପୁର ଭିଜିଲାନ୍ସ ପକ୍ଷରୁ ମାମଲା ରୁଜୁ କରାଯାଇଛି।

# କେବେ ଭଙ୍ଗାଯିବ ବେଆଇନ୍ ଆପାର୍ଟମେଣ୍ଟ ?

**ଭୁବନେଶ୍ୱର,୧୦।୧୧:** କଟକରେ ଆପାର୍ଟମେଣ୍ଟର ବାଲକୋନି ଭୁଶୁଡ଼ି ୩ ଜଣଙ୍କ ମୃତ୍ୟୁ ଘଟିବା ପରେ ଏବେ ରାଜଧାନୀ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ କେତେ ବେଆଇନ୍ ଆପାର୍ଟମେଣ୍ଟ ରହିଛି ଓ ଆଉ କେତେ ଘର ବିପଦସଂକୁଳ ଅବସ୍ଥାରେ ଅଛି ସେଥିଘେନି ଜୋରଦାର ଖୋଳତାଡ଼ ଆରମ୍ଭ ହୋଇଯାଇଛି।

ଭୁବନେଶ୍ୱର, କଟକ, ସମ୍ବଲପୁର, ବ୍ରହ୍ମପୁର, ରାଉରକେଲା, ପୁରୀ ଭଳି ସହରାଞ୍ଚଳରେ ଉନ୍ନୟନ କର୍ତ୍ତୃପକ୍ଷ ଓ ପୌର ସଂସ୍ଥାଙ୍କ ବିନା ପ୍ଲାନ୍ ଅନୁମୋଦନରେ ଆପାର୍ଟମେଣ୍ଟ ତ ଦୂରର କଥା ଘରେ ଖଣ୍ଡେ ବି ନିର୍ମାଣ ହୋଇପାରିବ ନାହିଁ। ଯେଉଁମାନେ ବେଆଇନ୍ ନିର୍ମାଣ କରିବେ, ସେମାନଙ୍କ ବିରୋଧରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ସହିତ ସଂପୃକ୍ତ ଆପାର୍ଟମେଣ୍ଟ ଆଦିକୁ ଭାଙ୍ଗିଦେବା ପାଇଁ ବିଧିବ୍ୟବସ୍ଥା ରହିଛି। ତେବେ ବେଆଇନ୍ ଆପାର୍ଟମେଣ୍ଟ ସଂଖ୍ୟା ଗଣି ଏ ସଂକ୍ରାନ୍ତୀୟ ତଥ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବାରମ୍ବାର ବିଧାନସଭାରେ ଦିଆଯିବା ସହିତ ବେଆଇନ୍ ଆପାର୍ଟମେଣ୍ଟ ଭାଙ୍ଗିବା ପାଇଁ ମଧ୍ୟ କୁହାଯାଉଛି। କିନ୍ତୁ ଏ କ୍ଷେତ୍ରରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ କଟକ ଭଳି ରାଜ୍ୟର ଅନ୍ୟ ଅଞ୍ଚଳରେ ଯେ ଅଘଟଣମାନ ନଘଟିବ ସେଥିଘେନି କେହି ଗ୍ୟାରେଣ୍ଟି ଦେଇପାରୁ ନାହାନ୍ତି।

ଏଠାରେ ଉଲ୍ଲେଖନୀୟ ଯେ କଟକ ସହରର କେନ୍ଦ୍ରସ୍ଥଳୀ ମଣିସାହୁ ଛକ ନିକଟରେ ଏକ ଦୁଇମହଲା ଘର ନିର୍ମାଣ ପାଇଁ କର୍ତ୍ତୃପକ୍ଷ ଅନୁମତି ଦେଇଥିବାବେଳେ ସେଠାରେ ୫ମହଲା ଆପାର୍ଟମେଣ୍ଟ ନିର୍ମାଣ କରାଯାଇଛି ଏବଂ ଏହି ଆପାର୍ଟମେଣ୍ଟର ଏକ ବାଲ୍‌କୋନି ଭୁଶୁଡ଼ି ୩ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଆଉ କେତେକ ଗୁରୁତର ଭାବେ ଆହତ ହୋଇଛନ୍ତି। ଏ ସଂକ୍ରାନ୍ତରେ କର୍ତ୍ତୃପକ୍ଷଙ୍କ ନିକଟରେ ତଥ୍ୟ ଥିବାବେଳେ କାର୍ଯ୍ୟାନୁଷ୍ଠାନ କାହିଁକି ଗ୍ରହଣ କରାଗଲା ନାହିଁ ସେ ସଂପର୍କରେ ଖୋଳତାଡ଼ କରିବା ଲାଗି ଏବେ ଜିଲ୍ଲା ପ୍ରଶାସନ ଏକ କମିଟି ଗଠନ କରିଛି।

ପ୍ରାୟ ବର୍ଷେ ତଳେ ରାଜ୍ୟ ବିଧାନସଭାରେ ଏକ ପ୍ରଶ୍ନର ଉତ୍ତରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ ୭୧୯ଟି ବେଆଇନ୍ ଆପାର୍ଟମେଣ୍ଟ ରହିଛି, ଯେଉଁଥିରୁ କେବଳ ଭୁବନେଶ୍ୱରରେ ଏଭଳି ୬୮୯ଟି ଆପାର୍ଟମେଣ୍ଟ ଅଛି। ଗତ ସରକାର ସମୟରେ ଦିଆଯାଇଥିବା ତଥ୍ୟ ମୁତାବକ ଭୁବନେଶ୍ୱରରେ ୧୯୧ଟି ବେଆଇନ୍ ସୌଧକୁ ଭାଙ୍ଗିବା ପାଇଁ ଆଦେଶନାମା ବିଡିଏ ପକ୍ଷରୁ ଜାରି ହୋଇଥିଲା। ବିଏମ୍‌ସି ମଧ୍ୟ ଆଉ କେତେକ ସ୍ଥଳରେ ବେଆଇନ୍ ନିର୍ମାଣ ହଟାଇବା ଲାଗି ନୋଟିସ ଦେଇଥିଲା। କଟକରେ ବି ବିପଜ୍ଜନକ ଓ ବେଆଇନ୍ ସୌଧଗୁଡ଼ିଏ ଚିହ୍ନଟ କରାଯାଇଥିଲା। କିନ୍ତୁ ଏ କ୍ଷେତ୍ରରେ ଧିମା କାର୍ଯ୍ୟାନୁଷ୍ଠାନ ଯୋଗୁ ବେଆଇନ୍ ଆପାର୍ଟମେଣ୍ଟଗୁଡ଼ିକ ଏବେ ବି ମୁଣ୍ଡ ଟେକି ଛିଡ଼ା ହୋଇଛି।

ବହୁ ଆପାର୍ଟମେଣ୍ଟ ବିଡିଏ ଓ ବିଏମ୍‌ସି ପ୍ଲାନ୍ ବହିର୍ଭୂତ କାର୍ଯ୍ୟ କରିଛନ୍ତି। ଅନେକ ଆପାର୍ଟମେଣ୍ଟର ଅଗ୍ନି ନିରାପତ୍ତା ପ୍ରମାଣପତ୍ର ନାହିଁ। ଏମିତିକି ନିଆଁ ଲାଗିଲେ କେତେକ ଆପାର୍ଟମେଣ୍ଟ ପରିସରକୁ ଦମକଳ ଗାଡ଼ି ମଧ୍ୟ ପ୍ରବେଶ କରିପାରିବ ନାହିଁ। କମ ଜାଗାରେ ବ୍ୟବସାୟିକ ଭିତ୍ତିରେ ଅଧିକ ଘର ନିର୍ମାଣ ଫଳରେ ବାୟୁ ଚଳାଚଳ ବାଧାପ୍ରାପ୍ତ ହେବା ସହ ସୂର୍ଯ୍ୟ କିରଣ ମଧ୍ୟ ଠିକ୍ ଭାବରେ ପଡୁନାହିଁ। ଏଥିଯୋଗୁ ଡ୍ରେନେଜ୍, ସ୍ୱରେଜ ବ୍ୟବସ୍ଥା ବି ବିଗୁଡୁଛି। ବିଶେଷକରି ହାଉସିଂବୋର୍ଡ, ବିଡିଏ, ସାଧାରଣ ପ୍ରଶାସନ ବିଭାଗ ଆଦି ବାସଘର ପାଇଁ ରିହାତି ଦରରେ ଯେଉଁ ଜମି ଓ ଘର ଯୋଗାଇଥିଲେ ସେଥିରୁ ଅନେକ ବି ବିଲଡରମାନଙ୍କ କବ୍‌ଜାରେ। ଏ ପରିପ୍ରେକ୍ଷୀରେ ବର୍ଷବର୍ଷ ଧରି ବେଆଇନ ଆପାର୍ଟମେଣ୍ଟ ନିର୍ମାଣକାରୀମାନେ ଫାଇଦା ଉଠାଉଥିବାବେଳେ ଉପଭୋକ୍ତା ଓ ପଡ଼ୋଶୀମାନଙ୍କ ଜୀବନ ପ୍ରତି ବିପଦ ରହୁଥିବା କୁହାଯାଉଛି। (ତଥ୍ୟ)

sanchar.live
SANCHAR
ସଂଚାର
୪
ମଙ୍ଗଳବାର ୧୧ ନଭେମ୍ବର ୨୦୨୫, ଭୁବନେଶ୍ୱର
Tuesday 11 November 2025, Bhubaneswar

ସମ୍ପାଦକୀୟ

**ଜୀବନ ଅମୃତ ଅନୁଚିନ୍ତା**

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ବିହାରରେ ଏସିଡ୍ ଟେଷ୍ଟ

କ୍ଲାଇମାକ୍ସରେ ପହଞ୍ଚିଛି ବିହାରରେ ରାଜନୈତିକ ନାଟକ। ୨୦୨୫ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ୬ ନଭେମ୍ବରରେ ସମାପ୍ତ ହୋଇଛି, ଏବଂ କାଲି ୧୧ ନଭେମ୍ବରରେ ଦ୍ୱିତୀୟ ପର୍ଯ୍ୟାୟରେ ୧୨୨ଟି ନିର୍ବାଚନୀ କ୍ଷେତ୍ରରେ ମତଦାନ ହେବ। ଏହା କେବଳ ୨୪୩ଟି ସିଟ୍ ଗୁଡ଼ିକ ପାଇଁ ସଂଘର୍ଷ ନୁହେଁ, ବରଂ ରାଷ୍ଟ୍ରୀୟ ଜାତୀୟ ଗଠବନ୍ଧନ (ଏନଡିଏ) ଓ ମହାଗଠବନ୍ଧନର ସଂଯୋଗ ଓ ନେତୃତ୍ୱର ଏସିଡ୍ ଟେଷ୍ଟ। ୨୦ ବର୍ଷର ବିରୋଧୀ ଅନୁଭବୀ ନିତୀଶ କୁମାରଙ୍କ ନେତୃତ୍ୱରେ ଏନ୍ଡିଏର ସ୍ଥିରତା ଓ ତେଜସ୍ୱୀ ଯାଦବଙ୍କ ଉଭା ନକ୍ଷତ୍ରରେ ମହାଗଠବନ୍ଧନର ପୁନରୁତ୍ଥାନ କେତେ ସମ୍ଭବ ତାହା ନିର୍ଦ୍ଧାରଣ କରିବ।

ଏନଡିଏ ପାଇଁ ଏହି ନିର୍ବାଚନ ଏକ ବଡ଼ ଚ୍ୟାଲେଞ୍ଜ। ନିତୀଶ କୁମାରଙ୍କ ସ୍ୱାସ୍ଥ୍ୟ ଓ ରାଜନୈତିକ ଉଚ୍ଚାଭିଳାଷ ଗଠବନ୍ଧନରେ ଅସ୍ଥିରତା ଆଣିଛି। ଜେଡିୟୁ-ବିଜେପି ସମ୍ପର୍କରେ ଅସୁବିଧା ଓ ବିଦ୍ରୋହୀ ପ୍ରାର୍ଥୀମାନଙ୍କର ଉଦ୍ଭବ ଏନ୍ଡିଏର ଏକତାକୁ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ବିଜେପିର କେନ୍ଦ୍ରୀୟ ନେତୃତ୍ୱ ନିତୀଶଙ୍କୁ ସମର୍ଥନ କରି ବିହାରରେ ପ୍ରବଳ ଅବସ୍ଥାନ ରଖିବାକୁ ଚେଷ୍ଟା କରୁଛି, କିନ୍ତୁ ଜାତିଗତ ସମୀକରଣରେ ଓବିସି ଓ ମହାଦଳିତଙ୍କର ସ୍ଥାନାନ୍ତର



ଏନ୍ଡିଏର ପାଇଁ ବିପଦର ଘଣ୍ଟି ସାଜିବାକୁ ଯାଉଛି। ଉତ୍ତରପ୍ରଦେଶର ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟଙ୍କ ଦାବି ଅନୁଯାୟୀ, ଏନ୍ଡିଏ ବିପୁଳ ବହୁମତି ପ୍ରାପ୍ତ କରିବ, କିନ୍ତୁ ଏହା କେବଳ ଆଶାବାଦୀ ବୟାନ ବୋଲି କହୁଛନ୍ତି ରାଜନୈତିକ ସମୀକ୍ଷକ। ବିକାଶର କଥା କହି ଏନ୍ଡିଏ ଯୁବକମାନଙ୍କ ଆକର୍ଷଣ କରିବାକୁ ଚେଷ୍ଟା କରୁଛି, କିନ୍ତୁ ବେକାରୀ, ପ୍ରବାସୀ ଶ୍ରମିକମାନଙ୍କର ସମସ୍ୟା ଓ ଅଧିକାରୀ ଅଭାବ ଏମାନଙ୍କର ପ୍ରତିଶ୍ରୁତିରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଅନ୍ୟପକ୍ଷରେ, ମହାଗଠବନ୍ଧନ ତେଜସ୍ୱୀଙ୍କ ନେତୃତ୍ୱରେ ନୂତନ ଉତ୍ସାହନା ପାଉଛି। ଆରଜେଡି, କଂଗ୍ରେସ, ଭିଆଇପି ଓ ବାମପନ୍ଥୀଙ୍କ ମିଳିତ ଶକ୍ତି ଜାତିଗତ ସମୀକରଣରେ ପୂର୍ଣ୍ଣ ସଫଳ ନୁହେଁ, କିନ୍ତୁ ଯୁବଶକ୍ତି ଓ ବିରୋଧୀ ଲହରୀରେ ଏହା ପ୍ରବଳ। କଂଗ୍ରେସର ଦୁର୍ବଳତା ଓ ରାହୁଲ ଗାନ୍ଧୀଙ୍କ ସମର୍ଥନର ଅଭାବ ଗଠବନ୍ଧନରେ ସମସ୍ୟା ସୃଷ୍ଟି କରୁଛି। ତେବେ ତେଜସ୍ୱୀଙ୍କ ମଣ୍ଡଳ ରାଜନୀତି ଓ ଯୁବକମାନଙ୍କ ମନୋଭାବ କେତେ ପ୍ରଭାବଶାଳୀ, ଏହା ନିର୍ବାଚନର ଅନ୍ୟତମ ନିର୍ଣ୍ଣାୟକ ହେବାକୁ ଯାଉଛି। ନୂତନ ଖେଳାଳୀ ଯଥା ଜେଏସପି ପୁରୁଣା ରାଜନୀତିକୁ ଚ୍ୟାଲେଞ୍ଜ କରୁଛି, ଯାହା ବିଦ୍ରୋହୀ ଭୋଟ ବିଭାଜନରେ ପ୍ରଭାବ ପକାଉଛି।

ଏହି ନିର୍ବାଚନର ମୁଖ୍ୟ ଇସ୍ୟୁଗୁଡ଼ିକ ବହୁସ୍ତରୀୟ। ଜାତିଗତ ସମୀକରଣ ପାଇଁ ଏନ୍ଡିଏର ଦାରିଦ୍ର୍ୟତା ଓ ମହାଗଠବନ୍ଧନର ଯୁବକୀୟ ଆକର୍ଷଣ ମଧ୍ୟରେ ସନ୍ତୁଳନ ରହିଛି। ବେକାରୀ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଗ୍ରାମ୍ୟ ବିକାଶର ଅଭାବ ମତଦାତାଙ୍କୁ ପ୍ରଭାବିତ କରୁଛି। ମିଲେନିୟମ ମନୋଭାବ ଓ ମଞ୍ଚଳ ଉତ୍ତରାଧିକାର ନୂଆ ରାଜନୀତିର ଲିଟ୍ମସ୍ ଟେଷ୍ଟରେ ପରିଣତ କରିଛି। ବିଦ୍ରୋହୀ ପ୍ରାର୍ଥୀମାନଙ୍କ ଉଦ୍ଭବ ବହୁଦଳୀୟ ଗଠବନ୍ଧନକୁ ଦୁର୍ବଳ କରିବାର ସମ୍ଭାବନା ରହିଛି।

ଅନ୍ତିମରେ, ଏହି ନିର୍ବାଚନ ବିହାରର ରାଜନୈତିକ ଭବିଷ୍ୟତକୁ ନିର୍ଦ୍ଧାରଣ କରିବ। ଏନ୍ଡିଏ ଯଦି ସଫଳ ହୁଏ, ତେବେ ନିତୀଶଙ୍କ ସ୍ଥିରତା ପ୍ରମାଣିତ ହେବ; ନହେଲେ ମହାଗଠବନ୍ଧନର ପୁନରୁତ୍ଥାନ ହେବ। ମତଦାତାଙ୍କ ବୁଦ୍ଧିମାନ ସିଦ୍ଧାନ୍ତ ବିହାରକୁ ନୂତନ ଦିଗନ୍ତ ଦେବ। ଏହା କେବଳ ସଂଖ୍ୟାର ଖେଳ ନୁହେଁ, ବରଂ ଗଠବନ୍ଧନର ସଂଯୋଗ ଓ ଲୋକନେତୃତ୍ୱର ପରୀକ୍ଷା। ବିହାରର ଲୋକମାନେ ଏହାକୁ ସଠିକ୍ ନିର୍ଣ୍ଣୟ କରିବେ କି ନାହିଁ ତାହା ଦେଖିବାର କଥା।

# ବାଲିଯାତ୍ରା: ସମୃଦ୍ଧିର ପରିପୂର୍ଣ୍ଣ ନବ ସୃଜନର ଯାତ୍ରା



ଡ଼ଃ ଅରୁନ୍ଧତୀ ଦେବୀ

ବାଲିଯାତ୍ରା ହେଉଛି ଓଡ଼ିଆ ପରମ୍ପରା ଓ ସଂସ୍କୃତିର ଗୌରବବହୁଳ ଉତ୍ସବ। ଏହା ଆମକୁ ମନେପକାଇ ଦିଏ ଯେ ଆମ ପୂର୍ବଜମାନେ ସମୁଦ୍ରର ଉଚ୍ଚ ତରଙ୍ଗକୁ ଜୟ କରି ଜାହାଜ ନେଇ ସୁବର୍ଣ୍ଣଦ୍ୱୀପ ଓ ବିଭିନ୍ନ ଦେଶ ଯାତ୍ରାରେ ବାଣିଜ୍ୟ ଓ ସାଂସ୍କୃତିକ ସମ୍ପର୍କ ସ୍ଥାପନ କରିଥିଲେ। କାର୍ତ୍ତିକ ପୂର୍ଣ୍ଣିମା ପ୍ରତ୍ୟୁଷରେ କଳିଙ୍ଗର ସାଧବ ପୁଅ ପାଲଟଣା ବୋଇତ ମାନଙ୍କରେ ଶିଳ୍ପ ସାମଗ୍ରୀ ରେଶମୀ ପାଟ, ସୂକ୍ଷ୍ମ ବସ୍ତ୍ର, ବିଭିନ୍ନ ସୁଗନ୍ଧ ଦ୍ରବ୍ୟ, କାରିଗର ଶିଳ୍ପ ସାମଗ୍ରୀ ଓ ସମ୍ବଲପୁର ଅଞ୍ଚଳର ବିଖ୍ୟାତ ହୀରା ନେଇ ଜାଭା, ସୁମାତ୍ରା, ବୋର୍ଣ୍ଣିଓ ଓ ବାଲିଦ୍ୱୀପ ପ୍ରଭୃତିକୁ ଯାତ୍ରା କରୁଥିଲେ। ଏହି ସେହି ଦ୍ୱୀପମାନଙ୍କର ଏହି ସାମଗ୍ରୀ ବିକ୍ରି କରି ସ୍ୱଦେଶ ଅଭିମୁଖେ ଅଜସ୍ର ଧନସମ୍ପଦ ଧରି ବାହୁଡ଼ି ଆସୁଥିଲେ। କଟକ ମହାନଦୀ ତଟର ବାଲିଯାତ୍ରା କେବଳ ବ୍ୟବସାୟ ନୁହେଁ ପରମ୍ପରା ସହିତ ଏକ ଅପୂର୍ବ ସମ୍ମିଶ୍ରଣ ଓ ମହାମେଳା। ଏହି ମହାମେଳାରେ ରାଜ୍ୟ, ରାଜ୍ୟ ବାହାରୁ ବ୍ୟବସାୟୀ ଓ ବ୍ୟବସାୟ ପ୍ରତିଷ୍ଠାନ ନିଜ ସାମଗ୍ରୀ ପ୍ରଦର୍ଶିତ କରିଥାନ୍ତି। ଏହା ଆମର ସ୍ଥାନୀୟ ଲୋକ ଏବଂ ବ୍ୟବସାୟୀଙ୍କ ପାଇଁ ଅନେକ ସମ୍ଭାବନା ସୃଷ୍ଟି କରିଥାଏ। ଆମ ଶିଳ୍ପୀ ମାନଙ୍କୁ ସଶକ୍ତ କରିବା ସହ ତାଙ୍କ କାରିଗରୀ ଓ କୌଶଳକୁ ଏକ ନୂଆ ବଜାର ଯୋଗାଇଥାଏ। ବାଲିଯାତ୍ରା କେବଳ ବଡ଼ି ଭୋରୁ ଡଙ୍ଗାଭସା ଭିତରେ ସୀମିତ ନ ହୋଇ ଏହାର ସାଧବ ପୁଅ ମାନଙ୍କର ସାତ ଦରିଆ ତେର ନଈ ଡେଇଁ କଳିଙ୍ଗର ଉତ୍କୃଷ୍ଟ ସାମଗ୍ରୀର ବେପାର ବଣିଜ କରି ଏହି ଜାତିର ଗୌରବକୁ ବୃଦ୍ଧି କରିଥିଲେ।

ବାଲିଯାତ୍ରା ପରି ଏକ ଗଣମହୋତ୍ସବ ଓଡ୍ର, କଳିଙ୍ଗ, ଉତ୍କଳ, ତୋଷାଳୀ, କଙ୍ଗୋଦ ଓ କୋଶଳର ସମନ୍ୱୟ ଭିତ୍ତିକ ଯାତ୍ରା ଅଟେ। ଆଧୁନିକ ଓଡ଼ିଶା ଉପରୋକ୍ତ ରାଷ୍ଟ୍ରଗୁଡ଼ିକର ପରିବର୍ତ୍ତିତ ରୂପ। ଓଡ଼ିଶାର କଟକ ସହରରେ ବୋଇତ ବନ୍ଦାଣ ଓ ବାଲିଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଥାଏ। ଆଜି ଓଡ଼ିଶା ବନ୍ଦର ଭିତ୍ତିକ କ୍ଷେତ୍ରରେ ଏକ ବିକଶିତ ରାଜ୍ୟ ଭାବେ ପରିଚିତ ହେଲାଣି। ପୂର୍ବ ଭାରତର ଓଡ଼ିଶା ଆଜି ନୂତନ ବିକଶିତ ସାମୁଦ୍ରିକ କ୍ଷେତ୍ରରେ ଏକ ଆଗୁଆ ରାଜ୍ୟ। ଏହାର ୫୭୫ କିଲୋମିଟର ବ୍ୟାପୀ ଉପକୂଳକୁ ଦୃଷ୍ଟିରେ ରଖି ସରକାର ବିକଶିତ ଓଡ଼ିଶା-୨୦୩୬ ସହିତ ଯୋଡ଼ିଛନ୍ତି। ବାଲିଯାତ୍ରା ସହିତ ଏହି ସାମୁଦ୍ରିକ ପ୍ରଗତିର ସ୍ମୃତି ମଧ୍ୟ ଜଡ଼ିତ। ଓଡ଼ିଶାର କାଳଜୟୀ ସାମୁଦ୍ରିକ ପରମ୍ପରା ଲଜେଷ୍ଟିକ ଠାରୁ କ୍ରୁଜ୍ ପର୍ଯ୍ୟଟନ, ବନ୍ଦର ଇକୋସିଷ୍ଟମ ଠାରୁ ଜାହାଜ ନିର୍ମାଣ ସବୁ କ୍ଷେତ୍ରରେ ବିକଶିତ। ରାଜ୍ୟର ନୂତନ ସାମୁଦ୍ରିକ ଦୃଷ୍ଟିକୋଣ, ସମନ୍ୱିତ ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ ସହିତ ଏହି ଭିତ୍ତିଭୂମି ଉପରେ ନିର୍ଭର କରେ। ବନ୍ଦର ଅଞ୍ଚଳର ନିକଟବର୍ତ୍ତୀ କ୍ଷେତ୍ରର ବିକାଶ ଓ ଅଭିବୃଦ୍ଧି ଦ୍ୱାରା ସାମୁଦ୍ରିକ ବିକାଶ ହେବା ସହ ଏହା ଗୋଷ୍ଠୀ ସେବାକୁ ପ୍ରେରିତ କରିବ।

ଓଡ଼ିଶାର ୫୭୫ କିଲୋମିଟର ଉପକୂଳ ଭାରତର ସବୁଠାରୁ ସମୃଦ୍ଧ ସାମୁଦ୍ରିକ ସୀମା ମଧ୍ୟରୁ ଗୋଟିଏ, ପ୍ରାକୃତିକ ଡିପ୍-ଡ୍ରାଫଟ ପୋତାଶୟ ଏବଂ ବନ୍ଦର ସହିତ ସଂଯୁକ୍ତ। ବାଣିଜ୍ୟ ଏବଂ ଆର୍ଥିକ ବିକାଶକୁ ସହଜ କରିବା ପାଇଁ ଏହା ପୂର୍ବ ଏବଂ ମଧ୍ୟ ଭାରତର ପ୍ରାକୃତିକ ପ୍ରବେଶ ଦ୍ୱାର। ପାରାଦ୍ୱୀପ ଏବଂ ଧାମରା ଭଳି ପ୍ରମୁଖ ବନ୍ଦର ପୂର୍ବରୁ କାର୍ଯ୍ୟକ୍ଷମ ହେବା ସହିତ ସୁବର୍ଣ୍ଣରେଖା ଏବଂ ଅସ୍ତରଙ୍ଗ ଭଳି ଆଗାମୀ ପ୍ରକଳ୍ପ ଗୁଡ଼ିକ ସାମୁଦ୍ରିକ ଆର୍ଥିକ କାର୍ଯ୍ୟକଳାପକୁ ସହଜ କରିବା ପାଇଁ ସାମୁଦ୍ରିକ ଭିତ୍ତିଭୂମିକୁ ବିସ୍ତାର କରିବାରେ ସାହାଯ୍ୟ କରିବ। ଓଡ଼ିଶାର ଆଭିମୁଖ୍ୟ ସ୍ଥିରତା ଏବଂ ସଂସ୍କୃତିକୁ ସକାରାତ୍ମକ ଭାବରେ ସମନ୍ୱିତ କରିଥାଏ। ରାଜ୍ୟ ଏହାର ବନ୍ଦରଗୁଡ଼ିକୁ ଆଧୁନିକୀକରଣ କରିବା ସହିତ, ଏହା ହେନ୍ତାଳବନ ପୁନରୁଦ୍ଧାର, ବିଦ୍ୟୁତ ସୁବିଧା, ତେଲ-କ୍ଷତି ପାଇଁ ପ୍ରସ୍ତୁତି ଏବଂ ସବୁଜ ବନ୍ଦର ପ୍ରମାଣପତ୍ରରେ ସମାନ ଭାବରେ ନିବେଶ କରୁଛି। ବାଲିଯାତ୍ରା ଏକ ଅନ୍ତର୍ଜାତୀୟ ସାମୁଦ୍ରିକ ସପ୍ତାହରେ ବିକାଶିତ ହୋଇପାରିବ। ବିଶ୍ୱ ମଞ୍ଚରେ ଓଡ଼ିଶାର ବନ୍ଦର, ସିପୟାର୍ଡ୍, ପର୍ଯ୍ୟଟନ ଏବଂ ସାଂସ୍କୃତିକ କୂଟନୀତି ପ୍ରଦର୍ଶନ କରି ଏହାର ଐତିହ୍ୟକୁ ସଂରକ୍ଷଣକରି ନିବେଶକ ଏବଂ ଅଂଶୀଦାର ମାନଙ୍କୁ ଆକର୍ଷିତ କରୁଛି। ବାଲିଯାତ୍ରାର ପ୍ରଦୀପ ଠାରୁ ଆଧୁନିକ ସିପୟାର୍ଡ଼ର ଆଲୋକ ପର୍ଯ୍ୟନ୍ତ, ଓଡ଼ିଶା ସାମୁଦ୍ରିକ କାହାଣୀ ପୂର୍ଣ୍ଣାଙ୍ଗ ହୋଇଛି। ପ୍ରାଚୀନ ନାବିକମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ସ୍ୱରୂପ ଯାହା ଆରମ୍ଭ ହୋଇଥିଲା ତାହା ଏବେ ପ୍ରଗତିର ଏକ ନୂତନ ଯାତ୍ରାକୁ ପ୍ରେରଣା ଦେଉଛି। ଐତିହାସିକ ଦୃଷ୍ଟିକୋଣରୁ ପର୍ଯ୍ୟାଲୋଚନା କଲେ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ସମଗ୍ର ବିଶ୍ୱରେ ଭାରତ ଯେତେବେଳେ ଶୌର୍ଯ୍ୟ, ବୀର୍ଯ୍ୟ ଓ ସମ୍ପଦର ଚରମସୀମାରେ ଉପନୀତ ସେତେବେଳେ କଳିଙ୍ଗ ବା ଓଡ଼ିଶା ଥିଲା ତାର ମଉଡମଣି ତୁଲ୍ୟ। ଜଣାଯାଏ ଯେ ବୁଦ୍ଧଦେବଙ୍କ ଆବିର୍ଭାବର ବହୁ ପୂର୍ବରୁ କଳିଙ୍ଗ ନୌବାଣିଜ୍ୟ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିଲା। ଖ୍ରୀଷ୍ଟପୂର୍ବ ପଞ୍ଚମ ଓ ଷଷ୍ଠ ଶତାବ୍ଦୀ କାଳରେ ଓଡ଼ିଶାରେ ନୌବାଣିଜ୍ୟ ପ୍ରଚଳିତ ଥିବା ସୂଚିତ ହୁଏ। ପ୍ରାଚୀନ କାଳରେ କଳିଙ୍ଗ ବାଣିଜ୍ୟ, ବ୍ୟବସାୟ, ସ୍ଥାପତ୍ୟ, ଶିଳ୍ପକଳା, ସଭ୍ୟତା ଓ ସଂସ୍କୃତି କ୍ଷେତ୍ରରେ ଚରମସୀମାରେ ଉପନୀତ ହୋଇଥିଲା। ସେହି ଗୌରବକୁ ସ୍ମରଣ କରିବା ସକାଶେ ଏବେ ପାରାଦ୍ୱୀପ ଓ ଚାନ୍ଦବାଲି ଠାରେ ବୋଇତ ବନ୍ଦାଣ ଉତ୍ସବ ପାଳିତ ହେଉଛି। ସେଦିନର ସତ୍ୟ ଆଜିର ସ୍ମୃତିରେ ପରିଣତ ହୋଇ କେବଳ ବାଲିଯାତ୍ରା ଓ ବୋଇତ ବନ୍ଦାଣ ମାଧ୍ୟମରେ ଆମମାନଙ୍କୁ ସାମାନ୍ୟ ଆନନ୍ଦ ମାତ୍ର ପ୍ରଦାନ କରୁଛି।

**ସମ୍ପାଦିକା-ନିର୍ଦ୍ଦେଶିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ମୋବାଇଲ୍: ୯୯୩୭୧୭୨୮୧୦**

# ସାମାଜିକ ଜୀବନର ପର୍ବ ପ୍ରଥମାଷ୍ଟମୀ



ଡକ୍ଟର ଲକ୍ଷ୍ମଣ ସାହୁ

ଓଡ଼ିଆମାନଙ୍କର ବାର ମାସରେ ତେର ପର୍ବ। ଓଡ଼ିଆ ପାଞ୍ଜି ଅନୁସାରେ ମାର୍ଗଶୀର ମାସ କୃଷ୍ଣପକ୍ଷର ଅଷ୍ଟମୀ ତିଥିରେ ପ୍ରଥମାଷ୍ଟମୀ ପର୍ବ ପାଳନ ହୋଇଥାଏ। ପରିବାରର ଜ୍ୟେଷ୍ଠ ସନ୍ତାନର ସୁଖ ସମୃଦ୍ଧି ଓ ଦୀର୍ଘାୟୁ ପାଇଁ କାମନା କରାଯାଇଥାଏ। ଓଡ଼ିଶାରେ ଏହି ପାରମ୍ପରିକ ପର୍ବ ସୌଭାଗିନି ଅଷ୍ଟମୀ, କାଳ ଭୈରବାଷ୍ଟମୀ ବା ପାପନାଶିନୀ ଅଷ୍ଟମୀ ଭାବେ ପାଳିତ ହୁଏ। ପୂର୍ବରୁ ମାର୍ଗଶୀର ମାସରୁ ବର୍ଷ ଆରମ୍ଭ ହେଉଥିଲା। ତେଣୁ ବର୍ଷର ପ୍ରଥମ ମାସର ପ୍ରଥମ ଅଷ୍ଟମୀକୁ ପ୍ରଥମାଷ୍ଟମୀ ବୋଲି ଧରାଯାଇଛି।

ଓଡ଼ିଆ ପରମ୍ପରା ଅନୁଯାୟୀ ମାମୁଁମାନେ ଜ୍ୟେଷ୍ଠ ସନ୍ତାନର 'ପଢୁଆଁ' କରିବାର ବିଧି ରହିଛି। ଜ୍ୟେଷ୍ଠ ସନ୍ତାନର ନୂତନ ବସ୍ତ୍ର ପରିଧାନ ଓ ବନ୍ଦାପନା ହେବାର ବିଶେଷ ବିଧିକୁ 'ପଢୁଆଁ' ହେବା କହିଥାନ୍ତି। ମାମୁଁ ଘରୁ ନୂଆ ଲୁଗା, ମିଠା ଓ ଅନ୍ୟାନ୍ୟ ସାମଗ୍ରୀ ଆସିଥାଏ। ସେଥିପାଇଁ ଶ୍ରଦ୍ଧା ଓ ପରିହାସ ଛଳରେ ମାମୁଁମାନଙ୍କୁ 'ଅଷ୍ଟମୀ ବନ୍ଧୁ' ବୋଲି କୁହାଯାଏ। କେତେକାଂଶରେ ମା'ମାନେ ଫୁଲ, ଚନ୍ଦନ, ବରକୋଳି ପତ୍ର ଓ ହଳଦୀମିଶା ଚାଉଳ ନେଇ ବନ୍ଦାପନା କରିଥାନ୍ତି। ବନ୍ଦାପନା ପରେ ଜ୍ୟେଷ୍ଠ ସନ୍ତାନମାନେ ପ୍ରଥମେ ଷଠୀ ଦେବୀଙ୍କୁ ମୁଣ୍ଡିଆ ମାରିବା ସହ ମାତା ପିତା ଓ ଗୁରୁଜନମାନଙ୍କ ଆଶୀର୍ବାଦ ନେଇଥାନ୍ତି। ଜ୍ୟେଷ୍ଠ ସନ୍ତାନମାନଙ୍କ ଉପରେ ପରିବାରର ସକଳ ଦାୟିତ୍ୱ ରହିଥାଏ। ଏହି ବିଧିରେ ସାମାଜିକ ଓ ପାରିବାରିକ ବନ୍ଧନ, ଶୃଙ୍ଖଳା ଓ ଆଦର୍ଶବୋଧ ଅତିମାତ୍ରାରେ ନିହିତ ଥିବାରୁ ସେମାନଙ୍କୁ ସମ୍ମାନ ଜଣାଇବା ପାଇଁ ପ୍ରଥମାଷ୍ଟମୀ ପର୍ବ ପାଳନ କରାଯାଏ। ବିଶେଷ କରି ପ୍ରଥମାଷ୍ଟମୀର ବିଶେଷତ୍ୱ ହେଉଛି ଏଣ୍ଡୁରି ପିଠା। ଏଥିରେ ହଳଦୀ ପତ୍ରର ବ୍ୟବହାର ହୋଇଥାଏ। ତେଣୁ ଏଣ୍ଡୁରି ପିଠା ଅତ୍ୟନ୍ତ ସ୍ୱାଦିଷ୍ଟ , ରୁଚିକର ଓ ସୁବାସିତ ହୋଇଥାଏ। ଅନ୍ୟ କୌଣସି ପର୍ବରେ ସେଭଳି ହଳଦୀ ପତ୍ର ବ୍ୟବହାର ହୋଇନଥାଏ। ଓଡ଼ିଶାର ପୁରପଲ୍ଲୀରେ ପ୍ରଥମାଷ୍ଟମୀ ସହ କାଞ୍ଜିଅଁଳା ଓଷା ମଧ୍ୟ ପାଳନ ହୋଇଥାଏ।ମାଆମାନେ ଘରର ସନ୍ତାନମାନଙ୍କ ମଙ୍ଗଳକାମନା ପାଇଁ ଷଠୀ ଦେବୀଙ୍କ ପାଖରେ ଶୁଭମନାସୀଥାନ୍ତି।

ପ୍ରଥମାଷ୍ଟମୀ ଦିନ ଭୁବନେଶ୍ୱର ଲିଙ୍ଗରାଜ ମହାପ୍ରଭୁଙ୍କର ମାମୁଁଘର ଯାତ୍ରା ହୋଇଥାଏ। ଲିଙ୍ଗରାଜ ମହାପ୍ରଭୁ ଏହିଦିନ ତାଙ୍କ ମାମୁଁଘର ରୂପେ ପରିଚିତ କପାଳିମଠ (ଲିଙ୍ଗରାଜ ମନ୍ଦିର ସଂଲଗ୍ନ)କୁ ପଢୁଆଁ ହେବା ପାଇଁ ଯାଇଥାନ୍ତି। ଏହିମଠର ଆରାଧ୍ୟ ଦେବତା 'ବରୁଣେଶ୍ୱର' ଓ 'ବନଦେବ'। ଏ ଦୁହେଁ ଲିଙ୍ଗରାଜଙ୍କର ମାମୁଁ- ମାଇଁ ରୂପେ ଜନଶ୍ରୁତି ରହିଛି। ଏହି ମଠ ହତାରେ ଗୋଟିଏ ପୁଷ୍କରିଣୀ ରହିଛି। ତାହା ପାପନାଶିନୀ ରୂପେ ଲୋକ ବିଶ୍ୱାସ ରହିଛି। 'ପ୍ରଥମାଷ୍ଟମୀ ଦିନ ସେହି ପୁଷ୍କରିଣୀର ଯେକେହି ଜଳ ପାନକଲେ ତା'ର ସକଳ ପାପକ୍ଷୟ ହୁଏ। ଏପରିକି ବନ୍ଧ୍ୟାନାରୀ ସନ୍ତାନବତୀ ହୁଏ ବୋଲି ପ୍ରବାଦ ଅଛି।

ପ୍ରଥମାଷ୍ଟମୀର ଅନ୍ୟ ନାମ 'ସୌଭାଗିନୀ ଅଷ୍ଟମୀ'। ପୂର୍ବେ ଏହିଦିନ ସୌଭାଗିନୀ ଦେବୀଙ୍କର ପୂଜା ସମ୍ଭବତଃ ପ୍ରଚଳିତ ଥିଲା। କୃଷକ ସନ୍ତାନ ଲାଭ କରିଛି ଓ ଶସ୍ୟ ମଧ୍ୟ ପାଇଛି କିମ୍ବା ଶସ୍ୟ ରୂପକ ସନ୍ତାନ ମଧ୍ୟ ସେ ଲାଭ କରିଛି- ଏହା ଅତ୍ୟନ୍ତ ସୌଭାଗ୍ୟର କଥା। କୃଷକର ମନ ଏଥିଲାଗି ଆନନ୍ଦିତ ଓ ଉଲ୍ଲସିତ। ସେ ଅତି ଆନନ୍ଦରେ ଏହି ତିଥିକୁ ସୌଭାଗିନୀ ଅଷ୍ଟମୀ ରୂପେ ପାଳି ଆସିଛି। ଏହି ପ୍ରଥମାଷ୍ଟମୀକୁ 'କାଳ ଭୈରବାଷ୍ଟମୀ' ମଧ୍ୟ କୁହାଯାଏ। ଏହିଦିନ କାଳ ଭୈରବଙ୍କର ବ୍ରତ ଓ ପୂଜାର ପ୍ରଚଳନ ଥିଲା। ଯଦିଓ ଏବେ ଏହିପୂଜା ଲୁପ୍ତପ୍ରାୟ। ସ୍କନ୍ଦ ପୁରାଣର କୋଶୀଖଣ୍ଡରେ ଉଲ୍ଲେଖ ଅଛି, ମାର୍ଗଶିର ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଯେଉଁମାନେ କାଳଭୈରବୀଙ୍କ ନିକଟରେ ବ୍ରତ, ଉପବାସ ଓ ଜାଗରଣ ଆଦି ନିଷ୍ଠାର ସହିତ ସମ୍ପାଦନ କରନ୍ତି ସେମାନେ ସକଳ ପାପରୁ ମୁକ୍ତ ହୁଅନ୍ତି।

ଅନ୍ୟପକ୍ଷରେ ତନ୍ତ୍ର ପରମ୍ପରାରେ ଉଲ୍ଲେଖ ରହିଛି ତନ୍ତ୍ରସାଧକମାନଙ୍କ ସାଧନା ପାଇଁ ଏହି ପ୍ରଥମାଷ୍ଟମୀର ରାତ୍ରି ବିଶେଷ ଗୁରୁତ୍ୱପୂର୍ଣ୍ଣ। ତାନ୍ତ୍ରିକ ଭାଷାରେ ଏହାର ନାମ 'ଘୋରରାତ୍ର' । ନବଦୁର୍ଗାଙ୍କ ମଧ୍ୟରୁ କାଳରାତ୍ରି ଅନ୍ୟତମା। ଆଦ୍ୟାଶକ୍ତି କାଳରାତ୍ରି ରୂପେ ଏହିଦିନ ଅବତୀର୍ଣ୍ଣା ହୋଇଥିଲେ। ତନ୍ତ୍ର ସମ୍ବନ୍ଧୀୟ ବିଭିନ୍ନ ଶାସ୍ତ୍ରରେ ଏସବୁ ବିଷୟରେ ଉଲ୍ଲେଖ ଅଛି। ଅତୀତରେ ବହୁ ସ୍ଥାନରେ ଭୈରବ ଓ ଭୈରବୀଙ୍କୁ ପୂଜା କରାଯାଉଥିଲା।

କେବଳ ଓଡ଼ିଶାର ଘରେ ଘରେ ନୁହେଁ ଶ୍ରୀମନ୍ଦିରରେ ମଧ୍ୟ ପ୍ରଥମାଷ୍ଟମୀ ପର୍ବ ପାରମ୍ପରିକ ରୀତି ଅନୁସାରେ ପାଳିତ ହୋଇଥାଏ। ଓଡ଼ିଆ ମାନଙ୍କର ଶ୍ରୀଜଗନ୍ନାଥ ମହାପ୍ରଭୁ ହେଉଛନ୍ତି ଆଦିଦେବ ବଡ଼ଠାକୁର। ବ୍ରହ୍ମାଣ୍ଡରେ ତାଙ୍କଠାରୁ ବଡ଼ କେହି ନାହାଁ। ଶ୍ରୀମଦ୍ ଭଗବଦ୍ ଗୀତାରେ କୁହାଯାଇଛି, 'ତ୍ୱମାଦିଦେବଃ ପୁରୁଷ ପୁରାଣସ୍ତ୍ୱମସ୍ୟ ବିଶ୍ୱସ୍ୟ ପରଂ ନିଧାନମ୍'। (ଭ.ଗୀ- ୧୧/୩୮) ବିଶ୍ୱରେ ସବୁଠାରୁ ବଡ଼ ହିସାବରେ ପ୍ରଥମାଷ୍ଟମୀ ଦିନ ତାଙ୍କର ସ୍ୱତନ୍ତ୍ର ପୂଜାବିଧି ଶ୍ରୀମନ୍ଦିରରେ ପାଳିତ ହୋଇଥାଏ। ଶ୍ରୀମନ୍ଦିରରେ ପ୍ରଥମାଷ୍ଟମୀ ପର୍ବ ମାର୍ଗଶିର କୃଷ୍ଣ ଉଦୟବ୍ୟାପିନୀ ଅଷ୍ଟମୀ ତିଥିରେ ଅନୁଷ୍ଠିତ ହୋଇଥାଏ। ଏହି ଦିନର ବିଧିବିଧାନ ସଂପର୍କରେ ନୀଳାଦ୍ରି ମହୋଦୟ ଗ୍ରନ୍ଥରେ ବିସ୍ତୃତ ଭାବରେ ବର୍ଣ୍ଣିତ ହୋଇଛି। ପ୍ରଥମାଷ୍ଟମୀ ଦିନ ଶ୍ରୀମନ୍ଦିରରେ ଭୋଗମଣ୍ଡପ ସରିବା ପରେ ତିନି ବାଡ଼ରେ ମଇଲମ କରାଯାଇ ପୂଜାପଣ୍ଡା ସେବକଙ୍କ ଦ୍ୱାରା ମହାସ୍ନାନ ନୀତି ସମ୍ପନ୍ନ ହୋଇଥାଏ।

ଏହା ପରେ ପୁଷ୍ପାଳକ ସେବକମାନେ ଠାକୁରମାନଙ୍କୁ ନୂଆଲୁଗା ଲାଗି କରାନ୍ତି। ଏହାପରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ସେବକ ତିନି ବାଡ଼ିରେ ଚନ୍ଦନ ଲାଗି କରିଥାନ୍ତି। ଚନ୍ଦନଲାଗି ବଢ଼ିଲେ ଠାକୁରମାନଙ୍କୁ ବେଶ କରାଯାଏ। ଏହି ବେଶରେ ଛଅମୂର୍ତ୍ତି ସ୍ୱର୍ଣ୍ଣ ଅଳଂକାର ଲାଗି କରାଯାଏ। ଶ୍ରୀବିଗ୍ରହମାନଙ୍କଠାରେ କର୍ପୂର ଲାଗିକରି ପୁଷ୍ପାଳକମାନେ ସିଂହାସନରୁ ଓହ୍ଲାଇ ଆସିଲାପରେ ସୁଦୁସୁଆର ପୂଜା କରିବା ଉତ୍ତାରେ ତିନି ବାଡ଼ରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ସେବକ ବରୁଣପୂଜା କରିଥାନ୍ତି। ମଧ୍ୟାହ୍ନ ଧୂପ ଉଠିଲେ ତିନି ବାଡ଼ରେ ମଙ୍ଗଳାର୍ପଣ ବଢ଼ି ଫୁଲପରିଆ, ଖଦି ଓ ଛେନା ପ୍ରସାଦ ଲାଗିସରି ବନ୍ଦାପନା କରାଯାଇଥାଏ। ଏହିଦିନ ସ୍ୱତନ୍ତ୍ରଭାବେ ଷାଠିଏ ପଉଟି ବ୍ୟଞ୍ଜନ ପ୍ରସ୍ତୁତ ମଧ୍ୟରେ ଏଣ୍ଡୁରୀ ପିଠା ସହିତ ନାଡ଼ୀ, ଧଉଳା, ଖଇରଚୂଳ, ସାନ ଆରିସା, ସରପୁଳି ପିଠା ଓ ଘିନାଡ଼ୀ, କାନ୍ତ କାକରା, ଗଜା, ବଡ଼ ଡ଼ାଳିମ୍ବ,ଓରିଆ, ମୁଗ, ଖିରୀ ଇତ୍ୟାଦି ମହାପ୍ରଭୁଙ୍କ ନିକଟରେ ଭୋଗ କରାଯାଇଥାଏ। ପ୍ରଥମାଷ୍ଟମୀ ପର୍ବଟି ମହାପ୍ରଭୁଙ୍କ 'ମାନବୀୟ ଲୀଳା'ର ଅନ୍ୟ ଏକ ଉଦାହରଣ। ପରିବାରର ଜ୍ୟେଷ୍ଠସନ୍ତାନ ପରି ସମଗ୍ର ବିଶ୍ୱର ଜ୍ୟେଷ୍ଠ ହିସାବରେ ବଡ଼ଠାକୁରଙ୍କୁ ଶ୍ରୀମନ୍ଦିରରେ ପ୍ରଥମାଷ୍ଟମୀ ଦିନ ପଢୁଆଁ କରାଯିବା ନୀତିକୁ ଯେଉଁ ଭକ୍ତଗଣ ଚର୍ମଚକ୍ଷୁରେ ଦର୍ଶନ କରନ୍ତି, ସେମାନଙ୍କର ସମସ୍ତ ପାପତାପ ଖଣ୍ଡିତ ହୋଇ ବୈକୁଣ୍ଠପ୍ରାପ୍ତି ସୁଗମ ହୋଇଥାଏ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି। 'ପଶ୍ୟେଦ୍ ବା ପରୟା ଭକ୍ତ୍ୟା ମୁକ୍ତ ସ୍ୟାତପାପବୃନ୍ଦତଃ। ଅନ୍ତେ ବିଷ୍ଣୁପୁରଂ ଗଚ୍ଛେତ୍ ସର୍ବଶର୍ମପ୍ରବଂ ପରମା।"



ଦେଖିବାକୁ ଗଲେ ବଡ଼ଭାଇ ତଥା ମହାପ୍ରଭୁ ବଳଭଦ୍ର ହେବେ ପୋଢୁଆଁ। ସେଥିପାଇଁ ଶ୍ରୀଜଗନ୍ନାଥଙ୍କ ମାମୁ ଘର ଭାବେ ପରିଚିତ ନିଆଳିସ୍ଥିତ ମାଧବାନନ୍ଦ ମନ୍ଦିରରୁ ଶ୍ରୀମନ୍ଦିରକୁ ଆସିଛି ପୋଢୁଆଁ ଭାର। କିମ୍ବଦନ୍ତୀ ଅନୁସାରେ ନିଆଳିର ମାଧବ ହେଉଛନ୍ତି ଶ୍ରୀଜଗନ୍ନାଥଙ୍କ ମାମୁ ଘର। ବହୁପୁରାତନ କାଳରେ ପ୍ରଥମାଷ୍ଟମୀରେ ମାମୁ ଘରୁ ଶ୍ରୀଜଗନ୍ନାଥଙ୍କ କ୍ଷେତ୍ରକୁ ଜଗା ବଳିଆ ପାଇଁ ପଢୁଆଁ ଭାର ନିଆଯାଉଥିଲା। ଯାହା କାଳକ୍ରମେ ବନ୍ଦ ହୋଇଯାଇଥିଲା। କିନ୍ତୁ ଏବେ ମାମୁ ଘର ନିଆଳିର ମାଧବାନନ୍ଦ ଟ୍ରଷ୍ଟ, ଯାଦବ ସଂଗଠନ ଓ ଭକ୍ତଗଣଙ୍କ ନିଷ୍ପତ୍ତି ଅନୁସାରେ ପୁନର୍ବାର ଏହି ପରମ୍ପରାକୁ ଉଜ୍ଜିବୀତ କରାଯାଇଛି। ତେଣୁ ନିଆଳି ମାଧବ ପୀଠରୁ ସଂକୀର୍ତ୍ତନ ମଣ୍ଡଳୀ ସହ ପୋଢୁଆଁ ଭାର ଶୋଭାଯାତ୍ରାରେ ନିଆଯାଇ ଶ୍ରୀମନ୍ଦିର ସେବାୟତଙ୍କୁ ପ୍ରଦାନ କରାଯାଇଥାଏ। ବିଶେଷ କରି ଏଥିରେ ମାଧବ ମନ୍ଦିର ଟ୍ରଷ୍ଟ, ନିଯୋଗ ଓ ସ୍ଥାନୀୟ ଅଞ୍ଚଳବାସୀ ବଳଭଦ୍ରଙ୍କ ପାଇଁ ୭ଖଣ୍ଡ ପାଟ, ୭ ଖଣ୍ଡ ଖଣ୍ଡୁଆ, ପିଠା, ଫଳମୂଳ ଭାର ପଠାଇଥାନ୍ତି।

ବାସ୍ତବରେ ଉତ୍କଳର ପର୍ବପର୍ବାଣୀ 'ପ୍ରଥମାଷ୍ଟମୀ' ଆମ ସାମାଜିକ ଓ ସାଂସ୍କୃତିକ ଜୀବନର ମହନୀୟ ଐତିହ୍ୟର ସ୍ମାରକୀ। ଏଥିପାଇଁ ଓଡ଼ିଆମାନେ ଅନ୍ୟମାନଙ୍କ ଠାରୁ ଅଧିକ ହୁଏତ ରକ୍ଷଣଶୀଳ ହେଇପାରନ୍ତି, କିନ୍ତୁ ଏସବୁ ଦ୍ୱାରା ଓଡ଼ିଆ ମାନେ ବିଭବଶାଳୀ। ପ୍ରଥମାଷ୍ଟମୀ ପାଳନରେ କେବଳ ଘରର ଜ୍ୟେଷ୍ଠ ସନ୍ତାନ ନୁହେଁ, ତା'ର ଇଷ୍ଟ , ଜଗତର ବଡ଼ ଠାକୁର ଜଗନ୍ନାଥଙ୍କ ପୂଜାର୍ଚ୍ଚନା କରି ପରମ ଶାନ୍ତି ଲାଭ କରେ। ଏହାହିଁ ତା'ର ସାମାଜିକ ଭାବଧାରା ଓ ବ୍ୟକ୍ତିଗତ ତଥା ଜାଗତିକ ଅଭିମାନର ପରିପ୍ରକାଶ..!!!

ଅଧ୍ୟକ୍ଷ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ
କଟକ -୪ , ସଂପର୍କ: ୯୦୪୦୧୫୧୪୭୫

# ବାଲିଯାତ୍ରା ଭିଡ଼କୁ ଯିବାକୁ ଭୟ କରୁଛନ୍ତି : ଏହା ଫୋବିୟା ନୁହେଁ ତ ?

ପ୍ରଫେସର ଡାକ୍ତର ସମ୍ରାଟ କର



ମାନୁ ମାଉସୀଙ୍କୁ ମୁଁ କଟକ ବାଲିଯାତ୍ରା ଦେଖିଯିବାକୁ କହିଲି। ସେ ମୋତେ ବହୁତ ଭଲ ପାଆନ୍ତି। ବାଲିଯାତ୍ରାରେ ଠୁଙ୍କାପୁରୀ ଆଉ କଟକ ଦହିବରାର ମଜା ନେବା ସହ ଘରକରଣା ଜିନିଷ କିଣାକିଣି ପାଇଁ ଭାବୁଥିଲି ମାଉସୀ ନିଶ୍ଚୟ ରାଜି ହେବେ। ମା', ଖୁଡ଼ୀ ସମସ୍ତଙ୍କୁ ନେଇ ବାଲିଯାତ୍ରା ଦେଖାଇବାର ଇଚ୍ଛା ମୋର ଥିଲା। ମାନୁ ମାଉସୀଙ୍କୁ ଡାକିବାରୁ ସେ ମନା କଲେ। ମୁଁ ତାଙ୍କୁ କାରଣ ପଚାରିବାରୁ ସେ କହିଲେ ମୁଁ କିଛି ବର୍ଷ ତଳେ ଥରେ ବାଲିଯାତ୍ରାକୁ ଯାଇଥିଲି, ସେଠି ଏତେ ଭିଡ଼ ଥିଲା ଯେ ମତେ କିଏ ଚାରିକଡ଼ୁ ଚାପିଦେଲା ପରି ଲାଗିଲା। ମୁଁ ନିଶ୍ୱାସ ନେଇପାରିଲି ନାହିଁ। ସେହି ଦିନ ଠାରୁ ଭିଡ଼ ଦେଖିଲେ ମତେ ଡର ଲାଗେ। ମୁଁ ଗହଳି ଭିତରକୁ ଯାଏ ନାହିଁ। ମୋର ସେଇ ଦିନ କଥା ମନେ ପଡ଼େ। ଆଜି ପର୍ଯ୍ୟନ୍ତ ମୁଁ ସେ ଅନୁଭୂତି ଭୁଲିନି। ମୁଁ ସେ ଭିତରେ ପଶିପାରିବିନି। ତୁମେ ଯାଅ। ଏକଥା ଶୁଣି ମୁଁ କହିଲି ଏହା ଗୋଟିଏ ପ୍ରକାର ଅହେତୁକ ଭୟ। ଏହାକୁ ଫୋବିୟା କହନ୍ତି। ମୁଁ କହିଲି ଅଧିକାଂଶ ଲୋକଙ୍କ ଠାରେ ଏ ପ୍ରକାର ଭୟ ଦେଖାଯାଏ। ମାତ୍ର ମାତ୍ରାଧିକ ହେଲେ ନିଜର ଦୈନନ୍ଦିନ କାର୍ଯ୍ୟରେ ବାଧା ସୃଷ୍ଟି କରେ। ତାକୁ ରୋଗ ବୋଲି କୁହାଯାଏ। ଓ ମାନସିକ ରୋଗ ଚିକିତ୍ସକଙ୍କୁ ଦେଖାଇ ଔଷଧ ଖାଇଲେ ଏ ରୋଗରୁ ଉପଶମ ମିଳିଥାଏ।

**ଫୋବିୟା କ'ଣ:** ଫୋବିୟା ହେଉଛି କୌଣସି ସ୍ଥାନ, ବସ୍ତୁ, କାର୍ଯ୍ୟ ଓ ପରିସ୍ଥିତି ପ୍ରତି ଅହେତୁକ ଭୟ। ଯେପରିକି କେତେକ ଲୋକ ଭିଡ଼ ଭିତରକୁ ଯିବାକୁ ଭୟ କରନ୍ତି, ଉଚ୍ଚ ସ୍ଥାନକୁ ଯିବାକୁ ଭୟ କରନ୍ତି, ଘରୁ ରାସ୍ତାକୁ ଯିବାକୁ ଭୟ କରନ୍ତି, କୌଣସି ଜୀବଜନ୍ତୁ କିଛି କ୍ଷତି କରିବ ନାହିଁ ଜାଣି ମଧ୍ୟ ତାକୁ ଭୟ କରନ୍ତି। ସେଥିଯୋଗୁଁ ସେମାନେ ସେହି ସ୍ଥାନ, ବସ୍ତୁ ବା କାର୍ଯ୍ୟଠାରୁ ଦୂରେଇ ରହିବାକୁ ଚାହାନ୍ତି। ପ୍ରାୟ ପ୍ରତ୍ୟେକ ଲୋକଙ୍କ ଠାରେ ଏକ ପ୍ରକାର ଭୟ ଅଳ୍ପ ଅଧିକେ ଥାଏ ମାତ୍ର ଯେତେବେଳେ ଅତ୍ୟଧିକ ହୋଇ ମାନସିକ ବ୍ୟଥା ଦିଏ ଏବଂ ନିଜର ଦୈନନ୍ଦିନ କାର୍ଯ୍ୟରେ ବାଧା ସୃଷ୍ଟି କରେ ସେତେବେଳେ ଏହା ଏକ ରୋଗ ବୋଲି ଧରାଯାଏ। ଅସ୍ୱାଭାବିକ ପରିସ୍ଥିତିର ଭୟାବହତାକୁ ସମ୍ଭାବନା କରି ଲୋକଟିର ମନରେ କଷ୍ଟ ହୋଇଥାଏ। ତେଣୁ ସେ ଏପରି ପରିସ୍ଥିତି ଠାରୁ ଦୂରେଇ ରହିବାକୁ ଚେଷ୍ଟା କରେ ଏବଂ ଏହାର ସାମନା କଲେ ଆତଙ୍କିତ ହୋଇଯାଏ।

**ଆଗାରୋଫୋବିୟା:** କୌଣସି ପରିସ୍ଥିତି ପ୍ରତି ଅସ୍ୱାଭାବିକ ଭୟକୁ ଆଗାରୋଫୋବିୟା ବୋଲି କୁହାଯାଏ। ସାଧାରଣତଃ ଏ ପ୍ରକାର ଫୋବିୟା ଲୋକମାନଙ୍କ ଠାରେ ଅଧିକ ଦେଖାଯାଏ। ପୁରୁଷମାନଙ୍କ ତୁଳନାରେ ସ୍ତ୍ରୀ ଲୋକମାନଙ୍କ ଠାରେ ଅଧିକ ହୋଇଥାଏ। ଏ ପ୍ରକାର ଫୋବିୟାରେ ମନୁଷ୍ୟ ଯେତେବେଳେ ନିଜ ପରିବାର ବା ଚିରାଚରିତ ପରିସ୍ଥିତିରୁ ଦୂରେଇଯାଏ ତାକୁ ଅହେତୁକ ଭୟ ଲାଗିଥାଏ। ଗୋଟିଏ ପରିସ୍ଥିତିରୁ ଆଉ ଗୋଟିଏ ପରିସ୍ଥିତିକୁ ଗଲେ ଲୋକଟି ହଠାତ୍ ବିଚଳିତ ହୋଇପଡ଼େ। ତାକୁ ସାହାଯ୍ୟ କରିବାକୁ କେହି ନଥାନ୍ତି। ସେହି ପରିସ୍ଥିତିକୁ ମୁକାବିଲା କରିବା ପାଇଁ ତା'ର ସାହାସ ହୁଏ ନାହିଁ କି ସେ ଉପାୟ ପାଏ ନାହିଁ। ତେଣୁ ସେ ବିବ୍ରତ ହୋଇଯାଏ। ଉଦାହରଣ ସ୍ୱରୂପ ଘର ଠାରୁ ଦୂରରେ ଏକା ରହିବା, ଭିଡ଼ ଭିତରେ ରହିଯିବା, ଟ୍ରେନ, ବସ୍ ଆଦିରେ ଏକାକୀ ବୁଲିବା ଇତ୍ୟାଦି କାର୍ଯ୍ୟଗୁଡ଼ିକୁ ସେ ସମ୍ମୁଖୀନ ହୋଇପାରେ ନାହିଁ। ଧୀରେ ଧୀରେ ପରିସ୍ଥିତି ଅଧିକ ଜଟିଳ ହୋଇଥାଏ। ଲୋକଟିର ନିଜର ଦୈନନ୍ଦିନ କାର୍ଯ୍ୟ ବାଧାପ୍ରାପ୍ତ ହୁଏ। ସେ ବାହାରକୁ ନ ଯାଇ ଘର ଭିତରେ ରହିବାକୁ ଭଲ ପାଏ। କେବଳ ଜଣେ ଦି'ଜଣ ବିଶ୍ୱସ୍ତ ଲୋକଙ୍କ ସହିତ ଘର ଛାଡ଼ିଯାଏ।



**ପ୍ରଭାବ:** ଏହା ସାଧାରଣତଃ ସ୍ତ୍ରୀଲୋକମାନଙ୍କ ଠାରେ ଅଧିକ ଦେଖାଦେଇଥାଏ। ଏ ରୋଗ ପ୍ରାୟତଃ ୨୫-୩୫ ବର୍ଷ ବୟସରେ ହଠାତ୍ ଆରମ୍ଭ ହୋଇଥାଏ। ଧୀରେ ଧୀରେ ଏହା ଅତ୍ୟଧିକ ହୋଇଥାଏ ଏବଂ ନିଜର ଦୈନନ୍ଦିନ କାର୍ଯ୍ୟରେ ବାଧାପ୍ରାପ୍ତ ହୋଇଥାଏ।

**କାରଣ:** ଏହା ସେରୋଟୋନିନ୍, ଗାବା, ଆଡ୍ରେନାଲିନ୍, ଡୋପାମିନ ଆଦି ମସ୍ତିଷ୍କରେ ଥିବା ସ୍ନାୟୁରସର ବିଶୃଙ୍ଖଳତା ଯୋଗୁଁ ହୋଇଥାଏ। ଏକ ସୂତ୍ରରୁ ଜଣାପଡ଼ିଛି ଯେ ନିଜର ରକ୍ତ ସମ୍ପର୍କୀୟ ଲୋକମାନଙ୍କ ଠାରେ ଏ ରୋଗ ଥିଲେ ଅନ୍ୟମାନଙ୍କୁ ହେବାର ସମ୍ଭାବନା ଅଧିକ ଥାଏ। ତେଣୁ ଏହା ବଂଶଗତ ହୋଇପାରେ।

**ଚିକିତ୍ସା:** ଏହି ରୋଗର ଲକ୍ଷଣ ଦେଖାଦେଲେ ଶୀଘ୍ର ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେବା ଉଚିତ। ଏହି ରୋଗର ଚିକିତ୍ସା, ଔଷଧ ଓ ମନସ୍ତାତ୍ତ୍ୱିକ ଚିକିତ୍ସା ଦ୍ୱାରା କରାଯାଇଥାଏ। ଏହି ରୋଗରେ ମନରୁ ଅହେତୁକ ଭୟ ଦୂର କରିବା ପାଇଁ ଔଷଧ ଅତ୍ୟନ୍ତ ଉପଯୋଗ ହୋଇଥାଏ। ମନସ୍ତାତ୍ତ୍ୱିକ ଚିକିତ୍ସା ଦ୍ୱାରା ରୋଗୀ ମନରେ ଜନ୍ମୁଥିବା ଅହେତୁକ ଭୟକୁ ବୁଝାସୁଝା ଦ୍ୱାରା କମ୍ କରାଯାଇଥାଏ। ଫଳରେ ରୋଗୀ ମନରୁ ଭୟ କମିଯାଏ। ଏହି ରୋଗ ଯଦିଓ କୌଣସି କାରଣରୁ ଜନ୍ମ ନେଇ ନଥାଏ ତଥାପି ଅନେକ କ୍ଷେତ୍ରରେ ପରିସ୍ଥିତିର ଅନୁଭୂତି ହିଁ ତାର ଭୟର କାରଣ ହୋଇଥାଏ। ଏହାକୁ ରୋଗ ବୋଲି ଭାବି ମାନସିକ ରୋଗ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରି ଚିକିତ୍ସା କଲେ ଏହି ରୋଗରୁ ଉପଶମ ମିଳିଥାଏ। ବର୍ଷକୁ ଥରେ ଆସୁଥିବା ମହାନଦୀ ପଠାର ବାଲିଯାତ୍ରା ଗହଳିକୁ ନେଇ ମନ ଭିତରେ ସେପରି ଭିଡ଼ ଭୟ ରଖନ୍ତୁ ନାହିଁ। ତେବେ ପ୍ରଶାସନର ସୂଚନାକୁ ଲକ୍ଷ୍ୟ ରଖି ଅତ୍ୟଧିକ ଗହଳି ଭିତରକୁ ଯାଆନ୍ତୁ ନାହିଁ, କୌଣସି ଗୁଜବ ପ୍ରସାରଣ କରନ୍ତୁ ନାହିଁ ଏବଂ ମାନସିକ ପୀଡ଼ିତ କୌଣସି ରୋଗୀଙ୍କୁ ଏହି ଭିଡ଼ ଭିତରକୁ ନେବା ଉଚିତ ନୁହେଁ। ସବୁବେଳେ ମନେ ରଖନ୍ତୁ ଜଣେ ଆନନ୍ଦ ପୂର୍ଣ୍ଣ ଜୀବନ ନିର୍ବାହ କରିବା ହିଁ ବଡ଼ ମେଳା, ବଡ଼ ମହୋତ୍ସବ।

**ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ, ମୋବାଇଲ୍: ୯୧୩୨୪୩୩୩୩୩**

# ଆଜି ବିହାରରେ ଶେଷ ପର୍ଯ୍ୟାୟ ଭୋଟ



**ପାଟନା, ୧୦।୧୧:** ମଙ୍ଗଳବାର ବିହାର ବିଧାନସଭା ନିର୍ବାଚନ ଲାଗି ଦ୍ୱିତୀୟ ତଥା ଶେଷ ପର୍ଯ୍ୟାୟ ମତଦାନ କରାଯିବ। ଏଥିଲାଗି ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ୧୦୦ରୁ ଅଧିକ ଆସନରେ ୧୮ ପ୍ରତିଶତ ଦଳିତ ଭୋଟରଙ୍କ ଭୋଟ୍ ନିର୍ଣ୍ଣାୟକ ହୋଇପାରେ। ଏହି ପର୍ଯ୍ୟାୟରେ ୧୦୦ରୁ ଅଧିକ ଆସନରେ ଦଳିତମାନଙ୍କର ପ୍ରତ୍ୟକ୍ଷ ପ୍ରଭାବ ରହିଛି। ଦ୍ୱିତୀୟ ପର୍ଯ୍ୟାୟରେ ୨୦ ଜିଲ୍ଲାର ୧୨୨ ବିଧାନସଭା ଆସନ ପାଇଁ ଭୋଟ୍ ଗ୍ରହଣ କରାଯିବ। ୧୨୨ ଆସନ ମଧ୍ୟରୁ ୧୦୧ଟି ସାଧାରଣ ବର୍ଗ, ୧୯ଟି ଅନୁସୂଚିତ ଜାତି ପାଇଁ ଏବଂ ୨ଟି ଅନୁସୂଚିତ ଜନଜାତି ପାଇଁ ସଂରକ୍ଷିତ ରହିଛି।

**୨୦ ଜିଲ୍ଲାର ୧୨୨ ଆସନରେ ହେବ ମତଦାନ**

**୧,୩୦୨ ପ୍ରାର୍ଥୀଙ୍କ ଭାଗ୍ୟନିର୍ଣ୍ଣୟ କରିବେ**

**ଦଳିତ ଭୋଟ ଉପରେ ସମସ୍ତ ଦଳର ଆଖି**

ଦ୍ୱିତୀୟ ପର୍ଯ୍ୟାୟରେ ମତଦାନ ହେବାକୁ ଥିବା ୨୦ଟି ଜିଲ୍ଲା ମଧ୍ୟରେ ପଶ୍ଚିମ ଚମ୍ପାରନ, ପୂର୍ବ ଚମ୍ପାରନ, ସୀତାମାଢ଼ୀ, ଶିବହାର, ମଧୁବନୀ, ସୁପୌଲ, ଆରାରିଆ, କିଷନଗଞ୍ଜ, ପୂର୍ଣ୍ଣିଆ, କଟିହାର, ଭାଗଲପୁର, ବାଙ୍କା, ଜାମୁଇ, ନୱାଡା, ଗୟା, ଔରଙ୍ଗାବାଦ, ଜେହାନାବାଦ, ଆରୱାଲ, କୈମୁର ଏବଂ ରୋହତାସ ଅନ୍ତର୍ଭୁକ୍ତ। ଶେଷ ପର୍ଯ୍ୟାୟରେ ମୋଟ୍ ୧ ହଜାର ୩୦୨ ଜଣ ପ୍ରାର୍ଥୀ ମଇଦାନରେ ରହିଛନ୍ତି । ଏମାନଙ୍କ ମଧ୍ୟରେ ୧ ହଜାର ୧୬୫ ପୁରୁଷ, ୧୩୬ ମହିଳା ଏବଂ ଜଣେ ତୃତୀୟ-ଲିଙ୍ଗୀ ପ୍ରାର୍ଥୀ। ପ୍ରାୟ ୩୭ ଲକ୍ଷ ୧୩ ହଜାର ୫୫୬ ଜଣ ଭୋଟର ଏହି ପ୍ରାର୍ଥୀମାନଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ବିଭିନ୍ନ ରାଜନୈତିକ ଦଳର ହେଭିୱେଟ୍ଙ୍କ ଏହି ପର୍ଯ୍ୟାୟରେ ଭାଗ୍ୟ ନିର୍ଦ୍ଧାରଣ ହେବ।

**ଟାର୍ଗେଟରେ ଦିଲ୍ଲୀ**

# ଡାକ୍ତରଙ୍କ ଘରୁ ୩୬୦ କିଲୋ ଆର୍‌ଡିଏକ୍ସ ଜବତ

**ଫରିଦାବାଦ, ୧୦।୧୧ :** ହରିୟାଣାର ଫରିଦାବାଦରେ ଚଢ଼ାଉ ସମୟରେ ଜଣେ ଡାକ୍ତରଙ୍କ ଘରୁ ୩୬୦ କିଲୋଗ୍ରାମ ବିସ୍ଫୋରକ ମିଳିବା ସୁରକ୍ଷା ଏଜେନ୍ସିମାନଙ୍କ ନିଦ ହଜାଇଦେଇଛି। ଏତେ ପରିମାଣର ବିସ୍ଫୋରକ ଯଦି ବ୍ୟବହାର ହୋଇଥାନ୍ତା ତେବେ କେତେ ବଡ଼ ଧ୍ୱଂସଲୀଳା ଘଟାଇଥାନ୍ତା, ତାହା ଭାବିଲେ ମଧ୍ୟ ଭୟ ଲାଗୁଛି।

ଏହି ଡାକ୍ତର ରୂପୀ ଆତଙ୍କବାଦୀ ଦେଶରେ କେତେ ପରିମାଣର ଧ୍ୱଂସ ଘଟାଇବାକୁ ଯୋଜନା କରୁଥିଲା ତାହା କେବଳ ଏହି ଘଟଣାରୁ କଳ୍ପନା କରାଯାଇପାରିବ ଯେ, ୧୪ ଫେବୃଆରୀ ୨୦୧୪ରେ ହୋଇଥିବା ପୁଲୱାମା ସିଆରପିଏଫ କନଭୟ ଆକ୍ରମଣରେ କେବଳ ୬୦ କିଲୋଗ୍ରାମ ଆରଡିଏକ୍ସ ବ୍ୟବହାର ହୋଇଥିଲା। ଯଦି ୩୬୦ କିଲୋଗ୍ରାମ ଆରଡିଏକ୍ସ ବ୍ୟବହାର ହୋଇଥାନ୍ତା ସ୍ଥିତି କ'ଣ ହୋଇଥାନ୍ତା ତାହା ଅନୁମାନ କରିପାରୁଥିବେ।

ଆଉ ଏକ ଚିନ୍ତାଜନକ ବିଷୟ ହେଉଛି ଏହି ବିସ୍ଫୋରକ ଫରିଦାବାଦ ପାଇଁ ଅଣାଯାଇଥିଲା ନା ଦିଲ୍ଲୀ ପାଇଁ ? କାରଣ ଫରିଦାବାଦଠାରୁ ଦିଲ୍ଲୀ ମାତ୍ର ୨୫ କିଲୋମିଟର ଦୂର। ପୁଣି ଫରିଦାବାଦ ଦିଲ୍ଲୀ ଏନସିଆର (ଜାତୀୟ ରାଜଧାନୀ କ୍ଷେତ୍ର) ଅଧୀନରେ ଆସୁଛି। ଆତଙ୍କବାଦୀମାନେ ଭାରତର ଶକ୍ତିକେନ୍ଦ୍ର ଦିଲ୍ଲୀରେ ଆକ୍ରମଣ କରି ଯେତିକି ଚର୍ଚ୍ଚା ସୃଷ୍ଟିକରିବେ ତାହା ଫରିଦାବାଦରେ ପାଇବେ ନାହିଁ। ଏଣୁ ଏପରି ସଂଦେହ ହେବା ସ୍ୱାଭାବିକ ଯେ, ଏହି ବିସ୍ଫୋରକ ଦିଲ୍ଲୀରେ ଏକ



## ୨ ଡାକ୍ତର ଗିରଫ: ମିଳିତ ଅଭିଯାନ ଜାରି

ବଡ଼ ଆକ୍ରମଣ କରିବାକୁ ରଖାଯାଇଥିଲା ଓ ଠିକ ସମୟରେ ତାହାକୁ ଦିଲ୍ଲୀ ଚାଲାଣ କରାଯାଇଥାନ୍ତା।

ଫରିଦାବାଦ ପୁଲିସ କମିଶନର ସତେନ୍ଦ୍ର କୁମାର ଗୁପ୍ତା କହିଛନ୍ତି ଯେ, ଏହି ମାମଲାରେ ଏପର୍ଯ୍ୟନ୍ତ ଦୁଇଜଣଙ୍କୁ ଗିରଫ କରାଯାଇଛି। ଜଣେ ଫରିଦାବାଦରୁ ଏବଂ ଅନ୍ୟ ଜଣେ ସାହାରନପୁରରୁ ଗିରଫ ହୋଇଛନ୍ତି। ଫରିଦାବାଦରେ ଗିରଫ ହୋଇଥିବା ଡାକ୍ତର ଏଠାକାର ଏକ ବିଶ୍ୱବିଦ୍ୟାଳୟରେ ପାଠପଢ଼ାଉଥିଲେ। ଏହି ସମ୍ପୂର୍ଣ୍ଣ ଆତଙ୍କୀ ମଡ୍ୟୁଲ୍‌କୁ ପର୍ଦ୍ଦାଫାସ୍ କରିବା ପାଇଁ ୧୫ ଦିନ ଧରି ଏକ ମିଳିତ ଅଭିଯାନ ଚାଲିଥିଲା। ଏହି ଅଭିଯାନ ଏବେ ବି ଜାରି ରହିଛି। ସତେନ୍ଦ୍ର କୁମାର ଗୁପ୍ତା କହିଛନ୍ତି ଯେ, ଜାତୀୟ ସୁରକ୍ଷା ଚିନ୍ତା ଯୋଗୁଁ, ସେ ବର୍ତ୍ତମାନ ଅନେକ ବିବରଣୀ ପ୍ରକାଶ କରିପାରିବେ ନାହିଁ। ଏହି ସମ୍ପୂର୍ଣ୍ଣ ମଡ୍ୟୁଲ୍‌ର ଜଣେ ଡାକ୍ତର ଏବେ ବି ଫେରାର ଅଛି। ନଅ ଦିନ ପୂର୍ବେ, ଡାକ୍ତର ମୁଜାମ୍ମିଲ ନାମକ ଜଣେ ଡାକ୍ତରଙ୍କୁ ଗିରଫ କରାଯାଇଥିଲା।

ସେହିପରି ଧୌଜ ଅଞ୍ଚଳରୁ ପ୍ରାୟ ୪ କିଲୋମିଟର ଦୂରରେ ଅବସ୍ଥିତ ଫତେପୁର ଗାଁର ଏକ ଘରୁ ୨୫୬୩ କିଲୋଗ୍ରାମ ସନ୍ଦିଗ୍ଧ ବିସ୍ଫୋରକ ସାମଗ୍ରୀ ଉଦ୍ଧାର କରିଛି। ଫରିଦାବାଦ ପୁଲିସ ଏବଂ ଜମ୍ମୁ କାଶ୍ମୀର ପୁଲିସର ମିଳିତ ଚଢ଼ାଉ ସକାଳରୁ ଏହି ଘରେ ଚାଲିଛି। ତଦନ୍ତରୁ ଜଣାପଡିଛି ଯେ ଡାକ୍ତର ମୁଜାମିଲ ଏହି ଘର ଭଡା ନେଇଥିଲେ। ଘରଟି ଜଣେ ମୌଲାନାଙ୍କର, ଯାହାକୁ ପୁଲିସ ଆଜି ସକାଳେ ଅଟକ ରଖିଛି। ପୁଲିସ କେଉଁ ଉଦ୍ଦେଶ୍ୟ ପାଇଁ ଉଦ୍ଧାର ସାମଗ୍ରୀ ଏବଂ ଏହାର ନେଟୱାର୍କର ମଧ୍ୟ ତଦନ୍ତ କରୁଛି। ଫରିଦାବାଦ ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ସତ୍ୟେନ୍ଦ୍ର କୁମାରଙ୍କ ଅନୁଯାୟୀ, ଅଭିଯାନ ଜାରି ରହିଛି।

# ଲଦାଖକୁ ମିଳିବ ରାଜ୍ୟ ମାନ୍ୟତା

**ଲେହ, ୧୦।୧୧ :** ଖୁବଶୀଘ୍ର ଲଦାଖକୁ ମିଳିବ ରାଜ୍ୟ ମାନ୍ୟତା। ଆରମ୍ଭ ହୋଇସାରିଛି ଆଲୋଚନା। ଲେହର ପ୍ରମୁଖ ସଂଗଠନ ଏପେକ୍ସ ଏବଂ କାରଗିଲ ଡେମୋକ୍ରାଟିକ୍ ଆଲିଆନ୍ସ ଏବଂ ଭାରତ ସରକାରଙ୍କ ମଧ୍ୟରେ କଥାବାର୍ତ୍ତା ଆରମ୍ଭ ହୋଇଛି। ଏହାସହ ଲଦାଖକୁ ସମ୍ବିଧାନର ଷଷ୍ଠ ଅନୁସୂଚୀରେ ସାମିଲ କରିବାକୁ ଦାବି କରାଯାଇଛି କିନ୍ତୁ ସେଥିରେ ରହୁଥିବା ବୌଦ୍ଧ ସମୁଦାୟଙ୍କୁ ଏହା ପସନ୍ଦ ଆସିନି କାରଣ ବୌଦ୍ଧ ସମାଜର ଅଧିକ ପ୍ରତିନିଧି ଆଲୋଚନାରେ ସାମିଲ ହୋଇନାହାଁନ୍ତି। କିଛି ନେତା ମଧ୍ୟ ରାଜ୍ୟ ମାନ୍ୟତାକୁ ନେଇ ଖୁସି ନଥିବା ଜଣାପଡ଼ିଛି। ରିପୋର୍ଟ ଅନୁସାରେ, ସେପ୍ଟେମ୍ବରରେ ଲେହରେ ପ୍ରବଳ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା। ହିଂସାକାଣ୍ଡ ଦେଖିବାକୁ ମିଳିଥିଲା। ଏହାପରେ ସରକାରଙ୍କ ସହ ହୋଇଥିବା ଆଲୋଚନାରେ ମୁସଲିମ ସମୁଦାୟରୁ ୬ ଜଣ ଏବଂ ବୌଦ୍ଧ ସମୁଦାୟର ୩ ଜଣ ପ୍ରତିନିଧି ସାମିଲ ଥିଲେ। ପ୍ରତିନିଧି ମଣ୍ଡଳରେ ଲଦାଖର ସାଂସଦ ହାଜୀ ହନିଫା ଜାନ୍ ଏବଂ କାରଗିଲ ବିକାଶ ପରିଷଦର ଜାଫର ଅଖୁନ୍ ନେତୃତ୍ୱ ନେଇଥିଲେ। ଏଥିରେ ସଜ୍ଜାଦ କାରଗିଲି, ଅସଗର କରବଲାଇ ଏବଂ କମର ଅଖୁନ୍‌ଙ୍କୁ ସାମିଲ କରାଯାଇଥିଲା। ଲେହ ତରଫରୁ ଅଶରଫ ଅଲୀ କମିଟିର ନେତୃତ୍ୱ ନେଇଥିଲେ। ସମସ୍ତେ ମୁସଲିମ ସମ୍ପ୍ରଦାୟରୁ ଥିଲେ। ତେବେ ଲଦାଖ ପ୍ରତିନିଧିମଣ୍ଡଳରେ ବୌଦ୍ଧଙ୍କ ସଂଖ୍ୟାକୁ ନେଇ ଚିନ୍ତା ପ୍ରକାଶ ପାଇଛି। ପୂର୍ବତନ ସାଂସଦ ଥୁପଷ୍ଟାନ ଛେୱାଙ୍ଗ, ଛିରିଙ୍ଗ ଦୋରଜେ ଲକରୁକ ଏବଂ ତାଶୀ ଗ୍ୟାଲସନ ବୌଦ୍ଧଙ୍କ ତରଫରୁ ଆଲୋଚନାରେ ସାମିଲ ଥିଲେ। ସେମାନଙ୍କ ଧର୍ମରୁ ଆଉ କିଛି ନେତାଙ୍କୁ ଆଲୋଚନାରେ ସୁଯୋଗ ମିଳୁ, ଯାହାଦ୍ୱାରା ସେମାନେ ନିଜର ଦାବି ଉପସ୍ଥାପନା କରିପାରିବେ। କିଛି ମହିଳା ପ୍ରତିନିଧିଙ୍କୁ ସରକାରଙ୍କ ସହ ଆଲୋଚନାରେ ସାମିଲ କରାଯିବ ନେଇ ଦାବି କରିଛନ୍ତି।



# ବହୁବିବାହ ପ୍ରଥା ନିଷିଦ୍ଧ ଲାଗି ଆସୁଛି ନୂଆ ଆଇନ

**ନୂଆଦିଲ୍ଲୀ, ୧୦।୧୧:** ସରକାର ମହିଳାମାନଙ୍କ ସୁରକ୍ଷା ଓ ସମ୍ମାନକୁ ଦୃଷ୍ଟିରେ ରଖି ଏକ ଐତିହାସିକ ନିଷ୍ପତ୍ତି ନେଇଛନ୍ତି। ବହୁବିବାହ ପ୍ରଥାକୁ ନିଷିଦ୍ଧ କରିବା ପାଇଁ ଏକ ନୂଆ ଆଇନ ଅଣାଯାଉଛି। ସରକାରଙ୍କ ଉଦ୍ଦେଶ୍ୟ ହେଉଛି କୌଣସି ମହିଳା ଯେପରି ଦୁଇଟି ବିବାହ କିମ୍ବା ପ୍ରତାରଣା ଯୋଗୁଁ ସାମାଜିକ କିମ୍ବା ଆର୍ଥିକ କଷ୍ଟ ନ ଭୋଗନ୍ତି, ତାହା ସୁନିଶ୍ଚିତ କରିବା। ତେବେ ମହିଳାମାନଙ୍କ ପ୍ରତି ହେଉଥିବା ଅନ୍ୟାୟକୁ ରୋକିବାକୁ ସରକାର ପ୍ରାଧାନ୍ୟ ଦେଉଛନ୍ତି। ଏହି ନିଷ୍ପତ୍ତି ଅଧୀନରେ ଆସାମ ବହୁବିବାହ ନିଷେଧ ବିଲ୍, ୨୦୨୫କୁ ଅନୁମୋଦନ କରାଯାଇଛି। ଆସାମ ସରକାର ଏହି ବିଲ୍‌କୁ ନଭେମ୍ବର ୨୫ରେ ହେବାକୁ ଥିବା ବିଧାନସଭା ଅଧିବେଶନରେ ଉପସ୍ଥାପନ କରିବେ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ଆଇନ ନାରୀର ସମ୍ମାନ ଓ ସାମାଜିକ ସମାନତା ଦିଗରେ ଏକ ବଡ଼ ପଦକ୍ଷେପ।

ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା କହିଛନ୍ତି ଯେ, ଏହି ଆଇନ ଅଧୀନରେ ଯଦି କୌଣସି ବ୍ୟକ୍ତି ଏକାଧିକ ବିବାହ କରେ, ତେବେ ତାଙ୍କୁ ୭ ବର୍ଷ ପର୍ଯ୍ୟନ୍ତ ଜେଲ ଯିବାକୁ ପଡ଼ିପାରେ। ତେବେ,

**ଏକାଧିକ ବିବାହ କଲେ ଯିବେ ୭ ବର୍ଷ ଜେଲ**

**୨୫ରେ ଆସାମ ବିଧାନସଭାରେ ହେବ ଉପସ୍ଥାପନ**

ଷଷ୍ଠ ଅନୁସୂଚୀ କ୍ଷେତ୍ରରେ (ଯେଉଁଠାରେ ବିଶେଷ ଆଦିବାସୀ ଆଇନ ଲାଗୁ ହୁଏ) କିଛି ବ୍ୟତିକ୍ରମ ରହିବ। ଏହା ବ୍ୟତୀତ, ସରକାର ବହୁବିବାହ ଦ୍ୱାରା ପୀଡ଼ିତ ମହିଳାମାନଙ୍କ ପାଇଁ ଏକ ନୂଆ କ୍ଷତିପୂରଣ ପାଣ୍ଠି ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି, ଯାହାଫଳରେ ଏହି ମହିଳାମାନେ ସମ୍ମାନଜନକ ଭାବରେ ନିଜ ଜୀବନ ବଞ୍ଚାଇ ପାରିବେ। ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟ ହେଉଛି କୌଣସି ମହିଳା ଯେପରି ଦୁଇଟି ବିବାହ କିମ୍ବା ପ୍ରତାରଣା ଯୋଗୁଁ ସାମାଜିକ କିମ୍ବା ଆର୍ଥିକ କଷ୍ଟ ନ ଭୋଗନ୍ତି, ତାହା ସୁନିଶ୍ଚିତ କରିବା ।

ଆସାମ ସରକାର କହିଛନ୍ତି ଯେ, ଏହି ଆଇନର ଉଦ୍ଦେଶ୍ୟ କୌଣସି ଧର୍ମ କିମ୍ବା ସମ୍ପ୍ରଦାୟକୁ ଟାର୍ଗେଟ କରିବା ନୁହେଁ, ବରଂ ସମାଜରେ ମହିଳାମାନଙ୍କ ପ୍ରତି ନ୍ୟାୟ ଓ ସମାନତା ସୁନିଶ୍ଚିତ କରିବା। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆସାମ ବହୁବିବାହ ନିଷେଧ ବିଲ୍, ୨୦୨୫ ଏପରି ଲୋକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ଯେଉଁମାନେ ଏକାଧିକ ବିବାହ କରନ୍ତି ଓ ମହିଳାମାନଙ୍କ ଅଧିକାରର ଉଲ୍ଲଂଘନ କରନ୍ତି। ସେ ଏହାକୁ ଏକ ସାମାଜିକ ସୁଧାରର ପଦକ୍ଷେପ ବୋଲି କହିଛନ୍ତି ଓ କହିଛନ୍ତି ଯେ ରାଜ୍ୟକୁ ଏପରି ପ୍ରଥାରୁ ମୁକ୍ତ କରିବା ଜରୁରୀ।

# ଆଜିଠାରୁ ଡିଜିଟାଲ ଜନଗଣନା

**ନୂଆଦିଲ୍ଲୀ ୧୦।୧୧:** ୨୦୨୭ ଜନଗଣନା ପାଇଁ ଆଜିଠୁ ପରୀକ୍ଷାମୂଳକ ଭାବେ ଆରମ୍ଭ ହେବ ଡିଜିଟାଲ ଜନଗଣନା। ରାଜଧାନୀ ଭୁବନେଶ୍ୱର ସମେତ କଟକ, ମୟୂରଭଞ୍ଜ ଏବଂ ନବରଙ୍ଗପୁରରେ ୩୦ ତାରିଖ ଯାଏ ଚାଲିବ ଗଣନା। ଭୁବନେଶ୍ୱର ମହାନଗର ନିଗମର ୨୨ ନମ୍ବର ୱାର୍ଡ, କଟକର ୧୭ ନମ୍ବର ୱାର୍ଡ, ନବରଙ୍ଗପୁରର ତେନ୍ତୁଲିଖୁଣ୍ଟି ଏବଂ ମୟୂରଭଞ୍ଜର ଠାକୁର ମୁଣ୍ଡାରେ ହେବ ପ୍ରାକ୍ ଡିଜିଟାଲ ଜନଗଣନା। ସର୍ବଭାରତୀୟ ସ୍ତରରେ ୩୪ ଲକ୍ଷ ଶିକ୍ଷକ କରିବେ ଏହି ଡିଜିଟାଲ ଜନଗଣନା। ଡିଜିଟାଲ ପ୍ରକ୍ରିୟାରେ ପେପର ନୁହେଁ ମୋବାଇଲ ଆପରେ ହେବ ଜନ ଗଣନା। ଜିଲ୍ଲା ଜନଗଣନା ତଥ୍ୟ ସମନ୍ୱିତ ପୁସ୍ତକରେ ରହିବ ଗ୍ରାମ/ ସହର, ଜିଲ୍ଲାର ସମସ୍ତ ଭିତ୍ତିଭୂମି ଓ ନଗରୀୟ ସୁବିଧା। ବିସ୍ତୃତ ଜନସଂଖ୍ୟା ସମ୍ବନ୍ଧୀୟ ସାମାଜିକ ଓ ଅର୍ଥନୈତିକ ସୂଚନା ମଧ୍ୟ ଏଥିରେ ରହିବ। ଆମ ରାଜ୍ୟ ଭଳି ସାରା ଦେଶରେ ହେଉଛି ପ୍ରାକ୍ ଜନଗଣନା। ଏଥିରେ ରହିବ ଗ୍ରାମ/ ସହର, ଜିଲ୍ଲାର ସମସ୍ତ ଭିତ୍ତିଭୂମି ଓ ନଗରୀୟ ସୁବିଧା, ବିସ୍ତୃତ ଜନସଂଖ୍ୟା ସମ୍ବନ୍ଧୀୟ, ସାମାଜିକ ଓ ଅର୍ଥନୈତିକ ସୂଚନା ରହିବ।

# ଭେଣ୍ଟିଲେଟରରେ ବୀରୁ

**ମୁମ୍ବାଇ,୧୦।୧୧:** ବିଗିଡ଼ିଲା ବଲିଉଡ ସୁପରଷ୍ଟାର ଅଭିନେତା ଧର୍ମେନ୍ଦ୍ର ଓରଫ ବୀରୁଙ୍କ ସ୍ୱାସ୍ଥ୍ୟାବସ୍ଥା। ଗତ କିଛି ଦିନ ଧରି ସେ ବ୍ରିଚ୍ କ୍ୟାଣ୍ଡି ହସ୍ପିଟାଲରେ ଭର୍ତ୍ତି ହୋଇଥିବା ବେଳେ ଆଜି ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିବା ଜଣାଯାଇଛି। ସୂଚନା ମିଳିଛି ଯେ, ଆଜି ତାଙ୍କ ଅବସ୍ଥା ଆହୁରି ଖରାପ ହେବା ପରେ ତାଙ୍କୁ ଆଇସିୟୁକୁ ସ୍ଥାନାନ୍ତର କରାଯିବା ସହ ଭେଣ୍ଟିଲେଟରରେ ରଖାଯାଇଛି। ଏଭଳି ହଠାତ୍ ଧର୍ମେନ୍ଦ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ପରିବାର ଓ ସମ୍ପର୍କୀୟମାନେ ତାଙ୍କୁ ଭେଟିବା ପାଇଁ ହସ୍ପିଟାଲକୁ ଆସିବା ଆରମ୍ଭ କରିଛନ୍ତି। ଏହି ଖବର ଆସିବା ପରେ ଏବେ ତାଙ୍କ ପ୍ରଶଂସକ ତାଙ୍କ ପାଇଁ ପ୍ରାର୍ଥନା କରିବା ଆରମ୍ଭ କରିଛନ୍ତି। କୁହାଯାଉଛି ଯେ, ସେ ବୟସ ସମ୍ବନ୍ଧୀୟ ସମସ୍ୟାର ସମ୍ମୁଖୀନ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ହେଲେ ଏପର୍ଯ୍ୟନ୍ତ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ସୁଧାର ଆସିନାହିଁ। ତାଙ୍କୁ ପ୍ରାୟ ୧୦ଦିନ ପୂର୍ବରୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଟିମ୍ ସ୍ୱାସ୍ଥ୍ୟାବସ୍ଥାର ସୂଚନା ଦେଇ କହିଥିଲେ ଯେ, ଏହା ଏକ ନିୟମିତ ଯାଞ୍ଚର ଅଂଶ ଥିଲା, ଯାହା ପୂର୍ବରୁ ଯୋଜନା କରାଯାଇଥିଲା। ତେଣୁ, ଭୟଭୀତ ହେବାର କୌଣସି ଆବଶ୍ୟକତା ନାହିଁ। କିଛି ଦିନ ପୂର୍ବେ, ଯେତେବେଳେ ଫଟୋଗ୍ରାଫରମାନେ ହେମା ମାଳିନୀଙ୍କୁ ଧର୍ମେନ୍ଦ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରିଥିଲେ, ସେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବାର ଇଙ୍ଗିତ କରିଥିଲେ। ହାତ ଯୋଡ଼ି ହେମା ମାଳିନୀ ସମସ୍ତଙ୍କୁ କହିଥିଲେ ଯେ, ଧର୍ମେନ୍ଦ୍ର ଏବେ ସୁସ୍ଥ ଅଛନ୍ତି। ଧର୍ମେନ୍ଦ୍ର ନିୟମିତ ଚେକଅପ୍ ପାଇଁ ହସ୍ପିଟାଲରେ ଭର୍ତ୍ତି ହେବା ପ୍ରଥମ ଥର ନୁହେଁ। ତାଙ୍କୁ ଏବେ ୮୯ବର୍ଷ ବୟସ। ତେଣୁ ସେ ନିଜ ସ୍ୱାସ୍ଥ୍ୟକୁ ନେଇ ଖୁବ ସତର୍କ ରହିଥାନ୍ତି। କିଛି ଦିନ ତଳେ ଅଭିନେତା ବୟସ ସମ୍ପର୍କିତ ଜଟିଳତା ଯୋଗୁଁ ଚିକିତ୍ସା ପାଇଁ ଆମେରିକା ଯାଇଥିଲେ।



# ଏସ୍-୪୦୦ ଡିଜାଇନ ଚୋରିକରି ଧରାପଡ଼ିଲା ପାକିସ୍ତାନ



**ମସ୍କୋ,୧୦।୧୧ :** ଭାରତ ବିରୋଧୀ ଷଡ଼ଯନ୍ତ୍ରରେ ଲିପ୍ତ ପାକିସ୍ତାନର ଏକ ବଡ଼ ଷଡ଼ଯନ୍ତ୍ର ଧରା ପଡ଼ିଛି। ମସ୍କୋରେ ସକ୍ରିୟ ଥିବା ଆଇଏସଆଇର ଏକ ଗୁପ୍ତଚର ନେଟୱାର୍କର ପର୍ଦ୍ଦାଫାସ କରିଛି ରୁଷର ଗୁପ୍ତଚର ସଂସ୍ଥା। ଏହି ନେଟୱାର୍କ ରୁଷରୁ ଏସ-୪୦୦ ଏୟାର ଡିଫେନ୍ସ ସିଷ୍ଟମ୍ ଏବଂ ହେଲିକପ୍ଟର ପ୍ରଯୁକ୍ତିବିଦ୍ୟା ଭଳି ଉନ୍ନତ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଚୋରି କରିବାକୁ ଚେଷ୍ଟା କରୁଥିଲା। ରୁଷର ଏହି କାର୍ଯ୍ୟକୁ ଭାରତର ସୁରକ୍ଷା ଦୃଷ୍ଟିକୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି, କାରଣ ଟାର୍ଗେଟ କରାଯାଇଥିବା ପ୍ରଯୁକ୍ତିବିଦ୍ୟା ଭାରତୀୟ ବାୟୁସେନାର ଆଧୁନିକ ପ୍ରତିରକ୍ଷା ପ୍ରଣାଳୀର ଅଂଶ।

ରିପୋର୍ଟ ଅନୁଯାୟୀ, ରୁଷ ଗୁଇନ୍ଦା ସଂସ୍ଥା ଜେଜିବି ସେଣ୍ଟ ପିଟର୍ସବର୍ଗରେ ଜଣେ ରୁଷ ନାଗରିକଙ୍କୁ ଗିରଫ କରିଛି ଯିଏ ଆଇଏସଆଇ ପାଇଁ କାମ କରୁଥିଲା। ଗୁପ୍ତ ଦସ୍ତାବିଜଗୁଡ଼ିକ ଚୋରା ଚାଲାଣ ହେବା ପୂର୍ବରୁ ଏହି ଷଡ଼ଯନ୍ତ୍ର ଧରା ପଡ଼ିଯାଇଥିଲା। ତାଠାରୁ ଉଦ୍ଧାର ହୋଇଥିବା ଦସ୍ତାବିଜଗୁଡ଼ିକ ସାମରିକ ହେଲିକପ୍ଟର ଏବଂ ବାୟୁ ପ୍ରତିରକ୍ଷା ପ୍ରଣାଳୀ (ଏସ-୪୦୦) ବିକାଶରେ ବ୍ୟବହାର କରାଯାଇଥିଲା। ଏଥିରେ ବହୁ ସମ୍ବେଦନଶୀଳ ବୈଷୟିକ ସୂଚନା ଅନ୍ତର୍ଭୁକ୍ତ ଥିଲା।

ଏହି ରିପୋର୍ଟ ଏପରି ଏକ ସମୟରେ ଆସିଛି ଯେତେବେଳେ ଭାରତ ଗତ ମେ ମାସରେ ଅପରେସନ୍ ସିନ୍ଦୁର ଅଧୀନରେ ପାକିସ୍ତାନରେ ଅବସ୍ଥିତ ଆତଙ୍କବାଦୀ ନେଟୱାର୍କକୁ ଏକ ବଡ଼ ଧକ୍କା ଦେଇଥିଲା। ପାକିସ୍ତାନ ପ୍ରତିଶୋଧ ନେବାକୁ ଚେଷ୍ଟା କରିଥିଲା, କିନ୍ତୁ ଏସ୍-୪୦୦ ପାକିସ୍ତାନର ସବୁ ଉଦ୍ୟମକୁ ପଣ୍ଡ କରିଦେଇଥିଲା। ଏସ-୪୦୦ର ମୁକାବିଲା ପାଇଁ ପାକିସ୍ତାନ ଏହାର ମୂଳ ଡିଜାଇନକୁ ଅଧ୍ୟୟନ କରିବାକୁ ଚାହୁଁଛି। ଏଥିପାଇଁ ଆଇଏସଆଇ ରୁଷର ମସ୍କୋ, ସେଣ୍ଟ ପିଟସବର୍ଗ ଆଦି ସହରରେ ନିଜର ଜାଲ ବିଛାଇଥିଲା ଓ ତଥ୍ୟ ସଂଗ୍ରହ ପାଇଁ ରୁଷ ନାଗରିକମାନଙ୍କୁ ନିୟୋଜିତ କରିଥିଲା। କିନ୍ତୁ ଠିକ ସମୟରେ ରୁଷ ଗୁଇନ୍ଦା ସଂସ୍ଥା ଏହି ଷଡ଼ଯନ୍ତ୍ରର ପର୍ଦ୍ଦାଫାସ କରିଛି। ଯଦି ଏହି ଷଡ଼ଯନ୍ତ୍ର ସଫଳ ହୋଇଥାନ୍ତା ତେବେ ତାହା ଭାରତ ପାଇଁ ବି ବଡ଼ ମୁଣ୍ଡବ୍ୟଥାର କାରଣ ହୋଇଥାନ୍ତା। କାରଣ ଡିଜାଇନ ପାକିସ୍ତାନ ହାତରେ ପଡ଼ିଥିଲେ ତାହା ଆମେରିକା ହାତକୁ ମଧ୍ୟ ଚାଲିଯାଇଥାନ୍ତା।

# ହେଲମେଟ ନ ପିନ୍ଧିବାରୁ ୨୧ ଲକ୍ଷ ଫାଇନ

**ନୂଆଦିଲ୍ଲୀ ୧୦।୧୧:** ସ୍କୁଟର ଦାମ ଲକ୍ଷେ। ଫାଇନ କିନ୍ତୁ ୨୧ ଲକ୍ଷ। ଏବେ ଭାଇରାଲ ହେଉଛି ସେହି ବିଗ୍ ଫାଇନ ଚାଲାଣ ଫଟୋ। ଉତ୍ତରପ୍ରଦେଶର ମୁଜାଫରନଗରରେ ଘଟିଛି ଏହି ଘଟଣା। ଜଣେ ହେଲ୍‌ମେଟ ନ ପିନ୍ଧିବାରୁ ୨୧ ଲକ୍ଷ ଜରିମାନା ପଡିଛି। ଜିଲ୍ଲାରେ ଜଣେ ସ୍କୁଟି ଚାଳକଙ୍କୁ ହେଲମେଟ୍ ନ ପିନ୍ଧିବାରୁ ୨୧ ଲକ୍ଷ ଟଙ୍କା ଜରିମାନା ହୋଇଛି। ସ୍କୁଟି ଦାମ୍‌ର ୨୦ ଗୁଣ ଜରିମାନା ଦେବାକୁ ପଡ଼ିବ ବୋଲି ସେ ପ୍ରକାଶ କରିଛନ୍ତି। ଗତ ମଙ୍ଗଳବାର ନ୍ୟୁ ମଣ୍ଡି ଅଞ୍ଚଳରେ ହେଲମେଟ୍ ଯାଞ୍ଚ ଚାଲିଥିଲା। ସେହି ସମୟରେ ପୁଲିସ ବିଚ୍ ରାସ୍ତାରେ ଜଣଙ୍କୁ ଅଟକାଇ ଥିଲା। ଅନ୍‌ମୋଲ ସିଂଘଲଙ୍କୁ ଅଟକାଇ ପୁଲିସ ଯାଞ୍ଚ କରିଥିଲା। କାରଣ ସେ ହେଲ୍‌ମେଟ ପିନ୍ଧିନଥିଲେ। ଯାଞ୍ଚ ବେଳେ ତାଙ୍କ ନିକଟରେ ଗାଡ଼ିର ଆବଶ୍ୟକୀୟ କାଗଜପତ୍ର ବି ନଥିଲା। ଏହାପରେ ପୁଲିସ ତାଙ୍କ ସ୍କୁଟିକୁ ଜବତ କରିଥିଲା। ଏଥିସହ ଜରିମାନା ବାବଦରେ ୨୦ ଲକ୍ଷ ୭୪ ହଜାର ଟଙ୍କା ଦେବାକୁ ଚାଲାଣ କାଟିଥିଲା। ତେବେ ଏତେ ପରିମାଣର ଜରିମାନା ରାଶିକୁ ଦେଖି ସିଂଘଲ ଚକିତ ହୋଇ ସୋସିଆଲ୍ ମିଡିଆରେ ତା'ର ଫଟୋ ଉଠାଇ ସେୟାର କରିଥିଲେ। ଏହାପରେ ପୁଲିସର ପଦକ୍ଷେପକୁ ଅନେକ ସମାଲୋଚନା କରିଥିଲେ। ସେଥିଯୋଗୁ ବାଧ୍ୟହୋଇ ପରେ ଅଧିକାରୀମାନେ ତାଙ୍କ ଜରିମାନା ରାଶି କମାଇ ୪ ହଜାର ଟଙ୍କା କରିଛନ୍ତି।

# ସ୍କୁଲରେ 'ବନ୍ଦେ ମାତରମ୍' ବାଧ୍ୟତାମୂଳକ

**ଲକ୍ଷ୍ନୌ,୧୦।୧୧ :** ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ବଡ଼ ଘୋଷଣା। ରାଜ୍ୟର ସ୍କୁଲଗୁଡ଼ିକରେ 'ବନ୍ଦେ ମାତରମ୍' ବାଧ୍ୟତାମୂଳକ କରାଯିବ ବୋଲି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ। ଗୋରଖପୁରରେ ଏକ କାର୍ଯ୍ୟକ୍ରମ ସମୟରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ଯେ, ରାଜ୍ୟର ପ୍ରତ୍ୟେକ ସ୍କୁଲରେ 'ବନ୍ଦେ ମାତରମ୍' ବାଧ୍ୟତାମୂଳକ କରାଯିବ। ରାଜ୍ୟର ପ୍ରତ୍ୟେକ ସ୍କୁଲରେ 'ବନ୍ଦେ ମାତରମ୍'କୁ ଜାତୀୟ ସଙ୍ଗୀତ ଭାବରେ ବାଧ୍ୟତାମୂଳକ କରାଯିବ। ସର୍ଦ୍ଦାର ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ପାଇଁ ଆଜିଠାରୁ ଏକତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଅକ୍ଟୋବର ୩୧ ତାରିଖକୁ ଜାତୀୟ ସ୍ତରରେ ପାଳନ କରାଯାଇପାରିବ। ମୁଖ୍ୟମନ୍ତ୍ରୀ ଯୋଗୀ କହିଛନ୍ତି ଯେ, ସମଗ୍ର ଦେଶ ଭାରତ ମାତାର ମହାନ ପୁତ୍ର ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜନ୍ମବାର୍ଷିକୀ ପାଳନ କରୁଛି। ସ୍ୱାଧୀନତା ପରେ ଆମର ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସମ୍ମାନିତ କରିବା ଅଟଳ ବିହାରୀ ବାଜପେୟୀଙ୍କ ସମୟରେ ସମ୍ଭବ ହୋଇଥିଲା। ଏହି ଘଟଣାଗୁଡ଼ିକ ଜାତୀୟ ଏକତାର ଏକ କାରକ ପାଲଟିଥିଲା। ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବା ପରେ ଅକ୍ଟୋବର ୩୧କୁ ଜାତୀୟ ଏକତା ଦିବସ ଭାବରେ ପାଳନ କରିବା ଆରମ୍ଭ ହୋଇଥିଲା। ସେ ଆହୁରି କହିଛନ୍ତି, ଏହାଛଡା ସର୍ବବୃହତ ସର୍ଦ୍ଦାର ସରୋବର ଡ୍ୟାମ୍ ଗୁଜରାଟରେ ନିର୍ମିତ ହୋଇଥିଲା। ଆଜି ଏହା ଦେଶ ଏବଂ ବିଶ୍ୱ ପାଇଁ ଏକ ପର୍ଯ୍ୟଟନ ସ୍ଥଳ ପାଲଟିଛି। ଗୁଜରାଟର ସର୍ଦ୍ଦାର ସରୋବର କୂଳରେ ବିଶ୍ୱର ସର୍ବବୃହତ ପ୍ରତିମା ସ୍ଥାପନ କରାଯାଇଛି, ଯାହା ସମଗ୍ର ଦେଶକୁ ଗର୍ବର ଅନୁଭବ କରାଉଛି।



# ଭୁଶୁଡ଼ିଲା ଛାତ, ପରିବାରର ୫ ମୃତ

**ପାଟନା,୧୦।୧୧ :** ବିହାର ରାଜଧାନୀ ପାଟନାରେ ବଡ଼ ଅଘଟଣ । ପାଟନାରେ ଏକ ବିଲିଡିଂର ଛାତ ଭୁଶୁଡିବା ଯୋଗୁଁ ୫ ଜଣଙ୍କ ମୃତ୍ୟୁ ହୋଇଛି । ରାତିରେ ଶୋଇଥିବା ବେଳେ ଛାତ ଗଳିପଡିଥିଲା । ସମସ୍ତ ମୃତକ ଗୋଟିଏ ପରିବାରର ରହିଥିଲେ । ମୃତକଙ୍କ ମଧ୍ୟରେ ୩ ଜଣ ନାବାଳକ ରହିଛନ୍ତି । ଖବର ମୁତାବକ, ରବିବାର ରାତିରେ ମାଲା ପାଟନାର ଦାନାପୁର ଅଞ୍ଚଳରେ ମାନସ ଗାଁରେ ହୋଇଛି । ଗତ ରାତିରେ ଏକ ଘରେ ପରିବାରର ଲୋକ ଶୋଇଥିବା ବେଳେ ଛାତ ଭୁଶୁଡି ପଡିଥିଲା । ଘର ଭୁଶୁଡିବା ଖବର ଶୁଣି ଆଖପାଖର ଲୋକ ଘଟଣା ସ୍ଥଳରେ ପହଞ୍ଚି ତୁରନ୍ତ ଉଦ୍ଧାର କାର୍ଯ୍ୟ କରିଥିଲେ । ଘର ଛାତର ବଡ ଅଂଶ ଭାଙ୍ଗିପଡିଥିଲା । ଏଠାରେ ମହମ୍ମଦ ବବଲୁ ସହିତ ତାଙ୍କ ପତ୍ନୀ ଏବଂ ୩ ଜଣ ପିଲା ଶୋଇଥିଲେ । ମୃତକଙ୍କ ମଧ୍ୟରେ ମହମ୍ମଦ ଏବଂ ତାଙ୍କ ପତ୍ନୀ ୩ ପିଲା ସାମିଲ ରହିଛନ୍ତି । ଘଟଣା ବିଷୟରେ ସୂଚନା ମିଳିବା ପରେ ପୋଲିସ ପହଞ୍ଚି ଗ୍ରାମବାସୀଙ୍କ ସହିତ ମିଶି ସହାୟତା କରିଥିଲେ । ପରିବାରର ସମସ୍ତଙ୍କୁ ଉଦ୍ଧାର କରାଯାଇଥିବା ବେଳେ ୫ ଜଣଙ୍କ ମୃତ୍ୟୁ ହୋଇସାରିଥିଲା ।

# ତାଣ୍ଡବ ରଚିଲା ସାମୁଦ୍ରିକ ଝଡ଼ 'ଫୁଙ୍ଗ-ୱ୍ୱଙ୍ଗ୍'

- **ଫିଲିପାଇନ୍ସର ଆରୋରା ପ୍ରଦେଶରେ କଲା ଲ୍ୟାଣ୍ଡଫଲ**
- **ପ୍ରବଳ ବର୍ଷା ସହ ୨୩୦ କିମି ବେଗରେ ବହିଲା ପବନ**



**ମାନିଲା, ୧୦।୧୧:** ଲ୍ୟାଣ୍ଡଫଲ୍ ପରେ ତାଣ୍ଡବ ରଚିଲା ସାମୁଦ୍ରିକ ଝଡ଼ 'ଫୁଙ୍ଗ-ୱ୍ୱଙ୍ଗ୍'। ଫିଲିପାଇନ୍ସର ଆରୋରା ପ୍ରଦେଶରେ ଲ୍ୟାଣ୍ଡଫଲ କରିଛି ଟାଇଫୁନ। ଗତକାଲି ରାତି ୯ଟା ୧୦ରେ ଲୁଜୋନର ଆରୋରା ନିକଟରେ ଲ୍ୟାଣ୍ଡଫଲ କରିଛି। ଲ୍ୟାଣ୍ଡଫଲ ବେଳେ ପ୍ରବଳ ବର୍ଷା ସହ ୨୩୦ କିମି ବେଗରେ ପବନ ବହିଥିଲା। ପ୍ରଭାବରେ ସମୁଦ୍ରରେ ୫ ମିଟର ଉଚ୍ଚର ଜୁଆର ବି ଆସିଥିଲା। ୧୬ ଶହ କିଲୋମିଟର ଯାଏ ମହାବାତ୍ୟାର ପ୍ରଭାବ ଦେଖିବାକୁ ମିଳିଛି। ଫିଲିପାଇନ୍ସର ପ୍ରାୟ ଦୁଇ-ତୃତୀୟାଂଶ ଅଞ୍ଚଳକୁ ଆଚ୍ଛାଦିତ କରିଛି 'ଫୁଙ୍ଗ-ୱ୍ୱଙ୍ଗ୍'। ଲ୍ୟାଣ୍ଡଫଲ ପରେ ଏହା ଧୀରେ ଧୀରେ ଦୁର୍ବଳ ହୋଇ ୧୩ ତାରିଖରେ ତାଇୱାନର ପଶ୍ଚିମ ଉପକୂଳରେ ପ୍ରଭାବ ପକାଇବ। ମହାବାତ୍ୟାରେ ଏ ଯାଏ ୨ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ରହିଛି। ପୂର୍ବରୁ ଦେଶର ବିଭିନ୍ନ ଅଞ୍ଚଳର ୧୦ ଲକ୍ଷରୁ ଅଧିକ ଲୋକଙ୍କୁ ପୂର୍ବରୁ ସ୍ଥାନାନ୍ତର କରାଯାଇଛି। ୩୦୦ରୁ ଅଧିକ ଘରୋଇ ଓ ଅନ୍ତର୍ଜାତୀୟ ବିମାନ ଉଡ଼ାଣ ବାତିଲ ହୋଇଛି। ଆଜି ସ୍କୁଲ ଓ କଲେଜକୁ ଛୁଟି ଘୋଷଣା କରାଯାଇଛି। ଫୁଙ୍ଗ୍ ୱାଙ୍ଗ୍ ପ୍ରଭାବରେ ପୂର୍ବାଞ୍ଚଳରେ ଅନେକ ସହର ଓ ଗାଁରେ ବିଦ୍ୟୁତ ସେବା ଠପ ହୋଇଛି। ପ୍ରଥମେ କାଲମେଗୀ ଝଡ଼ ତୋଫାନ କୋପରେ ଛାରଖାର ହୋଇଛି ଫିଲିପାଇନ୍ସ । ୨୦୪ ଜଣଙ୍କର ମୃତ୍ୟୁ ହୋଇଥିଲା। ୫ ଲକ୍ଷରୁ ଅଧିକ ଲୋକ ସ୍ଥାନାନ୍ତରିତ ହୋଇଥିଲେ। ଏହା ହେଉଛି ଚଳିତ ବର୍ଷ ଫିଲିପାଇନ୍ସରେ ଆସିଥିବା ୨୧ତମ ଝଡ଼।

# ମାଟିରେ ମିଶିବ ନେହେରୁ ଷ୍ଟାଡିୟମ

## ତିଆରି ହେବ ସ୍ପୋର୍ଟ୍ସ ସିଟି



**ନୂଆଦିଲ୍ଲୀ,୧୦।୧୧:** ଦିଲ୍ଲୀରେ ଥିବା ଜବାହାର ଲାଲ ନେହେରୁ ଷ୍ଟାଡିୟମ ମାଟିରେ ମିଶିବ। କ୍ରୀଡା ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ ଏହି ଷ୍ଟାଡିୟମ ସ୍ଥାନରେ ଏକ ଅତ୍ୟାଧୁନିକ ସ୍ପୋର୍ଟ୍ସ ସିଟି ତିଆରି ହେବ। ବିଶ୍ୱସ୍ତରର ସମସ୍ତ ସୁବିଧା ସୁଯୋଗ ଏଠାରେ ଉପଲବ୍ଧ କରାଯିବ। ପୂର୍ବରୁ ଏହି ଷ୍ଟାଡିୟମରେ ଅନେକ ଆନ୍ତର୍ଜାତୀୟ ପ୍ରତିଯୋଗିତା ଆୟୋଜିତ ହୋଇଛି। କତାର ଓ ଅଷ୍ଟ୍ରେଲିଆର ନିର୍ମିତ ସ୍ପୋର୍ଟ୍ସ ସିଟିକୁ ଏ ନେଇ ଅନୁଧ୍ୟାନ କରାଯାଉଛି। ୧୦୨ ଏକର ଜାଗାରେ ପରିବ୍ୟାପ୍ତ ନେହେରୁ ଷ୍ଟାଡିୟମର କାର୍ଯ୍ୟ କେବେ ଆରମ୍ଭ ହେବ ସେ ନେଇ କୌଣସି ଟାଇମଲାଇନ ସ୍ଥିର କରାଯାଇ ନାହିଁ। ଷ୍ଟାଡିୟମ ଭଙ୍ଗା କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ଏହା ମଧ୍ୟରେ ନ୍ୟାଶନାଲ ଆଂଟି ଡୋପିଂ ଏଜେନ୍ସି ଓ ନ୍ୟାଶନାଲ ଡୋପ ଟେଷ୍ଟିଂ ଅଫିସ ରହିଛି। ଏହାକୁ ମଧ୍ୟ ସ୍ଥାନାନ୍ତର କରାଯିବ। କ୍ରିକେଟ, ଆକ୍ୱାଟିକ୍ସ, ଟେନିସ ଓ ଆଥଲେଟିକ୍ସ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ଏଠାରେ ଖେଳାଳିମାନଙ୍କ ରହିବା ପାଇଁ ମଧ୍ୟ ସୋସାଇଟି ନିର୍ମାଣ କରାଯିବ। ଯାହାଫଳରେ ଆନ୍ତର୍ଜାତୀକ ଟୁର୍ଣ୍ଣାମେଂଟ ପାଇଁ ବିଦେଶରୁ ଆସୁଥିବା ଖେଳାଳିମାନଙ୍କୁ ହୋଟେଲରେ ରହିବାକୁ ପଡିବ ନାହିଁ। ଖେଳାଳିମାନଙ୍କ ପାଇଁ ଫାଇଭ ଷ୍ଟାର ହୋଟେଲ ମଧ୍ୟ ନିର୍ମାଣ କରାଯିବ। ଏହା ବ୍ୟତୀତ ମଲ, ସୁଇମିଂ ପୁଲ, ଖେଳ ପ୍ରଶିକ୍ଷଣ କେନ୍ଦ୍ର, ଇଣ୍ଡୋର ଓ ଆଉଟଡୋର କ୍ରୀଡା ପାଇଁ ବ୍ୟବସ୍ଥା କରାଯିବ। ଏହା ଅତି କମରେ ୫ ବର୍ଷ ସମୟ ଲାଗିବ।

## ମହିଳା ସଂରକ୍ଷଣକୁ ନେଇ କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ

# କେବେ ଲାଗୁ ହେବ ୩୩% ସଂରକ୍ଷଣ



**ନୂଆଦିଲ୍ଲୀ,୧୦।୧୧:** ଲୋକସଭା ଓ ବିଧାନସଭାରେ ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ପ୍ରାବଧାନ ଥିବା ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ନେଇ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ଜବାବ ତଲବ କରିଛନ୍ତି। ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ, ମହିଳା ସଂରକ୍ଷଣ ଆଇନ ଲାଗୁ କରିବାର ଟାଇମଲାଇନ୍ କ'ଣ ସରକାର ସ୍ପଷ୍ଟ କରନ୍ତୁ। କୋର୍ଟ ଏହା ମଧ୍ୟ ପ୍ରଶ୍ନ କରିଛନ୍ତି ଯେ, ସଂସଦ ଯେତେବେଳେ ଏହି ଆଇନକୁ ପାରିତ କରିସାରିଛି, ତେବେ ଏହାକୁ ଲାଗୁ କରିବାରେ କାହିଁକି ବିଳମ୍ବ ହେଉଛି।

କଂଗ୍ରେସ ନେତା ଜୟା ଠାକୁର ଦାଖଲ କରିଥିବା ଆବେଦନ ଉପରେ ସୁପ୍ରିମକୋର୍ଟ କେନ୍ଦ୍ରକୁ ଜବାବ ମାଗିଛନ୍ତି। ଜୟା ଠାକୁର ନିଜ ଆବେଦନରେ ମହିଳା ସଂରକ୍ଷଣ ତୁରନ୍ତ ଲାଗୁ କରିବା ପାଇଁ ଦାବି କରିଥିଲେ। ଆବେଦନରେ କୁହାଯାଇଥିଲା, ଆଇନରେ 'ସୀମା ପୁନଃନିର୍ଦ୍ଧାରଣ ପରେ ଲାଗୁ କରିବା' ସର୍ତ୍ତ ରଖାଯାଇଛି, ତାକୁ ହଟାଯାଉ ଓ ସଂରକ୍ଷଣକୁ ତତ୍କାଳ ପ୍ରଭାବରେ ଲାଗୁ କରାଯାଉ।

ଶୁଣାଣି ବେଳେ ବରିଷ୍ଠ ଆଇନଜୀବୀ ଶୋଭା ଗୁପ୍ତା କହିଥିଲେ, ଯେତେବେଳେ ଏହି ନାରୀ ଶକ୍ତି ବନ୍ଦନ ଅଧିନିୟମ ନାଁରେ ପାରିତ ହୋଇସାରିଛି, ସେତେବେଳେ ଏହାକୁ ଲାଗୁ କରିବାରେ ବିଳମ୍ବ କାହିଁକ ? ଏହା ଦୁଃଖର ବିଷୟରେ ଯେ, ସ୍ୱାଧୀନତାର ୭୫ ବର୍ଷ ପରେ ବି ଆମକୁ ସଂସଦରେ ପ୍ରତିନିଧିତ୍ୱ ପାଇଁ ସଂରକ୍ଷଣ ମାଗିବାକୁ ପଡୁଛି। ସେ ଆହୁରି କହିଥିଲେ ଯେ, ଯେତେବେଳେ ଏସସି-ଏସଟି ପାଇଁ ସଂରକ୍ଷଣ ବିନା କୌଣସି ସୀମା ନିର୍ଦ୍ଧାରଣରେ ଲାଗୁ କରାଯାଇ ପାରୁଛି, ତେବେ ମହିଳାଙ୍କ ପାଇଁ କାହିଁକି ନୁହେଁ ? ସେ ଏହା ବି କହିଥିଲେ ଯେ, ସଂସଦରେ ଏହି ଆଇନ ସ୍ୱତନ୍ତ୍ର ଅଧିବେଶନରେ ପାରିତ ହୋଇଥିଲା, ଏହାର ଅର୍ଥ ହେଉଛି ଯେ, ସରକାରଙ୍କ ପଖରେ ଜରୁରୀ ଡାଟା ପୂର୍ବରୁ ଉପଲବ୍ଧ ଥିଲା। ଜଷ୍ଟିସ ଜେ.ନାଗାରତ୍ନା କହିଛନ୍ତି ଯେ, ମହିଳାମାନେ ଦେଶର ସବୁଠାରୁ ବଡ଼ ସଂଖ୍ୟାଲଘୁ। ନିର୍ଦ୍ଧାରଣ ପ୍ରକ୍ରିୟା କେବେ ଆରମ୍ଭ ହେବ ପଚାରି ସୁପ୍ରିମକୋର୍ଟ କହିଥିଲେ, ଆଇନ କାର୍ଯ୍ୟକାରୀ କରିବା ସରକାର ଏବଂ କାର୍ଯ୍ୟପାଳିକାର ଦାୟିତ୍ୱ ହୋଇଥିଲେ ବି କାର୍ଯ୍ୟାନ୍ୱୟନର ସମୟସୀମା କ'ଣ ତାହା କୋର୍ଟ ପଚାରିପାରିବେ। ସୁପ୍ରିମକୋର୍ଟ ଏକ ନୋଟିସ ଜାରିକରି ଜନଗଣନା ଏବଂ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା କେବେ ଆରମ୍ଭ ହେବ ଏବଂ ମହିଳା ସଂରକ୍ଷଣ କେବେ କାର୍ଯ୍ୟକାରୀ ହେବ, ତାହା ପ୍ରକାଶ କରିବାକୁ କେନ୍ଦ୍ର ସରକାରଙ୍କୁ କହିଛନ୍ତି।





ଦିଲ୍ଲୀ ବିସ୍ଫୋରଣ ପରେ ଘଟଣାସ୍ଥଳରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ। ହସ୍ପିଟାଲ୍‌ରେ ଆହତମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝୁଛନ୍ତି।

# କଟକରେ ପରିବା ଚାଷ ଦେଖିଲେ ଶିବରାଜ



**କଟକ, ୧୦।୧୧:** କଟକ ଜିଲ୍ଲା ସଦର ନିର୍ବାଚନ ମଣ୍ଡଳୀ ଅଧୀନ ରାଜହଂସ ଗ୍ରାମରେ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ ପହଞ୍ଚି ଚାଷୀମାନଙ୍କ ସହ ଆଲୋଚନା କରିଛନ୍ତି। କଟକ ଗସ୍ତରେ ଆସିଥିବା ବେଳେ ପରିବା ଚାଷ ହେଉଥିବା ଅଞ୍ଚଳ ବୁଲି ଦେଖିଥିଲେ। ବିଶେଷ କରି ଏହି ଅଞ୍ଚଳରେ ହେଉଥିବା ପରିବା ଚାଷକୁ ବୁଲି ଦେଖିବା ସହ ଚାଷର ପ୍ରଦ୍ଧତି ସମ୍ପର୍କରେ ପଚାରି ବୁଝିଥିଲେ। ଏହାପରେ ଚାଷୀମାନଙ୍କ ସହ ବସି ଆଲୋଚନା କରିଥିଲେ। ବର୍ତ୍ତମାନ ସମୟରେ ଉନ୍ନତ ଜ୍ଞାନକୌଶଳରେ ଚାଷ କରାଯାଉଥିବା ବେଳେ ଆଗକୁ କିଭଳି ଭାବେ ଏହି ଅଞ୍ଚଳରେ କିଭଳି ତାହାକୁ ଅନୁସରଣ କରାଯିବ ସେ ସମ୍ପର୍କରେ ପଚାରି ବୁଝିଥିଲେ। ବିଶେଷ କରି ସୋଲାର ଶକ୍ତିକୁ କିଭଳି ବ୍ୟବହାର କରାଯିବ ସେ ନେଇ ପଦକ୍ଷେପ ଗ୍ରହଣ କରାଯାଇଥିବା କଥା କହିଛନ୍ତି କେନ୍ଦ୍ର କୃଷି ମନ୍ତ୍ରୀ। ଅନ୍ୟପଟେ ଚାଷୀମାନେ କେନ୍ଦ୍ର ମନ୍ତ୍ରୀଙ୍କୁ ଭେଟି ନିଜର ଅସୁବିଧା ସମ୍ପର୍କରେ ଅବଗତ କରାଇଥିଲେ ବୋଲି ଚାଷୀ ମାନେ କହିଛନ୍ତି।

# ୨୦୦ ଆତଙ୍କବାଦୀଙ୍କୁ ଜୀବିତ କବର ଦେଲା ଇସ୍ରାଏଲ୍



**ଜେରୁଜେଲମ, ୧୦।୧୧:** ଯେଉଁ ସୁଡ଼ଙ୍ଗକୁ ହମାସ ନିଜର ସବୁଠୁ ବଡ଼ ତାକତ ବୋଲି ଭାବୁଥିଲା ଏବେ ସେହି ସୁଡ଼ଙ୍ଗ ତା ପାଇଁ କବର ପାଲଟିଛି। ଇସ୍ରାଏଲ ଓ ଗାଜା ମଧ୍ୟରେ ଜାରି ଯୁଦ୍ଧବିରାମ ମଧ୍ୟରେ ଏକ ଏପରି ଭିଡିଓ ସାମ୍ନାକୁ ଆସିଛି ଯାହା ସାରା ବିଶ୍ୱକୁ ଦୋହଲାଇ ଦେଇଛି। ରିପୋର୍ଟ ଅନୁସାରେ ରାଫା ବର୍ଡର ନିକଟରେ ଇସ୍ରାଏଲୀ ଫୋର୍ସ ଏକ ବଡ଼ ସୁଡ଼ଙ୍ଗ ଖୋଜି କାଢ଼ିଛି। ଯେଉଁଥିରେ ପାଖାପାଖି ୨୦୦ ହମାସ ଆତଙ୍କବାଦୀ ଫଶି ରହିଛନ୍ତି। କୁହାଯାଉଛି ହମାସର ଏହି ଆତଙ୍କବାଦୀମାନେ ୭ ମାସ ହେଲା ଏହି ସୁଡ଼ଙ୍ଗରେ ଅଛନ୍ତି। ଏବେ ଇସ୍ରାଏଲ ଏହି ସୁଡ଼ଙ୍ଗର ୪ ପାଖରେ ଥିବା ରାସ୍ତାଗୁଡିକୁ ବିସ୍ଫୋରକ ଏବଂ କଂକ୍ରିଟରେ ବନ୍ଦ କରିଦେଇଛି। ସେପଟେ ଗାଜା ସୁଡ଼ଙ୍ଗରେ ଫଶି ରହିଥିବା ୨୦୦ ଲୋକଙ୍କ ସୁରକ୍ଷିତ ନିଷ୍କାସନ ପାଇଁ କାମ କରୁଛି। ହମାସ ପୂର୍ବରୁ କହିଥିଲା ଇସ୍ରାଏଲ ନିୟନ୍ତ୍ରିତ ରାଫା କ୍ଷେତ୍ରର ସୁଡ଼ଙ୍ଗରେ ଲୁଚିଥିବା ଲୋକେ ଇସ୍ରାଏଲ ନିକଟରେ ଆତ୍ମସମର୍ପଣ କରିବେ ନାହିଁ, ଏଣୁ ମଧ୍ୟସ୍ଥଙ୍କ ମାଧ୍ୟମରେ ଏହି ସଂକଟର ସମାଧାନ କରିବାକୁ ଆଗ୍ରହ କରିଥିଲା। ଏବେ ସୁଡ଼ଙ୍ଗରେ ଫଶି ରହିଥିବା ଲୋକେ ମାସକ ପୂର୍ବରୁ ଆରମ୍ଭ ହୋଇଥିବା ଯୁଦ୍ଧବିରାମ ପାଇଁ ବିପଦ ପାଲଟି ଯାଇଛନ୍ତି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ଗତ କିଛି ସପ୍ତାହ ହେଲା କହି ଆସୁଛନ୍ତି ସୁଡଙ୍ଗରୁ ବାହାରିବାକୁ ଥିବା ଆତଙ୍କବାଦୀଙ୍କୁ ହୁଏତ ମାରି ଦିଆଯିବ ନଚେତ ଗିରଫ କରାଯିବ। ତେବେ ଇତି ମଧ୍ୟରେ ଇସ୍ରାଏଲ ସେନା ସୁଡ଼ଙ୍ଗର ସବୁ ନିଷ୍କାସନ ପଥକୁ ଖୋଜି ବାହାର କରିବା ସହ ସିମେଣ୍ଟ କଂକ୍ରିଟରେ ସିଲ କରିଦେଇଛି। ଫଳରେ ସୁଡ଼ଙ୍ଗରେ ଲୁଚିଥିବା ୨୦୦ ହମାସ ଆତଙ୍କବାଦୀ ଜୀବିତ କବର ନେଇଛନ୍ତି।

## ଆଇଇଏମ୍-ୟୁଇଏମ୍ ଗ୍ରୁପ୍ ଓ ରୋଟାରୀ କ୍ଲବ୍‌ର ବଦାନ୍ୟତା

# ଶିଶୁଙ୍କ ମୁହଁରେ ଫୁଟିଲା ହସ



**କୋଲକାତା,୧୦।୧୧(ସଂଚାର ବ୍ୟୁରୋ):** ବୋଲପୁର ସହାନୁଭୂତି ଓ ସୃଜନଶୀଳତାର ଏକ ଉଷ୍ମ ପରିବେଶରେ ପରିପୂର୍ଣ୍ଣ ଥିଲା। ଆଇଇଏମ୍-ୟୁଇଏମ୍ ଗ୍ରୁପ୍, ସଲ୍ଟଲେକ୍ ସିଲିକନ୍ ଭ୍ୟାଲିର ରୋଟାରୀ କ୍ଲବ୍ ସହିତ ଯୌଥ ଭାବରେ ଏକ ଦାନଶୀଳ କାର୍ଯ୍ୟକ୍ରମ ଏବଂ ମାନସିକ ସ୍ୱାସ୍ଥ୍ୟ କର୍ମଶାଳା ଆୟୋଜନ କରିଥିଲା। ପ୍ରାୟ ୭୫ ଜଣ ଅବହେଳିତ ଶିଶୁ -ଯାହାଙ୍କର ବୟସ ୫ ରୁ ୧୮ ବର୍ଷ ସେମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ଶିଶୁମାନଙ୍କୁ ସେମାନଙ୍କର ସୃଜନଶୀଳତା ପ୍ରକାଶ କରିବା ଏବଂ ଆତ୍ମନିର୍ଭରଶୀଳତା ପଥରେ ଆଗକୁ ବଢ଼ିବା ପାଇଁ ଉତ୍ସାହିତ କରିବା ପାଇଁ ଖାଦ୍ୟ ପ୍ୟାକେଟ ଏବଂ ହସ୍ତଶିଳ୍ପ ପ୍ରଦାନ କରାଯାଇଥିଲା। ଏହି ପଦକ୍ଷେପର ଅଂଶ ସ୍ୱରୂପ, ଏକ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନକୁ ଆନୁଷ୍ଠାନିକ ଭାବରେ 'ରୋଟାରୀ କମ୍ୟୁନିଟି କର୍ପସ' ଭାବରେ ସ୍ୱୀକୃତି ଦିଆଯାଇଥିଲା, ଯାହା ଭବିଷ୍ୟତରେ ରୋଟାରୀ କ୍ଲବ ସହିତ ସହଯୋଗରେ ସମାଜ କଲ୍ୟାଣ କାର୍ଯ୍ୟରେ ସାମିଲ ହେବ। ଆଇଇଏମ୍-ୟୁଇଏମ୍ ଗ୍ରୁପର ନିର୍ଦ୍ଦେଶକ ଡକ୍ଟର ସତ୍ୟଜିତ ଚକ୍ରବର୍ତ୍ତୀ କହିଛନ୍ତି, ଶିକ୍ଷା, ସୃଜନଶୀଳତା ଏବଂ ସହାନୁଭୂତି ମାଧ୍ୟମରେ ଶିଶୁମାନଙ୍କୁ ସଶକ୍ତ କରିବା ଆମର ନୈତିକ ଦାୟିତ୍ୱ। ରୋଟାରୀ କ୍ଲବର ସଭାପତି ଡକ୍ଟର ସମାପିକା ଦାସ ବିଶ୍ୱାସ କହିଛନ୍ତି, ଏହି ମିଳିତ ପ୍ରୟାସ ସମାଜ ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

# ମାଣ୍ଡିଆ ଦିବସର ଶୁଭେଚ୍ଛା ଜଣାଇଲେ ଧର୍ମେନ୍ଦ୍ର ପ୍ରଧାନ

**ଭୁବନେଶ୍ୱର,୧୦।୧୧ (ସଂଚାର ବ୍ୟୁରୋ):** ମାଣ୍ଡିଆ ଦିବସର ଶୁଭେଚ୍ଛା ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏନେଇ ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, 'ମାଣ୍ଡିଆ ଦିବସ'ର ଶୁଭେଚ୍ଛା। ଆମର ପାରମ୍ପରିକ ଖାଦ୍ୟ ମଧ୍ୟରେ ମାଣ୍ଡିଆ ବିଶେଷ ସ୍ଥାନ ଅଧିକାର କରିଛି। ଏହି ସ୍ୱାସ୍ଥ୍ୟ ହିତକର ଖାଦ୍ୟର ଖୁବ୍ ପ୍ରଚାର ପ୍ରସାର କରିବା ସହ ଏହାର ଉପାଦେୟ ବିଷୟରେ ଜନସଚେତନତା ସୃଷ୍ଟି କରିବା ପାଇଁ ସଂକଳ୍ପ ନେବା।

## ● ନୀଳଚକ୍ର ପଶ୍ଚିମବଙ୍ଗର ବୋଇତ ବନ୍ଦାଣ ଉତ୍ସବ

# ଉତ୍କଳର ଜଗନ୍ନାଥ ସଂସ୍କୃତି ହେଉଛି ଅଗ୍ରଗଣ୍ୟ



**କୋଲକାତା,୧୦।୧୧(ଆପ୍ର):** ସଂସ୍କୃତି ହେଉଛି ଗୋଟିଏ ଜାତିର ଚିତ୍ରକଥା। ନୀଳଚକ୍ର ହେଉଛି ଆମ ଜାତି, ଭାଷା, ସଂସ୍କୃତି, ଶ୍ରୀଜଗନ୍ନାଥ ଚେତନାର ଅଗ୍ରଗଣ୍ୟ। ନୀଳଚକ୍ର ଅନୁଷ୍ଠାନ ଭାଷା, ସାହିତ୍ୟମ, ସଂସ୍କୃତି ସୁରକ୍ଷା ରାଜ୍ୟ ଭିତରେ ନୁହେଁ ଦୀର୍ଘ ୫୦ ବର୍ଷରୁ ଅଧିକକାଳ ପଶ୍ଚିମବଙ୍ଗ ପ୍ରବାସୀ ଓଡିଆମାନଙ୍କ ମଧ୍ୟରେ ସଚେତନାର ବାତାବରଣ ସୃଷ୍ଟି କରିଛି। ଏହି ବହୁବିଧ କାର୍ଯ୍ୟ ଆଗକୁ ଜାରି ରହିବ ବୋଲି ଅଧ୍ୟକ୍ଷତା କରି କହିଲେ ବାଗ୍ମୀ ତଥା ନୀଳଚକ୍ର ପଶ୍ଚିମବଙ୍ଗ ସଭାପତି ଲକ୍ଷ୍ମୀନାରାୟଣ ମଲ୍ଲିକ। ନୀଳଚକ୍ର ପଶ୍ଚିମବଙ୍ଗ ୫୩ ତମ ବୋଇତ ବନ୍ଦାଣ ଉତ୍ସବ ଓ ସାଧାରଣ ସଭା ରବିବାର ଶ୍ୟାମପ୍ରସାଦ ମୁଖାର୍ଜୀ ଭାଷା ଭବନ ଅଡିଟୋରିୟମରେ ଆୟୋଜିତ ଉତ୍ସବରେ ପଦ୍ମଶ୍ରୀ ଦୈତାରୀ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପରେ ଡକ୍ଟର ଲିସା ପଣ୍ଡାଙ୍କ ଓଡିଶୀ ନୃତ୍ୟ ଅଡିଟୋରିୟମରେ ବସିଥିବା ସମସ୍ତଙ୍କୁ ମନମୁଗ୍ଧ କରିଥିଲା। ଉତ୍ସବରେ ସମ୍ମାନିତ ଅତିଥିଭାବେ ଆୟକର ବିଭାଗର ଡେପୁଟି କମିଶନର ଆଶୁତୋଷ କୁମାର ସାହୁ, ସାହିତ୍ୟ ଏକାଡେମୀ ସଚିବ ଚନ୍ଦ୍ରଶେଖର ହୋତା, ସମ୍ମାନିତ ଅତିଥି ଜଗନ୍ନାଥ ସଂସ୍କୃତିର ଗବେଷକ ପ୍ରଫେସର ଡକ୍ଟର ଶେଖ ମକବୁଲ ଇସଲାମ, ସମ୍ମାନିତ ଅତିଥି ବିଶିଷ୍ଟ ଗବେଷକ ପ୍ରଫେସର ଡକ୍ଟର କୃଷ୍ଣଚନ୍ଦ୍ର ଭୂୟାଁ ଯୋଗଦେଇଥିଲେ। ସାହିତ୍ୟିକ ପ୍ରଫେସର କୈଳାସ ଚନ୍ଦ୍ର ଟିକାୟତ ରାୟ କହିଲେ ସଂସ୍କୃତିକୁ ସୁଦୃଢ଼ କରିବରେ ସାହିତ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଅନୁଷ୍ଠାନର 'ପ୍ରବାସୀ ମହଲ' ପତ୍ରିକା ଉନ୍ମୋଚନ ପରେ ସାଧବ ପୁଅ ସମ୍ମାନରେ ବସନ୍ତ କୁମାର ରଣାଙ୍କୁ ସମ୍ମାନିତ କରାଯାଇଥିଲା।

# ଶ୍ରୀ ସିଦ୍ଧମହାବୀରଙ୍କ ନାଗାର୍ଜୁନ ବେଶ ଦର୍ଶନ କଲେ ଶ୍ରଦ୍ଧାଳୁ

**ପୁରୀ, ୧୦ ।୧୧ (ସଂଚାର ବ୍ୟୁରୋ):** ପବିତ୍ର ଶ୍ରୀକ୍ଷେତ୍ର ପରିକ୍ରମା ଅବସରରେ ସୋମବାର ସକାଳୁ ସକାଳୁ ପୁରୀ ସହରରେ ଥିବା ଶ୍ରୀ ସିଦ୍ଧମହାବୀର ମନ୍ଦିରରେ ହଜାର ହଜାର ଶ୍ରଦ୍ଧାଳୁ ଓ ଭକ୍ତ ପ୍ରଭୁଙ୍କ ନାଗାର୍ଜୁନ ବେଶ ଦର୍ଶନ କରିଛନ୍ତି। ଅଧିକ ସଂଖ୍ୟକ ଭକ୍ତ ଗୌଡ଼ୀୟ ସଂପ୍ରଦାୟ ଓ ବଙ୍ଗୀୟ ଭକ୍ତଙ୍କୁ ଦେଖିବାକୁ ମିଳିଥିଲା। ଏହି ବେଶ ଅତି ଦୁର୍ଲଭ, ଯାହାକୁ ଦର୍ଶନ କଲେ ଅନେକ ଗ୍ରହରିଷ୍ଟ ଖଣ୍ଡନ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଭକ୍ତମାନେ ଖାଲି ପାଦରେ ଶ୍ରୀକ୍ଷେତ୍ରରେ ଥିବା ଶ୍ରୀମନ୍ଦିର ସିଂହଦ୍ୱାରରେ ପତିତପାବନ ଦର୍ଶନ, ସ୍ୱର୍ଗଦ୍ୱାର ଘାଟ, ମଙ୍ଗଳା ମୁହାଣ, ଶ୍ରୀଲୋକନାଥଙ୍କ ମନ୍ଦିର, ମଙ୍ଗଳାଘାଟ, ଆଲାମଚଣ୍ଡୀ, ମକରଧ୍ୱଜ ହନୁମାନ ଓ ଅଠରନଳା ଦେଇ ସିଦ୍ଧମହାବୀରଙ୍କ ଦର୍ଶନ କରିଥିଲେ। ଶ୍ରୀ ସିଦ୍ଧମହାବୀରଙ୍କ ଠାରୁ ତାଳବଣିଆ ଦେଇ ଚକ୍ରତୀର୍ଥ ରୋଡ ସୁନାର ଗୌରାଙ୍ଗ, ବେଡି ହନୁମାନ, ଚକ୍ର ନାରାୟଣ ମନ୍ଦିର ଦର୍ଶନ କରିଥିଲେ। ଚକ୍ର ନାରାୟଣଙ୍କ ଠାରୁ ନାରାୟଣ ଘାଟ ସ୍ୱର୍ଗଦ୍ୱାର ଦେଇ ପୁଣି ଶ୍ରୀମନ୍ଦିର ସିଂହଦ୍ୱାର ଠାରେ ପରିକ୍ରମା ଶେଷ କରିଥିଲେ।

# 'ଛାଡ଼ଖାଇ ୨୦୨୫' ପର୍ବରେ ମଜ୍ଜିଲେ ପ୍ରବାସୀ ଓଡ଼ିଆ

## ଏକାଠି ହେଲେ ୫ ଶହରୁ ଅଧିକ ପରିବାର



**କୋଲକାତା,୧୦।୧୧(ସଂଚାର ବ୍ୟୁରୋ):** ବିଭିନ୍ନ ପେଶାରେ କୋଲକାତାକୁ ଆସିଥିବା ସୁନାମଧନ୍ୟ ଚିକିତ୍ସକ, କମ୍ପାନୀ ସେକ୍ରେଟାରୀ, ବିଭିନ୍ନ ବ୍ୟାଙ୍କର ଉଚ୍ଚପଦସ୍ଥ ଅଧିକାରୀ, କମ୍ପାନୀ ସିଇଓ ନିର୍ଦ୍ଦେଶକ, ଇଭେଣ୍ଟ ମ୍ୟାନେଜମେଣ୍ଟ, ଆଇନଜୀବୀ ସହ ନାନାପେଶା ସହିତ ଜଡିତ ଓଡିଶାର ବିଭିଇନ ଜିଲ୍ଲାର ବାସିନ୍ଦା, ପୁଣି କେହି କୋଲକାତା ସହରର ବିଭିନ୍ନ ପ୍ରାନ୍ତରେ ବସବାସ କରନ୍ତି, ସେମାନେ ଏକାଠି ହୋଇ ୨୦୧୩ ମସିହାରେ ଖିଦିରପୁର ଜଗନ୍ନାଥ ମନ୍ଦିରରେ ଗଢ଼ିଥିଲେ ଓଡିଆସ୍ ଆଟ୍ କୋଲକାତା ୱେଲଫେୟାର ଆସୋସିଏସନ (ଓଏକେ)। ଏହି ଛାଡଖାଇ ପର୍ବରେ ରବିବାରରେ ସଲ୍ଟଲେକ 'ନଳବନ' ନଦୀ କୂଳ ଜଙ୍ଗଲ ସଦୃଶ୍ୟ ପ୍ରାକୃତିକ ପରିବେଶରେ ଏକାଠି ହୋଇଥିଲେ। ଓଡିଆସ୍ ଆଟ୍ କୋଲକାତା ୱେଲଫେୟାର ଆସୋସିଏସନର ସଭାପତି ତଥା ଶିଳ୍ପ ଉଦ୍ୟୋଗୀ ଗୁରୁଚରଣ ପଟ୍ଟନାୟକ, ସଂଗଠନର ମୂଳ ଉଦ୍ୟୋକ୍ତା ତଥା ପ୍ରତିଷ୍ଠାତା ସଂପାଦକ ପ୍ରଦୀପ କୁମାର ମହାପାତ୍ରଙ୍କ ସହ ପ୍ରାୟ ୫୦୦ଟି ପରିବାର ଏହି ପର୍ବରେ ସାମିଲ ହୋଇଥିଲେ। ତା' ବିସ୍କୁଟ, କଟକର ଦହିବରାରୁ ଆରମ୍ଭ ହୁଏ ପର୍ବ। ପିଲାମାନଙ୍କ ପାଇଁ ବିଭିନ୍ନ ପ୍ରକାରର ଖେଳ, ମହିଳାମାନଙ୍କ ପାଇଁ ହାଣ୍ଡି ଭଙ୍ଗା ଖେଳ, ବ୍ୟାଡମିଟନ, ମ୍ୟୁଜିକ ଚେୟର, ସେଲଫି ଜୋନରେ ସେଲଫି ଉଠାନ୍ତି ମହିଳାଙ୍କ ଠାରୁ ଶିଶୁ। ବିଭିନ୍ନ ଖେଳରେ ବିଜୟୀ ହୋଇଥିବା କୃତୀମାନଙ୍କୁ ପୁରସ୍କୃତ କରାହୁଏ। ଏହାପରେ ମଧ୍ୟାହ୍ନ ଭୋଜନରେ ଓଡିଆ ଘର ଖାଦ୍ୟ, ଯଥା ଓଡିଶାର ଛେନାପୋଡ, ଖାସି ମାଂସ, ଚିଙ୍ଗୁଡି ଘାଣ୍ଟ, ଡାଲମା, ସାଲେପୁରର ପ୍ରସିଦ୍ଧ ରସଗୋଲା, କେନ୍ଦ୍ରାପଡାର ପ୍ରସିଦ୍ଧ ତଥା ବଳଦେବଜୀଉଙ୍କ ପ୍ରିୟ ପ୍ରସାଦ ରସାବଳୀ, ଛତୁ ତରକାରୀ, ଆଇସକ୍ରୀମ ସହ ବହୁ ବ୍ୟଞ୍ଜନର ମଜ୍ଜା ଉଠାଇଥିଲେ ୫୦୦ ପରିବାରର ସଦସ୍ୟ। ସଂଜୟ କୁମାର ଦାସଙ୍କ ସଂଯୋଜନାର ବିଶିଷ୍ଟ ଚିକିତ୍ସକ ପ୍ରଦୀପ୍ତ କୁମାର ସେଠୀ, ପୂର୍ବତନ ଡିଜି ଦୁର୍ଗାପ୍ରସାଦ ତାରେଣିଆ, ପୂର୍ବତନ ରେସିଡେଣ୍ଟାଲ କମିଶନର କାଶିନାଥ ବେହେରା, ଚିକିତ୍ସକ ମଧୁସ୍ମିତା ବେହେରା ସହ ବହୁ ବିଶିଷ୍ଟ ବ୍ୟକ୍ତି ସାମିଲ ହୋଇଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବାହାର...

ଅଛି। ନୂଆପଡ଼ା ଜିଲ୍ଲାରେ ବି ଇଭିଏମ୍ ଥିଲା। ତାହା ବ୍ୟବହାର ହେଉଛି। କୌଣସି ଇଭିଏମ୍ ବାହାରୁ ଆସିନାହିଁ। ଗଞ୍ଜାମ ଜିଲ୍ଲାରେ ୨ଟି ଓ୍ୱେୟାରହାଉସ୍ ଅଛି। ତାହା ଚଳିତ ମାସରେ ଖୋଲାଯାଇ ନାହିଁ। ଯେଉଁ ଅଭିଯୋଗ ଆସିଛି ତାହା ଆଦୌ ସମ୍ଭବ ନୁହେଁ। ନୂଆପଡ଼ା ଜିଲ୍ଲାପାଳ ଗୋଟେ ଇଭିଏମ୍ ଟ୍ରକ୍ ଆଣିବା ସମ୍ଭବପର ନୁହେଁ। ତାହାର ପ୍ରୋସେସ ରହୁଛି। ନିର୍ବାଚନ କମିଶନ କଠୋର ଅଛନ୍ତି। ୭୫ ବର୍ଷ ଧରି ଇସିଆଇ ଭରସାଯୋଗ୍ୟ ହୋଇଆସିଛି। ଇଭିଏମ୍ ବିରୁଦ୍ଧରେ କୌଣସି ଅଭିଯୋଗ କୋର୍ଟରେ ପ୍ରମାଣିତ ହୋଇନାହିଁ। ସ୍ୱଚ୍ଛତା ବଜାୟ ରହିଛି। ଏଭଳି ଅଭିଯୋଗକୁ ଭୋଟର ବିଶ୍ୱାସ କରନ୍ତୁ ନାହିଁ। ସାଇଲେଣ୍ଟ ଆୱାରରେ ପଇସା ବଣ୍ଟାଯାଉଥିବା କୌଣସି ଅଭିଯୋଗ ସିଇଓଙ୍କ ନିକଟକୁ ଆସିନାହିଁ। ଆମେ କଡ଼ା ନଜର ରଖିଛୁ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ ବିଜେଡି ସୋମବାର ଇଭିଏମ୍ ଲୁଚାଇବା ନେଇ ଅଭିଯୋଗ ଆଣିଥିଲା। ବରିଷ୍ଠ ବିଜେଡି ନେତ୍ରୀ ପ୍ରମିଳା ମଲ୍ଲିକ କହିଥିଲେ ଯେ ଗଞ୍ଜାମ ଜିଲ୍ଲାରୁ ଗୋଟିଏ ଟ୍ରକ୍‌ରେ ଇଭିଏମ୍ ଆସିଛି। ତାହା ଷ୍ଟ୍ରଙ୍ଗ ରୁମ୍‌ରେ ନାହିଁ, ଆଉ କେଉଁଠି ଅଛି ତାହା ବି କାହାକୁ ଜଣାନାହିଁ। ଜିଲ୍ଲାପାଳ ମଧ୍ୟ ଏକଥାକୁ ଲୁଚାଉଛନ୍ତି। ଭୋଟ୍ ଚୋରି କରି ଯେପରି ୨୦୨୪ରେ ସରକାରକୁ ଆସିଥିଲା ବିଜେପି, ସେହିଭଳି ଏଥର ମଧ୍ୟ ଭୋଟ୍ ଚୋରି ପାଇଁ ଉଦ୍ୟମ ଆରମ୍ଭ କରିଛି। ଏହା ବିରୁଦ୍ଧରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ବିଜେଡି ଫେରାର ହୋଇଥିଲା। ଜିଲ୍ଲାପାଳଙ୍କ ବିରୁଦ୍ଧରେ ତଦନ୍ତ କରି ଶନିବାର ବିଳମ୍ବିତ ରାତିରେ ଆସିଥିବା ସମସ୍ତ ଇଭିଏମ୍ କୁଆଡ଼େ ଗଲା, ତାହାର ତଦନ୍ତ କରିବା ସକାଶେ ଦଳ ଦାବି କରିଥିଲା।

ସେହିଭଳି ନୂଆପଡ଼ାରେ ବିଜେପି ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରିଥିବା ନେଇ ବିଜେଡି ଅଭିଯୋଗ ଆଣିଥିଲା। ପ୍ରମିଳା କହିଥିଲେ ଯେ ଲୋକଙ୍କୁ ମିଛ କଥା କହି ଭ୍ରମିତ କରୁଛି ବିଜେପି। ନୂଆପଡ଼ାରେ ବିଜେପି ସରକାର ମେଡିକାଲ କଲେଜ ନିର୍ମାଣ କରିବା ନେଇ ଘୋଷଣା କରିଛନ୍ତି। ଏହା କ'ଣ ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ ନୁହେଁ ବୋଲି ସେ ପ୍ରଶ୍ନ କରିଛନ୍ତି। ନୂଆପଡ଼ାରେ ସବୁ ବଳ ପ୍ରୟୋଗ କରି ଜିତିବେ ବୋଲି ଆଶା ରଖିଛନ୍ତି ଶାସକ ଦଳ। ହେଲେ ଯିଏ ଗତ ଦେଢ଼ ବର୍ଷ ହେବ କିଛି ବି କରିନାହାନ୍ତି, ସେମାନେ ଏଭଳି ମିଛ ପ୍ରତିଶ୍ରୁତି କିପରି ଦେଉଛନ୍ତି ବୋଲି ବିଜେଡି କହିଛି। ଏନେଇ ଏକ ଦାବିପତ୍ର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଦେଇଥିଲା ବିଜେଡି।

## ଲାଲକିଲ୍ଲା...

ତଦନ୍ତ ଦଳ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଛନ୍ତି।

ଦିଲ୍ଲୀ ଦୁର୍ଘଟଣା ବିଷୟରେ ଗୃହମନ୍ତ୍ରୀ ଅମିତ ଶାହଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କଥା ହୋଇଛନ୍ତି। ପ୍ରଧାନମନ୍ତ୍ରୀ ପରିସ୍ଥିତିର ସମୀକ୍ଷା କରିବା ସହିତ ଶାହଙ୍କ ଠାରୁ ପରିସ୍ଥିତି ବିଷୟରେ ସବିଶେଷ ସୂଚନା ପାଇଛନ୍ତି। ଏନେଇ ଦିଲ୍ଲୀ ପୁଲିସ କମିସନର ସତୀଶ ଗୋଲଚା କହିଛନ୍ତି, ସନ୍ଧ୍ୟା ପ୍ରାୟ ୬:୫୨ ସମୟରେ, ଏକ ଧୀର ଗତିରେ ଯାଉଥିବା କାର ରେଡ୍ ସିଗନାଲରେ ଅଟକିଥିଲା। ଏହାପରେ ଗାଡିରେ ବିସ୍ଫୋରଣ ହୋଇଥିଲା। ଯାହା ଦ୍ୱାରା ନିକଟବର୍ତ୍ତୀ ଗାଡିଗୁଡିକ କ୍ଷତିଗ୍ରସ୍ତ ହୋଇଥିଲା। ସମସ୍ତ ତଦନ୍ତ ଏଜେନ୍ସି ଘଟଣାସ୍ଥଳରେ ଅଛନ୍ତି। ପରିସ୍ଥିତି ଉପରେ ନଜର ରଖାଯାଇଛି। ଶାହ ବିସ୍ଫୋରଣ ସମ୍ପର୍କରେ ଏନଆଇଏ ମହାନିର୍ଦ୍ଦେଶକଙ୍କ ସହ କଥା ହୋଇଛନ୍ତି। ଗୃହମନ୍ତ୍ରୀ ଆଇବି ମୁଖ୍ୟଙ୍କଠାରୁ ମଧ୍ୟ ସୂଚନା ମାଗିଛନ୍ତି। ଶାହା ଏନଆଇଏ ମହାନିର୍ଦ୍ଦେଶକଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହା ଏକ ଆତଙ୍କବାଦୀ ଆକ୍ରମଣ ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି। ଏହି ବିସ୍ଫୋରଣର ତୀବ୍ରତା ଏତେ ଅଧିକ ଥିଲା ଯେ ଏଥିରେ ଉକ୍ତ ଆଇ-୨୦ କାର୍‌ଟି ୨୦ ଫୁଟକୁ ଉପରକୁ ଉଠିଯାଇଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି। ସେହିପରି ଉକ୍ତ କାର୍‌ର ମାଲିକଙ୍କୁ ଠାବ କରାଯାଇଛି। ସେ ହରିଆଣାର ମହମ୍ମଦ ସଲମାନ୍ ବୋଲି ଚିହ୍ନଟ ହୋଇଥିବା ବେଳେ ତାକୁ ପୁଲିସ୍ ଅଟକ ରଖି ପଚରାଉଚରା ଚଳାଇଛି। ତେବେ ସନ୍ଧ୍ୟା ସମୟରେ ଷ୍ଟ୍ରୀଟ୍ ଲାଇଟ୍ ଜଳିବା କ୍ଷଣି ବିସ୍ଫୋରଣ ହୋଇଥିବା ମଧ୍ୟ ଜଣାପଡ଼ିଛି।

## ସବୁ...

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସବୁ ଟିକିନିଖି ଖବର ଦିଆଯାଇଥିବା ଶାହା ପ୍ରକାଶ କରିଛନ୍ତି। ପ୍ରକାଶଥାଉ କି, ଶାହ ମେଡିକାଲରେ ପହଞ୍ଚି ଚିକିତ୍ସିତ ହେଉଥିବା ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ ଓ ମୃତକଙ୍କ ପରିବାରକୁ ସାନ୍ତ୍ୱନା ଦେଇଥିଲେ। ଏଭଳି ଦୁଃଖଦ ଘଟଣା ଦେଶବାସୀଙ୍କୁ ସ୍ତବ୍ଧ କରି ଦେଇଥିବା ବେଳେ ପରିସ୍ଥିତିକୁ ଦେଖି ବିଭିନ୍ନ ରାଜ୍ୟରେ ହାଇଆଲର୍ଟ ଜାରି କରାଯାଇଛି। ଏ ପର୍ଯ୍ୟନ୍ତ କୌଣସି ଆତଙ୍କବାଦୀ ସଂଗଠନ ଏନେଇ ନିଜକୁ ଦାୟୀ କରି ନଥିବା ବେଳେ ତଦନ୍ତ ପରେ ସତ୍ୟ ଲୋକଲୋଚନକୁ ଆସିବ।

## ଆକ୍ସନ...

ଘଟଣାର ସବୁ ଦିଗ ବିଷୟରେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି। ଅମିତ ଶାହ ଘଟଣାରେ ଆଇବି ମୁଖ୍ୟଙ୍କ ସହ କଥା ହୋଇ ଏନଆଇଏ ଡିଜିକୁ ନିର୍ଦ୍ଦେଶ ଦେଇଛନ୍ତି। ଗୃହ ମନ୍ତ୍ରୀ ସିଆରପିଏଫ ଡିଜିଙ୍କୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାସ୍ଥଳରେ ଏନଏସଜିକୁ ପହଞ୍ଚିବାକୁ କୁହାଯାଇଛି। ତନ୍ନ ତନ୍ନ କରି ଘଟଣାର ତଦନ୍ତ ଉପରେ ଗୁରୁତ୍ୱ ଦିଆଯାଇଛି। ଏ ପର୍ଯ୍ୟନ୍ତ ବୋମା ନା ଅନ୍ୟ କୌଣସି ବିସ୍ଫୋରକରେ ଏହି ବିସ୍ଫୋରଣ ଘଟିଛି ତାହାର ସୂଚନା ମିଳି ପାରିନାହିଁ। ଏନଆଇଏର ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରି ଦେଇଛି।

## ଆଲର୍ଟରେ...

ବ୍ୟବସ୍ଥା ବଢ଼ାଯାଇଛି। ସେହିପରି କଟକ ବାଲିଯାତ୍ରା ଚାଲିଥିବା ବେଳେ ଏଠାରେ ସମ୍ଭାବ୍ୟ ବିସ୍ଫୋରଣକୁ ନେଇ ମଧ୍ୟ ହାଇ ଆଲର୍ଟ ଜାରି କରାଯାଇଛି। ଘଟଣା ପରେ ଦିଲ୍ଲୀ, ମୁମ୍ବାଇ, ଉତ୍ତରପ୍ରଦେଶକୁ ହାଇ ଆଲର୍ଟ ଜାରି କରାଯାଇଛି। ସେପଟେ ଘଟଣାକୁ ନେଇ ଦିଲ୍ଲୀ ସିପି, ଆଇବି ମୁଖ୍ୟଙ୍କ ସହ କଥା ହୋଇଛନ୍ତି ଗୃହମନ୍ତ୍ରୀ ଶାହ ଅମିତ ଶାହ। ଏହା ସହ ଏନଆଇ ଡିଜିଙ୍କୁ ମଧ୍ୟ ତଦନ୍ତ ନିର୍ଦ୍ଦେଶ ଦେବା ସହ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଘଟଣା ସମ୍ପର୍କରେ ଅବଗତ କରିଛନ୍ତି ଗୃହମନ୍ତ୍ରୀ।

## ଡିଜିଙ୍କ...

ଡିଜି ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ରମରେ ଡିଜିପି ଶ୍ରୀ ଖୁରାନିଆ ଆଜି ରାତିରେ କଟକ ବାଲିଯାତ୍ରା ଆୟୋଜନସ୍ଥଳକୁ ଗସ୍ତ କରି ସେଠାରେ ସୁରକ୍ଷା ବ୍ୟବସ୍ଥା ସଂକ୍ରାନ୍ତରେ ବିସ୍ତୃତ ଭାବେ ଅନୁଧ୍ୟାନ କରିଥିଲେ। ସେଠାରେ ଲକ୍ଷାଧିକ ଲୋକଙ୍କ ଜନ ଗହଳି ହେଉଛି। ଜନସାଧାରଣଙ୍କ ସୁରକ୍ଷା ବ୍ୟବସ୍ଥାରେ ଯେ ଭଳି କୌଣସି ତ୍ରୁଟିବିଚ୍ୟୁତି ନ ହୁଏ, ସେ ସଂକ୍ରାନ୍ତରେ ନିୟୋଜିତ ଥିବା ବରିଷ୍ଠ ପୁଲିସ ଅଧିକାରୀଙ୍କ ସହ ମଧ୍ୟ ସେ ବିସ୍ତୃତ ଆଲୋଚନା କରିଛନ୍ତି। ଏଥିସହ ଜନସାଧାରଣଙ୍କ ସୁରକ୍ଷା ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ମଧ୍ୟ ଶ୍ରୀ ଖୁରାନିଆ ନିର୍ଦ୍ଦେଶ ଦେଇଛନ୍ତି। ଜନସମାଗମସ୍ଥଳ, ବଜାର, ରେଳ ଷ୍ଟେସନ, ବସ୍ ଟର୍ମିନାଲ୍, ଧାର୍ମିକ ସ୍ଥାନ ସମେତ ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳରେ ପାଟ୍ରୋଲିଂ ବଢ଼ାଇବା ଉପରେ ଡିଜି ଗୁରୁତ୍ୱାରୋପ କରିଛନ୍ତି। ସେହିପରି ସିସିଟିଭି ନିରୀକ୍ଷଣ, ବିସ୍ଫୋରକ ପଦାର୍ଥ ଚେକିଂ, ସନ୍ଦିଗ୍ଧ ଯାତ୍ରୀ, ଗୁଇନ୍ଦା ସୂଚନା ସଂଗ୍ରହକୁ କ୍ରିୟାଶୀଳ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ବ୍ୟତୀତ ସନ୍ଦେହଜନକ ବ୍ୟକ୍ତି ବିଶେଷ କିମ୍ବା ବସ୍ତୁ ନଜରକୁ ଆସିଲେ ତୁରନ୍ତ ନିକଟସ୍ଥ ଥାନା କିମ୍ବା ୧୧୨ ନମ୍ବରରେ ତୁରନ୍ତ ଜଣାଇବାକୁ ଡିଜି ନିବେଦନ କରିଛନ୍ତି।

ଏଥିସହ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇ ଜନ ସାଧାରଣଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବାକୁ ସେ ପ୍ରାଧାନ୍ୟ ଦେଇଛନ୍ତି। ଏହା ସହ ସମସ୍ତ ପରିସ୍ଥିତିକୁ ପ୍ରତିକାର କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହ ପୁଲିସ ପ୍ରଶାସନକୁ ସକ୍ରିୟ ସହଯୋଗ କରିବାକୁ ଜନସାଧାରଣଙ୍କୁ ଅପିଲ୍ କରିଛନ୍ତି। ବୈଠକରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତି ଉପସ୍ଥିତ ଥିଲେ।

## ଡିଜିଙ୍କ ସହ...

ଏପରି ଏକ ଅମାନବୀୟ ଆକ୍ରମଣ ପାଇଁ ଦାୟୀ ବ୍ୟକ୍ତିବିଶେଷଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଦଣ୍ଡିତ କରିବେ ବୋଲି ମଧ୍ୟ ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏଥିସହ ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ଉପରେ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ ପୁଲିସ୍ ଡିଜିଙ୍କ ସହ ଟେଲିଫୋନ୍ ଯୋଗେ ଆଲୋଚନା କରିଛନ୍ତି। ବିଶେଷକରି ଏବେ ବାଲିଯାତ୍ରା ପରି ଅନ୍ତର୍ଜାତୀୟ ସ୍ତରର ଉତ୍ସବ ଚାଲିଥିବାରୁ ସେଠାରେ ପୁଲିସ୍‌କୁ ସଜାଗ ରହିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଆହୁରି ରାଜ୍ୟର ପ୍ରମୁଖ ସହର ଓ ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ବି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ସକାଶେ ମୁଖ୍ୟମନ୍ତ୍ରୀ ଡିଜିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ତିନି...

ସାଧାରଣ ନିର୍ବାଚନରେ ନୂଆପଡ଼ାରେ ୭୫.୪୪ ପ୍ରତିଶତ ମତଦାନ ଅର୍ଥାତ ପ୍ରାୟ ଏକ ଲକ୍ଷ ୮୩ ହଜାର ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଥିଲେ। ସେ ମଧ୍ୟରୁ ରାଜେନ୍ଦ୍ର ଢୋଲକିଆ ୩୩.୬୫ ପ୍ରତିଶତ ଅର୍ଥାତ ୬୧,୮୨୨ ଖଣ୍ଡ ଭୋଟ ପାଇ ଜିତିଥିଲେ। ବିଜେପି ପାର୍ଥୀ ଅଭିନନ୍ଦନ ପଣ୍ଡା ୨୪.୩୯ ପ୍ରତିଶତ ଅର୍ଥାତ ୪୪,୮୧୪ ଖଣ୍ଡ ଭୋଟ ପାଇଁ ତୃତୀୟ ସ୍ଥାନରେ ଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ଘାସିରାମ ମାଝୀ ୨୭.୭୩ ପ୍ରତିଶତ ବା ୫୦,୯୪୧ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଥିଲେ। ଗତ ନିର୍ବାଚନରେ ତାଙ୍କୁ କଂଗ୍ରେସ ଟିକେଟ ନଦେବାରୁ ସେ ସ୍ୱାଧିନ ଭାବେ ଛିଡ଼ା ହୋଇଥିଲେ। ଘାସିରାମ ଲଗାତାର ଭାବେ ପଞ୍ଚମ ଥର ନିର୍ବାଚନ ଲଢ଼ି ହାରିଛନ୍ତି। ଏଥର ଷଷ୍ଠ ଥର ପାଇଁ ସେ ନିଜ ଭାଗ୍ୟ ପରୀକ୍ଷା କରୁଛନ୍ତି।

ଏହି ଉପନିର୍ବାଚନରେ ପ୍ରତିଦିନ ଅଙ୍କ ବଦଳୁଥିବା ବେଳେ କିଏ ବାଜି ମାରିବ ସେନେଇ ତିନି ଦଳର ମୁଖିଆ ମଧ୍ୟ ସନ୍ଦେହରେ। ନୂଆପଡ଼ା ଓ କୋମନା ବ୍ଲକ ସାଙ୍ଗକୁ ନୂଆପଡ଼ା ଓ ଖରିଆର ରୋଡ ଏନଏସିକୁ ନେଇ ଗଠିତ ଏହି ନିର୍ବାଚନମଣ୍ଡଳୀର ଭୋଟ ଏଯାଏଁ କୌଣସି ସଙ୍କେତ ଦେଉନାହାଁନ୍ତି। ଭୋଟରଙ୍କ ଏଭଳି ନିରବତା ତିନି ପ୍ରମୁଖ ଦଳର ଚିନ୍ତା ବଢ଼ାଇଦେଇଛି। ସେପଟେ ଦିବଂଗତ ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ଅନୁକମ୍ପା ଭୋଟ କିଏ କେତେ ଟାଣିବ, ତାହା ନିର୍ଦ୍ଦିଷ୍ଟ ଦଳୀୟ ପ୍ରାର୍ଥୀ ବିଜୟ କ୍ଷେତ୍ରରେ ନିର୍ଣ୍ଣାୟକ ହେବ। ସେ ଭିତରେ ଆଜି ରାତିରୁ ହେବାକୁ ଥିବା ଅନ୍ଧାରୀ ବିଜେ ଆସନ୍ତାକାଲି ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବ ବୋଲି କୁହାଯାଉଛି।

ପୁଲିଂ ବୁଥକୁ ଇଭିଏମ ଧରି ପ୍ରିଜାଇଡିଂ ଅଫିସରଙ୍କ ସହ ପୋଲିଂ ଅଫିସର ପହଞ୍ଚିସାରିଛନ୍ତି । ଉପନିର୍ବାଚନ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। କାରଣ ଏହି ସମୟରେ ନୂଆପଡ଼ା ଛତିଶଗଡକୁ ସୀମାକୁ ଲାଗି ରହିଥିବାରୁ ଭୋଟ ପାଇଁ ନକ୍ସଲମାନଙ୍କ ଚ୍ୟାଲେଞ୍ଜ ସାମ୍ନା କରିବାର ଆଶଙ୍କା ରହିଛି। ଏଥିପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଓଡ଼ିଶା ପୋଲିସ ସହିତ ସେଣ୍ଟ୍ରାଲ ରିଜର୍ଭ ପୋଲିସ୍ ଫୋର୍ସର ୧୪ କମ୍ପାନୀ ନିୟୋଜିତ ହୋଇଛନ୍ତି।

ନୂଆପଡ଼ାରେ ମୋଟ ୩୫୮ଟି ବୁଥ ମଧ୍ୟରୁ ୫୭ଟି ବୁଥ୍ ସମ୍ବେଦନଶୀଳ ବୁଥ ଭାବେ ଚିହ୍ନଟ କରାଯାଇଛି। ଏଥିପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସୁନାବେଡ଼ା ଅଭୟାରଣ୍ୟ ଭିତରେ ଥିବା ମାଓପ୍ରବଣ ୮ଟି ବୁଥ୍ ଉପରେ କଡ଼ା ନଜର ରଖାଯାଇଛି। ଏହିସବୁ ବୁଥ୍‌କୁ ପୋଲିଂ ପାର୍ଟିଙ୍କୁ ନେବାକୁ ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟରର ବ୍ୟବସ୍ଥା କରାଯାଇଛି। ସିଆରପିଏଫ ପକ୍ଷରୁ ସୁରକ୍ଷା ନେଇ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି। ସମ୍ବେଦନଶୀଳ ଅଞ୍ଚଳରେ ସିଆରପିଏଫର ଏରିଆ ଡୋମିନାନ୍ସ ରହିଛି। ଆସନ୍ତାକାଲି ପୂର୍ବାହ୍ନ ସାଢ଼େ ୫ଟାରୁ ମକ୍ ପୋଲ ଆରମ୍ଭ ହେବ। ସକାଳ ୭ଟାରୁ ଆରମ୍ଭ ଭୋଟ ଗ୍ରହଣ। ମାଓ ପ୍ରଭାବିତ ଅଞ୍ଚଳରେ ସକାଳ ୭ଟାରୁ ୪ଟା ପର୍ଯ୍ୟନ୍ତ ଭୋଟ ହେବ ଏବଂ ଅନ୍ୟ ସବୁ ବୁଥରେ ଅପରାହ୍ନ ୫ଟା ପର୍ଯ୍ୟନ୍ତ ପୋଲିଂ ହେବ। ଭୋଟ୍ ଗ୍ରହଣ ସମୟ ସରିବା ପୂର୍ବରୁ ଯେଉଁମାନେ ଧାଡ଼ିରେ ଥିବେ, ସେମାନେ ଭୋଟ ଦେଇପାରିବେ।

## ବିଧାନସଭା...

କରିପାରିବେ। ଏଭିତରେ ମହାମହିମ କିଛି ରାଜ୍ୟ ଓ ବିଦେଶରେ ମଧ୍ୟ ବିଧାନସଭା ଓ ସଂସଦକୁ ସମ୍ବୋଧିତ କରିଛନ୍ତି। ଆସନ୍ତା ୨୭ ତାରିଖରେ ସେ ଓଡ଼ିଶା ବିଧାନସଭାକୁ ସମ୍ବୋଧିତ କରିବେ। ସଂଯୋଗବଶତଃ ଏକଦା ସେ ଏହି ବିଧାନସଭାର ଜଣେ ସଦସ୍ୟା ଥିଲେ। ଓଡ଼ିଶା ସରକାରରେ ମନ୍ତ୍ରୀ ମଧ୍ୟ ରହିଥିଲେ ମହାମହିମ। ସେ ଦୃଷ୍ଟିରୁ ବିଧାନସଭାକୁ ସେ ସମ୍ବୋଧିତ କରିବା ନିଶ୍ଚିତ ଭାବେ ଏକ ଉଲ୍ଲେଖନୀୟ ପ୍ରସଙ୍ଗ।

ଆସନ୍ତା ୨୮ ତାରିଖରେ ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ଅତିରିକ୍ତ ବଜେଟ ଉପସ୍ଥାପିତ ହେବ। ଏହା ପୂର୍ବଦିନ ଅର୍ଥାତ୍ ନଭେମ୍ବର ୨୭ରୁ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନରେ ରହିଛି ୨୯ଟି କାର୍ଯ୍ୟ ଦିବସ। ଡିସେମ୍ବର ୪ରୁ ୬ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଅତିରିକ୍ତ ବଜେଟ ଉପରେ ଆଲୋଚନା ପରେ ୮ ତାରିଖରେ ବ୍ୟୟମଞ୍ଜୁରୀ ବିଲ ଗୃହୀତ ହେବ। ଡିସେମ୍ବର ୮ ପରେ ଯଦିଓ ଅଧିବେଶନ ପାଇଁ କାର୍ଯ୍ୟଦିବସ ସ୍ଥିର ହୋଇଛି, ତଥାପି ତା'ପରେ ୩୧ ତାରିଖ ପର୍ଯ୍ୟନ୍ତ ଗୃହ ଚାଲିବା ନେଇ ସନ୍ଦେହ ରହିଛି।

# ପ୍ରତିଦିନ ଖାଦ୍ୟରେ ମାଣ୍ଡିଆକୁ ସାମିଲ କରିବାକୁ ଆହ୍ୱାନ

**ଭୁବନେଶ୍ୱର,୧୦।୧୧ (ସଂଚାର ବ୍ୟୁରୋ):** ମାଣ୍ଡିଆ ଦିବସର ଶୁଭେଚ୍ଛା ଜଣାଇ ପ୍ରତିଦିନ ଖାଦ୍ୟରେ ମାଣ୍ଡିଆକୁ ସାମିଲ କରିବାକୁ ପ୍ରଭାତି ପରିଡା ଆହ୍ୱାନ ଦେଇଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା କହିଛନ୍ତି ଯେ, ଓଡ଼ିଶାର ପାରମ୍ପରିକ ଖାଦ୍ୟ ମଧ୍ୟରେ 'ମାଣ୍ଡିଆ' ସବୁବେଳେ ପ୍ରମୁଖ ସ୍ଥାନ ନେଇଆସିଛି। ବିଭିନ୍ନ ଖାଦ୍ୟସାରରେ ଭରପୁର ମାଣ୍ଡିଆ ଏବେ କେବଳ ଗ୍ରାମାଞ୍ଚଳରେ ସୀମିତ ନରହି ସମସ୍ତଙ୍କ ପ୍ରିୟ ଖାଦ୍ୟ ହୋଇପାରିଛି। ପ୍ରଭାତି ପରିଡା କହିଛନ୍ତି ଯେ, ଆମ ଓଡ଼ିଶାର ମା'ମାନେ ନିଜ ବୁଦ୍ଧି ବଳରେ ମାଣ୍ଡିଆରୁ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରି ଏବଂ ଏସବୁକୁ ବିକ୍ରି କରି ସ୍ୱାବଲମ୍ବୀ ହୋଇପାରିଛନ୍ତି।

● ୯ବର୍ଷ ପରେ ଜାରି ରହିଛି ସାମୁଦ୍ରିକ ମତ୍ସ୍ୟଜୀବୀ ଗଣନା

# ତାଲିକାରୁ କଟିବେ ନକଲି



**କାକଟପୁର/ଅସ୍ତରଙ୍ଗ,୧୦।୧୧ (ସଂଚାର ବ୍ୟୁରୋ):** ପଞ୍ଚମ ରାଷ୍ଟ୍ରୀୟ ସାମୁଦ୍ରିକ ମତ୍ସ୍ୟଜୀବୀ ଜନଗଣନା ନଭେମ୍ବର ୩ତାରିଖରୁ ଆରମ୍ଭ ହୋଇଛି। କରୋନା ଯୋଗୁଁ ୨୦୨୧ରେ ଏହି ସର୍ଭେ ହୋଇ ପାରି ନଥିଲା। ଦୀର୍ଘ ୯ବର୍ଷ ପରେ ପୁରୀ ଜିଲ୍ଲା ସମେତ ଅନ୍ୟ ଜିଲ୍ଲାର ସମୁଦ୍ର ତଟରେ ବାସ କରୁଥିବା ସାମୁଦ୍ରିକ ମତ୍ସ୍ୟଜୀବୀଙ୍କ ସର୍ଭେକ୍ଷଣ କରାଯାଉଛି। ବଡ଼ କଥା ହେଉଛି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଂଚଳର ଅନେକ ମତ୍ସ୍ୟଜୀବୀ ଆନ୍ଧ୍ର ଓ ପୁରୀରେ ଦୁଇଟି ଜାଗାରେ ରହିଥିବା ନାଁ ଏଥର ଗୋଟିଏ ଜାଗାରୁ କଟାଯିବ। ଏଭଳି ତ୍ରୁଟି ମୁକ୍ତ କରିବା ପାଇଁ ବ୍ୟାସ (ଭିଓ୍ୱାଇଏଏସ )ଭାରତ ମୋବାଇଲି ଆପ ପ୍ରସ୍ତୁତ କରାଯାଇଛି। ଆଧାର କାର୍ଡ ଆଦି ତର୍ଜମା କରି ଅନେକ ନାଁ ଜନଗଣନାରୁ କଟିବ ବୋଲି ସ୍ପଷ୍ଟ କରିଛନ୍ତି ସିଏମଏଫଆରଆଇ କୋଚିର ବୈଜ୍ଞାନିକ ଡ଼ଃ. ଆଶ୍ୱଥି। ଏଭଳି ନକଲି ମତ୍ସ୍ୟଜୀବୀଙ୍କୁ କାଟିବା ସହ ସେମାନଙ୍କର ଶିକ୍ଷା, ବୃତ୍ତି ଓ ଉପଲବ୍ଧ ଭିତ୍ତିଭୂମି ବାବଦରେ ଅନୁଧ୍ୟାନ କରାଯିବ ବୋଲି ଜଣାପଡିଛି।

୨୦୨୧ରେ ଏହି ସର୍ଭେ ଅଟକି ରହିଥିଲା। ପୁରୀ ଜିଲ୍ଲା ଅସ୍ତରଙ୍ଗ ଉପକୂଳବର୍ତ୍ତୀ ଗ୍ରାମରେ ମତ୍ସ୍ୟଜୀବୀ ବାସ କରୁଛନ୍ତି। ୩ତାରିଖରୁ ଆରମ୍ଭ ହୋଇଥିବା ଏହି ଗଣନା ଏହା ଡିସେମ୍ବର ୧୮ତାରିଖ ପର୍ଯ୍ୟନ୍ତ ସର୍ଭେକ୍ଷଣ ଚାଲିବ। ଏହି ଜନଗଣନାକୁ ସଫଳ କରିବା ନିମନ୍ତେ ଆଇସିଏଆର (ଭାରତୀୟ କୃଷି ଗବେଷଣା ପରିଷଦ )ଓ ସିଏମଏଫଆରଆଇ (ସେଣ୍ଟ୍ରାଲ ମେରାଇନି ଫିସରିଜ ରିସର୍ଚ୍ଚ ଇନିଷ୍ଟ୍ୟୁଟ) ପକ୍ଷରୁ ୩ଦିନିଆଁ ତାଲିମ ନେବା ପରେ ଜନଗଣନାରେ ସାମିଲ ହୋଇଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଂଚଳରେ ୭ଜଣରୁ ଊର୍ଦ୍ଧ୍ୱ ଏହି ଗଣନା କାର୍ଯ୍ୟରେ ସାମିଲ ଅଛନ୍ତି ବୋଲି ବ୍ରଜବନ୍ଧୁ ବେହେରା ସୂଚନା ଦେଇଛନ୍ତି।

**କରୋନା ପାଇଁ ୨୦୨୧ରେ ବାଧାପ୍ରାପ୍ତ ହୋଇଥିଲା**

୨୦୧୬ରେ ଏହି ମତ୍ସ୍ୟଜୀବୀ ଗଣନା ହୋଇଥିଲା। ୫ବର୍ଷରେ ଥରେ ଏହି ଗଣନା ହେବା କଥା। କରୋନା ମହାମାରୀ ଯୋଗୁଁ ଏହା ୨୦୨୧ରେ ହୋଇ ପାରିନଥିଲା।

# ଚିନ୍ତା ବଢ଼ାଇଲାଣି ଧଳା ଜହର ମାଫିଆଙ୍କ କାରନାମା

**ଅଶାନ୍ତ ହେଉଛି ବାତାବରଣ**

**କିସ୍ତିରେ ମିଳୁଛି, ଖାଇ ଲୁଟୁଛନ୍ତି ଯୁବକ**

**ତିଆରି ହେଉଛି ୩ ଶହ ଟଙ୍କିଆ ପୁଡିଆ**



**କାକଟପୁର/ଅସ୍ତରଙ୍ଗ,୧୦।୧୧ (ସଂଚାର ବ୍ୟୁରୋ):** ଚିନ୍ତା ବଢ଼ାଇଲାଣି ଧଳା ଜହର ମାଫିଆ କାରନାମା। ଏହି ଧଳା ପାଉଡର ବେପାର ଏବେ ଏମିତି ବଢ଼ିଲାଣି ଯେ ଗାଁ ଗାଁରେ ଅଶାନ୍ତ ହେଲାଣି ବାତାବରଣ। ମଦ ନିଶା ଠାରୁ ଅଧିକ ଡ୍ରଗ୍ସ ନିଶାରେ ସାମିଲ ହେବାକୁ ଯୁବଗୋଷ୍ଠୀଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲିଛି। ପୁରୀ ଜିଲ୍ଲା କାକଟପୁର, ଅସ୍ତରଙ୍ଗ ଓ ନୂଆଗଡ ସାମୁଦ୍ରିକ ଥାନା ଅଂଚଳର ବିଭିନ୍ନ ଗାଁଗୁଡିକ ଛକରେ ଏହି ବ୍ରାଉନ ସୁଗାର କାୟା ବିସ୍ତାର କଲାଣି।

ଅନ୍ୟ ପଟେ ଦେବୀ ନଦୀ ବନ୍ଧ, ନଈଗୁଆଁ କ୍ଲାସ ରୋଡ଼ ସମେତ କଲେଜ ଛକ ମାନଙ୍କରେ ଯୁବ ପିଢ଼ି ବିକ୍ରି କରୁଥିବାର ଜଣାପଡିଛି। ନିଶା ସେବନକାରୀଙ୍କ ନିକଟରେ ପ୍ରତିଦିନ ଟଙ୍କା ଆବଶ୍ୟକ। ଅସ୍ତରଙ୍ଗ ବ୍ଲକ ଅଂଚଳରେ ଆତଜାତ ହେଉଥିବା ଡ୍ରଗ୍ସ ମାଫିଆମାନେ ଏହି ନିଶା ସେବନକାରୀ ନିଶାଡୀଙ୍କୁ ଟାର୍ଗେଟ କରି ଏମିତି ଅଭ୍ୟସ୍ତ କରି ଦେଲେଣି ଯେ ଯେମିତି ହେଉ ସନ୍ଧ୍ୟାବେଳେ ଡ୍ରଗ୍ସ ନ ମିଳିଲେ ଏମାନେ ପାଗଳ ହୋଇଯାଉଛନ୍ତି। ଏପରିକି କିସ୍ତି ଅନୁସାରେ ଡ୍ରଗ୍ସ ବାକି ପେମେଣ୍ଟ ନେଉଛନ୍ତି ଛୋଟ ବେପାରୀ। ଏହି କିସ୍ତି ସମୟ ହୋଇଗଲା ବେଳକୁ ବେପାରୀଙ୍କର ଆକଟ ଯୋଗୁଁ ପାଗଳ ପ୍ରାୟ ହୋଇ ଏହି ନିଶାଡୀ ମଠ ମନ୍ଦିରର ହୁଣ୍ଡୀ ବାକ୍ସ ଉପରେ ଲୋଲୁପ ଦୃଷ୍ଟି ପକାଉଛନ୍ତି।

ଗତ କିଛି ମାସ ହେବ କାକଟପୁର, ଅସ୍ତରଙ୍ଗ ଓ ନୂଆଗଡ ସାମୁଦ୍ରିକ ଥାନା ଅଂଚଳରୁ ଅନେକ ମନ୍ଦିର ରୁ ଚୋରି ହୋଇଥିବା ବେଳେ ପୋଲିସ କିନ୍ତୁ ଅଭିଯୁକ୍ତଙ୍କୁ ଧରିବାରେ ବିଫଳ। ଚୋରି ବଡ଼ ଧରଣର ହେଉ ନଥିଲେ ବି ସମସ୍ତ ମନ୍ଦିରକୁ ମିଶାଇ ଲକ୍ଷାଧିକ ମୂଲ୍ୟର ସୁନା ରୁପା ଅଳଙ୍କାର ସମେତ ବିଭିନ୍ନ ସାମଗ୍ରୀ ଚୋରି ହୋଇଛି। ଏହି ଚୋରି ପଛରେ ଜଡିତ ନିଶାଖୋର ବୋଲି ପାରିପାର୍ଶ୍ୱିକ ଅବସ୍ଥା ବୟାନ କରୁଛି। ଏମାନେ ମନ୍ଦିର ପୂଜାରେ ବ୍ୟବହାର ହେଉଥିବା କଂସା ଓ ପିତଳ ସାମଗ୍ରୀ ଏପରିକି କି ଘଣ୍ଟି ମଧ ଛାଡୁ ନାହାନ୍ତି।

ସ୍ଥାନୀୟ ଅଂଚଳରେ ଦିନକୁ ଦିନ ଅବାଧ ବ୍ରାଉନ ସୁଗାର କାରବାର ବଢ଼ିବାରେ ଲାଗିଛି। ମୁଖ୍ୟତଃ ଅଳ୍ପ ବୟସର ଯୁବଗୋଷ୍ଠୀ ଏହାର ବଡ଼ ଗ୍ରାହକ ସାଜିଛନ୍ତି। ଏମାନଙ୍କ ମଧ୍ୟରେ ୧୮ରୁ ୨୫ବର୍ଷ ଯୁବକ ସଂଖ୍ୟା ବେଶୀ। ବ୍ରାଉନସୁଗାର ହେଉକି ମଦ ଏଥିପାଇଁ ପ୍ରତ୍ୟେହ ଯେଉଁ ପରିମାଣରେ ଅର୍ଥର ଆବଶ୍ୟକତା ରହିଛି ତାକୁ ପୂରଣ କରିବା ଏହି ଅଭ୍ୟସ୍ତଙ୍କ ପାଇଁ କଷ୍ଟକର ହୋଇଯାଉଛି। ପ୍ରତ୍ୟେକ ଦିନ ନିର୍ଦ୍ଦିଷ୍ଟ ସମୟ ହେଲେ ଏମାନଙ୍କର ଦରକାର ପଡୁଛି ଧଳା ଜହର। ଏଥିପାଇଁ ଟଙ୍କା ଯୋଗାଡ଼ କରିବା ଲାଗି ଶେଷରେ ଅଭ୍ୟାସଗତ ନିଶାଡୀ ଯୁବକ ମାନେ ଅପରାଧକୁ ଓହ୍ଲାଉଛନ୍ତି। କିଛି ଯୁବକ ନିଶା ଖାଇବା ପରେ ବିଭିନ୍ନ ଛକରେ ହଙ୍ଗାମା କରୁଥିବା ବେଳେ ଆଉ କେତେକ ଛୋଟ ବଡ଼ ଅପରାଧ ଘଟାଉଛନ୍ତି। କିଛି ନିଛାଟିଆ ରାସ୍ତା ଏମାନଙ୍କ ବିଚରଣ ସ୍ଥାନ ହୋଇଛି। ନିଶା କବଳିତ ଯୁବବର୍ଗ ସେମାନଙ୍କ କୁଭ୍ୟାସକୁ ଚରିତାର୍ଥ କରିବା ପାଇଁ ଏବେ ମନ୍ଦିରକୁ ଟାର୍ଗେଟ କରିଛନ୍ତି।

## ୟଙ୍ଗଷ୍ଟାର କ୍ଲବର ସାଂସ୍କୃତିକ ଉତ୍ସବ



**ଡେରାବିଶ, ୧୦।୧୧ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଏଣ୍ତର ପଞ୍ଚାୟତ ଅନ୍ତର୍ଗତ ଓଳକଣା ମେଲଣ ପଡ଼ିଆରେ ଅରାଖଣ୍ଡର ୟଙ୍ଗଷ୍ଟାର କ୍ଲବ ପକ୍ଷରୁ ଅନୁଷ୍ଠିତ ଦୁଇଦିନିଆ ସାଂସ୍କୃତିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ଡେରାବିଶ ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ବଟକୃଷ୍ଣ ସାମଲ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର, ସମ୍ମାନିତ ଅତିଥିଭାବେ ସମାଜସେବୀ ସୁକାନ୍ତ ଦ୍ୱିବେଦୀ, ପୂର୍ବତନ ସରପଞ୍ଚ ମନୋରଞ୍ଜନ ଉପାଧ୍ୟାୟ, ନରସିଂହପୁର ସରପଞ୍ଚ ସୁଧୀର କୁମାର ଖଟୁଆ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଦୁଇଦିନ ଧରି ବିଦ୍ୟାଳୟ ସ୍ତରୀୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ନୃତ୍ୟ ଏବଂ ସଂଗୀତ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ।

# ବ୍ଲକସ୍ତରୀୟ ମତ୍ସ୍ୟପ୍ରାଣୀ ସମ୍ପଦ ମେଳା




**ନବରଂଗପୁର/ରାଇଘର,୧୦।୧୧ (ସଂଚାର ବ୍ୟୁରୋ):** ସ୍ଥାନୀୟ ମିନି ଷ୍ଟାଡିଅମ ଠାରେ ଅନୁଷ୍ଠିତ ହୋଇଯାଇଛି ବ୍ଲକ ସ୍ତରୀୟ ମତ୍ସ୍ୟପ୍ରାଣୀ ସମ୍ପଦ ମେଳା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ପ୍ରୀତି ସ୍ନିଗ୍ଧା ମହାପାତ୍ର, ଜିଲ୍ଲା ପରିଷଦ ଉପାଧକ୍ଷା ଲିପିକା ବାରୋଇ, ବ୍ଲକ ଅଧକ୍ଷ ଗୁପ୍ତ ପ୍ରସାଦ ଝାଙ୍କର, ବ୍ଲକ ଉପାଧକ୍ଷା ଦିନେଶ୍ୱରୀ ଗଣ୍ଡଙ୍କ ସମେତ ଚାରିଟି ଜୋନର ଜିଲ୍ଲା ପରିଷଦ ସଭ୍ୟ, ୨୬ଟି ପଞ୍ଚାୟତର ସମସ୍ତ ସରପଞ୍ଚ ଏବଂ ସମିତି ସଭ୍ୟ ଉପସ୍ଥିତ ଥିଲେ।

ଏହି କାର୍ଯ୍ୟକ୍ରମରେ ୮ଜଣ ଚାଷୀଙ୍କୁ ଏକ ହଜାର ଟଙ୍କା ଅର୍ଥ ରାଶି ସହ ମାନପତ୍ର ପ୍ରଦାନ କରିଥିଲେ ମନ୍ତ୍ରୀ ଶ୍ରୀ ଗଣ୍ଡ। ତତ ସହିତ ଯେଉଁ ଚାଷୀମାନେ ନିଜର ଦୃଢ଼ ଶକ୍ତି, ଉଦ୍ୟମ ଓ ଅକ୍ଳାନ୍ତ ପରିଶ୍ରମ ମାଧମରେ ମାଛ ଚାଷ ଓ ପ୍ରାଣୀ ପାଳନ କରି ନିଜେ ଆତ୍ମନିର୍ଭର ହେବା ସହ ନିଜ ଅଂଚଳ ବାସୀଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ସେମାନଙ୍କୁ ମନ୍ତ୍ରୀ ପୁରସ୍କୃତ କରିଥିଲେ। ଚାଷୀ ମାନଙ୍କ ପାଇଁ କୃଷି ବିଭାଗ, ମହିଳା ଓ ଶିଶୁ ବିଭାଗ, ଓର୍ମେଡ, ପ୍ରାଣୀ ଧନ ବିଭାଗ, କୃଷି ଯାନ୍ତ୍ରିକୀ କରଣ ବିଭାଗ,ମିକ୍ସାନା କମ୍ପାନୀ ଦ୍ୱାରା ୧୨ଟି ଷ୍ଟଲ ଲଗାଯାଇଥିଲା ।

## ଗଣ୍ଡଗୋଳ ମାମଲାରେ ୨ ଯୁବକ ଗିରଫ

**ବାଲିଅନ୍ତା,୧୦।୧୧ (ସଂଚାର ବ୍ୟୁରୋ):** ଅଭିଯୋଗକାରୀ ବସନ୍ତ କୁମାର ଭୋଇଙ୍କ ଲିଖିତ ଅଭିଯୋଗ ଆଧାରରେ ବାଲିଅନ୍ତା ଥାନା ପୁଲିସ ୨ ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଯୁବକ ଦ୍ୱୟ ହେଲେ ଉକ୍ତ ଥାନା ଅଧୀନ ରାଉଳା ଗ୍ରାମର ଚନ୍ଦନ ଭୋଇ ( ୩୦) ଓ ବଚନ ଭୋଇ ( ୨୬) ଉଭୟଙ୍କ ବିରୋଧରେ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ କରାଯାଇଥିଲା । ତଦନ୍ତ ସମୟରେ ପୁଲିସ ଦୁଇ ଅଭିଯୁକ୍ତ ଚନ୍ଦନ ଭୋଇ ଓରଫ ବୁଲୁ ଓ ବଚନ ଭୋଇ ଓରଫ ଲୁଲୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି ।

ସୂଚନାଯୋଗ୍ୟ ଯେ, ନିମ୍ନୋକ୍ତ ଦୁଇ ଅଭିଯୁକ୍ତ, ଅଭିଯୋଗକାରୀଙ୍କ ସମ୍ପର୍କୀୟ । ଜମି ଭାଗବଣ୍ଟାକୁ ନେଇ ଅଭିଯୋଗକାରୀଙ୍କ ପରିବାର ଏବଂ ଅଭିଯୁକ୍ତଙ୍କ ପରିବାର ମଧ୍ୟରେ ଦୀର୍ଘଦିନ ହେବ ବିବାଦ ଲାଗିରହିଥିଲା। ପୂର୍ବରୁ ସ୍ଥାନୀୟ କିଛି ମୁରବୀଙ୍କ ସହଯୋଗରେ ଏହି ବିବାଦର ସମାଧାନ ହୋଇଥିଲେ ମଧ ଅଭିଯୁକ୍ତଙ୍କ ପରିବାର ସଦସ୍ୟ ଏହି ସମାଧାନରେ ସନ୍ତୁଷ୍ଟ ନଥିଲେ। ଏହାକୁ ଭିତ୍ତି କରି ଗତକାଲି ସନ୍ଧ୍ୟାରେ ପରେ ନିମ୍ନୋକ୍ତ ଦୁଇ ଅଭିଯୁକ୍ତ ହଠାତ ଏକ ଧାରୁଆ ଅସ୍ତ୍ର ସାହାଯ୍ୟରେ ମନୋଜ ଭୋଇଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ଏହି ଆକ୍ରମଣ ଫଳରେ ମନୋଜ ଭୋଇ ଘଟଣା ସ୍ଥଳରେ ଗୁରୁତର ଆହତ ହୋଇଥିଲେ ।

## ଯୁବତୀଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ

**ହିଞ୍ଜିଳିକାଟୁ,୧୦।୧୧ (ସଂଚାର ବ୍ୟୁରୋ):** ସୋମବାର ଦିନ ଅପରାହ୍ନରେ ହିଞ୍ଜିଳିକାଟୁ କଲେଜ ନିକଟ ସ୍ଥିତ ଜଣେ ଯୁବତୀଙ୍କୁ ଧାରୁଆ ଅସ୍ତ୍ର ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଆକ୍ରମଣ ହେଇଥିବା ଯୁବତୀ ଜଣକ ହେଲେ ଶାନ୍ତି ଗନ୍ତାୟତ (୩୯ )। ସୂଚନା ଅନୁସାରେ, ଯୁବତୀ ଜଣଙ୍କ ଘରକୁ ସୋମବାର ସକାଳେ ଏକ ଯୁବକ ପରିବା ଧରି ଆସିଥିଲେ। ପୁଣି କିଛି ସମୟ ପରେ ତଥା ଅପରାହ୍ନ ସମୟରେ ସେଇ ଯୁବକ ଯୁବତୀ ଘରକୁ ପୁଣି ଆସିଥିଲେ। ସେଇ ସମୟରେ ଘରେ କେହି ନଥିବାରୁ କାରଣରୁ ଏକ ଧାରୁଆ ଅସ୍ତ୍ରରେ ଯୁବତୀଙ୍କୁ ଆକ୍ରମଣ କରିଥିଲେ। ପରେ ସ୍ଥାନୀୟ ଲୋକ ଚିକିତ୍ସାପାଇଁ ହିଞ୍ଜିଳି ଉପଖଣ୍ଡ ଚିକିତ୍ସାଳୟକୁ ଭର୍ତ୍ତି କରିଥିବା ବେଳେ ଅଧିକ ଚିକିତ୍ସାପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଖବର ଲେଖା ହେବା ସୁଦ୍ଧା ଥାନାରେ କୌଣସି ଅଭିଯୋଗ ହୋଇନଥିବା ଯୁବକ ଜଣକ କିଏ, କଣ ପାଇଁ ଯୁବତୀଙ୍କୁ ଆକ୍ରମଣ କରିଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି।

## ସତ୍ୟସାଇବାବାଙ୍କ ଜନ୍ମ ଜୟନ୍ତୀ ଉପଲକ୍ଷେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

**ଡେରାବିଶ, ୧୦।୧୧ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟ ସ୍ଥିତ ଆଞ୍ଚଳିକ ଯୁବ ସାମୁଖ୍ୟ କାର୍ଯ୍ୟାଳୟ ପରିସରରେ ଆଜି ସତ୍ୟସାଇବାବାଙ୍କ ୧୦୦ ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ସତ୍ୟସାଇ ପ୍ରେମ ସଞ୍ଜୀବନୀ କାର୍ଯ୍ୟକ୍ରମ ମାଧ୍ୟମରେ ଅନୁଷ୍ଠିତ ଏହି ରକ୍ତଦାନ ଶିବରରେ ସତ୍ୟସାଇଙ୍କ ଭକ୍ତମାନେ ଉପସ୍ଥିତ ରହି ମୋଟ ୬୫ ୟୁନିଟ୍ ରକ୍ତ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀ ସତ୍ୟସାଇ ସେବା ସଂଗଠନ କେନ୍ଦ୍ରାପଡ଼ାର ଜିଲ୍ଲା ସଭାପତି ଉମେଶ ଚନ୍ଦ୍ର ନାୟକ, ଜିଲ୍ଲା ଯୁବ ସଂଯୋଜକ ସୁଚିରଞ୍ଜନ ନାୟକ, ଠାକୁରପାଟଣା ସମିତି ଆବାହକ ଗୋପବନ୍ଧୁ ଦାସ, ଜହଙ୍ଗର ଭଜନ ମଣ୍ଡଳୀ ଆବାହକ ଇଶନ କୁମାର ରଥ, ଲକ୍ଷ୍ମୀନାରାୟଣପୁର ଭଜନ ମଣ୍ଡଳୀ ଆବାହକ ଉତମ କୁମାର ସିଂ ଏବଂ ବରିଷ୍ଠ ସାଇ ଆଶ୍ରିତ ହରିଶ ଚନ୍ଦ୍ର ଦାସ ଯୋଗଦେଇ ପୂଜାର୍ଚ୍ଚାନ ପୂର୍ବକ କାର୍ଯ୍ୟକ୍ରମଟିକୁ ଶୁଭାରମ୍ଭ କରିଥିଲେ। ପ୍ରାରମ୍ଭରେ ଉପସ୍ଥିତ ସାଇଭକ୍ତମାନେ ପୂଜାର୍ଚ୍ଚନା କରିବା ପରେ କଟକ ରେଡ଼କ୍ରସ୍‌ରୁ ଆସିଥିବା କର୍ମଚାରୀମାନେ ସ୍ୱେଚ୍ଛାକୃତ ରକ୍ତଦାତା ମାନଙ୍କ ଠାରୁ ରକ୍ତ ସଂଗ୍ର କାର୍ଯ୍ୟ ଆରମ୍ଭ କରିଥିଲେ। ଏହି ରକ୍ତଦାନ ଶିବିରକୁ ଶ୍ରୀ ସତ୍ୟସାଇ ସେବା ସମିତି ଠାକୁରପାଟଣା, ଜହଙ୍ଗର ଭଜନ ମଣ୍ଡଳୀ ଏବଂ ଲକ୍ଷ୍ମୀନାରାୟଣପୁର ଭଜନ ମଣ୍ଡଳୀର ସମସ୍ତ ସାଇ ଆଶ୍ରିତମାନେ ଆୟୋଜନ କରିଥିଲେ।

## ରାଜଧାନୀ ସମବାୟ ଗୃହ ନିର୍ମାଣ ସମିତିର ଏଜିଏମ୍ ଅନୁଷ୍ଠିତ




**ଭୁବନେଶ୍ୱର, ୧୦।୧୧ (ସଂଚାର ବ୍ୟୁରୋ):** ରାଜଧାନୀ ସମବାୟ ଗୃହନିର୍ମାଣ ସମିତି ଲିମିଟେଡ୍‌ର ସାଧାରଣ ପରିଷଦ ବୈଠକ (ଏଜିଏମ୍) ଗତକାଲି ପୂର୍ବାହ୍ନରେ ସ୍ଥାନୀୟ ବାପୁଜୀନଗର ସ୍ଥିତ ଭେନସ୍ ଇନ୍ କନ୍‌ଭେନସନ ହଲରେ ଶତାଧିକ ସଭ୍ୟଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଛି। ସମିତିର କାର୍ଯ୍ୟକାରୀ ସଭାପତି ବିଜୟଲକ୍ଷ୍ମୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଗତ ୨୦୧୭ରେ ଶେଷ ଥର ଅନୁଷ୍ଠିତ ସାଧାରଣ ସଭାର ବିବରଣୀ ପାଠ କରାଯାଇ କିଛି ଅଂଶ ଅନୁମୋଦିତ ହୋଇଛି। ଏହାଛଡ଼ା ୨୦୨୨-୨୩ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଅଡିଟ୍ ରିପୋର୍ଟ ଓ ୨୦୨୫-୨୬ର ବଜେଟ୍ ସହ ଏହାର କାର୍ଯ୍ୟସୂଚୀ ମଧ୍ୟ ଅନୁମୋଦନ ଲାଭ କରି ପାରିତ ହୋଇଛି। ବିଶେଷକରି ସମିତିର ବାଇ-ଲ'ରେ ଥିବା ବ୍ୟାବସାୟିକ କାର୍ଯ୍ୟପ୍ରଣାଳୀକୁ ବୃଦ୍ଧି କରାଯିବା ସହ ଆମେଣ୍ଡମେଣ୍ଟ ମାଧ୍ୟମରେ ଅନ୍ୟ କିଛି ସଂଶୋଧନ ପ୍ରସ୍ତାବ ଅନୁମୋଦନ ଲାଭ କରିଛି। ବୈଠକରେ ସମିତିର ପରିଚାଳନା ପରିଷଦର ସଭ୍ୟସଭ୍ୟା ଜୟନ୍ତ ପଟ୍ଟନାୟକ, ଦିଲ୍ଲୀପ ଜେନା, ଦୀପକ ପରିଡ଼ା, ସଂଯୁକ୍ତା ପ୍ରଧାନ, ସେକ୍ ନିଆମତ୍ ତୁଲା ଓ ମନୋଜ ସେଠୀ ଉପସ୍ଥିତ ଥିଲେ। ସାଧାରଣ ସଭ୍ୟମାନଙ୍କର ବିଭିନ୍ନ ପ୍ରଶ୍ନ ତଥା ଅନ୍ୟାନ୍ୟ ବିଷୟ ଆଲୋଚନା ମାଧ୍ୟମରେ ଗୃହୀତ ହୋଇ ଲିପିବଦ୍ଧ କରାଯାଇଥିବା ବେଳେ ପରିଶେଷରେ ସମିତିର ମୁଖ୍ୟ କାର୍ଯ୍ୟନିର୍ବାହୀ ହିମାଂଶୁ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ବିଜେଡିର ଜନସମ୍ପର୍କ ପଦଯାତ୍ରା

**ହିଞ୍ଜିଳିକାଟୁ,୧୦।୧୧ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ବିଜୁ ଜନତା ଦଳ ପକ୍ଷରୁ ସୋମବାର ଦିନ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମିନିଷ୍ଟାଡିୟମ ଠାରୁ ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇ ନଗର ପରିକ୍ରମା କରି ସ୍ଥାନୀୟ ବସଷ୍ଟାଣ୍ଡ ଠାରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଜିଲ୍ଲା ପରିଷଦ ପ୍ରତିନିଧି ଦେବାନନ୍ଦ ମହାପାତ୍ର, ହିଞ୍ଜିଳି ବ୍ଲକ ବିଜେଡ଼ିର ଉପଦେଷ୍ଟା ସୁରେନ୍ଦ୍ର ପ୍ରଧାନ, ହିଞ୍ଜିଳିକାଟୁ ପୌରପରିଷଦର ଅଧ୍ୟକ୍ଷ ସୁବାଷ ପୋଲାଇ, ଉପାଧ୍ୟାକ୍ଷା ସୁଚିତ୍ରା ପଣ୍ଡା, ବିଜେଡି ନଗର ସଭପତି




ହୃଦୟାନନ୍ଦ ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟ ଏ.ସୁଦର୍ଶନ, ପ୍ୟାରୀ ମୋହନ ପାଢ଼ୀ, ଦୁର୍ଗା ମାଧବ ମହାନ୍ତି, ନୀଳମଣି ପଟ୍ଟନାୟକ, ମନୋଜ ସାବତ, ଅଜୟ ମହାରଣାଙ୍କ ସମେତ ନିର୍ବାଚିତ ପ୍ରତିନିଧି, କାର୍ଯ୍ୟକର୍ତ୍ତା ଓ କର୍ମୀମାନେ ଯୋଗ ଦେଇଥିଲେ। ଆସନ୍ତା ଡିସେମ୍ବର ମାସରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜ ନିର୍ବାଚନମଣ୍ଡଳୀ ଗସ୍ତ କରିବେ ଏବଂ ଲୋକଙ୍କୁ ଭେଟି ଦୁଃଖସୁଖ ବୁଝିବେ। ଗତ ସରକାର ସମୟରେ ହିଞ୍ଜିଳି ନିର୍ବାଚନ ମଣ୍ଡଳୀର ପ୍ରଭୃତ ବିକାଶ ହୋଇଥିବା ବେଳେ ବର୍ତ୍ତମାନ ପ୍ରଶାସନ କଳ ଏକଛତ୍ରବାଦ ଚଳାଇଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି।

## ପୂରଣ ପଧାନ ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ



**ବାଲିଅନ୍ତା,୧୦।୧୧ (ସଂଚାର ବ୍ୟୁରୋ):** ପୁରଣପଧାନ ଗ୍ରାମ ପଞ୍ଚାୟତ ସ୍ଥିତ ଶିଶିଲୋ ହାଟଠାରେ ଅଭିଯୋଗ ଶୁଣାଣୀ ଜନିତ "ପଲ୍ଲୀରେ ପ୍ରଶାସନ" କାର୍ଯ୍ୟକ୍ରମ ସକାଳ ୧୧.୦୦ ଘଟିକା ସମୟରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ଅଭିଯୋଗ ଶୁଣାଣୀ ଶିବିରରେ ବାଲିଅନ୍ତା ପଞ୍ଚାୟତ ସମିତି ଉପାଧକ୍ଷା ଇତିଶ୍ରୀ ଜେନା, ବାଲିଅନ୍ତା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିତା ନାଥ, ତହସିଲଦାର ବାଲିଅନ୍ତା ଲିଲନ୍ ପ୍ରସାଦ ସାହୁ, ସାଂସଦ ଭୁବନେଶ୍ୱରଙ୍କ ପ୍ରତିନିଧି ବିଜୟ ମହାରଣା, ଜିଲ୍ଲା ପରିଷଦ ସଭ୍ୟା, ଜୋନ ନଂ ୧୭, କୁନମୁନ୍ ଲେଙ୍କା, ପୁରଣପଧାନ ଗ୍ରା.ପ.ର ସରପଞ୍ଚ ଦୁର୍ଯୋଧନ ମଲ୍ଲିକ ଏବଂ ବାଲିଅନ୍ତା ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ଆଜିର ଅଭିଯୋଗ ଶୁଣାଣୀରେ ସର୍ବମୋଟ ୧୨୧ଟି ଲିଖିତ ଅଭିଯୋଗ ଗ୍ରହଣ କରାଯାଇଅଛି । ସେଥି ମଧ୍ୟରୁ ଗ୍ରାମୀଣ ଗୃହ ସମ୍ବନ୍ଧୀୟ ୫୪ ଗୋଟି,ଭତ୍ତା ସମ୍ବନ୍ଧୀୟ ୨୦ ଗୋଟି, ଯୋଗାଣ ବିଭାଗ ସମ୍ବନ୍ଧୀୟ ୧୨ ଗୋଟି ଓ ଅନ୍ୟାନ୍ୟ ବିଭାଗ ସମ୍ବନ୍ଧୀୟ ୩୫ ଗୋଟି ଅଭିଯୋଗ ହସ୍ତଗତ ହୋଇଅଛି। ଉକ୍ତ କାର୍ଯ୍ୟକ୍ରମରେ ବାଲିଅନ୍ତା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିତା ନାଥଙ୍କ ଦ୍ୱାରା ବୁଦ୍ଧିପଡା ଗ୍ରାମର ୫୦ ବର୍ଷୀୟ ଦିବ୍ୟାଙ୍ଗ ବ୍ୟକ୍ତି ଚିନ୍ତାମଣି ରାଉତଙ୍କୁ ହ୍ୱିଲ ଚେୟାର ପ୍ରଦାନ କରାଯାଇଥିଲା ।

# ଅଭିଭାବକମାନେ ନିଜର ଦାୟିତ୍ୱ ପ୍ରତି ସଚେତନ ହେବାକୁ ପଡ଼ିବ



**ନବରଂଗପୁର, ୧୦।୧୧ (ସଂଚାର ବ୍ୟୁରୋ):** ଶନିବାର ଦିନ ସରସ୍ୱତୀ ଶିଶୁ ଜ୍ଞାନ ମନ୍ଦିର ଠାରେ ଅଭିଭାବକ ଓ ଅଭିଭାବିକା ମାନଙ୍କର ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ବହୁ ସଂଖ୍ୟାର ଅଭିଭାବକ ଓ ଅଭିଭାବିକା ମାନେ ଯୋଗ ଦେଇଥିଲେ।

ସଭା ଆରମ୍ଭରେ ବନ୍ଦନା, ଗୀତ, ଧୁନ୍ ଆଦି ବୋଲାଯାଇ ଥିଲା ଏବଂ ଦୀପ ପ୍ରଜ୍ୱଳନ କରାଯାଇ ଥିଲା। ଶ୍ରୀମତୀ ପି. ଅନୁସୂୟା ପାତ୍ର ଦୀପ ପ୍ରଜ୍ୱଳନ କରି ଥିଲେ ଉକ୍ତ ସମ୍ମିଳନୀରେ ଅଭିଭାବକ ଓ ଅଭିଭାବିକା ମାନଙ୍କୁ ବିଦ୍ୟାଳୟର ପ୍ରଧାନ ଗୁରୁଜୀ ସମସ୍ତଙ୍କୁ ସ୍ୱାଗତ କରିବା ସହିତ ସ୍ୱାଗତ ଭାଷଣ ପ୍ରସଙ୍ଗରେ କହିଥିଲେ ଯେ ଅଭିଭାବକ ଅଭିଭାବିକାମାନେ ନିଜର କର୍ତ୍ତବ୍ୟ ଠିକ୍ ଭାବରେ ସମ୍ପାଦନ ନ କଲେ ଏବଂ ନିଜେ ଜଣେ ଆଦର୍ଶବାନ ଅଭିଭାବକ ହେଲେ ଶିଶୁ ମାନେ ଜଣେ ଜଣେ ଉତ୍ତମ୍ ଛାତ୍ରଛାତ୍ରୀ ହୋଇ ବାହାରିବେ। ଛାତ୍ରଛାତ୍ରୀମାନେ ବହି ପଢିବା ଜାଗାରେ ବହୁଳ ଭାବରେ ମୋବାଇଲ ବ୍ୟବହାର କରୁ ଥିବା ରୁ ସେମାନଙ୍କର ଆଚରଣ ଉଚ୍ଚରଣ ରେ ଅନେକ ସମସ୍ୟା ଦେଖାଦେଉଛି। ଅଭିଭାବକ ମାନେ ନିଜର ଦାୟିତ୍ୱ ଠିକ୍ ଭାବରେ ସମ୍ପାଦନ କଲେ ଛାତ୍ରଛାତ୍ରୀ ମାନେ ଭଲମନ୍ଦ ଆଚାର ବିଚାର ଠାରୁ ଦୁରେଇ ଯାଉଛନ୍ତି ଯାହା ଦ୍ୱାରା ଆଜି ବୃଦ୍ଧ ପିତା ମାତା ମାନେ ସମସ୍ୟା ରେ ପଡି ଘାଣ୍ଟି ହେଉଛନ୍ତି। ଅନ୍ୟତମ ଅତିଥି ଶ୍ରୀ ମନମୋହନ ପଟ୍ଟନାୟକ ଭଗବାନ ରାମ ଚନ୍ଦ୍ର ଚନ୍ଦ୍ରଙ୍କର ଏବଂ କୃଷ୍ଣଙ୍କର ବିଭିନ୍ନ ଉଦାହରଣ ଦେଇ ମା ମାନଙ୍କର କର୍ତ୍ତବ୍ୟ ସମ୍ବନ୍ଧରେ ସଚେତନ କରି ଥିଲେ। ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ପ୍ରଶମନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ଡେରାବିଶ, ୧୦।୧୧ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଅନ୍ତର୍ଗତ ଚାନ୍ଦୋଳ ସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟ ପରିସରରେ ଆୟୋଜିତ ତ୍ରିଦିବସୀୟ ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ପ୍ରଶମନ ପ୍ରଶିକ୍ଷଣ ଶିବର ଗତକାଲି ଉଦଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଆନୁଷ୍ଠିତ ଉଦ୍‌ଯାପନ ଉତ୍ସବରେ ଚାନ୍ଦୋଳ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ଅକ୍ଷୟ କୁମାର ବଳ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବରେ ପଟ୍ଟାମୁଣ୍ଡାଇ କଲେଜର ଅଧ୍ୟକ୍ଷ ପ୍ରାଧ୍ୟାପକ ଉମାକାନ୍ତ ମହାପାତ୍ର, ସମ୍ମାନିତ ଅତିଥିଭାବେ ଯୁବ ରେଡ଼କ୍ରସ ସଭାପତି ତଥା କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଶାନ୍ତନୁ କୁମାର ଜେନା ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ଓଡ଼ିଶା ଉଚ୍ଚନ୍ୟାୟାଳୟର ବରିଷ୍ଠ ଅଧିବକ୍ତା ଗିରିଜାନନ୍ଦ ନାୟକ ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲା ସଂଯୋଜକ ବିକାଶ ନାୟକ ଓ ଜିଲ୍ଲା କାର୍ଯ୍ୟକାରୀ ଅଧିକାରୀ ରତ୍ନାକର ସେଠୀ ଯୋଗଦେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉପାଦେୟତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କୃତୀ ସ୍ୱେଚ୍ଛାସେବୀ ମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ଯୁବ ରେଡ଼କ୍ରସର ପରିଚାଳିକା ଅଧ୍ୟାପିକା ସୁକନ୍ୟା ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶକ୍ତି ପ୍ରସାଦ ମିଶ୍ର ବେଦପାଠ କରିଥିବା ବେଳେ ସ୍ୱେଚ୍ଛାସେବୀ ରକ୍ଷୀ ତ୍ରିପାଠୀ ନୃତ୍ୟ ପରିବେଶଣ କରିଥିଲେ। ଶେଷରେ ଯୁବ ରେଡ଼କ୍ରସର ଅଧିକାରୀ ଅଧ୍ୟାପକ ପ୍ରଭାତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ ଏହି ତିନିଦିନିଆ ଆବାସିକ ତାଲିମ ଶିବିରରେ ଶିବିରାର୍ଥୀମାନେ ସନ୍ଧ୍ୟାରେ ନାଚଗୀତ, କୁଇଜ୍ ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ତିନିଦିନ ବ୍ୟାପୀ ଜାତୀୟ ବିପର୍ଯ୍ୟୟ ମୁକାବିଲା ବାହିନୀ, ଅଗ୍ନିଶମ ବିଭାଗ, ସାଇବର ସୁରକ୍ଷା ବିଭାଗ, ରୋଡ ଟ୍ରାନ୍ସପୋର୍ଟ ଅଫିସର ଆଦି ଯୋଗଦେଇ ବିପର୍ଯ୍ୟୟ ସମୟରେ ସ୍ୱେଚ୍ଛାସେବୀମାନେ ନିଜର ଜୀବନ ବଞ୍ଚାଇବା ସହ ଅନ୍ୟମାନଙ୍କର ଜୀବନ ବଞ୍ଚାଇବାର କଳା କୌଶଳମାନ ଶିଖାଇଥିଲେ।



# ସିମୋରା ପଞ୍ଚାୟତରେ ମିଳିତ ଜନଶୁଣାଣି ଶିବିର




**ଖୋର୍ଦ୍ଧା,୧୦।୧୧ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଜିଲ୍ଲାର ବେଗୁନିଆ ବ୍ଲକ ଅନ୍ତର୍ଗତ ସିମୋରା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏହି ମିଳିତ ଜନ ଶୁଣାଣି ଶିବିରରେ ଜିଲ୍ଲାପାଳ ଅମ୍ରିତ ଋତୁରାଜ ଅଧକ୍ଷତା କରିଥିଲେ।

ଆଜିର ମିଳିତ ଜନଶୁଣାଣି ଶିବିରରେ ମୋଟ ୧୬୨ଟି ଅଭିଯୋଗ ଗ୍ରହଣ କରାଯାଇଥିଲା, ଯାହା ମଧ୍ୟରୁ ୧୫୨ଟି ବ୍ୟକ୍ତିଗତ ଏବଂ ୧୦ଟି ସାମୂହିକ ସମସ୍ୟା। ଜିଲ୍ଲାପାଳ ଘଟଣାସ୍ଥଳରୁ ୧୨ଟି ଅଭିଯୋଗର ସମାଧାନ କରିଥିଲେ ଏବଂ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ହରିଶ୍ଚନ୍ଦ୍ର ଯୋଜନା ଅଧୀନରେ ଭଗବାନ ସେଠୀଙ୍କୁ ୫,୦୦୦ ଟଙ୍କା ଏବଂ ସିମୋରା ଗ୍ରାମର ଝୁନି ସେଠୀଙ୍କୁ ୪,୦୦୦ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ସେହିପରି, ତିନି ଜଣ ଶାରୀରିକ ଭାବରେ ଅକ୍ଷମ ବ୍ୟକ୍ତି, ସିମୋରା ଜିପିର ମାଧବ ସେଠୀ ଏବଂ ଶରତ ଚନ୍ଦ୍ର ବେହେରା ଏବଂ ସିକୋର ଆଲୋକ ପ୍ରଧାନ। ଜିପିକୁ ହ୍ୱିଲଚେୟାର ଯୋଗାଇ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଉପ-କଲେକ୍ଟର କିଶୋର କୁମାର ପଣ୍ଡା, ଆଡି.ଏସପି, ଅନାଦି ଚରଣ ସେଠୀ, ସିଡିଏମ୍ ଏବଂ ପିଏଚ୍‌ଓ, ଡକ୍ଟର ସଞ୍ଜୟ ଚନ୍ଦ୍ର ରାୟ ଏବଂ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ନନ୍ଦାହାଣ୍ଡିରେ ମିଳିତ ଜନଶୁଣାଣି ଶିବିର



**ନବରଙ୍ଗପୁର,୧୦।୧୧ (ସଂଚାର ବ୍ୟୁରୋ):** ଆଜି ନନ୍ଦାହାଣ୍ଡି ପଂଚାୟତ ସମିତି ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପତଙ୍କ ଯୁଗ୍ମ ଅଧକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର ,ଜିଲ୍ଲାପରିଷଦ ସଭ୍ୟ (ଜୋନ -୧) ଦିବ୍ୟାଦନ ସୁନା, ବିଡିଓ ନନ୍ଦାହାଣ୍ଡି କ୍ଷୀରୋଦ ଚନ୍ଦ୍ର ସାହୁ ଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୨୩ ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୧୭ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୦୬ଟି ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ସମ୍ମିଳିତ ଥିଲା।

■ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ରାମଜସ୍ କଲେଜ ଛାତ୍ରଛାତ୍ରୀଙ୍କ ସହ 'ବନ୍ଦେ ମାତାରମ୍' ଗାନ କଲେ କେନ୍ଦ୍ରମନ୍ତ୍ରୀ

# ବିକଶିତ ଭାରତ ନିର୍ମାଣରେ ପଥପ୍ରଦର୍ଶକ ହେବ



**ନୂଆଦିଲ୍ଲୀ,୧୦।୧୧:** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଦିଲ୍ଲୀ ବିଶ୍ୱବିଦ୍ୟାଳୟର ରାମଜସ୍ କଲେଜରେ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଏହି ଅବସରରେ ସେ ଛାତ୍ରଛାତ୍ରୀଙ୍କ ଗହଣରେ ସାମୂହିକ ବନ୍ଦେ ମାତରମ୍ ସଙ୍ଗୀତ ଗାନ କରିବା ସହ ସ୍ୱଦେଶୀ ସାମଗ୍ରୀ ବ୍ୟବହାର କରିବା ପାଇଁ ସଂକଳ୍ପ ନେବାକୁ ଶପଥ ପାଠ କରାଇଥିଲେ। ଶ୍ରୀ ପ୍ରଧାନ ମହାନ ରାଷ୍ଟ୍ରଭକ୍ତ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ରଚିତ ଜାତୀୟ ସଙ୍ଗୀତର ଐତିହାସିକ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ଲମ୍ବା ସଂଘର୍ଷ ଏବଂ ଅଗଣିତ ରାଷ୍ଟ୍ର ସେବକଙ୍କ ବଳିଦାନ ପରେ ୧୯୪୭ରେ ଆମକୁ ସ୍ୱାଧୀନତା ମିଳିଥିଲା। ବନ୍ଦେ ମାତରମ୍ ସେହି ଜାତୀୟ ଚେତନାର ଉଦଘୋଷ ଥିଲା, ଯାହା ସମଗ୍ର ଦେଶକୁ ଏକ ସୂତ୍ରରେ ବାନ୍ଧିଥିଲା। ଏହି ପରିପ୍ରେକ୍ଷୀରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରତ୍ୟେକ କ୍ଲାସ୍‌ରୁମ୍‌ରେ ବନ୍ଦେ ମାତରମ୍‌ର ସାମୂହିକ ଗାନ ଏକ ସଶକ୍ତ ପରମ୍ପରା ଭାବରେ ସ୍ଥାପିତ ହେବା ଆବଶ୍ୟକ। ଏହା ଦ୍ୱାରା ଏହା ଏକ ଜନଆନ୍ଦୋଳନରେ ପରିଣତ ହୋଇପାରିବ। ସ୍ୱାଧୀନତା ସମୟରେ ଆଜାଦୀ ପାଇଁ ଏହାକୁ ଗାନ କରାଯାଉଥିଲା, କିନ୍ତୁ ଆଜି ଏକବିଂଶ ଶତାବ୍ଦୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିକଶିତ ଏବଂ ସମୃଦ୍ଧ ଭାରତର ନିର୍ମାଣ ପାଇଁ ବନ୍ଦେ ମାତରମ୍ ଆମର ପଥପ୍ରଦର୍ଶକ ହେବ। ବନ୍ଦେ ମାତରମ୍‌ର ଦିବ୍ୟ ଶକ୍ତି ଏବଂ ସ୍ୱଦେଶୀ ସଂକଳ୍ପର ଭାବନା ଅନୁରୂପ ଦେଶର ପ୍ରଗତିରେ ପ୍ରତ୍ୟେକ ଯୁବକଙ୍କର ଅଂଶଗ୍ରହଣ ଅନିବାର୍ଯ୍ୟ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଆତ୍ମନିର୍ଭର ଭାରତର ଏହି ସଂକଳ୍ପକୁ ଆମେ ସମସ୍ତେ ମିଶି ପୂରଣ କରିବା ପାଇଁ ସେ ଆହ୍ୱାନ କରିଥିଲେ। ଏହି ଅବସରରେ ଶ୍ରୀ ପ୍ରଧାନ ବିଦ୍ୟାର୍ଥୀ ଓ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପରିବାର ସହିତ ମିଶି ସାମୂହିକ ଭାବରେ ସ୍ୱଦେଶୀ ସାମଗ୍ରୀ ବ୍ୟବହାର କରିବା ପାଇଁ ସଂକଳ୍ପ ଶପଥ ନେଇଥିଲେ। ବିଦ୍ୟାର୍ଥୀମାନଙ୍କର ଉତ୍ସାହ, ଜାତୀୟ ଗର୍ବ ଏବଂ ସ୍ୱଦେଶୀ ମୂଲ୍ୟବୋଧ ପ୍ରତି ସମର୍ପଣକୁ ପ୍ରଶଂସା କରିଥିଲେ ଶ୍ରୀ ପ୍ରଧାନ।

ପୀତବାସ ହତ୍ୟା ମାମଲା

## ପିଣ୍ଟୁଙ୍କ ପାଇଁ ପିଟିସନ ଦାଖଲ

● ମଧୁମେହ, ଉଚ୍ଚ ରକ୍ତଚାପ ଖାଦ୍ୟ ସହ ଜୋତା ପିନ୍ଧିବାକୁ ସୁଯୋଗ ଦେବାକୁ ଅନୁରୋଧ



**ବ୍ରହ୍ମପୁର,୧୦।୧୧(ସଂଚାର ବ୍ୟୁରୋ):** ବିଜେପି ନେତା ତଥା ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଅଭିଯୁକ୍ତ ଥିବା ପୂର୍ବତନ ମେୟର ଶିବ ଶଙ୍କର ଦାଶ ଓରଫ ପିଣ୍ଟୁଙ୍କ ପକ୍ଷରୁ ଏସଡିଜେଏମ କୋର୍ଟରେ ପିଟିସନ ଦାୟର କରାଯାଇଛି। ପିଣ୍ଟୁ ବର୍ତ୍ତମାନ ଫୁଲବାଣୀ ଜେଲରେ ଅଛନ୍ତି। ପିଣ୍ଟୁଙ୍କ ମଧୁମେହ, ଉଚ୍ଚ ରକ୍ତଚାପ ଖାଦ୍ୟ, ଜୋତା ପିନ୍ଧିବାକୁ ସୁଯୋଗ ଦେବାକୁ ପିଟିସନ କରିଛନ୍ତି ତାଙ୍କଙ୍କ ଓକିଲ। ଫୁଲବାଣୀ ଜେଲରେ ଥିବା ଅଭିଯୁକ୍ତ ପୂର୍ବତନ ମେୟର ପିଣ୍ଟୁ ଦାଶଙ୍କ ପାଇଁ ଏସଡିଜେଏମ କୋର୍ଟରେ ପିଣ୍ଟୁଙ୍କ ଓକିଲ କୈଳାସ ଚନ୍ଦ୍ର ପଣ୍ଡାଙ୍କ ପକ୍ଷରୁ ଏହି ପିଟିସନ ଦାଖଲ କରାଯାଇଛି। ପିଣ୍ଟୁଙ୍କୁ ମଧୁମେହ, ଉଚ୍ଚ ରକ୍ତଚାପ ଖାଦ୍ୟ ସହ ଜୋତା ପିନ୍ଧିବାକୁ ସୁଯୋଗ ଦେବାକୁ ପିଟିସନ ମାଧ୍ୟମରେ ତାଙ୍କ ଓକିଲ ଅନୁରୋଧ କରିଛନ୍ତି। ଏଥିସହ ବ୍ରହ୍ମଣ ନୀତି ନିୟମ ଅନୁସାରେ କାନରେ ରିଙ୍ଗ ଲଗାଇବାକୁ ଅନୁମତି ଦେବାକୁ ପିଟିସନରେ ନିବେଦନ କରିଛନ୍ତି। ପରିବାର ଲୋକଙ୍କ ସହ ଭିଡିଓ କନଫରେନ୍ସିଂରେ କଥାବାର୍ତ୍ତା କରିବାକୁ ଅନୁମତି ପାଇଁ ପିଟିସନରେ ନିବେଦନ କରାଯାଇଛି। ଏହି ପିଟିସନକୁ ନେଇ ଏସଡିଜେଏମ କୋର୍ଟରେ ଶୁଣାଣି ଶେଷ ହୋଇଥିବା ବେଳେ ରାୟ ସଂରକ୍ଷିତ ଥିବା ନେଇ ପିଣ୍ଟୁଙ୍କ ଓକିଲ କହିଛନ୍ତି। ସୂଚନାଯୋଗ୍ୟ, ଆଇନଜୀବୀ ତଥା ବିଜେପି ନେତା ପୀତବାସ ପଣ୍ଡାଙ୍କ ହତ୍ୟା ମାମଲାରେ ବ୍ରହ୍ମପୁର ଜେଲରୁ ଫୁଲବାଣୀ ଜେଲକୁ ଯାଇଥିଲେ ପୂର୍ବତନ ମେୟର ଶିବ ଶଙ୍କର ଦାଶ ଓରଫ ପିଣ୍ଟୁ ଦାଶ। ପୁଲିସ ଏସକର୍ଟରେ ତାଙ୍କୁ ଫୁଲବାଣୀ ଜେଲ୍ ନିଆଯାଇଥିଲା। ପୀତବାସ ପଣ୍ଡା ହତ୍ୟା ମାମଲାରେ ପିଣ୍ଟୁ ଗିରଫ ହୋଇ ବ୍ରହ୍ମପୁର ଜେଲରେ ରହିଥିଲେ। ତେବେ ତାଙ୍କ ଜୀବନ ପ୍ରତି ବିପଦ ଦର୍ଶାଇ ତାଙ୍କୁ ସ୍ଥାନାନ୍ତର କରାଯାଇଥିଲା। ପିଣ୍ଟୁ ଦାସଙ୍କ ସୁରକ୍ଷା ନେଇ ଏସଡିଜେଏମ୍ କୋର୍ଟରେ ପିଟିସନ ଦାଖଲ ହୋଇଥିଲା।

ଅସୁରକ୍ଷିତ ସିଏମସିର ପୁରୁଣା କୋଠା

## ବେଧଡ଼କ ଚାଲିଛି ସରକାରୀ କାମ

ମେୟର କହିଲେ ଶୀଘ୍ର ଭାଙ୍ଗିଦେବୁ



**କଟକ ୧୦।୧୧(ସଂଚାର ବ୍ୟୁରୋ):** ମଣି ସାହୁ ଛକ ଅଘଟଣ ପରେ କଟକ ସହର ଭିତରେ କେତେ ଅସୁରକ୍ଷିତ କୋଠା ଅଛି, ତା'ର ବାସ୍ତବ ସ୍ଥିତି କ'ଣ, ସେନେଇ ପ୍ରଶାସନ ବେଫିକର ଥିବା ପରି ମନେ ହେଉଛି। ଜାଣିଲେ ଆଶ୍ଚର୍ଯ୍ୟ ଲାଗିବ କି କଟକ ମହାନଗର ନିଗମର ପୁରୁଣା କୋଠା ଏବେବି ଅସୁରକ୍ଷିତ ଭାବେ ଠିଆ ହୋଇଛି, ଯାହା ଭିତରେ ସରକାରୀ କାର୍ଯ୍ୟ ବି ହେଉଛି। ସେପଟେ ମେୟର ସମ୍ପୂର୍ଣ୍ଣ ଓଲଟା କଥା କହୁଛନ୍ତି। ମେୟର କହିଲେ ପୁରୁଣା କୋଠା କାମରେ ଲାଗୁନି, ଖୁବ୍‌ଶୀଘ୍ର ଏହାକୁ ଭାଙ୍ଗି ଦେବୁ। ହେଲେ ତିଥି ନା ବାର କିମ୍ବା ତାରିଖ ବାବଦରେ କିଛି ବି କହିଲେନି ମେୟର। ତେବେ ରିୟାଲିଟି ଚେକ୍ ବେଳେ ଜଣା ପଡିଲା, ବ୍ରିଟିଶ ଅମଳର ଏହି ଅସୁରକ୍ଷିତ କୋଠାରେ ରହିଛି ଷ୍ଟୋର ରୁମ୍ ଏବଂ ୨ ଜଣ କର୍ମଚାରୀ ମଧ୍ୟ କାମ କରୁଛନ୍ତି। ପୁଣି ଏହି ବିଲ୍ଡିଂରେ ଚାଲିଛି ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ। ତେଣୁ ପ୍ରଶ୍ନ ହେଲା ଯେବେ ସିଏମସି ଅକ୍ତିଆରରେ ଥିବା ଅସୁରକ୍ଷିତ କୋଠା ଭଙ୍ଗା ଯାଇପାରୁନାହିଁ, ସେତେବେଳେ ବ୍ୟକ୍ତିଗତ ମାଲିକାନାରେ ଥିବା ଅସୁରକ୍ଷିତ ବିଲ୍ଡିଂ ବାବଦରେ ଚିନ୍ତା କରିବ କିଏ ?

ତେବେ ଆଜି ସୁଦ୍ଧା କଟକ ସହରରେ ମୋଟ୍ ୨୩୧ଟି ଅସୁରକ୍ଷିତ ଅଟ୍ଟାଳିକା ଚିହ୍ନଟ କରିଛି ପ୍ରଶାସନ। ସେଥିମଧ୍ୟରୁ ୮ଟି ସରକାରୀ କୋଠା ଭାଙ୍ଗିବା ଲାଗି ନିର୍ଦ୍ଦେଶ ମଧ୍ୟ ଦିଆସରିଛି।

## ହାଇକୋର୍ଟ ଗଲେ ବ୍ରହ୍ମପୁର ଏସ୍‌ପି

● ଆଜି ହେବ ମାମଲାର ଶୁଣାଣି



**ବ୍ରହ୍ମପୁର,୧୦।୧୧(ସଂଚାର ବ୍ୟୁରୋ) :** ହାଇକୋର୍ଟ ଗଲେ ବ୍ରହ୍ମପୁର ଏସ୍‌ପି। ବ୍ୟକ୍ତିଗତ ଭାବେ ହାଜର ହେବେ ସର୍ବଣା ବିବେକ ଏମ। ୭ ତାରିଖରେ ଦେଇଥିବା ଉତ୍ତରରେ ସନ୍ତୁଷ୍ଟ ନ ହୋଇ ଆଜି ସୁଦ୍ଧା ବ୍ୟକ୍ତିଗତ ଭାବେ ହାଜର ହୋଇ ଆଫିଡେଭିଟ ମାଧ୍ୟମରେ ଉତ୍ତର ରଖିବାକୁ ନିର୍ଦ୍ଦେଶ ଦେଇଥିଲେ ହାଇକୋର୍ଟ। ଏନେଇ ଆଜି ସତ୍ୟପାଠ ଜରିଆରେ ଜବାବ ଦାଖଲ କରିବେ ବ୍ରହ୍ମପୁର ଏସପି ସର୍ବଣା ବିବେକ ଏମ। ଅକ୍ଟୋବର ୨୨ରେ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗଣମାଧ୍ୟମକୁ ବ୍ରହ୍ମପୁର ଏସପି ଦେଇଥିବା ଏକ ବୟାନକୁ ନେଇ ଆପତ୍ତି ଉଠାଇଥିଲେ ହାଇକୋର୍ଟ। ହତ୍ୟାକାଣ୍ଡ ପଛର ଉଦ୍ଦେଶ୍ୟ କହିବା ସମୟରେ ଏସପି ଏକ ଇଲେକ୍ସନ ପିଟିସନ ବିଷୟରେ କହିଥିଲେ। ପେଣ୍ଡିଂ ଇଲେକ୍ସନ ପିଟିସନ ଉପରେ ମନ୍ତବ୍ୟ ଦେଇଥିବାରୁ ବ୍ରହ୍ମପୁର ଏସ୍.ପି.ଙ୍କ ଠାରୁ ଶପଥ ପାଠ ତଲବ କରିଥିଲେ ହାଇକୋର୍ଟ। ମଙ୍ଗଳବାର ମାମଲା ଶୁଣାଣି ଅଛି।

## ୧୭ରେ ଆଉ ଏକ ଲଘୁଚାପ

ଓଡ଼ିଶାରେ ପ୍ରଭାବ ପଡ଼ିନପାରେ



**ଭୁବନେଶ୍ୱର, ୧୦।୧୧ (ସଂଚାର ବ୍ୟୁରୋ):** ଆସନ୍ତା ୧୭ ତାରିଖରେ ଲଘୁଚାପ ସମ୍ଭାବନା। ଦକ୍ଷିଣ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ନେଇ ପୂର୍ବାନୁମାନ କରିଛନ୍ତି ଅନ୍ତର୍ଜାତୀୟ ପାଣିପାଗ ବିଜ୍ଞାନୀ ଜାସନ ନିକଲସ। ଏହାର ପ୍ରଭାବରେ ଆନ୍ଧ୍ରପ୍ରଦେଶ, ତାମିଲନାଡ୍ଡୁ, ପୁଡୁଚେରୀରେ ଏବଂ କେରଳରେ ବର୍ଷା ହୋଇପାରେ। ତେବେ ଲଘୁଚାପର ପ୍ରଭାବ ଓଡ଼ିଶାରେ କ'ଣ ରହିବ ତା ଉପରେ ନଜର ରହିଛି। ସେହିପରି ୧୪ ତାରିଖରେ ଦକ୍ଷିଣପଶ୍ଚିମ ବଙ୍ଗୋପସାଗରରେ ଏକ ଲୋପ୍ରେସର ନେଇ ପୂର୍ବାନୁମାନ କରିଥିଲା ପାଣିପାଗ ବିଭାଗ। ହେଲେ ଏହାର ପ୍ରଭାବ ଓଡ଼ିଶା ଉପରେ ରହିବ ନାହିଁ। ଅନ୍ୟପଟେ ରାଜ୍ୟରେ ଶୀତ ଲହରୀ ଆସିବାର ସମ୍ଭାବନା ରହିଛି। ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଜଳୀୟବାଷ୍ପ ହ୍ରାସ ସହିତ ଉତ୍ତରପଶ୍ଚିମ ଦିଗରୁ ବହୁଥିବା ଶୁଷ୍କ ଥଣ୍ଡା ବାୟୁ ପ୍ରଭାବରେ ରାଜ୍ୟରେ ଖସିଛି ପାରଦ। ୪ଦିନରେ ୫ ଡିଗ୍ରୀ ଖସିଲାଣି ରାତି ତାପମାତ୍ରା।

## ଘୁ. ଉଦୟଗିରିରେ ପାରଦ ୮.୪ ଡିଗ୍ରୀକୁ ଖସିଲା



**ଘୁ.ଉଦୟଗିରି,୧୦।୧୧(ସଂଚାର ବ୍ୟୁରୋ):** ଖସିଲା ପାରଦ ବଢ଼ିଲା ଶୀତ। ଓଡ଼ିଶାର ଦାର୍ଜିଲିଂ ଘୁ. ଉଦୟଗିରିରେ ପାରଦ ୮.୪ ଡିଗ୍ରି ରେକର୍ଡ। ଗୋଟିଏ ଦିନ ବ୍ୟବଧାନରେ ପାରଦ ଖସିଲା ୩ ଡିଗ୍ରି। ସ୍ଥାନୀୟ ଅଞ୍ଚଳ ସମେତ ଟିକାବାଲି, ରାଇକିଆ, ସାରଙ୍ଗଡ଼ ପ୍ରଭୃତି ଅଞ୍ଚଳରେ ଦିନକୁ ଦିନ ତାପମାତ୍ରା କମିବାରେ ଲାଗିଛି। ଗତ ୪ ଦିନ ଭିତରେ ଓଡ଼ିଶାର ଡାର୍ଜିଲିଂ ଘୁ. ଉଦୟଗିରିର ତାପମାତ୍ରା ୧୧.୪ ଡିଗ୍ରିରୁ ଆଜି ୮.୪ ଡିଗ୍ରିକୁ ଖସି ଆସିଛି ସହର ଅପେକ୍ଷା ଦୁର୍ଗମ ପାହାଡ଼ ପର୍ବତ ଜଙ୍ଗଲ ଘେରା ଅଞ୍ଚଳରେ ୮ ଡିଗ୍ରି ତଳକୁ ପାରଦ ଖସି ରହୁଥିବା ଜଣାପଡିଛି। ଚଳିତ ବର୍ଷ ବିଳମ୍ବରେ ଶୀତ ଆରମ୍ଭ ହୋଇଥିବା ବେଳେ ହଠାତ ପାରଦ କମିବା ଯୋଗୁଁ ଶୀତର ପ୍ରକୋପ ବଢ଼ିବାରେ ଲାଗିଛି। ଦିନରେ ସୂର୍ଯ୍ୟଙ୍କ କିରଣକୁ ଭରସା କରୁଥିବା ବେଳେ ସନ୍ଧ୍ୟା ହେଲେ ନିଆଁକୁ ଭରସା। ଗରିବ ଲୋକ ଥଣ୍ଡା ପାଇଁ ଡହଳବିକଳ ହେଲେଣି। ଝାଟିମାଟି ଘରେ ଜୀବନ ବିତାଉଥିବା ପରିବାର ରାତିସାରା ନିଆଁ ଲଗେଇ ଶୋଉଥିବା ବେଳେ ସ୍ଥାନୀୟ ସହରରେ ବସଷ୍ଟାଣ୍ଡ ନଥିବା ଏବଂ ସହରରେ କୌଣସି ସ୍ଥାନରେ ଯାତ୍ରୀ ବିଶ୍ରାମ ଗୃହ ନଥିବା ଯୋଗୁଁ ବସ ଯାତ୍ରୀମାନେ ରାତିସାରା ବସକୁ ଅପେକ୍ଷା କରିବା ନିମନ୍ତେ କାହା ବାରଣ୍ଡାରେ ବସୁଥିବା ବେଳେ କିଛି ଛକମାନଙ୍କରେ ନିଆଁ ଜାଳି ବସୁଥିବା ଦେଖିବାକୁ ମିଳିଛି। ସକାଳୁ ପ୍ରବଳ କୁହୁଡି ଯୋଗୁଁ ପ୍ରାତଃ ଭ୍ରମଣରେ ଯାଉଥିବା ବ୍ୟକ୍ତି ଥଣ୍ଡା ପାଇଁ ଘରୁ ବାହାରୁନଥିବା ଜଣାପଡିଛି। ସକାଳୁ ଚାହା ଦୋକାନରେ ଶୀତୁଆ ସକାଳ ଖଟି ବେଶ ଜମୁଛି।

● ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲା

## ଶଙ୍କର, ସୁରେଶର ପଲିଗ୍ରାଫ୍ ଟେଷ୍ଟ ପାଇଁ ଆବେଦନ

**ବ୍ରହ୍ମପୁର, ୧୦।୧୧ (ସଂଚାର ବ୍ୟୁରୋ):** ଓଡ଼ିଶା ପୁଲିସ ଏସ୍‌ଆଇ ଲିଖିତ ପରୀକ୍ଷା ଜାଲିଆତି ମାମଲାର ମାଷ୍ଟର ମାଇଣ୍ଡ୍ ଶଙ୍କର ପୃଷ୍ଟି ଓ ସିଲିକନ୍ ଟେକ୍‌ଲାବ୍ ସଂସ୍ଥାର ମୁଖ୍ୟ ସୁରେଶ ଚନ୍ଦ୍ର ନାୟକର ପଲିଗ୍ରାଫ୍ ଟେଷ୍ଟ କରିବ କ୍ରାଇମବ୍ରାଞ୍ଚ। ଏହି ମାମଲାର ତଦନ୍ତ ଅଧିକାରୀ ବ୍ରହ୍ମପୁର ଜେଏମ୍‌ଏଫ୍‌ସି (ଗ୍ରାମାଞ୍ଚଳ)ରେ ପଲିଗ୍ରାଫ୍ ପରୀକ୍ଷା ପାଇଁ ଆବେଦନ କରିଥିଲେ। ସୋମବାର ଏହାର ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ହେଲେ ମାମଲାର ତଦନ୍ତକାରୀ ଅଧିକାରୀ କୌଣସି କାରଣବଶତଃ କୋର୍ଟରେ ହାଜର ହୋଇପାରିନଥିଲେ। ଏଣୁ ଶୁଣାଣି ହୋଇପାରିନଥିଲା ବୋଲି ପବ୍ଲିକ ପ୍ରସିକ୍ୟୁଟର ବିଶ୍ୱଜିତ ବରାଳ ସୂଚନା ଦେଇଛନ୍ତି। କୋର୍ଟ ଅନୁମତି ପରେ ଉଭୟ ଅଭିଯୁକ୍ତଙ୍କୁ ଭୁବନେଶ୍ୱର ଷ୍ଟେଟ୍ ଫରେନ୍‌ସିକ୍ ଲାବ୍‌ରେ ପଲିଗ୍ରାଫ୍ ଟେଷ୍ଟ କରାଯିବ। କୋର୍ଟ ନିର୍ଦ୍ଦେଶ ପ୍ରକାରେ ଉଭୟଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଇ ଦିଆଯାଇଥିଲା। ଶଙ୍କର ପୃଷ୍ଟିକୁ ଜେରା ସମୟରେ ଅନେକ ତଥ୍ୟ ହସ୍ତଗତ ହୋଇଥିବା ସୂଚନା ମିଳିଛି।

## ମେଡିସିନ୍ ୱାର୍ଡକୁ ଗଲେ ସଂଗୀତ ନିର୍ଦ୍ଦେଶକ ଅଭିଜିତ



**ଭୁବନେଶ୍ୱର,୧୦।୧୧(ସଂଚାର ବ୍ୟୁରୋ):** ଓଲିଉଡର ଜଣାଶୁଣା ସଂଗୀତ ନିର୍ଦ୍ଦେଶକ ତଥା ଗାୟକ ଅଭିଜିତ ମଜୁମଦାରଙ୍କୁ ଆଜି ମେଡିସିନ ୱାର୍ଡକୁ ସ୍ଥାନାନ୍ତରିତ କରାଯାଇଛି। ଏମ୍ସ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁଯାୟୀ, ତାଙ୍କର ଭାଇଟାଲ୍ସ ସ୍ଥିର ରହିଛି। ତାଙ୍କୁ ଭେଣ୍ଟିଲେଟର ସପୋର୍ଟରୁ ବାହାର କରାଯାଇଛି। ତାଙ୍କୁ ମେଡିସିନ୍ ୱାର୍ଡକୁ ସ୍ଥାନାନ୍ତରିତ କରାଯାଇଛି।

## ପିଲାକୁ ଖୁଆଇବା ବେଳେ ଗହଣା ଲୁଟିନେଲେ ଦୁର୍ବୃତ୍ତ



**ଭଦ୍ରକ,୧୦।୧୧(ସଂଚାର ବ୍ୟୁରୋ):** ଘରୋଇ କାର୍ ପାଇଁ ବାଲେଶ୍ୱରରୁ ଯାଇଥିଲେ କଟକ। ଫେରିବା ବେଳେ ଛୁଆକୁ ଖୁଆଇବା ପାଇଁ ଅଟକିଥିଲେ ଅଧାବାଟରେ। ଛୋଟ ଛୁଆଟିକୁ ଖୁଆଇବା ବେଳେ ଭ୍ୟାନିଟି ବ୍ୟାଗଟି ଝାମ୍ପିନେଲେ ଲୁଟେରା। ବ୍ୟାଗ୍‌ରେ ଥିଲା ୧୦ ଭରି ସୁନା ଓ ରୂପା ଗହଣା। ସୂଚନାଯୋଗ୍ୟ ଯେ, ଜଗତସିଂପୁର ଅଞ୍ଚଳର ପଦ୍ମଲୋଚନ ସ୍ୱାଇଁ ଓ ତାଙ୍କ ସ୍ତ୍ରୀ ଚିନ୍ମୟୀ ସାହୁ ବାଲେଶ୍ୱରର ଏକ ଘରୋଇ କମ୍ପାନୀରେ କାମ କରନ୍ତି। ଘରୋଇ କାର୍ଯ୍ୟକ୍ରମ ପାଇଁ ସେମାନେ କଟକ ଯାଇଥିଲେ। କଟକରେ କାର୍ଯ୍ୟକ୍ରମ ସାରି ବାଇକ୍‌ରେ ଫେରୁଥିଲେ ସମସ୍ତେ। ଚିନ୍ମୟୀ ଓ ପିଲାର ସ୍ୱାସ୍ଥ୍ୟ ଖରାପ ଥିବାରୁ ଫେରିବା ବେଳେ ୧୬ ନମ୍ବର ଜାତୀୟ ରାଜପଥର ଭଦ୍ରକ ସହରାଞ୍ଚଳ ଥାନା ଅଧୀନ ଚରମ୍ପା ନିକଟ ଏକ ଜଳଖିଆ ଦୋକାନରେ ଖୁଆଇବା ପାଇଁ ଅଟକିଥିଲେ। ପିଲାକୁ ଖୁଆଇବା ବେଳେ ଭ୍ୟାନିଟି ବ୍ୟାଗ୍‌ରେ ଥିବା ୧୦ ଭରି ଓଜନର ସୁନା ଓରୁ ଗହଣା ନେଇ ଲୁଟେରା ମାନେ ଚମ୍ପଟ ମାରିଥିଲେ। ଏ ନେଇ ଖବର ପାଇ ସଙ୍ଗେ ସଙ୍ଗେ ଭଦ୍ରକ ସହରାଞ୍ଚଳ ପୋଲିସର ଦୁଇଟି ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ଘଟଣାସ୍ଥଳରେ ପୋଲିସ ଟିମ୍ ଯାଞ୍ଚ ଆରମ୍ଭ କରିଛି।

## ପ୍ରେମିକାର ବେକ କାଟିଦେଲା ପ୍ରେମିକ

**କରଞ୍ଜିଆ,୧୦।୧୧(ସଂଚାର ବ୍ୟୁରୋ):** ପ୍ରେମର ସାଂଘାତିକ ଚିତ୍ର। ବ୍ଲେଡ୍ ସାହାଯ୍ୟରେ ପ୍ରେମିକାର ବେକ କାଟିଲା ପ୍ରେମିକ। ଗୁରୁତର ଅବସ୍ଥାରେ ପ୍ରେମିକା ନିକଟସ୍ଥ ମେଡିକାଲରେ ଭର୍ତ୍ତି। ପ୍ରେମିକକୁ ଥାନାରେ ଅଟକ ରଖିଛି ପୁଲିସ। ମୟୂରଭଞ୍ଜ ଜିଲ୍ଲା ଯଶିପୁର ଥାନା ଇଟାମୁଣ୍ଡି ଛକରେ ଏଭଳି ଘଟଣା ଘଟିଛି। ସୂଚନା ମୁତାବକ, କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଅଞ୍ଚଳରେ ପ୍ରେମିକର ଘର ଏବଂମୟୂରଭଞ୍ଜ ଜିଲ୍ଲା ଯଶିପୁର ଥାନା ମହାରାଜପୁର ଗାଁରେ ପ୍ରେମିକାର ଘର। କିଛି ଦିନ ହେବ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ସବୁ ଠିକ୍‌ଠାକ୍ ଚାଲିଥିଲା। ହେଲେ ରବିବାର ବିଳମ୍ବିତ ରାତିରେ ପ୍ରେମିକା ଜଣଙ୍କ ଫୋନ୍ ନକାଟିବାରୁ ରାଗିଯାଇଥିଲା ପ୍ରେମିକ। ଶେଷରେ ଉତ୍‌କ୍ଷିପ୍ତ ହୋଇ ପ୍ରେମିକ ଜଣଙ୍କ ଘରେ ପଶି ପ୍ରେମିକାର ବେକ ବ୍ଲେଡ୍‌ରେ କାଟିଦେଇଛି। ଯାହାପରେ ଗୁରୁତର ଅବସ୍ଥାରେ ପ୍ରେମିକାକୁ ନିକଟସ୍ଥ ଯଶିପୁର ମେଡିକାଲରେ ଭର୍ତ୍ତି କରାଯାଇଛି। ଅଭିଯୁକ୍ତ ପ୍ରେମିକକୁ ଯଶିପୁର ପୁଲିସ ଅଟକ ରଖିଛି।

## ଟ୍ରଲର-ବସ୍ ଧକ୍କା: ଜଣେ ମୃତ ଓ ୧୦ ଆହତ

**ରେଢ଼ାଖୋଲ,୧୦।୧୧(ସଂଚାର ବ୍ୟୁରୋ):** କଟକ ୫୫ ନଂ ଜାତୀୟ ରାଜପଥର ରେଢାଖୋଲ ଲୁହାପଙ୍କ ଛକ ନିକଟରେ ଦୁର୍ଘଟଣା। ଟ୍ରଲରକୁ ଧକ୍କା ଦେଇଛି ଏକ ଘରୋଇ ବସ୍। ଏଥିରେ ଜଣେ ମୃତ୍ୟୁବରଣ କରିଥିବା ବେଳେ ସେ ଉକ୍ତ ବସ୍‌ର କଣ୍ଡକ୍ଟର ବୋଲି ଜଣାପଡ଼ିଛି। କିନ୍ତୁ ତାଙ୍କର ପରିଚୟ ମିଳିପାରିନାହିଁ। ସେହିପରି ବସ୍‌ରେ ବସିଥିବା ୩୪ ଜଣଙ୍କ ମଧ୍ୟରୁ ୧୦ ଜଣ ଯାତ୍ରୀ ଆହତ ହୋଇଛନ୍ତି। ଖବର ପାଇ ରେଢାଖୋଲ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ରେଢାଖୋଲ ମେଡିକାଲରେ ଭର୍ତ୍ତି କରିଛି। ବସଟି ଭୁବନେଶ୍ୱରରୁ ସମ୍ବଲପୁର ଯାଉଥିବା ଜଣାପଡ଼ିଛି।

ମୋହନ ସରକାରଙ୍କ ବୁଲଡୋଜର ଆକ୍ସନ

## ମାଟିରେ ମିଶିଲା ଗୁଣ୍ଡାଙ୍କ ଘର



**ଯୋଡ଼ା, ୧୦।୧୧ (ସଂଚାର ବ୍ୟୁରୋ) :** ମୋହନ ସରକାରଙ୍କ ବୁଲଡୋଜର ଆକ୍ସନ। ବଡ଼ବିଲରେ ଅପରାଧରେ ସଂପୃକ୍ତ ଅଭିଯୁକ୍ତଙ୍କ ଘରେ ବୁଲିଲା ବୁଲଡୋଜର। ବଡ଼ବିଲ ପୌରାଞ୍ଚଳ ୮ ନଂ ୱାର୍ଡ଼ରେ ପ୍ରଥମ ପର୍ଯ୍ୟାୟର ମାଟିରେ ମିଶିବ ୪ଜଣ ଅଭିଯୁକ୍ତଙ୍କ ଘର। ଏହି ୪ ଅଭିଯୁକ୍ତ ଏକାଧିକ ମାମଲାରେ ଜଡ଼ିତଥିବା ଜଣାପଡ଼ିଛି। ଅଭିଯୁକ୍ତଙ୍କ ପରିବାର, ସରକାରୀ ଜମିକୁ ଜବରଦଖଲ କରି ସେଥିରେ ବେଆଇନ ଭାବରେ ଘର ନିର୍ମାଣ କରିଥିଲେ। ଆଜି ମାଜିଷ୍ଟ୍ରେଟ ଓ ପୋଲିସ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ କରାଯାଇଛି। ଆସନ୍ତା ସପ୍ତାହରେ ଆଉ କିଛି ଅପରାଧୀଙ୍କ ବେଆଇନ୍ ଘରକୁ ଭଙ୍ଗାଯିବ ସହ ମୂଲ୍ୟବାନ ଜମିକୁ ଜବରଦଖଲ ମୁକ୍ତ କରାଯିବ ବୋଲି ଏଗଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ ତଥା ବଡ଼ବିଲ ତହସିଲଦାର ସୂଚନା ଦେଇଛନ୍ତି। ପ୍ରଭାବଶାଳୀ ଓ ଧନୀଙ୍କ ବେଆଇନ୍ କୋଠା ଉପରେ ବୁଲଡୋଜର ଚାଲିବ ବୋଲି ପୂର୍ବରୁ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଥିଲେ। ଏତେବ ଏଭଳି ଆକ୍ସନ ଅପରାଧୀଙ୍କ ମେରୁଦଣ୍ଡକୁ ଭାଙ୍ଗିବା ସହ ଜବରଦଖଲ କାରୀଙ୍କ ପାଇଁ ଏହା ଶକ୍ତ ଚେତାବନୀର ବାର୍ତ୍ତା।

● ଆମେରିକାରେ ଓଡ଼ିଆ ପୋଷ୍ୟ କନ୍ୟାକୁ ନିର୍ଯାତନା ମାମଲା

## ତତ୍ପରତା ଦେଖାଇଲା ବାଲେଶ୍ୱର ଜିଲ୍ଲା ପ୍ରଶାସନ

**ବାଲେଶ୍ୱର,୧୦।୧୧ (ସଂଚାର ବ୍ୟୁରୋ):** ଆମେରିକାରେ ଓଡ଼ିଆ ପୋଷ୍ୟ କନ୍ୟାକୁ ନିର୍ଯାତନା ଅଭିଯୋଗ ଘଟଣାରେ ବାଲେଶ୍ୱର ଜିଲ୍ଲା ପ୍ରଶାସନର ତତ୍ପରତା। ଏହା ଏକ ଆଡପସନ ମାମଲା ହୋଇଥିବାରୁ ଏଥିରେ ରାଜ୍ୟ ଓ କେନ୍ଦ୍ର ସ୍ତରୀୟ ଆଡ଼ପସନ୍ ସଂସ୍ଥା ସହ ଆମେ ଯୋଗାଯୋଗ କରିଛୁ। ଏଥିସହ ଅନ୍ୟ ଦେଶରେ ଏହି ଘଟଣା ଘଟିଥିବାରୁ ବୈଦେଶିକ ଅଧିକାରୀଙ୍କ ସାହାଯ୍ୟ ନେଇ ଫେରେଇ ଆଣିବା ପାଇଁ ଆମେ ଚେଷ୍ଟା କରୁଛୁ ବୋଲି ବାଲେଶ୍ୱର ଜିଲ୍ଲାପାଳ କହିଛନ୍ତି। ଏଯାଏଁ ସେ ଝିଅ ସହ କୌଣସି ସିଧାସଳଖ ଯୋଗାଯୋଗ ହୋଇପାରିନାହିଁ। ଓଡ଼ିଶା ଫେରାଇ ଆଣିବାକୁ ସୋସିଆଲ୍ ମିଡିଆରେ ଗୁହାରୀ କରିଛନ୍ତି ପୂଜା ଓରଫ ସେଜଲ୍ ନାମକ ଯୁବତୀ। ପୋଷ୍ୟ କନ୍ୟା ଭାବରେ ୨୦୧୮ ମସିହାରୁ ଆମେରିକାରେ ରହି ଆସୁଥିବା ବେଳେ ଏବେ ପାଳିତା ମାଆ ନିର୍ଯାତନା ଦେଉଥିବା ଅଭିଯୋଗ କରିଛନ୍ତି। ସୋସିଆଲ୍ ମିଡିଆରେ କାନ୍ଦି କାନ୍ଦି କହିଛନ୍ତି, ଏଠି ମୋତେ ବହୁତ କଷ୍ଟ ଦେଉଛନ୍ତି, ବହୁତ ଅତ୍ୟାଚାର ବି କରୁଛନ୍ତି। ମୁଁ ଓଡ଼ିଶାକୁ ଫେରି ଯିବାକୁ ଚାହେଁ, ମୁଖ୍ୟମନ୍ତ୍ରୀଙ୍କୁ ବିନମ୍ର ଅନୁରୋଧ କରୁଛି ଓଡ଼ିଶାକୁ ଫେରିଯିବାକୁ ମୋତେ ସହାୟତା କରନ୍ତୁ। ୨୦୧୮ ମସିହାରେ ଆମେରିକୀୟ ଦମ୍ପତି ପୂଜାକୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରି ଆମେରିକା ନେଇଯାଇଥିଲେ। ପୂଜା ଓଡ଼ିଶାର କୋଲାଠିଆ ଅଞ୍ଚଳରେ ୨୦୦୬ରେ ଜନ୍ମ ଗ୍ରହଣ କରିଥିଲେ। ସାନ ଥିବା ବେଳେ ସେ ଟ୍ରେନରେ ବାପା ମାଙ୍କ ସହ ଯାଉଥିବା ବେଳେ ଅନ୍ୟ ରାଜ୍ୟରେ ହଜିଯାଇଥିଲେ। ଚାଇଲ୍ଡ ଲାଇନ ଉଦ୍ଧାର କରି ଓଡ଼ିଶା ପଠେଇବା ପରେ ପ୍ରଥମେ ନୀଳଗିରି ତାପରେ ଭୁବନେଶ୍ୱର ନହର କଣ୍ଟାରେ ଥିବା ପଲ୍ଲୀ ଉନ୍ନୟନ ସେବାଶ୍ରମରେ ରହି ପାଠ ପଢୁଥିଲେ। ୨୦୧୮ ମସିହାରେ ଆମେରିକୀୟ ଦମ୍ପତି ପୂଜାକୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରି ନେଇଯାଇଥିଲେ।

## ଜଙ୍ଗଲରୁ ମହିଳାଙ୍କ ମୃତଦେହ ଉଦ୍ଧାର

**ପାଲଲହଡ଼ା,୧୦।୧୧(ସଂଚାର ବ୍ୟୁରୋ):** ଅନୁଗୁଳ ଜିଲ୍ଲା ପାଲଲହଡ଼ା ଅଞ୍ଚଳରେ ଆଜି ସକାଳେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ପାଲଲହଡ଼ା ଥାନା ଶିକର ପଞ୍ଚାୟତ ମାହାଳାପଶି ଗାଁ ନିକଟରେ ଥିବା ଜଙ୍ଗଲରୁ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତା ହେଲେ ଧରଣୀଧର ନାୟକଙ୍କ ପତ୍ନୀ ଗୁରୁବାରୀ ନାୟକ। ମୁଖ୍ୟ ରାସ୍ତାଠାରୁ ମାତ୍ର ୫୦ ମିଟର ଦୂରରେ ଥିବା ଏକ ଆମ୍ବ ଗଛରେ ଗୁରୁବାରୀଙ୍କ ମୃତଦେହ ଝୁଲୁଥିବା ସକାଳେ ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ସେମାନେ ମୃତଦେହକୁ ଚିହ୍ନଟ କରିବା ପରେ ପୁଲିସକୁ ଖବର ଦେଇଥିଲେ। ଗୁରୁବାରୀ ନାୟକଙ୍କ ପୁଅ ବୀରେନ୍ ନାୟକ ବି ଘଟଣାସ୍ଥଳରେ ପହଞ୍ଚିଥିଲେ। ତେଣେ ପୁଲସ ବି ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଅନଲାଇନରେ ମହାପ୍ରସାଦ ବିକ୍ରି ପାଇଁ ବିଜ୍ଞାପନ ଦେଇ ଜଣେ ଗିରଫ




**ଭୁବନେଶ୍ୱର,୧୦।୧୧ (ସଂଚାର ବ୍ୟୁରୋ):** ଏକ ଅନଲାଇନ୍ ପ୍ଲାଟଫର୍ମ ମାଧ୍ୟମରେ ଶ୍ରୀଜଗନ୍ନାଥ ମନ୍ଦିର 'ମହାପ୍ରସାଦ' ବେଆଇନ ଭାବରେ ବିକ୍ରୟ କରି ଭକ୍ତମାନଙ୍କୁ ଠକିବା ଅଭିଯୋଗରେ ଭୁବନେଶ୍ୱରର ଜଣେ ବ୍ୟକ୍ତି ଗିରଫ ହୋଇଛନ୍ତି। ଅଭିଯୁକ୍ତ ଜଣକ ଡିସ୍ପୋଜା ପଟ୍ଟନାୟକ (୩୪) ବୋଲି ଜଣାପଡ଼ିଛି। ସେ ଏଠାକାର ଏକ ପ୍ରମୁଖ ମଲ୍ ରୁ ଏକ ରିଅଲ୍ ଇଷ୍ଟେଟ୍ ବ୍ୟବସାୟ ଚଳାଉଛନ୍ତି। ଅଭିଯୋଗ ଅନୁଯାୟୀ, ଶ୍ରୀପ୍ରସାଦ ଡଟ୍ ଓଆରଜି ନାମକ ଏକ ଚିତ୍ର ବ୍ୟବହାର କରି ଲୋକଙ୍କୁ ୱେବସାଇଟ୍ ଶ୍ରୀଜଗନ୍ନାଥ ମନ୍ଦିରର ବେଆଇନ ଭାବରେ ମହାପ୍ରସାଦ ବିକ୍ରି କରିଥିଲା। ଆହୁରି ମଧ୍ୟ ଦାବି କରାଯାଇଥିଲା ଯେ ମହାପ୍ରସାଦ ସିଧାସଳଖ ପୁରୀ ଶ୍ରୀମନ୍ଦିର ରୋଷଘରରୁ ସଂଗ୍ରହ କରାଯାଇ ହୋମ ଡେଲିଭରି କରାଯାଉଛି। ଏନେଇ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ (ଏସଜେଟିଏ) ଅକ୍ଟୋବର ୨୨ରେ ପୁରୀ ସାଇବର ଥାନାରେ ଏକ ଅଭିଯୋଗ ଦାଖଲ କରିଥିଲା। ଯେଉଁଥିରେ ମହାପ୍ରସାଦର ଅବୈଧ ଅନଲାଇନ୍ ବିକ୍ରୟ କରାଯାଉଥିବା ନେଇ ଅଭିଯୋଗ ହୋଇଥିଲା।

## କମ୍ପାନି କର୍ମଚାରୀଙ୍କୁ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧିଲେ ଗ୍ରାମବାସୀ




**ରାଇରଙ୍ଗପୁର, ୧୦।୧୧ (ସଂଚାର ବ୍ୟୁରୋ):** ଆଦିବାସୀଙ୍କ ଜୀବନ ପ୍ରକୃତି ସହିତ ଜଡ଼ିତ।। ବଣ, ଜଙ୍ଗଲ, ପାହାଡ଼ ଓ ଝରଣାକୁ ନେଇ ତାଙ୍କର ଜୀବନଯାତ୍ରା ଆଗକୁ ବଢ଼ିଥାଏ। କିନ୍ତୁ ସେମାନଙ୍କର ଜୀବନ ପ୍ରତି ଯଦି କେହି ପ୍ରଭାବ ପକାଇବାକୁ ଉଦ୍ୟମ କରନ୍ତି, ତା'ହେଲେ ଅଘଟଣର ଶିକାର ମଧ୍ୟ ହେବାକୁ ପଡ଼ିଥାଏ। ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଅଞ୍ଚଳରେ ଆଜି ଏହିଭଳି ଏକ ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକେ ଏକ ଘରୋଇ କମ୍ପାନିର କର୍ମଚାରୀଙ୍କୁ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ଦେଇଛନ୍ତି।

ସୂଚନା ଅନୁସାରେ ରାଇରଙ୍ଗପୁର ଥାନା ଅଧୀନ ପୁରୁଣାପାଣି ଗ୍ରାମପଞ୍ଚାୟତର କଣ୍ଟାବଣୀ, ଦାଣ୍ଡବୋଷ ଓ ଆନନ୍ଦପୁର ଗ୍ରାମରେ ଆର୍‌ସି ରୁଙ୍ଗଟା ପକ୍ଷରୁ ଏକ ଶିଳ୍ପ ପ୍ରତିଷ୍ଠା ନେଇ ଜମି ଚିହ୍ନଟ ହୋଇଥିଲା। ଏହି ଶିଳ୍ପ ପ୍ରତିଷ୍ଠା ନେଇ ଉକ୍ତ ଗ୍ରାମର କିଛି ଗ୍ରାମବାସୀ ସପକ୍ଷରେ ଥିବା ବେଳେ କିଛି ଗ୍ରାମବାସୀ ତାହାକୁ ବିରୋଧ କରୁଥିଲେ। ଏନେଇ ପୂର୍ବରୁ କଣ୍ଟାବଣୀରେ ଏକ ଗ୍ରାମସଭା ହୋଇଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇନଥିଲା। ପରବର୍ତ୍ତୀ ସମୟରେ ରାଇରଙ୍ଗପୁର ବ୍ଲକ୍ ପରିସରରେ ବହୁ ଗଣ୍ଡଗୋଳ ମଧ୍ୟ ହୋଇଥିଲା, ଯେଉଁଥିରେ ଆଦିବାସୀମାନେ କ୍ଷୋଭ ପ୍ରକାଶ କରିଥିଲେ।

ଆଜି ସକାଳୁ ଆନନ୍ଦପୁର ଗ୍ରାମରେ ଆରସି ରୁଙ୍ଗଟାର କର୍ମଚାରୀ ସୁରଜ୍ ତାମୁଡିଆଙ୍କ ସମେତ ତିନିଜଣ କିଛି ଗ୍ରାମବାସୀଙ୍କ ପାଖକୁ ଯାଇ ଅର୍ଥ ପ୍ରଲୋଭନ ଦେଖାଇ ସାଦା କାଗଜରେ ଦସ୍ତଖତ କରାଉଥିବା ସମୟରେ କିଛି ବିପକ୍ଷବାଦୀମାନେ ପହଞ୍ଚି ରୁଙ୍ଗଟା କର୍ମଚାରୀମାନଙ୍କୁ ଏକ ବିଦ୍ୟୁତ୍ ଖୁଣ୍ଟରେ ଦୀର୍ଘ ସମୟ ଧରି ବାନ୍ଧିବା ସହିତ ଜୋତା ମାଳ ପିନ୍ଧାଇଥିଲେ। ସେ ସମ୍ବନ୍ଧରେ ରାଇରଙ୍ଗପୁର ଟାଉନ୍ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତିନିଜଣଙ୍କୁ ଉଦ୍ଧାର କରିଥିଲେ। ରିପୋର୍ଟ ଲେଖାହେବା ସୁଦ୍ଧା ଏନେଇ ରାଇରଙ୍ଗପୁର ଟାଉନ୍ ଥାନାରେ କୌଣସି ଅଭିଯୋଗ ହୋଇନଥିବା ସୂଚନା ମିଳିଛି। ତେବେ ଉକ୍ତ ଘଟଣାର ଭିଡିଓ ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଦେଖିବାକୁ ମିଳୁଛି।

## ନୂଆ ପୋଷାକ ପିନ୍ଧାଇ ଶିଶୁକନ୍ୟାକୁ ଜଙ୍ଗଲରେ ଛାଡ଼ିଦେଲା ମା'

**ଝାରସୁଗୁଡ଼ା, ୧୦।୧୧ (ସଂଚାର ବ୍ୟୁରୋ) :** ଆଜିର ସମାଜରେ ଝିଅମାନେ ଇତିହାସ ରଚୁଥିବା ବେଳେ ଏବେବି ବଦଳିନି କିଛି ଲୋକଙ୍କ ମାନସିକତା। ଝିଅ ବୋଲି ଜଙ୍ଗଲରେ ପିଙ୍ଗି ଦେଇ ଚାଲିଗଲେ। ଝାରସୁଗୁଡ଼ା ଜିଲ୍ଲା ଲଇକେରା ଠାରେ ଘଟିଛି ଏପରି ଘଟଣା। ଜନ୍ମ କରିବା ପରେ ନବ ଜାତ ଶିଶୁ କନ୍ୟାକୁ ନୂଆ ପୋଷାକ ପିନ୍ଧାଇ ଜଙ୍ଗଲରେ ଛାଡ଼ିଦେଲା ମା'। ଗତକାଲି ସନ୍ଧ୍ୟାରେ ଝାରସୁଗୁଡ଼ା-ବାଗଡିହି ରାସ୍ତାର କାଦୋବାହାଲ ଜଙ୍ଗଲ ନିକଟରେ ଝାରମୁଣ୍ଡା ପିଇଓ କଳ୍ପିନୀ କୁମ୍ଭାର ବାଗଡିହି ଅଭିମୁଖେ ଆସିବା ବେଳେ ପରିସ୍ରା କରିବାକୁ ଜଙ୍ଗଲ ଭିତରକୁ ଯାଇଥିଲେ। ଏହି ସମୟରେ ଶିଶୁର କାନ୍ଦ ଶୁଣି ଭିତରକୁ ଯାଇଥିଲେ ଆଉ କପଡ଼ାରେ ଗୁଡ଼ାଇ ଶିଶୁକୁ ରଖାଯାଇଥିବା ଦେଖିବାକୁ ପାଇଥିଲେ।ସଙ୍ଗେ ସଙ୍ଗେ ଶିଶୁକନ୍ୟାକୁ ସେ ଉଦ୍ଧାର କରି ବାଗଡିହି ଫାଣ୍ଡିରେ ଦେଇଥିଲେ। ଲଇକେରା ଥାନାଧିକାରୀ, ସ୍ଥାନୀୟ ସରପଞ୍ଚ, ଅଞ୍ଚଳର ସମାଜସେବୀମାନେ ଫାଣ୍ଡିରେ ପହଞ୍ଚିଥିବା ବେଳେ ଶିଶୁଟିର ଚିକିତ୍ସା ପାଇଁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିଲା।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# କ୍ୟୁଆର ଦ୍ୱାରା ସେୟାର ହେବ ଆଧାର କାର୍ଡ



ନୂଆଦିଲ୍ଲୀ, ୧୦।୧୧: ଆଉ ସାଥିରେ ନେବାକୁ ପଡ଼ିବନି ଆଧାର କାର୍ଡ। ମୋବାଇଲରେ ହିଁ ସେଭ୍ ହୋଇ ରହିବ ଆଧାର କାର୍ଡ। ଇଣ୍ଟରନେଟ ଥାଉକି' ନଥାଉ ଆପ୍ ମାଧ୍ୟମରେ କାଢ଼ିପାରିବେ ନିଜର ଓ ନିଜ ପରିବାର ସଦସ୍ୟଙ୍କ ଆଧାରକାର୍ଡ। ଖାଲି ସେତିକି ନୁହେଁ ସୁରକ୍ଷିତ ଉପାୟରେ ଆଧାରକାର୍ଡର କେବଳ ଜରୁରୀ ତଥ୍ୟ ହିଁ ଶେୟାର କରିପାରିବେ।

ଆଧାର କାର୍ଡର ଡିଜିଟାଲ ବ୍ୟବହାରକୁ ଆହୁରି ସରଳ ଓ ସହଜ କରିବା ପାଇଁ ନୂଆ ମୋବାଇଲ ଆପ୍ ଲଞ୍ଚ କରିଛି ୟୁନିକ୍ ଆଇଡେଣ୍ଟିଫିକେସନ ଅଥରିଟି ଅଫ୍ ଇଣ୍ଡିଆ ବା । ଏହି ଆପ୍ ଜରିଆରେ ଏଣିକି ଆପଣ ନିଜ ଆଧାର କାର୍ଡକୁ ସବୁବେଳେ ଫୋନରେ ନେଇପାରିବେ। ଅର୍ଥାତ ଆପଣଙ୍କୁ କୌଣସି ଫିଜିକାଲ ଆଧାରକାର୍ଡ ପାଖରେ ରଖିବା ଆବଶ୍ୟକ ନାହିଁ। ପୁରୁଣା ଏମ-ଆଧାର ଆପ୍ ଠାରୁ ଅଲଗା ନୂଆ ଆପ୍‌ରେ ଆଧାର କାର୍ଡ ସହ ଜଡ଼ିତ କୌଣସି ଭେରିଫିକେସନ ୟୁପିଆଇ ପେମେଣ୍ଟ ଭଳି ସହଜରେ ହୋଇପାରିବ।

ଇ- ଆଧାର ସବୁବେଳେ ସମସ୍ତଙ୍କ ପାଖରେ ଫୋନ୍‌ରେ ରହିପାରିବ। ପେପର କପି ରଖିବାର ଆବଶ୍ୟକତା ରହିବନି। ଯଦି ଆପଣ ନିଜ ଆଧାର କାର୍ଡ କେଉଁଠାରେ ବ୍ୟବହାର କରିବାକୁ ଚାହିବେ ତେବେ ଆପଣଙ୍କୁ ଫେସ୍ ଫେସ ସ୍କାନ କରିବାକୁ ହେବ। ଏହା ସହ ବାୟୋମେଟ୍ରିକ ଅଥେଣ୍ଟିକେସନ ଦ୍ୱାରା ଆପ ଖୋଲି ହେବ। ଆପ୍‌ର ଏକାଧିକ ଭାଷା, ଅଫଲାଇନ ୟୁଜ ଭଳି ସୁବିଧା ମଧ୍ୟ ରହିଛି।

ସୂଚନାଥାଉକି, ପୂର୍ବରୁ ଏମ ଆଧାର ଆପ୍‌ର ବ୍ୟବହାର ହେଉଥିଲା। ଏହା ଆଧାର ଡିଟେଲ ଚେକ୍ କରିବା, ଡିଜିଟାଲ ଆଧାର କାର୍ଡ ଡାଉନଲୋଡ କରିବା ଏବଂ ପିଭିସି କାର୍ଡ ମଗାଇବା ପାଇଁ ବ୍ୟବହାର ହେଉଥିଲା। ସେହିଭଳି ନୂଆ ଆପ୍‌ରେ ୟୁଜର୍ସ ନିଜ ଆଧାର ତଥ୍ୟକୁ ନିରାପଦ ରଖି ସ୍କାନ କରି ଶେୟାର କରିପାରିବେ। ନୂଆ ଆପଦ୍ୱାରା ଚେକ- ଇନ୍, ସିମ ଆକ୍ଟିଭେସନ କିମ୍ବା ବ୍ୟାଙ୍କ୍ କେଓ୍ୱାଇସି ସହଜ ହେବ। ପରିବାରର ଆଧାର କାର୍ଡ ମଧ୍ୟ ଏଥିରେ ସହଜରେ ରହିପାରିବ। ତଥାପି ପିଡିଏଫ ଡାଉନଲୋଡ କିମ୍ବା ପିଭିସି କାର୍ଡ ପାଇଁ ଏବେ ବି ଏମଆଧାର ବ୍ୟବହାର କରନ୍ତୁ।ଭର୍ଚ୍ଚୁଆଲ ଆଇଡି ଜେନେରେଟ୍ କିମ୍ବା କିଛି ଅପଡେଟ କରିବା ପାଇଁ ୟୁଆଇଡିଆଇ ପୋର୍ଟାଲ କିମ୍ବା ଏମ ଆଧାର ହିଁ ଉତ୍ତମ। ନୂଆ ଆପ୍‌ରେ ପ୍ରାଇଭେସୀକୁ ଗୁରୁତ୍ୱ ଦିଆଯାଇଛି। ଏହାଦ୍ୱାରା କେବଳ ଆବଶ୍ୟକୀୟ ତଥ୍ୟ ହିଁ ଶେୟାର କରିପାରିବେ।

## ଚାନ୍ଦି ଭଣ୍ଡାରର 'ଟ୍ରେଜର୍ସ'




ଭୁବନେଶ୍ୱର, ୧୦।୧୧: ରାଜ୍ୟର ପ୍ରମୁଖ ରୁପା ଗହଣା ସୋରୁମ୍ ଶୃଙ୍ଖଳ ଚାନ୍ଦି ଭଣ୍ଡାର ପକ୍ଷରୁ 'ଟ୍ରେଜର୍ସ' ନାମରେ ଏକ କିଡ୍ସ କଲେକ୍ସନ ଉନ୍ମୋଚନ କରାଯାଇଛି। ଟ୍ରେଜର୍ସ କଲେକ୍ସନରେ ଅତି ସୁନ୍ଦର ଆଙ୍କଲେଟ୍, ଆକର୍ଷଣୀୟ ପେଣ୍ଡେଣ୍ଟ୍ ସେଟ୍, ଚୁଡ଼ି, ପାଉଁଜି ଓ ନେକ୍ ପିସ୍ ଆଦି ରହିଛି। ପ୍ରତ୍ୟେକ ବୟସର ପିଲାଙ୍କ ପାଇଁ ଏସବୁ ଗହଣା ଉଦ୍ଦିଷ୍ଟ। ଶିଶୁମାନଙ୍କ ପାଇଁ ସୁନ୍ଦରଭାବେ ଡିଜାଇନ ହୋଇଥିବା ସିଲଭରୱେର ଏବଂ କିପ୍‌ସେକ୍ ଆସେସୋରିଜ୍ ବି ରହିଛି। ନୂଆ କଲେକ୍ସନର ଉନ୍ମୋଚନ ଅବସରରେ ଚାନ୍ଦିଭଣ୍ଡାର ଏକ ଟିଭି କ୍ୟାମ୍ପେନ ଜାରି କରିଛି, ଯେଉଁଥିବା ପିଲାଦିନର ହସ, ଦୁଷ୍ଟାମି ଏବଂ ମ୍ୟାଜିକ୍‌ର ମୁହୂର୍ତ୍ତଗୁଡ଼ିକ କଏଦ୍ ହୋଇଛି। ଚାନ୍ଦି ଭଣ୍ଡାର ଏକ ବିଶେଷ ଅଫର ମାଧ୍ୟମରେ ଏହି ସ୍ୱତନ୍ତ୍ର ଲଞ୍ଚିଂ ଉତ୍ସବ ପାଳନ କରୁଛି। ନଭେମ୍ବର ୧୩ ଏବଂ ୧୪ରେ ଚାନ୍ଦିଭଣ୍ଡାରର ସମସ୍ତ ଷ୍ଟୋର୍‌ରେ ଗଢ଼ା ମଜୁରିରେ ଫ୍ଲାଟ୍ ୩୦ ପ୍ରତିଶତ ରିହାତି ଗ୍ରାହକମାନେ ପାଇବେ ବୋଲି ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏଥିରେ ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶିକା ଲିପ୍‌ସା ହଂସ ଏବଂ ନିର୍ଦ୍ଦେଶକ ମାଣିକ ହଂସ ଉପସ୍ଥିତ ଥିଲେ। ଶ୍ରୀମତୀ ହଂସ କହିଥିଲେ ପ୍ରତ୍ୟେକ ଶିଶୁ ନିଜ ସହ ଆନନ୍ଦ, ପ୍ରେମ ଏବଂ ଆଶ୍ଚର୍ଯ୍ୟର ଏକ ଦୁନିଆ ଆଣିଥାଏ। ଉକ୍ତ ସୁନ୍ଦର ଆରମ୍ଭକୁ ସମ୍ମାନ କରିବା ଦିଗରେ 'ଟ୍ରେଜର୍ସ' ଏକ ମାଧ୍ୟମ। ଚାନ୍ଦି ଭଣ୍ଡାର ସଂପ୍ରତି ରାଜ୍ୟର ବିଭିନ୍ନ ସ୍ଥାନରେ ୨୪ଟି ଷ୍ଟୋର ଥିବାବେଳେ ନିକଟ ଭବିଷ୍ୟତରେ ଭୁବନେଶ୍ୱରରେ ଆଉ ୨ଟି ଷ୍ଟୋର୍ ଖୋଲିବ ବୋଲି ଶ୍ରୀ ହଂସ ସୂଚନା ଦେଇଥିଲେ।

## ଆଜିର ସୁନା ଦର



ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୨୩,୨୨୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୧୨,୯୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୨୩,୨୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୧୨,୯୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୨୩,୨୨୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୧୨,୯୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୨୩,୩୭୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୧୩,୧୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୨୪ ,୪୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୧୪, ୧୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୨୩,୨୨୦ ଓ ୧,୧୨,୯୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୫୫,୦୦୦ ଟଙ୍କା ହୋଇଛି।

# ପ୍ରିମିୟର ହୁଣ୍ଡାଇ ସୋ'ରୁମ୍‌ରେ ହୁଣ୍ଡାଇ ଭେନ୍ୟୁ ଅପଡେଟ୍ ଭର୍ସନର ଉନ୍ମୋଚନ

କଟକ ୧୦।୧୧: ହୁଣ୍ଡାଇ ଭେନ୍ୟୁର ନୂଆ ଅପଡେଟ୍ ଭର୍ସନ ଏମ୍‌ୟୁଭିର ବଜାର ପ୍ରବେଶ ହୋଇଛି। କଟକର ପ୍ରତାପନଗରୀରେ ଥିବା ପ୍ରିମିୟର ହୁଣ୍ଡାଇ ସୋ'ରୁମ୍‌ରେ ହୁଣ୍ଡାଇ ଭେନ୍ୟୁର ଏହି ନୂଆ ଗାଡିର ଶୁଭ ଉନ୍ମୋଚନ ଅନୁଷ୍ଠିତ ହୋଇଯାଇଛି। ପରିବହନ ବିଭାଗର ଯୁଗ୍ମ କମିଶନର ବିକାଶ ଚୌଧୁରୀ ହୁଣ୍ଡାଇ ଭେନ୍ୟୁର ନୂଆ ଗାଡି ଉନ୍ମୋଚନ କରିଥିଲେ। ହୁଣ୍ଡାଇ ଭେନ୍ୟୁର ନୂଆ ଭର୍ସନର ଏକ୍ସ ସୋ'ରୁମ୍ ଦାମ୍ ୭ ଲକ୍ଷ ୮୯ହଜାର ୯ଶହ ଟଙ୍କା ରହିଛି। ଏହି ଏମ୍‌ୟୁଭିରରେ ଅତ୍ୟାଧୁନିକ ସେଫ୍ଟି ଫିଚର ରହିଥିବା ବେଳେ ଗାଡିର ଲୁକ୍‌ରେ ମଧ୍ୟ ପରିବର୍ତ୍ତନ କରାଯାଇଛି। ଏହି ଗାଡ଼ିରେ ଏଲ୍‌ଇଡି ହେଡ୍ ବୋର୍ଡ, ଡି କଟ୍ ଷ୍ଟିୟରିଂ ହୁଇଲ ଓ ଫୋର୍ ଓ୍ୱେ ଇଲେକ୍ଟ୍ରିକ୍ ଡ୍ରାଇଭର ସିଟ୍ ବ୍ୟବସ୍ଥା ରହିଛି। ୮ ଲକ୍ଷ ରେଞ୍ଜରେ ହୁଣ୍ଡାଇ ଭେନ୍ୟୁର ଏହି ନୂଆ ମଡେଲର କାର୍ ବଜାରରେ ସର୍ବୋତ୍କୃଷ୍ଟ ବୋଲି ପ୍ରିମିୟର ହୋଣ୍ଡାର ମ୍ୟାନେଜିଂ ଡାଇରେକ୍ଟର ଶିବୁ ପୋଦ୍ଦାର କହିଛନ୍ତି। ଏହାସହ ସବୁଠୁ ବଡ଼ କଥା ହେଲା ହୁଣ୍ଡାଇ ମୋଟର୍ସ ପ୍ରଥମ ଥର ପାଇଁ ବିଶ୍ୱ ବଜାର ପାଇଁ ହୁଣ୍ଡାଇ ଭେନ୍ୟୁର ଏହି ମଡେଲକୁ ଭାରତରେ ହିଁ ତିଆରି କରୁଛି। ଭାରତ ସରକାରଙ୍କ 'ମେକ୍ ଇନ୍ ଇଣ୍ଡିଆ ଫର୍ ଦି ୱାର୍ଲ୍ଡ' ଆହ୍ୱାନକୁ ହୁଣ୍ଡାଇ ମୋଟର୍ସର ଏହି ପଦକ୍ଷେପ ସଫଳ କରୁଛି ବୋଲି ପ୍ରିମିୟର ହୁଣ୍ଡାଇର ମ୍ୟାନେଜିଂ ଡାଇରେକ୍ଟର କହିଛନ୍ତି।




## ସପ୍ତାହରେ ଆସିବ ୫ପ୍ରାଥମିକ ପବ୍ଲିକ ଅଫର

ନୂଆଦିଲ୍ଲୀ,୧୦।୧୧: ଚଳିତ ସପ୍ତାହରେ ଆସିବ ୫ ପ୍ରାଥମିକ ପବ୍ଲିକ ଅଫର। ଫିଜିକ୍ସୱାଲା ସମେତ ୫ କମ୍ପାନି ବଜାରରୁ ୧୦ ହଜାର କୋଟି ଟଙ୍କା ଉଠାଇବେ। ୧୧ରୁ ୧୩ ନଭେମ୍ବର ମଧ୍ୟରେ ଏହି ଆଇପିଓ ଗୁଡ଼ିକ ଆସିବ। ଯେଉଁଥିରେ ୩ ମେନ୍‌ବୋର୍ଡ ଏବଂ ୨ ଏସ୍‌ଏମ୍‌ଇ ଆଇପିଓ ରହିଛି। ଅନ୍‌ଲାଇନ ଏବଂ ଅଫ୍‌ଲାଇନ କୋଚିଂ ପ୍ରଦାନକରୁଥିବା କମ୍ପାନି ଫିଜିକ୍ସୱାଲାର ଆଇପିଓ ୧୧ ନଭେମ୍ବରରେ ଖୋଲିବ। କମ୍ପାନି ୩୮୪୦ କୋଟି ଟଙ୍କା ଇସ୍ୟୁ କରିବ। ୧୩ ନଭେମ୍ବର ଯାଏ ଏହା ଖୋଲାରହିବ। ୧୮ ନଭେମ୍ବରରେ କମ୍ପାନିର ଶେୟାର ବିଏସ୍‌ଇ ଏବଂ ଏନ୍‌ଏସ୍‌ଇରେ ସୂଚୀଭୁକ୍ତ ହେବ। ଏହା ଦ୍ୱାରା କମ୍ପାନି ଟେକ୍ ଭିତ୍ତିଭୂମିକୁ ଦୃଢ଼ କରିବ। ସେହିଭଳି ନୂଆ ସେଣ୍ଟର ଖୋଲିବା ଏବଂ ଅଧିଗ୍ରହଣ ଉପରେ ଧ୍ୟାନ କେନ୍ଦ୍ରୀତ କରିବ। ୨୦୧୬ରେ ପ୍ରୟାଗରାଜର ଅଲଖ ପାଣ୍ଡେ ଏକ ୟୁଟ୍ୟୁବ ଚ୍ୟାନେଲରୁ ଏହି କମ୍ପାନିର ଶୁଭାରମ୍ଭ କରିଥିଲେ। ସେହିଭଳି ଆଇପିଓ ଆସିବାକୁ ଥିବା ଅନ୍ୟ କମ୍ପାନି ମଧ୍ୟରେ ଟେକ୍ନୋକ୍ଲିନ ଇଣ୍ଡିଆ, ଏମ୍‌ବି ଫଟୋଭୋଲ୍ଟିକ ପାୱାର ରହିଛି।

## ରୋକିବ ଠକେଇ କଲର୍ ଆଇଡି ଫିଚର୍

ନୂଆଦିଲ୍ଲୀ ୧୦।୧୧: ଅଜଣା ବ୍ୟକ୍ତିଙ୍କଠାରୁ କଲ୍ ଆସିଲେ ତାଙ୍କ ନାମ ମୋବାଇଲ ସ୍କ୍ରିନରେ ଡିଫଲ୍ଟ ଭାବେ ଦେଖିବାକୁ ସକ୍ଷମ ହେବେ ୟୁଜର। ଏହି ସୁବିଧା ଆଗକୁ ଲାଗୁ ହେବାକୁ ଯାଉଛି। ଏ ଦିଗରେ ଟେଲିକମ କମ୍ପାନିଗୁଡ଼ିକ କଲିଂ ନେମ୍ ପ୍ରେଜେନ୍‌ଟେସନ (ସିଏନ୍‌ଏପି) ସେବା ହରିୟାଣା ଏବଂ ହିମାଚଳ ପ୍ରଦେଶରେ ଆରମ୍ଭ କରିଛନ୍ତି। ବର୍ତ୍ତମାନ ସ୍ପାମ୍ ଏବଂ ସ୍କାମ୍ କଲ୍ ଯୋଗୁ ଲୋକଙ୍କ ଚିନ୍ତା ବଢ଼ିଛି। ଏଭଳି ଫିଚରଦ୍ୱାରା ୟୁଜର କଲ୍ କରୁଥିବା ବ୍ୟକ୍ତିଙ୍କୁ ସହଜରେ ଚିହ୍ନଟ କରିବା ସହ କାଟିପାରିବେ। ସାରା ଦେଶରେ ସିଏନ୍‌ଏପି ସେବା କାର୍ଯ୍ୟକାରୀ କରିବା ପୂର୍ବରୁ ପ୍ରୁଫ୍ ଅଫ୍ କନ୍‌ସେପ୍ଟ ଟ୍ରାଏଲ୍ ଆରମ୍ଭ କରିବାକୁ ଟେଲିକମ୍ ବିଭାଗ (ଡିଓଟି) ଟେଲିକମ ସେବା ଯୋଗାଣକାରୀ କମ୍ପାନି ଗୁଡ଼ିକୁ ନିର୍ଦ୍ଦେଶ ଦେଇଛି। ଏହି ସିଷ୍ଟମ ଦ୍ୱାରା କେବଳ ନମ୍ବର ନୁହେଁ ଇନକମିଂ କଲ୍ କରୁଥିବା ବ୍ୟକ୍ତିଙ୍କ ପଞ୍ଜୀକୃତ ନାମ ଜଣାପଡ଼ିବ। ଫଳରେ ଜାଲ୍ ପରିଚୟ କିମ୍ବା ଅନ୍ୟ ସଂସ୍ଥାର ପ୍ରତିନିଧି କହି ଠକେଇ ମାମଲା ହ୍ରାସ ହୋଇପାରିବ। ରିଲାଏନ୍ସ ଜିଓ, ଭୋଡାଫୋନ- ଆଇଡିଆ

### ଏପ୍ରିଲ୍ ସୁଦ୍ଧା ସାରା ଦେଶରେ ଲାଗୁ ହୋଇପାରେ ସିଏନ୍‌ଏପି

ଏବଂ ବିଏସ୍‌ଏନ୍‌ଏଲ୍ ଏହି ସେବାକୁ ପରୀକ୍ଷଣ ଭିତ୍ତିରେ ହରିୟାଣା ସର୍କଲରେ କାର୍ଯ୍ୟକାରୀ କରିଛନ୍ତି। ଅନ୍ୟପଟେ ଭାରତୀ ଏୟାରଟେଲ ହିମାଚଳ ପ୍ରଦେଶରେ ଏହାକୁ ପରୀକ୍ଷା କରୁଛି। ବର୍ତ୍ତମାନ ଏହି ସବୁ ସର୍କଲରେ ପଞ୍ଜୀକୃତ ମୋବାଇଲ ନମ୍ବର ଗୁଡ଼ିକର କଲ୍‌ରଙ୍କ ନାମ ମୋବାଇଲ ସ୍କ୍ରିନରେ ଦେଖାଯିବ। ଉଦାହରଣ ସ୍ୱରୂପ ଯଦି ହିମାଚଳ କିମ୍ବା ହରିୟାଣାର ସବ୍‌ସ୍କ୍ରାଇବର ଦେଶର ଅନ୍ୟ ପ୍ରାନ୍ତରେ ଥିବା କୌଣସି ବ୍ୟକ୍ତିଙ୍କୁ କଲ୍ କରନ୍ତି ତାଙ୍କ ନାମ ସେଭ୍ ହୋଇ ନ ଥିଲେ ଫୋନ ପାଉଥିବା ବ୍ୟକ୍ତିଙ୍କ ସ୍କ୍ରିନରେ ଦେଖାଯିବ। ମୋବାଇଲ ନମ୍ବର ନେବା ବେଳେ କଷ୍ଟମର ଆକ୍ୱିଜିସନ ଫର୍ମରେ ପ୍ରଦାନ କରାଯାଉଥିବା ଡାଟାକୁ ସିଏନ୍‌ଏପି ସିଷ୍ଟମ ବ୍ୟବହାର କରିଥାଏ। ସମ୍ପୂର୍ଣ୍ଣ ଲାଗୁ ହେଲେ ଏହା ଡିଫଲ୍ଟ ସର୍ଭିସ ହେବ। ବର୍ତ୍ତମାନ ଲ୍ୟାଣ୍ଡ୍‌ଲାଇନ ଏବଂ ୨ଜି ଭିତ୍ତିକ ଫିଚର ଫୋନକୁ ଏହି ସେବାରୁ ବାଦ ଦିଆଯାଇଛି। ଡାଟା ସମ୍ପୂର୍ଣ୍ଣ ଭାବେ ଇଣ୍ଟିଗ୍ରେଟ ହୋଇଯିବା ପରେ ଆଗକୁ ଲ୍ୟାଣ୍ଡ୍ ଲାଇନ ୟୁଜର ମଧ୍ୟ ଏହି ସେବା ପାଇବେ ବୋଲି ଟେଲିକମ ଶିଳ୍ପର ଜଣେ ବରିଷ୍ଠ ନିର୍ବାହୀ କହିଛନ୍ତି। ତ୍ୱରିତ ଭାବେ ଏହି ସେବାକୁ କାର୍ଯ୍ୟକାରୀ କରିବା ଲାଗି ଡିଓଟି ଟେଲିକମ୍ ଫାର୍ମ ଗୁଡ଼ିକୁ ପରାମର୍ଶ ଦେଇଛି। ୨୦୨୬ ମାର୍ଚ୍ଚ ଏପ୍ରିଲ ବେଳକୁ ସାରା ଦେଶରେ ଏହା ଲାଗୁ ହୋଇପାରେ। ପରୀକ୍ଷଣର ଫଳାଫଳ ଉପରେ ଏଭଳି ପଦକ୍ଷେପ ଗ୍ରହଣ କରିବେ କମ୍ପାନି। ତେବେ ଏହି ସେବାର ବ୍ୟାପକତାକୁ ନେଇ ଏବେ ଆଶଙ୍କାରେ ରହିଛନ୍ତି ଟେଲିକମ କମ୍ପାନି। କାରଣ ୨ଜି ନେଟୱର୍କରେ ଟେକ୍ନୋଲୋଜି ଏତେଟା ଉନ୍ନତ ନୁହେଁ। ଏହି ପରୀକ୍ଷଣକୁ ନେଇ ଟେଲିକମ କମ୍ପାନିଗୁଡ଼ିକ ଅଦ୍ୟାବଧି କୌଣସି ଆନୁଷ୍ଠାନିକ ସ୍ପଷ୍ଟୀକରଣ ଜାରି କରିନାହାନ୍ତି।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ତେବେ ଗୋଟେ ଦୁଇଟି ସହରକୁ ଛାଡିବା ପରେ ପ୍ରମୁଖ ସହର ଗୁଡିକରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ପରିବର୍ତ୍ତନ ହୋଇନି। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ହେଲେ ଭୁବନେଶ୍ୱରରେ କମିଛି ପେଟ୍ରୋଲ ଏବଂ ଡିଜେଲ ଦାମ୍। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୩ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୧ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।



# ମଦ ବିକ୍ରିରେ ଭାରତ-ଆମେରିକାଠୁ ଆଗରେ ଚୀନ୍

ବେଜିଂ, ୧୦।୧୧: ବିଶ୍ୱର ଅନେକ ଦେଶର ବହୁ ସଂଖ୍ୟକ ଲୋକ ମଦ୍ୟପାନ କରିଥାନ୍ତି। ଭାରତରୁ ଆମେରିକା ପର୍ଯ୍ୟନ୍ତ, ଅନେକ ଦେଶ ବହୁ ପରିମାଣରେ ମଦ୍ୟପାନ କରିଥାନ୍ତି। କିନ୍ତୁ ଚୀନ୍ ମଦ ବିକ୍ରି କରି ବହୁତ ସମ୍ପତ୍ତି ଅର୍ଜନ କରିଛି। ଚୀନ୍ ଏପରି ଏକ ଦେଶ ଯିଏ ମଦ ବିକ୍ରି କରି ବିପୁଳ ସମ୍ପତ୍ତି ଅର୍ଜନ କରି ପାରିଛି। ଇନଫୋଗ୍ରାମ ୱେବସାଇଟ ଅନୁଯାୟୀ, ୨୦୧୮ ମସିହାରେ ଚୀନ୍ ମଦରୁ ସର୍ବାଧିକ ୨୮୫,୯୦୧ ନିୟୁତ ଡଲାର (ପ୍ରାୟ ୨୩.୭ ଲକ୍ଷ କୋଟି ଟଙ୍କା) ରୋଜଗାର କରିଥିଲା। ୨୦୩୦ ସୁଦ୍ଧା ଚୀନର ମଦ୍ୟପାନ ବଜାର ରାଜସ୍ୱ ୨୨୯,୫୬୬.୯ ନିୟୁତ ଡଲାର (ପ୍ରାୟ ୧୯.୧ ଲକ୍ଷ କୋଟି ଟଙ୍କା) ପହଞ୍ଚିବ ବୋଲି ଆଶା କରାଯାଉଛି। ଏହି କ୍ଷେତ୍ରର ଚକ୍ରବୃଦ୍ଧି ହାର ୨୦୨୫ ରୁ ୨୦୩୦ ମଧ୍ୟରେ ୧୦.୧% ରହିବ ବୋଲି ଆଶା କରାଯାଉଛି।

ଚୀନ୍‌ର ବର୍ଦ୍ଧିତ ସହରାଞ୍ଚଳ ଜନସଂଖ୍ୟା, ପରିବର୍ତ୍ତିତ ଜୀବନଶୈଳୀ ଏବଂ ପ୍ରିମିୟମ୍ ପାନୀୟର ଚାହିଦା ବୃଦ୍ଧି ଯୋଗୁ ଏହି ଦ୍ରୁତ ଅଭିବୃଦ୍ଧି ଘଟିଛି। ୨୦୨୩ ମସିହାରେ ଚୀନ୍‌ର ସର୍ବାଧିକ ଆୟ ବିୟରରୁ ଆସିଥିଲା। ଚୀନ୍‌ରେ ସମୟ ସହିତ ମଦ୍ୟପାନ ବୃଦ୍ଧି ପାଇଛି



ଏବଂ ଲୋକଙ୍କ ମଧ୍ୟରେ ମଦ୍ୟପାନ କରିବାର ପ୍ରବୃତ୍ତି ବଢ଼ିଛି। ମାର୍କେଟିଂ ଟୁ ଚାଇନା ୱେବସାଇଟ୍ ଅନୁଯାୟୀ, ଚୀନ୍‌ରେ ମଦ୍ୟପାନର ଅଭିବୃଦ୍ଧି ବୃଦ୍ଧି ପାଉଛି କାରଣ ମଧ୍ୟବିତ୍ତ ଶ୍ରେଣୀର ବୃଦ୍ଧି ଏବଂ ଉଚ୍ଚମାନର ପାନୀୟର ଚାହିଦା । ଲୋକମାନେ ପାରମ୍ପରିକ ବାଇଜିଉ ତୁଳନାରେ ମଦ, ସ୍ପିରିଟ୍ ଏବଂ କଠିନ ସେଲ୍ଟଜର ଭଳି ପାନୀୟକୁ ଅଧିକ ପସନ୍ଦ କରୁଛନ୍ତି। ପ୍ରିମିୟମ୍ ଏବଂ ଆମଦାନୀ ହୋଇଥିବା ବ୍ରାଣ୍ଡର ଚାହିଦା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ୨୦୧୪ ରୁ ୨୦୨୭ ମଧ୍ୟରେ ମଦ ରାଜସ୍ୱ ୪୫.୧୫% ବୃଦ୍ଧି ପାଇବାର ଆକଳନ କରାଯାଇଛି। ଡିଜିଟାଲ୍ ବଜାର: ଚୀନ୍ ମଦ ଗ୍ରାହକଙ୍କ ମଧ୍ୟରୁ ୫୫% ଅନଲାଇନରେ ଅର୍ଡର କରନ୍ତି। ଇ-କମର୍ସ ଏବଂ ସୋସିଆଲ ମିଡିଆ ମାର୍କେଟିଂରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ୨୦୨୫ ସୁଦ୍ଧା ଚୀନ୍‌ର ମଦ ବଜାର ଦ୍ରୁତ ଗତିରେ ପରିବର୍ତ୍ତନ ହୋଇଛି। ଚୀନ୍‌ରେ ପାରମ୍ପରିକ ମଦ ବାଇଜିଉ ଏବେ ବି ଲୋକପ୍ରିୟ ରହିଛି। ତେବେ ପ୍ରିମିୟମ୍ ୱାଇନ୍, କ୍ରାଫ୍ଟ ବିୟର ଏବଂ କଠିନ ସେଲଟଜର ଭଳି ନୂତନ ବର୍ଗଗୁଡ଼ିକର ଚାହିଦା କ୍ରମଶଃ ବଢ଼ିବାରେ ହେବାରେ ଲାଗିଛି।

କେବଳ ଚୀନ୍‌ରେ ନୁହେଁ ଆମେରିକା ଏବଂ ଭାରତରେ ମଧ୍ୟ ମଦ୍ୟପାନ ଚାହିଦା ବଢ଼ିଛି। ସିଆଇଏ ୱେବସାଇଟ୍ ଅନୁଯାୟୀ, ଚୀନ୍‌ରେ ୧୫ ବର୍ଷ ଏବଂ ତା'ଠାରୁ ଅଧିକ ବୟସର ବ୍ୟକ୍ତି ପ୍ରତିଦିନ ହାରାହାରି ୪.୪୮ ଲିଟର ମଦ୍ୟପାନ କରିଥାନ୍ତି। ଆମେରିକାରେ ଏହି ପରିମାଣ ହାରାହାରି ୮.୯୩ ଲିଟର ଏବଂ ଭାରତରେ ଏହା ହାରାହାରି ୩.୦୯ ଲିଟର ରହିଛି। ଇନଫୋଗ୍ରାମ ଅନୁଯାୟୀ, ୨୦୧୮ ମସିହାରେ ଆମେରିକା ମଦ ବିକ୍ରୟରୁ ପ୍ରାୟ ୧୩.୧୭ ଲକ୍ଷ କୋଟି ଟଙ୍କା ଆୟ କରିଥିଲା। ଏହି ସମୟରେ ଭାରତ ପ୍ରାୟ ୫.୬୩ ଲକ୍ଷ କୋଟି ଟଙ୍କା ଆୟ କରିଥିଲା। ଜାପାନ ପ୍ରାୟ ୩.୭୮ ଲକ୍ଷ କୋଟି ଟଙ୍କା ଆୟ କରିଥିଲା। ସେହିପରି ୟୁକେ ୨.୮୧ ଲକ୍ଷ କୋଟି ଟଙ୍କା ଆୟ କରିଥିଲା।

## ମେଟ୍‌ସେରାକୁ କିଣିବ ଫାଇଜର

ୱାସିଂଟନ, ୧୦।୧୧: ଆମେରିକାର ଜୈବପ୍ରଯୁକ୍ତି କମ୍ପାନି ମେଟ୍‌ସେରାକୁ ଫାଇଜର ୧୦ ବିଲିଅନ ଡଲାରରେ କିଣିବ। ଡେନମାର୍କର ଔଷଧ ନିର୍ମାତା ନୋଭୋ ନୋରଡିସ୍କ ଏହି ଅଧିଗ୍ରହଣ ଦୌଡ଼ରୁ ଓହରି ଯିବା ପରେ ଫାଇଜର ପାଇଁ ରାସ୍ତା ପରିଷ୍କାର ହୋଇଯାଇଛି। ମେଟ୍‌ସେରା ମୁଖ୍ୟତଃ ମେଦବହୁଳତା ରୋଗର ଚିକିତ୍ସା କ୍ଷେତ୍ରରେ ସ୍ୱତନ୍ତ୍ରତା ହାସଲ କରିଛି। ଏହି କମ୍ପାନିକୁ କିଣିବା ପାଇଁ ଫାଇଜର ଦେଇଥିବା ଉନ୍ନତ ଅଫର ବା ପ୍ରତି ସେୟାର ଲାଗି ୮୬.୨୫ ଡଲାର ରାଶି ପ୍ରସ୍ତାବକୁ ମେଟ୍‌ସେରାର ବୋର୍ଡ ସର୍ବସମ୍ମତିକ୍ରମେ ଅନୁମତି ଦେଇଛି। ଆସନ୍ତା ୧୩ ତାରିଖରେ ହେବାକୁ ଥିବା କମ୍ପାନିର ଅଂଶଧାରକମାନଙ୍କ ବୈଠକରେ ଏହି ପ୍ରସ୍ତାବକୁ ଉପସ୍ଥାପନ କରାଯିବ। ଗତ ସେପ୍ଟେମ୍ବରରେ ମେଟ୍‌ସେରାକୁ କିଣିବା ପାଇଁ ଫାଇଜର ପ୍ରାରମ୍ଭିକ ପ୍ରସ୍ତାବ ଦେଇଥିଲା। କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟରେ ଏହି କ୍ରୟ ଦୌଡ଼ରେ ନୋଭୋ ନୋରଡିସ୍କ ପ୍ରବେଶ କରିବାରୁ ପ୍ରତିଯୋଗିତା ତୀବ୍ର ହୋଇଥିଲା।

## ସ୍ୱପ୍ନ ପୂରା କରିଛି ସିବିସାଇ ବିକାଶ ପ୍ରକଳ୍ପ



**ଝାରସୁଗୁଡ଼ା,୧୦।୧୧ (ସଂଚାର ବ୍ୟୁରୋ):** ଝାରସୁଗୁଡ଼ା ଜିଲ୍ଲା ତିହାଡ଼ିପାଲିର ରୁକ୍ମଣୀ ସେଠଙ୍କ ସଫଳ କାହାଣୀ ଆଜି ତାଙ୍କ ଅଞ୍ଚଳବାସୀଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି। କୁହାଯାଏ ସ୍ୱପ୍ନ ବଡ ଆଉ କଠିନ ପରିଶ୍ରମ ଆଗରେ ସବୁ କିଛି ହାର ମଣିଥାଏ। ଯାହା ରୁକ୍ମଣୀଙ୍କୁ ଦେଖିଲେ ସତ ଭଳି ଲାଗେ। ଦିନଥିଲା ୫ଟି ବେଡ଼ରେ ଚାଟୁ ଚାଷ ଆରମ୍ଭ କରିଥିଲେ ଓ ଛତୁ ଚାଷ ଦିଗରେ କୌଣସି ଜ୍ଞାନ ନଥିବା ରୁକ୍ମଣୀ କୃଷି ବଜ୍ଞାନ କେନ୍ଦ୍ର ଅଧୀନରେ ସିବିସାଇ ବିକାଶ ପ୍ରକଳ୍ପ ମାଧମରେ ଦିଆଯାଉଥିବା ୫ ଦିନିଆ ତାଲିମ କଥା ଜାଣି ଆଗ୍ରହ ଦେଖାଇଥିଲେ। ସେଠାରୁ ତାଲିମ ପାଇଁ ବେଡ଼ ସଂଖ୍ୟା ଧୀରେ ଧୀରେ ବଢ଼ାଇଥିଲ। ତାଙ୍କ ପରିବାର ମଧ ଏଥିରେ ପୂର୍ଣ୍ଣ ସହଯୋଗ କରିଥିଲା। ଆଉ ଏବେ ସେ ୫୦୦ ବେଡ଼ କରି ବର୍ଷକୁ ଦେଢ଼ ଲକ୍ଷରୁ ୨ ଲକ୍ଷ ଯାଏଁ ଲାଭ ପାଉଛନ୍ତି।

ନାନାଦି ଛତୁ ବାବଦରେ ଜାଣିବା ପରେ ରୁକ୍ମଣୀ ଏବେ ଛତୁ ଚାଷ କରୁଛନ୍ତି। ପାଳ ଛତୁର ବଜାର ଚାହିଦା ଏତେଟା ନଥିବାରୁ ଢ଼ୀଙ୍ଗରୀ ଛତୁ ଚାଷ ପ୍ରତି ଅଧିକ ମନ ବଳାଉଛନ୍ତି। ତେବେ ପ୍ରଶିକ୍ଷଣ ଦ୍ୱାରା ଛତୁ ଚାଷର ପ୍ରତିଟି ସୋପାନ ଓ ପରିଚାଳନା ଖୁବ ସହଜ ହୋଇପାରିଛି ବୋଲି ରୁକ୍ମଣୀ ମତ ରଖିଛନ୍ତି। ଏହା ସହ କୃଷି ବୈଜ୍ଞାନିକଙ୍କ ନିରନ୍ତର ସାହାଯ୍ୟ ଓ ପ୍ରଚେଷ୍ଟା ତାଙ୍କୁ ଏ ଦିଗରେ ଅନେକ ସହାୟକ ହୋଇପାରୁଛି। ରୁକ୍ମଣୀଙ୍କ ସଫଳତା ଅନ୍ୟ ଅଞ୍ଚଳବାସୀଙ୍କ ପାଇଁ ହୋଇପାରିଛି ପ୍ରେରଣାର ଉତ୍ସ।

# ଅନିଶ୍ଚିତତା ଭିତରେ ୮୪ ଲକ୍ଷର ଟେଣ୍ଡର

### ମାସେ ପରେ ମଧ କାମ ଆରମ୍ଭ କରୁନି ପୂର୍ତ୍ତ ବିଭାଗ






**ବିଞ୍ଝାରପୁର,୧୦।୧୧ (ସଂଚାର ବ୍ୟୁରୋ):** ରାସ୍ତା ମରାମତି ପାଇଁ ଟେଣ୍ଡର ପ୍ରକ୍ରିୟା ସରିଛି। ଠିକାଦାର ମଧ ନିଯୁକ୍ତି ହେଇଛନ୍ତି। କିନ୍ତୁ କାମ ହେଉନି। ଯନ୍ତ୍ରଣା ଭୋଗୁଛନ୍ତି ବିଞ୍ଝାରପୁର ବାସୀ। ଖୁଲମ୍ ଖୋଲା ପାଖାପାଖି ୮୪ ଲକ୍ଷ ଟଙ୍କାକୁ ହଜମ କରିବା ପାଇଁ ଠିକାଦାର ଆଉ ବିଭାଗୀୟ ଯନ୍ତ୍ରୀ ମସୁଧା କରୁଥିବା ଅଭିଯୋଗ।

ଅଭିଯୋଗ ଅନୁଯାୟୀ ଯାଜପୁର ଜିଲ୍ଲା ବିଞ୍ଝାରପୁର ପୂର୍ତ୍ତ ବିଭାଗ ଉପଖଣ୍ଡ ଅଧୀନରେ ଥିବା ବିଞ୍ଝାରପୁର ସିଂହପୁର ରାସ୍ତା ଏବଂ ବିଞ୍ଝାରପୁର ଯାଜପୁର ରାସ୍ତାର ଅବସ୍ଥା କଥା ନକହିଲେ ଭଲ। କୋଉଠି ଗୋଡି ଉଠି ଗଲାଣି ତ କେଉଁଠି ଗାଡିଆ ଆକୃତିର ଗର୍ତ୍ତ ସୃଷ୍ଟି ହେଲାଣି। ଗତ କେଇ ମାସ ତଳେ ବିଭାଗ ପକ୍ଷରୁ ମରାମତି କରାଯାଇଥିଲେ ମଧ ରାସ୍ତାର ଅବସ୍ଥା ଯଥା ପୂର୍ବମ୍ ତଥା ପରମ୍। ବିଭାଗୀୟ ଅଧିକାରୀଙ୍କ ତଦାରଖର ଅଭାବ ଆଉ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ଏଭଳି ହେଉଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା।

ତେବେ ବାରମ୍ବାର ଅଭିଯୋଗ ପରେ ମରାମତି ପାଇଁ ବିଞ୍ଝାରପୁର ସିଂହପୁର ଏବଂ ବିଞ୍ଝାରପୁର ଯାଜପୁର ରାସ୍ତାର ମରାମତି ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରିଥିଲା ପୂର୍ତ୍ତ ବିଭାଗ। ଟେଣ୍ଡର ପ୍ରକ୍ରିୟା ମଧ ପାଖାପାଖି ମାସେ ହେବ ସରିଲାଣି। କିନ୍ତୁ ରାସ୍ତାର ଅବସ୍ଥା ବଦଳୁ ନାହିଁ। ବିଂଝାରପୁରରୁ ସିଂହପୁର ପର୍ଯ୍ୟନ୍ତ ୧୦କିମି ରାସ୍ତାର ମରାମତି ପାଇଁ ୪୨ ଲକ୍ଷର ଟେଣ୍ଡର ଏବଂ ବିଞ୍ଝାରପୁରରୁ ଯାଜପୁର ରାସ୍ତାର ପାଖାପାଖି ୧୨ କିମି ରାସ୍ତାର ମରାମତି ପାଇଁ ୪୨ ଲକ୍ଷ ଲେଖାଏଁ ମୋଟ ୮୪ ଲକ୍ଷର ଟେଣ୍ଡର ସାରି ଚୁପ ବସିଛି ବିଭାଗ। ବିଂଝାରପୁର ଯାଜପୁର ରାସ୍ତାର ଅବସ୍ଥା ଏବେ ଯାତ୍ରୀଙ୍କ ପାଇଁ ମରଣଯନ୍ତା। ପ୍ରତିଦିନ ଏହି ରାସ୍ତାରେ ଯିବା ସମୟରେ ବଡ ବଡ ଗର୍ତ୍ତ ଯୋଗୁ ଦୁର୍ଘଟଣା ଘଟୁଛି। ସେଇଭଳି ବିଞ୍ଝାରପୁର ସିଂହପୁର ରାସ୍ତାର ମରାମତି କାର୍ଯ୍ୟ ଆଦୌ ଆରମ୍ଭ ହୋଇ ନାହିଁ। କେବେ ଆରମ୍ଭ ହେବ ତାର କିଛି ସଂକେତ ମଧ ନାହିଁ।

ଆଉ କିଛି ଦିନ ପରେ ଆରମ୍ଭ ହେବ ଓଡ଼ିଶା ପ୍ରସିଦ୍ଧ ବରୁଣେଶ୍ୱର ମେଳା ଆଉ ଜିଲ୍ଲା ଏବଂ ଜିଲ୍ଲା ବାହାରୁ ଲକ୍ଷାଧିକ ଲୋକଙ୍କ ଭିଡ ଏହି ରାସ୍ତାରେ ଜମିବ। କିନ୍ତୁ ଚେଇଁ ଶୋଇଛି ପୂର୍ତ୍ତ ବିଭାଗ। ଠିକାଦାର ମାନଙ୍କୁ ପୂର୍ଣ୍ଣ ସୁରକ୍ଷା ପୂର୍ତ୍ତ ବିଭାଗ ଯନ୍ତ୍ରୀ ଦେଉଥିବା ଅଭିଯୋଗ ହୋଇଛି।

## ବ୍ଲକସ୍ତରୀୟ କ୍ରୀଡ଼ା ଉଦଘାଟିତ




**ସୁବର୍ଣ୍ଣପୁର,୧୦।୧୧ (ସଂଚାର ବ୍ୟୁରୋ):** ମେରୀ ଯୁବ ଭାରତ, ସୋନପୁର ଓ ଗଣପତି କ୍ଲବ ଯଶପୁର ର ମିଳିତ ଆନୁକୂଲ୍ୟରେ, ବ୍ଲକ ସ୍ତରୀୟ କ୍ରୀଡା ଉଦଘାଟିତ ହୋଇଯାଇଛି ⌊ ଏହି ଉଦଘନି ଉତ୍ସବ ରେ ମୁଖ୍ୟ ଅତିଥି ରୂପେ ଅବସରପ୍ରାପ୍ତ ଖେଳ ଶିକ୍ଷକ ଶ୍ରୀ ଶେଷସଦେବ ହୋତା ଯୋଗ ଦେଇଥିଲେ ⌊ ପ୍ରଥମ ଦିନ ରେ ବଡ଼ମୀଣ୍ଟନ ଖେଳେରେ ମୋଟ ୧୬ ଜଣ ଖେଳାଳି ଅଂଶ ଗ୍ରହଣ କରିଥିଲେ ଏଥିରେ ସୁଦାମ ପଧାନ ପ୍ରଥମ ଓ ଜିତେନ୍ଦ୍ର ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସେହି ପରି ଭଲିବଲ ଖେଳରେ ମୋଟ ଚାରୋଟି ଦଳ ଯଥା ଯଶପୁର, ମେଘେଲା, କୁହିବାହାଲ ଓ ଚେରୁପାଲି ଅଂଶ ଗ୍ରହଣ କରିଥିଲେ ଚେରୁପାଲି ଓ କୁହିବାହାଲ ମଧରେ ଫାଇନାଲ ଖେଳେ ହୋଇଥିଲା ଏଥିରେ କୁହିବାହାଲ ଦଳ ବିଜେତା ଓ ଚେରୁପାଲି ଉପବିଜେତା ହୋଇଥିଲେ। ଶେଷରେ ବିଜେତା ଓ ଉପବିଜେତା ଦଳକୁ ଟ୍ରାଫି ସହ ମାନପତ୍ର ଦେଇ ସମାନିତ କରାଯାଇଥିଲା।

## ଲେଫ୍ରିପଡ଼ାରେ ଯୁଗ୍ମ ଜନଅଭିଯୋଗ ଶୁଣାଣି



**ସୁନ୍ଦରଗଡ଼,୧୦।୧୧ (ସଂଚାର ବ୍ୟୁରୋ):** ସୋମବାର ଲେଫ୍ରିପଡ଼ା ବ୍ଲକ ପରିସରରେ ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ କୌର ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ମୋଟ ୯୯ ଗୋଟି ଅଭିଯୋଗ ମଧରୁ ୪୧ଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୫୮ଟି ସାମୂହିକ ଅଭିଯୋଗ ରହିଥିଲା। ଏହି ସବୁ ଅଭିଯୋଗ ଗୁଡ଼ିକ ମଧରୁ କିଛି ଅଭିଯୋଗର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା। ସେହିଭଳି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ଅଭିଯୋଗ ରହିଥିଲା। ଟାଙ୍ଗରପାଲି ବ୍ଲକ ଯୋଗୀମାଲ ଗ୍ରାମବାସୀଙ୍କ ପକ୍ଷରୁ କଲଭର୍ଟ ନିର୍ମାଣକୁ ନେଇ ଏକ ସାମୂହିକ ଅଭିଯୋଗ ଆସିଥିଲା। ଟାଙ୍ଗରପାଲି ବିଡ଼ିଓ କଲଭର୍ଟ ନିର୍ମାଣ ଜାଗାକୁ ଜଣଙ୍କ ରୟତି ଜମି ଦର୍ଶାଇ ଉକ୍ତ କାର୍ଯ୍ୟକୁ ନିଆଲିପାଲି ପଞ୍ଚାୟତକୁ ବଦଳ କରିଦେଇଥିଲେ। ଗ୍ରାମବାସୀ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିବାରୁ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ ସମସ୍ତ ତଥ୍ୟ ଜାଣିଲା ପରେ ଅତିଶୀଘ୍ର ଯୋଗୀମାଲରେ କଲଭର୍ଟ କାମ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ।

## ବ୍ୟାଙ୍କଙ୍କୁ ଠକିବା ଅଭିଯୋଗରେ ସୁନା ଦୋକାନୀ ଗିରଫ



**ଫିରିଙ୍ଗିଆ,୧୦।୧୧ (ସଂଚାର ବ୍ୟୁରୋ):** ୟୁକୋ ବ୍ୟାଙ୍କରୁ ନକଲି ଅଳଙ୍କାର ରଖି ୮୫ଲକ୍ଷ ୮୬ ହଜାଇ ଟଙ୍କା ଋଣ ଉଠାଇ ନେଇଥିବା ଘଟଣାର ଆଜି ପୁଲିସ ମୁଖ୍ୟ ଅଭୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହାକୁ ନେଇ ଏକ ସାମ୍ବାଦିକ ସମ୍ମିଳନୀରେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ରମେନ୍ଦ୍ର ପ୍ରସାଦ ସୂଚନା ଦେଇଛନ୍ତି।

ସୂଚନା ମୁତାବକ ଅଭିଯୁକ୍ତ ପି. ସତ୍ୟରାମ ଆଚାରୀକ ଏକ ସୁନା ଅଳଙ୍କାର ଦୋକାନ ବାଲିଗୁଡାରେ ଥିଲା ଓ ସେ ବାଲିଗୁଡା ୟୁକୋ ବ୍ୟାଙ୍କରେ ଗତ କିଛି ବର୍ଷ ଧରି ଆପ୍ରାୟଜର ଭାବରେ ଦାୟିତ୍ୱ ତୁଲାଇ ଆସୁଥିଲେ। ଏହାର ସୁଯୋଗ ନେଇ ଚତୁରତାର ସହ ନିଜର ସୁନା ଦୋକାନରେ କାମ କରୁଥିବା ତିନି କର୍ମଚାରୀ ନାମରେ ୧୪ ଗୋଟି ନକଲି ସୁନା ଅଳଙ୍କାର ବନ୍ଧକ ରଖି ୮୫ ଲକ୍ଷ ୮୬ ହଜାର ଟଙ୍କା ଋଣ ନେଇଥିଲେ। ଯାହାକି କର୍ମଚାରୀମାନେ ଜାଣିପାରୁ ନଥିଲେ। ଏହାକୁ ନେଇ ଗତ ମେ ମାସ ୨୧ତାରିଖ ଦିନ ବାଲିଗୁଡା ୟୁକୋ ବ୍ୟାଙ୍କର ଶାଖା ପରିଚାଳକ ମାନସ ରଂଜନ ନାୟକ ବ୍ୟାଙ୍କରେ ନକଲି ସୁନା ଅଳଙ୍କାର ରଖି ଋଣ ନେଇଥିବା ନେଇ ଏତଲା ଦେଇଥିଲେ। କେଶ ନମ୍ବର ୧୬୨ରେ ମାମଲା ରୁଜୁକରି ଏହାକୁ ନେଇ ତଦନ୍ତ ଆରମ୍ଭ କରିଥିଲେ ବାଲିଗୁଡ଼ା ପୋଲିସ। ତଦନ୍ତର ଖବର ପାଇ ଅଭିଯୁକ୍ତ ଆଚାରୀ ଫେରାର ଥିଲା। ସେ ବ୍ରହ୍ମପୁରରେ ଥିବା ଖବର ପାଇ ପୋଲିସ ଚଢ଼ାଉ କରି ଧରିବାରେ ସଫଳ ହୋଇଛି। ଅଭିଯୁକ୍ତର ବ୍ୟାଙ୍କ ପାସବୁକ ଜବତ କରାଯାଇଛି। ଗିରଫ ପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି । ତେବେ ବାଲିଗୁଡାର କିଛି ବ୍ୟକ୍ତି ମାନଙ୍କ ଠାରୁ ମଧ ଏହି ଅଭିଯୁକ୍ତ ଲକ୍ଷାଧିକ ଟଙ୍କା ଧାର ନେଇଛି ବୋଲି ଉପଖଣ୍ଡ ଆରକ୍ଷୀ ଅଧିକାରୀ ସୂଚନା ଦେଇଛନ୍ତି ।

## ରାସ୍ତା ପାର୍ଶ୍ୱରେ ଥିବା ଶୁଖିଲା ଶାଳଗଛ କାଟିବାକୁ ଦାବି



**କନ୍ଧମାଳ,୧୦।୧୧ (ସଂଚାର ବ୍ୟୁରୋ):** ଫୁଲବାଣୀ ଠାରୁ ଗୋଛାପଡ଼ା ଦେଇ ବାଲନ୍ଦାପଡ଼ା କୁ ସଂଯୋଗ କରିଥିବା ମୁଖ୍ୟ ରାସ୍ତା ପାର୍ଶ୍ୱରେ ଏକ ବିରାଟ ଶୁଖିଲା ଶାଳ ଗଛ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଜଣେଇ ଥିଲେ ମଧ ଆଜି ପର୍ଯ୍ୟନ୍ତ କେହି କର୍ଣ୍ଣପାତ କରୁନାହାନ୍ତି ବୋଲି ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। ଏହିପରି ଦୃଶ୍ୟ ଦେଖିବାକୁ ମିଳୁଛି କ୍ରାଣ୍ତିବାଲି ପଞ୍ଚାୟତ ଅନ୍ତର୍ଗତ କେଉଟିମାରୀ ଛକ ନିକଟରେ । ଏହି ରାସ୍ତା ଦେଇ ପ୍ରତିଦିନ ହଜାର ହଜାର ଯାନବାହାନ ଚଳାଚଳ କରନ୍ତି। ମୁଖ୍ୟ ରାସ୍ତା କଡ଼ରେ ଶୁଖିଲା ଶାଳ ଗଛ ଥିବାରୁ ଜନସାଧାରଣ ସବୁବେଳେ ଭୟଭୀତ ଭାବରେ ଏହି ରାସ୍ତା ଦେଇ ଯିବା ଆସିବା କରନ୍ତି। କେଉଁ ସମୟରେ ଉପୁଡ଼ି ଯିବ ତାହା ମଧ କହି ହେଉନି। ତେଣୁ ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେଇ ମୁଖ୍ୟ ରାସ୍ତା କଡ଼ରେ ଥିବା ସମସ୍ତ ଶୁଖିଲା ଗଛ କାଟିବା ପାଇଁ ବୃଦ୍ଧି ଜିବୀ ମହଲରୁ ଦାବି କରିଛନ୍ତି।

## ଚୋରା ବାଲିଚାଲାଣ ବନ୍ଦ ପାଇଁ ରାସ୍ତାରେ ଶୋଇଲେ ମହିଳା



**ବାଲିଆପାଳ,୧୦।୧୧ (ସଂଚାର ବ୍ୟୁରୋ):** ବାଲିଆପାଳ ଥାନା ଅଧୀନ ଅସ୍ତି ପଞ୍ଚାୟତର ବଡାପାଳ ଗ୍ରାମ ସୁବର୍ଣ୍ଣରେଖା ନଦୀ ପଠାରୁ ଗତ ବର୍ଷ ବର୍ଷ ଦିନ ଧରି ଚୋରାରେ ବାଲି ଚାଲାଣ ହେଉଛି। ବାଲି ମାଫିଆମାନେ ଅସ୍ତି ଗ୍ରାମପଞ୍ଚାୟତରେ ଆତଙ୍କରାଜ ସୃଷ୍ଟି କରି ସେମାନଙ୍କ ଜୀବନଚର୍ଯ୍ୟା ଅସ୍ତବ୍ୟସ୍ତ କରୁଥିବା ଗ୍ରାମବାସୀମାନେ କହିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁସାରେ, ପ୍ରତିଦିନ ସକାଳେ ୫ଟା ରୁ ଶତାଧିକ ବାଲି ବୋଝେଇ ସମ୍ପୃକ୍ତ ସ୍ଥାନରୁ ନେଇଯାଉଛନ୍ତି। ଏହି ବେଆଇନ ଚାଲାଣକୁ ରୋକିବାକୁ ଯେତେ ଯେତେବେଳେ ଗ୍ରାମବାସୀ ପ୍ରୟାସ କରୁଛନ୍ତି ମାଫିଆମାନେ ତାଙ୍କୁ ଭୟଭୀତ କରାଇବା ସହ ଧମକ ଦେଉଛନ୍ତି ବୋଲି ଅଭିଯୋଗ ହୋଇଛି। ଏ ସମ୍ପର୍କ ରେ ଗ୍ରାମବାସୀଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ଅଭିଯୋଗ ଯୋଗ ହେ ହୋଇଥିଲେ ମଧ୍ୟ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି। ନଦୀ ପଠାରୁ ବାଲି ଉତ୍ତୋଳନ ଓ ପରିବହନ ଜାରି ରହିଛି। ଗ୍ରାମବାସୀଙ୍କ ମତରେ ଯଦି ଏହି ବେଆଇନ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ ପାଇଁ ଶୀଘ୍ର କଠୋର ଦକ୍ଷେପ ନିଆ ନଯାଏ ନଦୀପଠା ସମ୍ପୂର୍ଣ୍ଣ ଅସ୍ତି ପଞ୍ଚାୟତର ଭାସିଯିବ। ଯଦି ଏଭଳି ଚୋରା ବାଲି ଉତ୍ତୋଳନ କରାଯାଏ ତେବେ ବନ୍ୟା ପ୍ରଭାବିତ ଗ୍ରାମଟି ନଦୀ ଗର୍ଭରେ ଲୀନ ହେବାର ସମ୍ଭାବନା ସୃଷ୍ଟି ହୋଇଥିବା ଗ୍ରାମବାସୀମାନେ କହିଛନ୍ତି।

## ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଦ୍ୱାରା ବିପର୍ଯ୍ୟୟ ପ୍ରସ୍ତୁତି ବୈଠକ



**ଖୋର୍ଦ୍ଧା,୧୦।୧୧ (ସଂଚାର ବ୍ୟୁରୋ):** ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ଦ୍ୱାରା ରେଳ ସମ୍ବନ୍ଧୀୟ ଜରୁରୀକାଳୀନ ଏବଂ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପାଇଁ ବିଭିନ୍ନ ସହଭାଗୀ ମାନଙ୍କ ମଧରେ ପ୍ରସ୍ତୁତି ଏବଂ ସମନ୍ୱୟ ସମୀକ୍ଷା କରିବା ପାଇଁ ଏକ ବିପର୍ଯ୍ୟୟ ପ୍ରସ୍ତୁତି ବୈଠକ ଆୟୋଜନ କରିଥିଲା। ଏହି ବୈଠକର ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ପରିଚାଳନା) ଶ୍ରୀ ପି. କେ. ବେହେରା ଅଧକ୍ଷତା କରିଥିଲେ। ରାଜ୍ୟ ପୁଲିସ, ଏନଡିଆରଏଫ (ମୁଣ୍ଡଳି ୟୁନିଟ୍), ଓଡିଆରଏଏଫ୍, ଆରପିଏଫ, ସ୍ଥାନୀୟ ପ୍ରଶାସନ, ରାଜ୍ୟ ଅଗ୍ନିଶମ ସେବା, ଡାକ୍ତରୀ ଦଳ ଏବଂ ସୁରକ୍ଷା ଏବଂ ବିପର୍ଯ୍ୟୟ ପରିଚାଳନା ସହିତ ଜଡିତ ପ୍ରମୁଖ ରେଳ ବିଭାଗର ପ୍ରତିନିଧିମାନେ ଏହି ବୈଠକରେ ଅଂଶଗ୍ରହଣ କରିଥିଲେ।

ଏହି ବୈଠକର ଉଦ୍ଦେଶ୍ୟ ଥିଲା ଆନ୍ତଃ-ସହଭାଗୀ ସମନ୍ୱୟକୁ ମଜବୁତ କରିବା, ଶୀଘ୍ର ପ୍ରତିକ୍ରିୟା ସୁନିଶ୍ଚିତ କରିବା ଏବଂ ରେଳ ପରିଚାଳନାରେ ଯେକୌଣସି ଅପ୍ରୀତିକର ଘଟଣାର ପ୍ରଭାବଶାଳୀ ପରିଚାଳନା ପାଇଁ ପ୍ରକ୍ରିୟାଗୁଡ଼ିକୁ ସୁଗମ କରିବା।

ପ୍ରସ୍ତୁତି ପଦକ୍ଷେପର ଏକ ଅଂଶ ଭାବରେ, ନିକଟ ଭବିଷ୍ୟତରେ ଏକ ସମ୍ପୂର୍ଣ୍ଣ ବିପର୍ଯ୍ୟୟ ପରିଚାଳନା ମକ୍ ଡ୍ରିଲ୍ କରାଯିବାର ଯୋଜନା କରାଯାଇଛି। ପ୍ରସ୍ତାବିତ ମକ୍ ଡ୍ରିଲ୍ ଲକ୍ଷ୍ୟ ରଖିଛି ଉଦ୍ଧାର ଏବଂ ପ୍ରତିକ୍ରିୟା ସଂସ୍ଥା ମଧରେ ସମନ୍ୱୟ, ବିପର୍ଯ୍ୟୟ ପରିଚାଳନା ଉପକରଣ ଏବଂ ଯୋଗାଯୋଗ ପ୍ରଣାଳୀର କାର୍ଯ୍ୟକାରିତା ମୂଲ୍ୟାଙ୍କନ, ବାସ୍ତବ ଜୀବନର ଜରୁରୀକାଳୀନ ପରିସ୍ଥିତି ସମୟରେ ଶୀଘ୍ର, ଦକ୍ଷ ଏବଂ ସମନ୍ୱିତ ପ୍ରତିକ୍ରିୟା ପାଇଁ କର୍ମଚାରୀମାନଙ୍କୁ ତାଲିମ ଏବଂ ପରିଚାଳିତ କରିବା।

ମକ୍ ଡ୍ରିଲ ଅଭ୍ୟାସରେ ରେଳବାଇ, ଏନଡିଆରଏଫ, ଓଡ୍ରାଫ, ରାଜ୍ୟ ପୁଲିସ, ସରକାରୀ ରେଳବାଇ ପୁଲିସ, ଅଗ୍ନିଶମ ସେବା, ଚିକିତ୍ସା ବିଭାଗ, ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ, ସିଭିଲ ଡିଫେନ୍ସ, ବେସରକାରୀ ସଂସ୍ଥା ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ କର୍ମଚାରୀମାନେ ସାମିଲ ହେବେ।

## ପୂର୍ବତନ ସୈନିକ ସଂଗଠନ ଦ୍ୱାରା ବନ୍ଦେ ମାତରଂର ୧୫୦ ପୂର୍ତ୍ତି ପାଳନ



**ବାଲିଆପାଳ,୧୦।୧୧ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବାଲିଆପାଳର ପୂର୍ବତନ ସୈନିକ ସଂଗଠନ ଦ୍ୱାରା ନଭେମ୍ବର ୮ ତାରିଖ ଶନିବାର ଦିନ ରାଷ୍ଟ୍ରୀୟ ସଂଗୀତ ବନ୍ଦେ ମାତରଂର ୧୫୦ ବର୍ଷ ପୂର୍ତ୍ତି ପାଳନ କରା ଯାଇଛି। ସଂଗଠନର ସଭାପତି ଅବସରପ୍ରାପ୍ତ ଫ୍ଲାଇଟ୍ ଲେଫ୍ଟେନେଣ୍ଟ୍ କମଳ ଲୋଚନ ପିଳାଙ୍କ ଅଧ୍ୟକ୍ଷତାରେ ବାଲିଆପାଳର କଚୁଆ ପଡ଼ା ସ୍ଥିତ ସଂଗଠନ କାର୍ଯ୍ୟାଳୟ ନିକଟବର୍ତ୍ତୀ ଶିବ ମନ୍ଦିର ପରିସରରେ ପାଳନ କରା ଯାଇଥିବା ଏହି ଶୁଭ ଅବସରରେ ଗ୍ରାମବାସୀଙ୍କ ସହ ଶତାଧିକ ସଦସ୍ୟ ଉପସ୍ଥିତ ରହି ବନ୍ଦେ ମାତରଂ ଗାଇବା ସହ 'ଭାରତ ମାତା କୀ ଜୟ' 'ବନ୍ଦେ ମାତରଂ' ଆଦି ଜୟ ଘୋଷରେ ଦିଗ ଦିଗନ୍ତ ପ୍ରକମ୍ପିତ କରିଥିଲେ। ସଭାପତି ଶ୍ରୀ ପିଳା ଓ ଉପ ସଭାପତି ମନୋଜ କୁମାର ସି ଉପସ୍ଥିତ ସମୂହ ଉଦ୍ଦେଶ୍ୟରେ ନିଜ ବକ୍ତବ୍ୟରେ କହିଥିଲେ ଯେ ୧୮୭୫ ମସିହା ନଭେମ୍ବର ୭ ତାରିଖ ଦିନ ବଙ୍ଗୀୟ କବି ବଙ୍କିମ ଚନ୍ଦ୍ର ଚାଟାର୍ଜୀ ଏହି ଉଦବୋଧନୀ ରାଷ୍ଟ୍ରୀୟ ସଂଗୀତ ବନ୍ଦେ ମାତରଂ ରଚନା କରିଥିଲେ ଏବଂ ୧୮୯୫ ମସିହାରେ ତତ୍କାଳୀନ କଂଗ୍ରେସର ଏକ ଅଧିବେଶନରେ ବିଶ୍ୱଗୁରୁ ରବୀନ୍ଦ୍ର ନାଥ ଠାକୁର ପ୍ରଥମେ ଏହାକୁ ଗାଇଥିଲେ। ଦେଶଭକ୍ତ କ୍ରାନ୍ତିକାରୀମାନେ ନିଜ ପ୍ରେରଣାର ଉତ୍ସ ଭାବେ ସଦା ସର୍ବଦା ଏହି ସଂଗୀତକୁ ଗାନ କରୁଥିଲେ। ଏହି ଅବସରରେ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ବନ୍ଦେ ମାତରଂ ମୁଦ୍ରା ଓ ଏକ ବନ୍ଦେ ମାତରଂ ଡାକ ଟିକଟ ମଧ୍ୟ ଲୋକାର୍ପିତ କରିଛନ୍ତି। ଏହି ଉତ୍ସବର ସୁପରିଚାଳନାରେ ସଭାପତି ଓ ଉପ ସଭାପତିଙ୍କ ସହ ସଂଗଠନର ସମ୍ପାଦକ ରାଧାନାଥ ରାଉତ, ଶରତ କୁମାର ଦେ, ବିଜୟ କୁମାର ବେହେରା, ଗଙ୍ଗାଧର ପାତ୍ର, ପଦ୍ମ ଲୋଚନ ଚକ୍ରବର୍ତ୍ତୀ, ଚୈତନ୍ୟ ପ୍ରଧାନ, ରାମ ଚନ୍ଦ୍ର ଜେନା, ଶମ୍ଭୁନାଥ ଗିରି, ଶ୍ରୀଧର ସାହୁ, ରଜନୀ କାନ୍ତ ସିଂହ, ଶରତ ଚନ୍ଦ୍ର ଜେନା, ଦେବେନ୍ଦ୍ର ନନ୍ଦୀ, ଅଜୟ ଦାସ ଅଧିକାରୀ, ସୁଶାନ୍ତ କୁମାର ରାଉତ ଓ ରମାକାନ୍ତ ସାହୁ ପ୍ରମୁଖ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

## ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସଙ୍କୁ ଭବ୍ୟ ସମ୍ବର୍ଦ୍ଧନା




**ନୀଳଗିରି,୧୦।୧୧ (ସଂଚାର ବ୍ୟୁରୋ):** ନବନିଯୁକ୍ତ କଂଗେସ ଜିଲ୍ଲାସଭାପତି ସତ୍ୟଶିବ ଦାସଙ୍କୁ ନୀଳଗିରି କଂଗ୍ରେସ ତରଫରୁ ଭବ୍ୟ ସମ୍ବର୍ଦ୍ଧନା ଜଣାଯାଇ ନୀଳଗିରି ମାଟିକୁ ସ୍ୱାଗତ କରାଯାଇଥିବା ଦେଖିବାକୁ ମିଳିଛି। ଏହି ଅବସରରେ ସିମୁଳିଆ ଛକଠାରୁ ଏକ ବାଇକ୍ ରାଲିରେ ନୀଳଗିରି ସହରଦେଇ ଜଗନ୍ନାଥମନ୍ଦିରକୁ ଅଣାଯାଇଥିଲା। ସେଠାରେ ପୂଜାର୍ଚ୍ଚନା କରିବା ପରେ ନୀଳଗିରି କଲ୍ୟାଣମଣ୍ଡପ ଠାରେ ଆୟୋଜିତ ଏକ ବୈଠକରେ ନୀଳଗିରି, ବାହାନଗା ଓ ଔପଦା ଅଞ୍ଚଳରୁ ଆସିଥିବା ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ ଏବଂ ମହିଳା କଂଗ୍ରେସ ସମେତ ବହୁ ବରିଷ୍ଠ ଏବଂ ଯୁବ କଂଗ୍ରେସ ନେତା ସମ୍ମିଳିତ ହୋଇଥିଲେ। ପରେ ଯୁବନେତା ଆଶିଷ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଯୁବନେତା ତପନ କୁମାର ରାଉତ, ମହିଳାନେତ୍ରୀ ଉର୍ମିଳା ମାଝୀ, ଓଡ଼ିଶା ମହିଳାକଂଗ୍ରେସର ସାଧାରଣ ସମ୍ପାଦିକା ବାସନ୍ତୀ ସାମଲ, ସମ୍ପାଦିକା ପ୍ରତିମା ପଣ୍ଡା ଓ ଜ୍ୟୋତ୍ସ୍ନା ସେନାପତି ପ୍ରମୁଖ ମଞ୍ଚାସିନ ରହି କଂଗ୍ରେସ ଦଳକୁ ଏକଜୁଟ ହୋଇ କାର୍ଯ୍ୟକରିବାକୁ ପରାମର୍ଶ ଦେଇଥିଲେ। ଅନୁରୁପଭବେ ଜିଲ୍ଲା ସଭାପତି ଶ୍ରୀଯୁକ୍ତ ଦାସ ନୀଳଗିରିରେ ଦୃଢ଼ ନେତୃତ୍ୱର ଆବଶ୍ୟକତା ରହିଛି ଏବଂ ସମସ୍ତ କଂଗ୍ରେସକର୍ମୀ ତୃଣମୂଳ ସ୍ତରରେ ଗାଁକୁ ଯାଇ ବର୍ତ୍ତମାନର ରାଜ୍ୟ ସରକାର ଏବଂ ପୂର୍ବର ସରକାର ସାଧାରଣ ଜନତାଙ୍କୁ ମିଥ୍ୟାପ୍ରତିଶୃତି ଦେଇ ଦେଶକୁ ରସାତଳ କରିଥିବା ମତ ରଖିଥିଲେ। ତେଣୁ ପୁନର୍ବାର ଦେଶରେ ରାହୁଲ ଗାନ୍ଧୀ ଏବଂ ରାଜ୍ୟରେ ଭକ୍ତଚରଣ ଦାସଙ୍କ ନେତୃତ୍ୱରେ ଏକହୋଇ କଂଗ୍ରେସଦଳକୁ ଆଗେଇନେବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବହୁ କଂଗ୍ରେସକର୍ମୀ ଓ ନେତା ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା।

**ଡାହିବାଡି ସାପ୍ତାହିକ ହାଟ**

# ଆର୍‌ଏମ୍‌ସି ଖାଉଛି ସିଂହ ଭାଗ, ଯୋଗାଉ ନାହିଁ ମୌଳିକ ସୁବିଧା

### ହାଟକୁ ସଂଯୋଗୀକରଣ ରାସ୍ତା ପାଲଟିଛି ମରଣଯନ୍ତ୍ରା





**ବୈଶିଙ୍ଗା,୧୦।୧୧ (ସଂଚାର ବ୍ୟୁରୋ):** ଭାରତର ସମ୍ବିଧାନରେ ଜଣେ ନାଗରିକ କିପରି ମୌଳିକ ସୁବିଧାରୁ ବଞ୍ଚିତ ନହେବ ସେଥିପାଇଁ ନିର୍ବାଚିତ ସରକାର ପ୍ରଶାସନ ମାଧମରେ ଜନସାଧାରଣଙ୍କ ସେବା କରିଥାଏ। ମାତ୍ର ବିଭିନ୍ନ କ୍ଷେତ୍ରରେ ପ୍ରଶାସନ ନିଜର କର୍ତ୍ତବ୍ୟକୁ ଭୁଲିଯାଇ ଉତ୍ତମ ସେବା ପରିବର୍ତ୍ତେ ଶୋଷଣ କରିବାରେ ଲାଗିଥାଏ। ଏହାର ଜ୍ୱଳନ୍ତ ଉଦାହରଣ ସ୍ୱରୂପ ବୈଶିଙ୍ଗା ପଞ୍ଚାୟତ ଅଧିନ ଡାହିବାଡି ସାପ୍ତାହିକୀ ହାଟ ବିଚାରକୁ ନିଆଯାଇପାରେ।

କାହିଁ କେଉଁ କାଳରୁ ଏହି ସାପ୍ତାହିକୀ ହାଟଟି ପ୍ରତି ସପ୍ତାହରେ ବୁଧବାର ଓ ଶନିବାର ଅନୁଷ୍ଠିତ ହୋଇ ଆସୁଛି। ପ୍ରାୟ ୫୦ଖଣ୍ଡ ମୌଜାର ଚାଷୀ ଓ ବ୍ୟବସାୟୀ ନିଜ ନିଜର ଉତ୍ପାଦିତ ପନିପରିବା, ଧାନ ଚାଉଳ ଓ ଅନ୍ୟାନ୍ୟ ସାମଗ୍ରୀ କ୍ରୟ ବିକ୍ରୟ କରିଥାନ୍ତି। ବାହାର ଜିଲ୍ଲାରୁ ଏବଂ ବାହାର ରାଜ୍ୟରୁ ମଧ ବ୍ୟବସାୟୀ ମାନେ ଆସି ବ୍ୟବସାୟ କରିଥାନ୍ତି। ମାତ୍ର ଏହି ହାଟରେ ୫୦ହଜାରରୁ ଅଧିକ ଲୋକଙ୍କ ସମାଗମ ହେଉଥିଲେ ମଧ ସେମାନଙ୍କ ପାଇଁ କୌଣସି ମୌଳିକ ସୁବିଧା ନାହିଁ। ପିଇବା ପାଣି, ବର୍ଷାରୁ ରକ୍ଷା ପାଇଁ ଛପର, ପିଣ୍ଡି, ସାଇକେଲ ଷ୍ଟାଣ୍ଡ ଓ ବାଇକ୍ ପାର୍କିଂର ସୁବିଧା ଆଦିର ଅଭାବ ପାଇଁ ଅସୁବିଧାର ସମ୍ମୁଖିନ ହେବାକୁ ପଡ଼ିଥାଏ। ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ ସେଥିରୁ କୌଣସି ସୁଫଳ ମିଳୁ ନ ଥିବାର ଅଭିଯୋଗ ହୋଇଆସୁଥିଲା।

ଏଥିସହିତ ହାଟକୁ ସଂଯୋଗ କରୁଥିବା ଚତୁଃପାର୍ଶ୍ୱସ୍ଥ ରାସ୍ତାଗୁଡିକ ସମ୍ପୂର୍ଣ୍ଣ ବିପଦସଙ୍କୁଳ ଅବସ୍ଥାରେ ରହିବା ଯୋଗୁଁ ଗାଡ଼ିମଟରରେ ମାଲ ପରିବହନ ସକ୍ଷମ ହୋଇପାରୁ ନଥିଲା। ଏଥିପାଇଁ ମୁଖ୍ୟ ରାସ୍ତା ଉପରେ ଗାଡିଗୁଡ଼ିକ ଛିଡା ହେବା ଦ୍ୱାରା ସାଧାରଣ ଲୋକ ଦୁର୍ଘଟଣାର ସମ୍ମୁଖୀନ ହେବାକୁ ପଡୁଥିଲା। ବାରମ୍ବାର ଅଭିଯୋଗ ହେବା ପରେ ବିଧାୟକଙ୍କ ତରଫରୁ ୪ଟି ହାଇମାକ୍ସ ଲାଇଟ ଲାଗିଥିଲା। ଏଥି ସହିତ ପିଣ୍ଡି, ରାସ୍ତା, ଆଦି କାର୍ଯ୍ୟ ଚାଲିଥିବାର ଜଣାଯାଇଛି। ମାତ୍ର ସରକାରଙ୍କ ତରଫରୁ ନିୟନ୍ତ୍ରିତ ବଜାର କମିଟି ଗଠନ ହେବା ଠାରୁ ଏହି ଡାହିବାଡି ହାଟ ଉପରେ ନଜର ପକାଇଛି। ଉତ୍ପାଦିତ ସାମଗ୍ରୀ ଉପରୁ ଏହି କମିଟି ମୁଖ୍ୟ ମାହାସୁଲ ଆଦାୟ କରିନେବା ଯୋଗୁଁ ପଞ୍ଚାୟତର ବିପୁଳ ରାଜସ୍ୱ କ୍ଷତି ଘଟୁଛି। ଏଥି ସହିତ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟରେ ମଧ ବାଧା ସୃଷ୍ଟି ହେଉଛି। ମୟୂରଭଞ୍ଜ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବା ସହିତ ନିୟନ୍ତ୍ରିତ ବଜାର କମିଟି ନିକଟରୁ ଭାଗିଦାରୀ ମାହାସୁଲ୍ ଆଦାୟ ଦାୟିତ୍ୱ କାଢିନେଇ ପଞ୍ଚାୟତକୁ ସଂପୂର୍ଣ୍ଣ ଅଧିକାର ଦେଲେ ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତ୍ତି ସାଧନ ହୋଇପାରନ୍ତା।

ଅଧିକ ରାତି ପର୍ଯ୍ୟନ୍ତ ହାଟ ଅନୁଷ୍ଠିତ ହେଉଥିବାରୁ ସୁରକ୍ଷା ବ୍ୟବସ୍ଥା ପ୍ରତି ପ୍ରଶାସନ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି। ଏହି ସବୁ ସୁବିଧା ହୋଇପାରିଲେ ବାହାର ରାଜ୍ୟର ଅନେକ ବ୍ୟବସାୟୀଙ୍କ ଆଗମନ ହେବା ସହିତ ବୈଶିଙ୍ଗା ପଞ୍ଚାୟତକୁ ଅଧିକ ରାଜସ୍ୱ ମିଳି ପାରନ୍ତା।

## ସାଂସଦ ପ୍ରତାପଙ୍କ ଜନ୍ମଦିନରେ ୨୧୮୧ ୟୁନିଟ ରକ୍ତ ସଂଗ୍ରହ



**ନୀଳଗିରି,୧୦।୧୧ (ସଂଚାର ବ୍ୟୁରୋ):** ମାନ୍ୟବର ପୂର୍ବତନ କେନ୍ଦ୍ର ରାଷ୍ଟ୍ର ମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କ ଜନ୍ମଦିନ ଉପଲକ୍ଷେ ସୋମବାର ନୀଳଗିରି ଡାକବଙ୍ଗଳା ଠାରେ ଦିବସ ବ୍ୟାପି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଆୟୋଜିତ ରକ୍ତଦାନ ଶିବିରରୁ ୨୧୮୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଯାହା ଜିଲ୍ଲାର ଗୋଟିଏ ଦିନରେ ସର୍ବୋଚ୍ଚ ରେକର୍ଡ଼। ଏହା ଯୁବସ୍ୱାଭିମାନ ମଞ୍ଚ ତରଫରୁ ନୀଳଗିରି ଡାକବଙ୍ଗଳା ଆୟୋଜିତ ଶିବିରରେ ମୋଟ ୧୬୮୮ ଜଣ ରକ୍ତ ଦେଇଥିବାବେଳେ, ଔପଦା ଡିଗ୍ରୀ କଲେଜ ଶିବିରରେ ୨୩୬, ଖନ୍ତାପଡ଼ା ମନିଷା ଜି.ଏନ.ଏମ୍ କଲେଜରେ ୨୫୭ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଏହି କାର୍ଯ୍ୟକ୍ରମରେ ରେମୁଣା ବିଧାୟକ ତଥା ଉପମୁଖ୍ୟ ସଚେତକ ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦାସ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ଜିଲ୍ଲା ବିଜେପି ସଭାପତି ଈଶ୍ୱର ଚନ୍ଦ୍ର ବେହେରା ଓ ପ୍ରଦିପ କୁମାର ପଣ୍ଡା, ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ବିଜେପି ବସ୍ତା ବିଧାୟକ ପ୍ରାର୍ଥି ରବିନ୍ଦ୍ର ଅଣ୍ଡିଆ, ଜଳେଶ୍ୱର ର ବ୍ରଜ ପ୍ରଧାନ, ଭୋଗରାଇ ର ଆଶିଷ ପାତ୍ର, ପର୍ଶୁ ପରିଡା, ବିଭୁପଦ ଦାଶ, ତାପସ ମହାନ୍ତି, ସୂର୍ଯ୍ୟକାନ୍ତ ବିଶ୍ୱାଳ, ଦେବାଶିଷ ଆଚାର୍ଯ୍ୟ, ସରସ୍ୱତୀ ନନ୍ଦ, ମନୋରଞ୍ଜନ ବେହେରା, ସବ୍ୟସାଚୀ ମହାପାତ୍ର, ଗୋପୀବଲ୍ଲଭ ରାଉତ, ପ୍ରକାଶ ମହାପାତ୍ର, ଚନ୍ଦ୍ରଶେଖର ନନ୍ଦ, ସମରଶଙ୍କର କାନୁନଗୋ, ମନୀନ୍ଦ୍ର ରାଉତ, ପ୍ରଫୁଲ୍ଲ ଦଳେଇ, ସମସ୍ତ ମଣ୍ଡଳ ସଭାପତି ସମେତ ବିଜେପିର ବହୁ ବରିଷ୍ଠ କାର୍ଯ୍ୟକର୍ତ୍ତା, ବହୁ ଅଧିକାରୀ, ସମାଜସେବୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ପ୍ରମୁଖ ଉପସ୍ଥିତ ରହି ସାଂସଦ ଶ୍ରୀ ଷଡଙ୍ଗୀଙ୍କ ଆଶିଷ କାମନା କରିଥିଲେ। ବାରିପଦା, ଉଦଳା, ବାଲେଶ୍ୱର, ଭଦ୍ରକ, ନୀଳଗିରି ରକ୍ତ ଭଣ୍ଡାରକୁ ଏହି ରକ୍ତ ସଂଗ୍ରହ କରି ନିଆଜାଇଥିବା ବେଳେ ଏହା ପ୍ରତ୍ୟେକ ଦିନ ରୋଗୀଙ୍କୁ ଆବଶ୍ୟକ ରକ୍ତର ଅଭାବକୁ ପୂରଣ କରିବା ବୋଲି ସାଂସଦ ଶ୍ରୀ ଷଡଙ୍ଗୀ ମତ ରଖିଥିଲେ।



# ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ଓଡ଼ିଆ ଫିଲ୍ମ




୫୬ତମ ଭାରତୀୟ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ (ଆଇଏଫ୍ଏଫ୍ଆଇ) ଆସନ୍ତା ୨୦ରୁ ୨୮ ତାରିଖ ପର୍ଯ୍ୟନ୍ତ ଗୋଆରେ ଅନୁଷ୍ଠିତ ହେବାକୁ ଯାଉଛି। ପ୍ରତିଥର ଭଳି ଚଳିତ ଥର ୩ ଓଡ଼ିଆ ଚଳଚ୍ଚିତ୍ର ଇଣ୍ଡିଆନ୍ ପାନୋରମାର ଫିଚର୍ ଓ ଅଣଫିଚର୍ ବର୍ଗରେ ପ୍ରଦର୍ଶନ ପାଇଁ ମନୋନୀତ ହୋଇଥିବା ବେଳେ ୩ ଓଡ଼ିଆ ନିର୍ମାତାଙ୍କ ଅନ୍ୟ ଭାଷାର ସିନେମା ମଧ୍ୟ ଏଥିରେ ପ୍ରଦର୍ଶନ ଲାଗି ମନୋନୀତ ହୋଇଛି। ଇଣ୍ଡିଆନ୍ ପାନୋରମା ଫିଚର୍ ଫିଲ୍ମ ବର୍ଗରେ ମନୋନୀତ ବିଭିନ୍ନ ଭାଷାର ୨୦ଟି ସିନେମା ମଧ୍ୟରେ ୧୭ ନମ୍ବରରେ ରହିଛି ଓଡ଼ିଆ ଚଳଚ୍ଚିତ୍ର 'ମାଳିପୁଟ ମେଲୋଡିଜ୍'। ଏହି ଚଳଚ୍ଚିତ୍ରର ପ୍ରଯୋଜନା 'କୌସ୍ତୁଭ ଡ୍ରିମ୍ୱାର୍କସ୍ ଷ୍ଟୁଡିଓଜ୍' କରିଥିବା ବେଳେ ବିଶାଳ ପଟ୍ଟନାୟକ ନିର୍ଦ୍ଦେଶନା ଦେଇଛନ୍ତି। ସେହିଭଳି ଏହି ବର୍ଗର ଶେଷ ସ୍ଥାନରେ ରହିଛି ରାଜସ୍ଥାନୀ ସିନେମା 'ୱିସ୍‌ପର୍ସ ଅଫ୍ ଦ ମାଉଣ୍ଟେନ୍ସ'। ଏହାର ପ୍ରଯୋଜନା ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଓଡ଼ିଶା ପ୍ରଯୋଜକ ଜିତେନ୍ଦ୍ର ମିଶ୍ର କରିଥିବା ବେଳେ 'ସିନେମା ଫର୍ ଗୁଡ୍' ବ୍ୟାନର୍‌ରେ ଏହା ନିର୍ମିତ ହୋଇଛି। ଜିଗର ନାଗଡ଼ା ଏହାର ନିର୍ଦ୍ଦେଶନା ଦେଇଛନ୍ତି। ସେହିଭଳି ଇଣ୍ଡିଆନ୍ ପାନୋରାମା ଅଣଫିଚର୍ ଫିଲ୍ମ ବର୍ଗରେ କାଦମ୍ବିନୀ ମିଡିଆ ପ୍ରାଇଭେଟ୍ ଲିମିଟେଡ୍ ପ୍ରଯୋଜିତ ଏବଂ ହିମାଂଶୁ ଶେଖର ଖଟୁଆଙ୍କ ନିର୍ଦ୍ଦେଶିତ ଓଡ଼ିଆ ସିନେମା 'ମହିମା ଅଲେଖ' ମନୋନୀତ ହୋଇଛି।

ଏତଦ୍‌ବ୍ୟତୀତ ଚଳଚ୍ଚିତ୍ର ମହୋତ୍ସବର ଗାଲା ପ୍ରିମିୟର୍ ଓ ରେଡ୍ କାର୍ପେଟ ବର୍ଗରେ ୩ଟି ସିନେମା ପ୍ରଦର୍ଶିତ ହେବ। ଯାହାର ସମ୍ପର୍କ ଓଡ଼ିଶା ଓ ଓଡ଼ିଆ ସିନେମା ସହ ରହିଛି। ଆସନ୍ତା ୨୨ ତାରିଖରେ 'ସ୍ୱାଇଂ ଷ୍ଟାର୍ସ'ର ଇଣ୍ଡିଆ ପ୍ରିମିୟର୍ ଓ 'ପାପା ବୁକା'ର ଏସିଆ ପ୍ରିମିୟର୍ ଅନୁଷ୍ଠିତ ହେବ। ଏଥିସହ 'ବିନ୍ଦୁସାଗର' ଚଳଚ୍ଚିତ୍ରର ୱାର୍ଲ୍ଡ ପ୍ରିମିୟର୍ ୨୫ ତାରିଖ ଦିନ ଅନୁଷ୍ଠିତ ହେବ। ସମସ୍ତ ପ୍ରିମିୟର୍ ଗୋଆର ଆଇନକ୍ସ ପଞ୍ଜିମ, ପୁରୁଣା ଜିଏମ୍‌ସି ବିଲ୍ଡିଂର ବିଭିନ୍ନ ଅଡିଟୋରିୟମ୍‌ରେ ଅନୁଷ୍ଠିତ ହେବ। ତେବେ ଇଂରାଜୀ ଓ ସିଂହଳୀ ଭାଷାରେ ପ୍ରସ୍ତୁତ ଫାଣ୍ଟାସି ଏବଂ ୧୨୦ ମିନିଟ୍ ଅବଧି ବିଶିଷ୍ଟ 'ସ୍ୱାଇଂ ଷ୍ଟାର୍ସ'ର ପ୍ରଯୋଜନା ଓଡ଼ିଆ ସିନେ ନିର୍ମାତା ନୀଳମାଧବ ପଣ୍ଡା କରିଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ବିମୁକ୍ତି ଜୟସୁନ୍ଦର। ସେହିଭଳି ଓଡ଼ିଆ ସିନେ ନିର୍ମାତା ଅକ୍ଷୟ ପରିଜା ଓ ସାଥୀଙ୍କ ଦ୍ୱାରା ପ୍ରଯୋଜିତ ଓ ବିଜୁ ଦାମୋଦରନ୍‌ଙ୍କ ଦ୍ୱାରା ନିର୍ଦ୍ଦେଶିତ ଇଂରାଜୀ ଓ ଅନ୍ୟ ଭାଷାରେ ନିର୍ମିତ ଚଳଚ୍ଚିତ୍ର 'ପାପା ବୁକା' ବି ସେହିଦିନ ପ୍ରଦର୍ଶିତ ହେବ।

ଅନ୍ୟପଟେ ଓଡ଼ିଆ ଚଳଚ୍ଚିତ୍ର 'ବିନ୍ଦୁସାଗର' 'ପ୍ଲାଟୋନ୍ ୱାନ୍ ଫିଲ୍ମସ୍' ବ୍ୟାନର୍‌ରେ ନିର୍ମିତ ହୋଇଥିବା ବେଳେ ଏହା ଏକ ୧୩୫ ମିନିଟ୍ ଅବଧିର ପାରିବାରିକ ଚଳଚ୍ଚିତ୍ର ଅଟେ। ଏହି ଚଳଚ୍ଚିତ୍ର ମହୋତ୍ସବର ଉଦ୍‌ଯାପନୀ ସମାରୋହରେ କିମ୍ବଦନ୍ତୀ ଅଭିନେତା ରଜନୀକାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯିବ। ଉତ୍ସବରେ ୮୧ଟି ଦେଶରୁ ୨୪୦ରୁ ଅଧିକ ଚଳଚ୍ଚିତ୍ର ପ୍ରଦର୍ଶିତ ହେବ ବୋଲି ଶୁକ୍ରବାର ନୂଆଦିଲ୍ଲୀରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଏଲ୍ ଗୁରୁଗନ୍ କହିଥିଲେ।

## ହଲିଉଡ୍‌ରେ ଶ୍ରଦ୍ଧା କପୁର



ବଲିଉଡ୍‌ରେ ବର୍ତ୍ତମାନ ପିଢ଼ିର ସବୁଠୁ ଧନୀ କଳାକାର ଭାବେ ଶୀର୍ଷରେ ଅଛନ୍ତି ଶ୍ରଦ୍ଧା କପୁର। ୨୦୨୪ରେ ସେ 'ସ୍ତ୍ରୀ-୨' ଜରିଆରେ କ୍ୟାରିଅର୍‌ର ସବୁଠୁ ହିଟ୍ ଫିଲ୍ମବକ୍ସ ଅଫିସ୍‌କୁ ଦେଇଥିଲେ। ଆଉ ବର୍ତ୍ତମାନ ଖୁବ୍‌ଶୀଘ୍ର ଏକ ହଲିଉଡ୍ ପ୍ରୋଜେକ୍ଟରେ କାମ କରିବେ ଶ୍ରଦ୍ଧା। ହଲିଉଡ୍‌ର ନ୍ୟୁମରୋ ଉନୋ ପ୍ରଡକ୍ସନ୍ ହାଉସ୍ ସହ ଆନିମେସନ୍-ଡିଜ୍‌ନୀରେ ସେ ଯୋଡ଼ି ହୋଇଛନ୍ତି। ଡିଜ୍‌ନୀର ଆନିମେଟେଡ୍ ଫିଲ୍ମ 'ଜୁଟୋପିୟା-୨'ରେ ଶ୍ରଦ୍ଧାଙ୍କ ସ୍ୱର ଶୁଣିବାକୁ ପାଇବେ ଦର୍ଶକ। ଫିଲ୍ମର ହିନ୍ଦୀ ସଂସ୍କରଣରେ ଆନିମେଟେଡ୍ ଚରିତ୍ର ଜୁଡି ହୋପ୍ସର ସେ ସ୍ୱର ହେବେ। ଫିଲ୍ମଟି ଆସନ୍ତା ୨୮ତାରିଖରେ ହିନ୍ଦୀ, ତାମିଲ,ତେଲୁଗୁ ଓ ଇଂରାଜୀ ଭାଷାରେ ଭାରତରେ ମୁକ୍ତିଲାଭ କରିବ। ଜୁଡି ଭାବେ କାମ କରିବା ଅତ୍ୟନ୍ତ ମଜାଦାର ବୋଲି ଶ୍ରଦ୍ଧା କହିଛନ୍ତି। ଆନିମେଟେଡ୍ ଚରିତ୍ରର ସ୍ୱର ହେବା ତାଙ୍କ ପାଇଁ ଏକ ଭିନ୍ନ ଅନୁଭବ। କାର୍ଯ୍ୟକ୍ରମରେ ଗଣମାଧ୍ୟମ ସମ୍ମୁଖରେ ଫିଲ୍ମର ଏକ ଝଲକ୍ ମଧ୍ୟ ପ୍ରଦର୍ଶିତ ହୋଇଥିଲା। ଏଥିରେ ଶ୍ରଦ୍ଧାଙ୍କ ସ୍ୱରରେ ଜୁଡି ହୋପ୍ସଙ୍କ ଭାବଭଙ୍ଗୀ ଓ ଏନର୍ଜି ଦେଖିବାକୁ ମିଳିଥିଲା। 'ଜୁଟୋପିୟା-୨'୨୦୧୬ର ହିଟ୍ ଆନିମେଟେଡ୍ ଫିଲ୍ମ 'ଜୁଟୋପିୟା'ର ସିକ୍ୱେଲ। ଆସନ୍ତା ୨୬ ତାରିଖରେ ଫିଲ୍ମଟି ମୁକ୍ତିଲାଭ କରିବ। ଏହାର ନିର୍ଦ୍ଦେଶନା ଦେଇଛନ୍ତି ଜାରେଡ୍ ବୁଶ୍ ଓ ବାଇରନ୍ ହାୱାର୍ଡ।

## ଏକାଠି ପରଦାରେ ଧମାଲ କରିବେ ସଲମାନ-ଅଭିଷେକ

ଅଭିନେତା ସଲମାନ ଖାନ ଏବଂ ଅଭିଷେକ ବଚ୍ଚନ ଗୋଟିଏ ଫିଲ୍ମରେ ଏକାଠି ଅଭିନୟ କରିବାକୁ ଯାଉଛନ୍ତି। ଏହା ଅନେକ ପ୍ରଶଂସକଙ୍କ ପାଇଁ ଆଶ୍ଚର୍ଯ୍ୟଜନକ ଖବର ହୋଇପାରେ, କିନ୍ତୁ ଏହା ସତ। ଆସନ୍ତା ବର୍ଷ ଏହି ଫିଲ୍ମ ମୁକ୍ତିଲାଭ କରିବାକୁ ସ୍ଥିର ହୋଇଛି। ରିତେଶ ଦେଶମୁଖ ତାଙ୍କ ଫିଲ୍ମର ନାଁ ଘୋଷଣା କରିଛନ୍ତି, ଯାହାର ନାମ ରାଜା ଶିବାଜୀ। ସେ ମୁଖ୍ୟ ଅଭିନେତା ଭାବରେ ଅଭିନୟ କରିବା ସହିତ ଏହି ଫିଲ୍ମର ନିର୍ଦ୍ଦେଶନା ମଧ୍ୟ ଦେବେ। ଅଭିନେତା ଛତ୍ରପତି ଶିବାଜୀ ମହାରାଜଙ୍କ ଭୂମିକାରେ ଅଭିନୟ କରୁଛନ୍ତି। ସଲମାନ ତାଙ୍କ ଅଙ୍ଗରକ୍ଷୀ ଭୂମିକାରେ ଅଭିନୟ କରିବେ। ସେ ଜୀବଜୀଙ୍କ ଭୂମିକାରେ ଅଭିନୟ କରୁଛନ୍ତି, କିନ୍ତୁ ଫିଲ୍ମଟିର କାହାଣୀ ବହୁତ ବଡ଼। 'ରାଜା ଶିବାଜୀ'ରେ ସଞ୍ଜୟ ଦତ୍ତ, ଅଭିଷେକ ବଚ୍ଚନ, ଭାଗ୍ୟଶ୍ରୀ ଏବଂ ଫରଦୀନ ଖାନ ମଧ୍ୟ ତାଙ୍କ ଦଳର ଅଂଶ। ସଞ୍ଜୟ ଦତ୍ତ ଫିଲ୍ମରେ ଅଫଜଲ ଖାନ ଭୂମିକାରେ ଅଭିନୟ କରୁଛନ୍ତି, ତେଣୁ ଜୀବା ମହଲା (ସଲମାନ) ତାଙ୍କ ସହିତ ସିଧାସଳଖ ମୁହାଁମୁହିଁ ହେବେ। ସେ ଛତ୍ରପତି ଶିବାଜୀ ମହାରାଜଙ୍କ ଜଣେ ବିଶ୍ୱସ୍ତ ସହାୟକ ଥିଲେ, ଯିଏ ଅଫଜଲ ଖାନଙ୍କ ସାମ୍ନା କରିବା ସମୟରେ ତାଙ୍କ ଜୀବନ ମଧ୍ୟ ରକ୍ଷା କରିଥିଲେ। ଅଭିଷେକ ମଧ୍ୟ ଫିଲ୍ମରେ ଅଛନ୍ତି। ସଲମାନ ଏବଂ ଅଭିଷେକଙ୍କ ଏକାଠି ନଜର ଆସିବା ପ୍ରଶଂସକମାନଙ୍କ ପାଇଁ ମୁଖ୍ୟ ଆକର୍ଷଣ ହେବ। ଫିଲ୍ମଟି ବର୍ତ୍ତମାନ ଶୁଟିଂ ଚାଲିଛି। ସଲମାନ ଖାନ ବର୍ତ୍ତମାନ ଆଗାମୀ ବର୍ଷ ପାଇଁ ତାଙ୍କର ବଡ଼ ଫିଲ୍ମ 'ବ୍ୟାଟଲ ଅଫ ଗଲୱାନ' ଉପରେ ଧ୍ୟାନ ଦେଉଛନ୍ତି। ଫିଲ୍ମର କାମ ଖୁବ ଶୀଘ୍ର ମୁମ୍ବାଇରେ ଶେଷ ହେବ।



## ଏଥର ନାୟକ ପାଇଁ ପ୍ରସ୍ତୁତ

ଯାତ୍ରା ଜଗତର ଜଣାଶୁଣା ଅଭିନେତା ପୀୟୂଷ ତ୍ରିପାଠୀ ପରଦାରେ କେବେ ନାୟକ ତ ପୁଣି କେବେ ଖଳନାୟକ ଭୂମିକାରେ ନଜର ଆସି ଦର୍ଶକଙ୍କ ମନୋରଞ୍ଜନ କରୁଛନ୍ତି। ନିକଟରେ ତାଙ୍କ ଅଭିନୀତ ଓଡ଼ିଆ ଛବି 'ଶମ୍ଭୁ' ମୁକ୍ତିଲାଭ କରିଛି। ଏଥିରେ ତାଙ୍କୁ ଖଳନାୟକ ଭୂମିକାରେ ଦେଖିବାକୁ ମିଳିଛି। ଏକ ନୂଆ ସିନେମାରେ ନାୟକ ଭାବେ ଅବତୀର୍ଣ୍ଣ ହେବାକୁ ପୀୟୂଷ ପ୍ରସ୍ତୁତ ହେଉଛନ୍ତି। ୨୦୧୦ ମସିହାରେ ପ୍ରଥମେ ବାସୁଦେବ ତ୍ରିପାଠୀଙ୍କ ପ୍ରଯୋଜିତ ତଥା ରଣଜିତ ବାରିକଙ୍କ ନିର୍ଦ୍ଦେଶିତ ସିନେମା 'ଘାଇଲା ବାଘ'ରେ ନାୟକ ଭୂମିକାରେ ଅଭିନୟ କରି ଓଲିଉଡ୍‌ରେ ପଦାର୍ପଣ କରିଥିଲେ ପୀୟୂଷ। ହେଲେ ସେହି ସିନେମାଟି ପରଦାକୁ ଆସିଲାନାହିଁ। ତା'ପରେ ସେ ଲୋକପ୍ରିୟ ମେଗା ଧାରାବାହିକ 'ରାଜକନ୍ୟା'ରେ ବନିଥିଲେ ନାୟକ। ଏହାପରେ କିନ୍ତୁ ପୀୟୂଷ ହିମାଂଶୁ ପରିଜାଙ୍କ ନିର୍ଦ୍ଦେଶିତ 'ଲଭ୍ ୟୁ ହମେଶା'ରେ ଖଳନାୟକ ଭାବେ ନଜର ଆସିଥିଲେ। ତା'ପରେ ଫିଲ୍ମ ମୋହ ଛାଡ଼ି ସେ ଯଲିଉଡ୍‌ରେ ଏଣ୍ଟ୍ରି ନେଇଥିଲେ। ତେଣେ ବାବୁସାନ୍‌ଙ୍କ ଅଭିନୀତ 'ବିଦ୍ୟାରାଣୀ'ରେ ବି ପୀୟୂଷ ଖଳନାୟକ ଭୂମିକା ତୁଲାଇଥିଲେ। ଏଥିରେ ଅଭିନୟକୁ ନେଇ ବେଶ୍ ଚର୍ଚ୍ଚାରେ ଥିଲେ ସେ।



## 'ରାମରାଜ୍ୟ'ରେ ଦେଖାଦେବେ ରାଣୀ ପଣ୍ଡା



କୁମାର ପ୍ରୀତମ୍ ସାହୁଙ୍କ ପ୍ରଯୋଜିତ ତଥା ସୁଧାଂଶୁମୋହନ ସାହୁଙ୍କ ନିର୍ଦ୍ଦେଶିତ ଓଡ଼ିଆ-ହିନ୍ଦୀ ଛବି 'ରାମରାଜ୍ୟ'ରେ ଯାତ୍ରା ଜଗତର ଚର୍ଚ୍ଚିତ କଳାକାର ରାଣୀ ପଣ୍ଡାଙ୍କୁ ଏକ ପ୍ରମୁଖ ଚରିତ୍ରରେ ଦେଖିବାକୁ ମିଳିବ। ଏଥିରେ ସେ ଜଣେ ପୂର୍ବତନ କାଉନ୍‌ସିଲର୍ ଭୂମିକାରେ ଅଭିନୟ କରିଛନ୍ତି। କାଉନ୍‌ସିଲର୍ ରାଣୀ ପୌର ନିର୍ବାଚନରେ ପରାଜୟ ବରଣ କରିବା ପରେ ବି ବସ୍ତିରେ ରହୁଛନ୍ତି ଓ ଲୋକଙ୍କ କଥା ବୁଝୁଛନ୍ତି। 'ରାମରାଜ୍ୟ'ର କାହାଣୀରେ ରାଣୀଙ୍କ ଭୂମିକାଟି ବେଶ୍ ଦମ୍‌ଦାର୍। ଏଥିରେ ତାଙ୍କର ନାୟକ ପ୍ରେମ ପରିଜା, ନାୟିକା ପୁନମ୍ ମିଶ୍ରଙ୍କ ସହ ବେଶ୍ କେତୋଟି ଦୃଶ୍ୟ ରହିଛି।

ଆଗରୁ ରାଣୀ ପଣ୍ଡା ବିଜୟ କାନ୍ଦୋଇଙ୍କ ପ୍ରଯୋଜିତ ତଥା ବବି ଇସ୍‌ଲାମ୍‌ଙ୍କ ନିର୍ଦ୍ଦେଶିତ 'ବବି ଆଉ ବେବି'ରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଥିଲେ। ଏଥିରେ ତାଙ୍କ ସହ ଅଙ୍କିତ କୁମାର, ହିରଣ୍ମୟୀ ଓ ଶିଶୁ କଳାକାର ମାଙ୍କେ ଅଭିନୟ କରିଥିଲେ। ଏହି ସିନେମାର କାମ ଢେର୍ ଦିନ ହେଲା ସରିଥିଲେ ବି ତାହା ଏଯାଏ ମୁକ୍ତିଲାଭ କରିନାହିଁ। ତେବେ 'ରାମରାଜ୍ୟ' ତାଙ୍କୁ ଏକ ନୂଆ ପରିଚୟ ଦେବ ବୋଲି ରାଣୀ ଆଶାବାଦୀ।

## ରଙ୍ଗୀଲାରେ ପୁଣି ନଜର ଆସିବେ ଆମିର-ଉର୍ମିଳା

ପ୍ରଶଂସକମାନେ ସୁପରଷ୍ଟାର ଆମିର ଖାନଙ୍କ ଫିଲ୍ମକୁ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି। ଏବେ ପୁରୁଣା ଫିଲ୍ମର ପୁଣି ରିଲିଜ୍ ହେବା ଧାରା ଆରମ୍ଭ ହୋଇଛି। ଆମିରଙ୍କ ଏକ ପୁରୁଣା ଫିଲ୍ମ ସିନେମା ହଲକୁ ଆସିବାକୁ ପ୍ରସ୍ତୁତ ହେଉଛି। ଆମିର ଏବଂ ଉର୍ମିଳା ମାତୋଣ୍ଡକର ପୁଣି ଥରେ ବଡ଼ ପରଦାରେ ଏକାଠି ନଜର ଆସିବେ। ସେମାନଙ୍କର ଏକ ପୁରୁଣା ଫିଲ୍ମ ପୁଣିଥରେ ସିନେମା ହଲକୁ ଆସିବ।

ଏହି ଫିଲ୍ମ ହେଉଛି ରଙ୍ଗୀଲା। ୩୦ ବର୍ଷ ତଳର ୧୯୯୫ ମସିହାର ଏହି ଲୋକପ୍ରିୟ ରୋମାଣ୍ଟିକ ଡ୍ରାମା ନଭେମ୍ବର ୨୮ ତାରିଖରେ ଏକ ନୂତନ ୪-କେ ଏଚଡି ଫର୍ମାଟରେ ବଡ଼ ପରଦାକୁ ଫେରିବାକୁ ଯାଉଛି। ଏହା ଦର୍ଶକଙ୍କୁ ଏକ ସମ୍ପୂର୍ଣ୍ଣ ନୂତନ ଅଭିଜ୍ଞତା ପ୍ରଦାନ କରିବାର ଆଶା ରହିଛି। ଏହି ରୋମାଞ୍ଚକର ରି-ରିଲିଜ୍ ଅଲ୍ଟ୍ରା ମିଡିଆର ଅଲ୍ଟ୍ରା ରିୱାଇଣ୍ଡ ପଦକ୍ଷେପ ଦ୍ୱାରା କରାଯାଉଛି। ଯାହାର ଲକ୍ଷ୍ୟ ଉନ୍ନତ ବୈଷୟିକ ଗୁଣବତ୍ତା ସହିତ କ୍ଲାସିକ୍ ଫିଲ୍ମଗୁଡ଼ିକୁ ଥିଏଟରକୁ ଫେରାଇ ଆଣିବା। ରି-ରିଲିଜ୍ ସଂସ୍କରଣଟି ଭିଜୁଆଲ୍ ଏବଂ ଶବ୍ଦ ଡିଜାଇନରେ ଗୁରୁତ୍ୱପୂର୍ଣ୍ଣ ଅଭିଜ୍ଞତା ଦର୍ଶକଙ୍କୁ ପ୍ରଦାନ କରିବ।

ଆଧୁନିକ ସିନେମା ପରଦାରେ ପ୍ରତ୍ୟେକ ଫ୍ରେମ୍ ଆକର୍ଷଣୀୟ ଦେଖାଯିବା ପାଇଁ ଅଲ୍ଟ୍ରା ମିଡିଆ ପୁନରୁଦ୍ଧାର ପ୍ରକ୍ରିୟାରେ ବହୁତ ପରିଶ୍ରମ କରିଛି। ଅଲ୍ଟ୍ରା ମିଡିଆର ସିଇଓ ସୁଶୀଲ କୁମାର ଅଗ୍ରୱାଲ ରଙ୍ଗୀଲାକୁ ବଲିଉଡର ସୁବର୍ଣ୍ଣ ଯୁଗର ଏକ ସ୍ମରଣୀୟ ଯାତ୍ରା ଭାବରେ ବର୍ଣ୍ଣନା କରିଛନ୍ତି। ଏହି ଚଳଚ୍ଚିତ୍ରଟି ସ୍ୱପ୍ନ, ମହତ୍ୱାକାଂକ୍ଷା ଏବଂ ଅନୁପଯୁକ୍ତ ପ୍ରେମର କାହାଣୀ କହେ, ଯାହା ହିନ୍ଦୀ ଚଳଚ୍ଚିତ୍ର ଶିଳ୍ପର ପୃଷ୍ଠଭୂମିରେ ଅବସ୍ଥିତ।

ଆମିର ଖାନ, ଉର୍ମିଳା ମାତୋଣ୍ଡକର ଏବଂ ଜ୍ୟାକି ଶ୍ରଫ୍ ସେମାନଙ୍କ କ୍ୟାରିଅରର କିଛି ସ୍ମରଣୀୟ ପ୍ରଦର୍ଶନ ଫିଲ୍ମରେ କରିଛନ୍ତି। ଫିଲ୍ମଟି ଏପର୍ଯ୍ୟନ୍ତ ଦର୍ଶକଙ୍କ ସ୍ମୃତିରେ ସତେଜ ଅଛି। ଏହି ଚଳଚ୍ଚିତ୍ରଟି ରାମ ଗୋପାଳ ବର୍ମାଙ୍କ ଦ୍ୱାରା ନିର୍ଦ୍ଦେଶିତ ହୋଇଥିଲା ଏବଂ ଏହାକୁ ତାଙ୍କର ସର୍ବୋତ୍ତମ ଚଳଚ୍ଚିତ୍ର ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ।



# ଏନଏସି, ଡାକ୍ତର ନିଯୁକ୍ତି ଏବଂ ସୁବର୍ଣ୍ଣରେଖା ସଂସ୍କାର ଯୋଜନା କାର୍ଯ୍ୟକାରୀ ଦାବିରେ ପଦଯାତ୍ରା



**ବାଲିଆପାଳ,୧୦।୧୧ (ସଂଚାର ବ୍ୟୁରୋ):** ବାଲିଆପାଳ ଏନଏସିରୁ ବାଦ ପଡ଼ିବା, ସୁବର୍ଣ୍ଣରେଖା ନଦୀରେ ଆସୁଥିବା ପ୍ରଳୟଙ୍କରୀ ବନ୍ୟାରୁ ବାଲିଆପାଳ ବ୍ଲକର ୧୦ଟି ପଞ୍ଚାୟତର ୬୦ ହଜାର ଲୋକଙ୍କ ଜୀବନ ଜୀବିକାକୁ ରକ୍ଷା କରିବା ପାଇଁ ଯଥାଶୀଘ୍ର ସୁବର୍ଣ୍ଣରେଖା ସଂସ୍କାର ଯୋଜନା କାର୍ଯ୍ୟକାରୀ କରିବା ଏବଂ ବାଲିଆପାଳରେ ଥିବା ଦୁଇଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବାଲିଆପାଳ ଓ ପ୍ରତାପପୁରରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ପ୍ରଭୃତି ପ୍ରମୁଖ ଦାବି ନେଇ ବାଲିଆପାଳ ବ୍ଲକ ଯୁବ କଂଗ୍ରେସ ଡାକରାରେ ଏକ ବିଶାଳ ପଦଯାତ୍ରା ଆରମ୍ଭ ହୋଇଛି। କଂଗ୍ରେସ ନେତା ବିଜନ ନାୟକଙ୍କ ନେତୃତ୍ୱରେ ଆଜି ସକାଳେ ବାଲିଆପାଳ ପୁରୁଣା ବସଷ୍ଟାଣ୍ଡ ନିକଟରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରାକୁ ବାଲିଆପାଳ ବ୍ଲକ କଂଗ୍ରେସର ବରିଷ୍ଠ ନେତା ମୁରଲୀ ମୋହନ ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷା ରଞ୍ଜିତା ନାୟକ, ମଧୁସୂଦନ ବାରିକ, ଜଗନ୍ନାଥ ବିଶ୍ୱାଳ, ଅରୁଣ ଜେନା, ନରହରି ଜେନା, ଯୁବ କଂଗ୍ରେସ ଜିଲ୍ଲା ସଭାପତି ରଞ୍ଜନ ଦାସ, ଜିଲ୍ଲା ପରିଷଦ ସଦସ୍ୟ ବାବାଜୀ ଦେହୁରୀ ପ୍ରମୁଖ ନେତୃବୃନ୍ଦ ନଡ଼ିଆ ବାଡ଼େଇ ଓ ପତକା ହଲାଇ ଶୁଭାରମ୍ଭ କରିଥିଲେ। ପଦଯାତ୍ରା ଆରମ୍ଭ ସମୟରେ ପ୍ରଥମେ ବସଷ୍ଟାଣ୍ଡ ନିକଟରେ ଥିବା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ପଦଯାତ୍ରା ଆରମ୍ଭ କରାଯାଇଥିଲା। ପଦଯାତ୍ରାରେ ଯାଇଥିବା ଯୁବ କଂଗ୍ରେସର କର୍ମୀମାନେ ଆଜି ସଂଧ୍ୟାରେ ସଦର ବ୍ଲକ ହଳଦିପଦା ଠାରେ ରାତ୍ରୀ ଯାପନ କରି ଆସନ୍ତା କାଲି ମଙ୍ଗଳବାର ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେବେ ବୋଲି ଜଣାପଡ଼ିଛି।

# ନଦୀ ଗର୍ଭକୁ ଚାଲିଯିବ କି ରିଙ୍ଗ୍ ରୋଡ଼

## ଗୋପ ଗ୍ରାମ ବେଆଇନ୍ ବାଲି ଖାଦାନର ଭୂସ୍ୱର୍ଗ ପାଲଟିଛି



**ବାଲିଆପାଳ,୧୦।୧୧ (ସଂଚାର ବ୍ୟୁରୋ):** ଜଳେଶ୍ୱର ଅଞ୍ଚଳର ଓଲମରାର ରାଜନଗର ଠାରୁ ବାଲିଆପାଳ ପର୍ଯ୍ୟନ୍ତ ସୁବର୍ଣ୍ଣରେଖା ନଦୀ ବୋହି ଯାଇଛି। ସାଧାରଣତଃ ନଦୀ କୂଳ ଉର୍ବର ମାଟି ହୋଇ ଥିବାରୁ ନଦୀକୂଳରେ ଚାଷୀକୂଳ ବସବାସ କରିଥାନ୍ତି ଓ ପନିପରିବା ଚାଷ କରି ପରିବାର ପ୍ରତି ପୋଷଣ କରିଥାନ୍ତି। ବାରମ୍ବାର ବନ୍ୟା ଓ ବେଆଇନ ବାଲି ଉତ୍ତୋଳନ ଯୋଗୁଁ ଆଜି ନଦୀର ଗତି ପଥ ବଦଳାଇ ଗାଁ ଗୁଡିକ ନଦୀ ଗର୍ଭକୁ ଯିବାକୁ ବସିଲାଣି। ନଦୀ କୂଳରେ ଅବସ୍ଥିତ ଗାଁର ସୁରକ୍ଷାକୁ ଦୃଷ୍ଟିରେ ରଖି ସରକାର ନଦୀ ବନ୍ଧ ସାଙ୍ଗକୁ ରିଙ୍ଗ ରୋଡ ପ୍ରସ୍ତୁତି କରିଛନ୍ତି କିନ୍ତୁ ତାହା ଏବେ ବିପଦରେ। ଜଳେଶ୍ୱର ଗୋପ ଠାରୁ ଆରମ୍ଭ କରି ପିର ପର୍ଯ୍ୟନ୍ତ ୭ ଗୋଟି ବେଆଇନ୍ ବାଲି ଖାଦାନ ପାଇଁ ରିଙ୍ଗ ରୋଡକୁ କାଟି ହଜାର ହଜାର ସଂଖ୍ୟାରେ ବେଆଇନ୍ ବାଲି ଟ୍ରାକ୍ଟର ଯିବା ଆସିବା ଦ୍ୱାରା ରିଙ୍ଗ ରୋଡ ଏବେ ବିପଦରେ।

ସବୁଠାରୁ ବଡ଼ କଥା ଥାନାର ମାତ୍ର ଅଳ୍ପ ମିଟର ଦୂରରେ ଚାଲିଛି ବାଲି ଉତ୍ତୋଳନ। ଆଉ ଏହି ବାଲିକୁ ଜଳେଶ୍ୱରର ବିଭିନ୍ନ ସ୍ଥାନରେ ଗଚ୍ଛିତ କରି ରାତି ହେଲେ ବଡ଼ ବଡ଼ ଡମ୍ଫର ଯୋଗେ ଯାଉଛି ପଡ଼ୋଶି ପଶ୍ଚିମବଙ୍ଗ। ନିଦାବିଷ୍ଟୁ ସାଜିଛନ୍ତି ଜଳେଶ୍ୱର ପ୍ରଶାସନ। ଏ ନେଇ ଗୋପବାସୀ ବାରମ୍ବାର ଖଣି ଅଧିକାରୀଙ୍କ ଠାରୁ ଆରମ୍ଭ କରି ଜଳେଶ୍ୱର ତହସିଲ, ଥାନା, ଏସଡିପିଓ, ଓ ଜଳ ସମ୍ପଦ ବିଭାଗ ଜଣାଇ ଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଯାହା ଫଳରେ ଆଗାମୀ ଦିନରେ ଯଦି ପ୍ରଶାସନ ପକ୍ଷରୁ ବେଆଇନ ବାଲି ଉତ୍ତୋଳନ ରୋକିବା ସହିତ ରିଙ୍ଗ ରୋଡ ସୁରକ୍ଷା ପାଇଁ କୌଣସି ପଦକ୍ଷେପ ଗ୍ରହଣ ନ କରନ୍ତି ରାସ୍ତା ଅବରୋଧ କରିବାର ଚେତାବନୀ ଦେଇଛନ୍ତି । ଏ ନେଇ ଆମେ ଜଳ ସମ୍ପଦର ବିଭାଗର ନିର୍ବାହୀ ଯନ୍ତ୍ରୀ ପ୍ରିୟବ୍ରତ ସିଂଙ୍କୁ ପଚାରିବାରୁ ସେ କହିଥିଲେ ଆମେ ଏ ନେଇ ଜଳ ସମ୍ପଦ ବିଭାଗର ଅଧିକ୍ଷଣ ଯନ୍ତ୍ରୀଙ୍କୁ ଅବଗତି କରାଇଛି କହି ଏଡାଇ ଯାଇଥିଲେ।

## ବାଲିଆପାଳ ବ୍ଲକ ଗାଁ ସାଥୀ ସଂଘର ସମାବେଶ

**ବାଲିଆପାଳ,୧୦।୧୧ (ସଂଚାର ବ୍ୟୁରୋ):** ବାଲିଆପାଳ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ରବିବାର ଅପରାହ୍ନ ୫ ଟା ସମୟ ରେ ପୂର୍ତ୍ତବିଭାଗ ଡାକବଙ୍ଗଳା ପରିସରରେ ବାଲିଆପାଳ ବ୍ଲକ ଗାଁ ସାଥୀ ସଂଘ ପକ୍ଷରୁ ଗାଁ ସାଥୀ ମାନଙ୍କର ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି।ବାଲିଆପାଳ ଗାଁ ସାଥି ସଂଘର ସଭାପତି କ୍ଷିତିଶ କୁମାର ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ଗାଁ ସାଥି ସମାବେଶରେ ବାଲିଆପାଳ ବ୍ଲକର ସମସ୍ତ ଗାଁ ସାଥୀମାନେ ଯୋଗଦେଇଥିଲେ।ସାତ ଦଫା ଦାବୀ ନେଇ ସଂଘ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରିବ ବୋଲି ସଂଘର ନେତୃ ମଣ୍ଡଳୀ ନିଜ ନିଜ ବକ୍ତବ୍ୟ ରେ କହିଥିଲେ।ଦାବୀ ମଧ୍ୟରେ ଗାଁ ସାଥୀ ମାନଙ୍କର ୨/୩ ବର୍ଷର ବାକି ଥିବା ପ୍ରାପ୍ୟ ତୁରନ୍ତ ପ୍ରଦାନ।ଏମଜିଏନଆରଇଜିଏସ କାର୍ଯ୍ୟରେ ଗାଁ ସାଥୀ ଙ୍କୁ ନିଯୋଜନ କରାଯାଉ।ଇକ୍ୱୋଇଡିସ ରେ ଗାଁ ସାଥୀଙ୍କୁ ସାମିଲ କରାଯାଉ।ପଞ୍ଚାୟତ ମାନଙ୍କରେ ହେଉଥିବାଏମଜିଏନଆରଇଜିଏସ କାର୍ଯ୍ୟ ରେ ଗାଁ ସାଥୀଙ୍କୁ ସାମିଲ କରାଯାଉ।ବିଭିନ୍ନ ସମୟରେ ବ୍ଲକରେ ଗାଁ ସାଥୀଙ୍କୁ ତାଲିମ ପ୍ରଦାନ କରାଯାଉ। ଗାଁ ସାଥିମାନଙ୍କୁ ବିଭିନ୍ନ ଗ୍ରାମ ବିକାଶ କାର୍ଯ୍ୟକ୍ରମରେ ସାମିଲ କରାଯାଉ ଇତ୍ୟାଦି ଦାବି ରହିଛି।

# ସପ୍ତଶକ୍ତି ସଙ୍ଗମ କାର୍ଯ୍ୟକ୍ରମ



**ବୋରିଗୁମ୍ମା,୧୦।୧୧ (ସଂଚାର ବ୍ୟୁରୋ):** ଦୁଇଦିନ ଧରି ସରସ୍ୱତୀ ଶିଶୁ ମନ୍ଦିର ପ୍ରଜ୍ଞାବିହର, ବୋରିଗୁମ୍ମାରେ ସପ୍ତଶକ୍ତି ସଙ୍ଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନାଚାର୍ଯ୍ୟା ଶ୍ରୀମତୀ ମମତା ମହାପାତ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଓ ପରିଚାଳନା ସମିତି ସଭାପତି ଶ୍ରୀମତୀ ବନ୍ଦନା ବିଶ୍ୱାଳ ଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା । ଦୁଇଦିନ ଧରି ହୋଇଥିବା ଏହି କାର୍ଯ୍ୟକ୍ରମରେ ପ୍ରଥମଦିନ ମୁଖ୍ୟ ଅତିଥି ଭାବେ ବୋରିଗୁମ୍ମା CDPO ଶ୍ରୀମତୀ ସୁମିତା ତ୍ରିପାଠୀ ଓ ଦ୍ୱିତୀୟ ଦିନ ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ରାଜଶ୍ରୀ ଦାସ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବୋରିଗୁମ୍ମା ଅଞ୍ଚଳର ଦୁଇଜଣ ବିଶିଷ୍ଟ ମାଆ ଶ୍ରୀମତୀ ସରସ୍ୱତୀ ହୋତା ଓ ଶ୍ରୀମତୀ ଗୀତାଞ୍ଜଳୀ ମିଶ୍ର ଙ୍କୁସମ୍ମାନୀତ ଅତିଥି ଭାବେ ନିମନ୍ତ୍ରିତ କରି ସମ୍ବର୍ଦ୍ଧନା ଦିଆଯାଇଥିଲା। ମାତୃଭାରତୀର ସଦସ୍ୟା ଓ ଗୁରୁମାମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ । ଭାରତର ବିକାଶରେ ମହିଳାଙ୍କ ଭୂମିକା, ପାର୍ଯ୍ୟାବରଣ ଓ କୁଟୁମ୍ବ ପ୍ରବୋଧନ ସମ୍ପର୍କରେ ଆଲୋଚନା ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମାଆମାନେ ପ୍ରେରଣାଦାୟୀ ମହିୟସୀ ମହିଳାଙ୍କ ବାର୍ତ୍ତା ଉପସ୍ଥାପନା କରିଥିଲେ । ମାଆ ମାନଙ୍କ ପାଇଁ ଏକ କୁଇଜ୍ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଶେଷରେ ମାଆମାନେ କାର୍ଯ୍ୟକ୍ରମକୁ ନେଇ ଅନୁଭୂତି ରଖିଥିଲେ । ମୋଟ ୫୦୨ ଜଣ ମାଆ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ସମସ୍ତ ଗୁରୁଜୀ ଗୁରୁମାଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା।

### ଦଶପଲ୍ଲାରେ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର

# ବଢୁଛି ବ୍ୟକ୍ତିଗତ ଅଭିଯୋଗ ସଂଖ୍ୟା



**ନୟାଗଡ଼,୧୦।୧୧ (ସଂଚାର ବ୍ୟୁରୋ):** ନୟାଗଡ ନୟାଗଡ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଆଜି ଦଶପଲ୍ଲା ବ୍ଲକରେ ଅନୁଷ୍ଠିତ ହୋଇଯାଇଛି। ଦଶପଲ୍ଲା ବ୍ଲକ୍ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ୭୭ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ଜଣାପଡ଼ିଛି। ୭୭ଟି ଅଭିଯୋଗରୁ ଗ୍ରାମ୍ୟ ସମସ୍ୟା ନେଇ ୯ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ସହାୟତା ପାଇବା ପାଇଁ ୨ଟି ଅଭିଯୋଗ ଆସିଥିଲା।

ତେବେ ଉଭୟ ବ୍ଲକ୍ ଓ ବିଜ୍ଞାପିତ ଅଞ୍ଚଳ ପରିଷଦରୁ ଜନସାଧାରଣଙ୍କ ବ୍ୟକ୍ତିଗତ ସମସ୍ୟାର ସମାଧାନ ପାଇଁ ସର୍ବାଧିକ ୬୬ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ତେବେ ଏହି ସମସ୍ତ ଅଭିଯୋଗରୁ ମାତ୍ର ୧୮ ଅଭିଯୋଗର ସମସ୍ୟା ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ତତ୍ କ୍ଷଣାତ ସମାଧାନ କରାଯାଇଥିବା ନେଇ ଜିଲ୍ଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି । ଆଜିର ଏହି ଜନ ଅଭିଯୋଗ ଶିବିରରେ ଜିଲ୍ଲାପାଳଙ୍କ ସହ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏସ ସୁଶ୍ରୀ, ଉପ ଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସୁଶାନ୍ତ କୁମାର ଦାସ, ଦଶପଲ୍ଲା ବ୍ଲକ୍ ଅଧକ୍ଷା ସୁନନ୍ଦା ସାହୁ, ଦଶପଲ୍ଲା ବିଡ଼ିଓଙ୍କ ସହ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ଶୀତଳଭଣ୍ଡାରର ଆବଶ୍ୟକତାକୁ ସରକାରଙ୍କ ଅଣଦେଖା



**ବୈଶିଙ୍ଗା,୧୦।୧୧ (ସଂଚାର ବ୍ୟୁରୋ):** ବିକାଶ ବିକାଶ ବିକାଶ ଚାରିଆଡେ ଚାଲିଛି ବିକାଶର ନାରା ,ମାତ୍ର ଚାଷୀ, ଚାଷ ଓ କୃଷି ଉତ୍ପାଦିତ ସାମଗ୍ରୀର ବିକ୍ରୀ କରିବା ପାଇଁ ବଜାର ସୃଷ୍ଟି କରିବା ଏବଂ କୃଷି ଉତ୍ପାଦିତ ସାମଗ୍ରୀର ସଂରକ୍ଷଣ ପାଇଁ ଉଦ୍ଦିଷ୍ଟ ଶୀତଳ ଭଣ୍ଡାର ସରକାର ନିର୍ମାଣ ନ କରାଇବା ଚାଷୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି । କାଳିଆ, ବଳିଆ ଯୋଜନା ସହିତ ଟଙ୍କିକିଆ ଚାଉଳ ପାଇଁ କୃଷି ଶ୍ରମିକ ମାନେ କ୍ଷେତରେ ଶ୍ରମ କରିବା ପରିବର୍ତ୍ତେ ବୁଲି ବୁଲି ସମୟକୁ ବିତାଇ ଦେଉଛନ୍ତି। ଏଥିପାଇଁ କୃଷି ଉତ୍ପାଦନ କମୁଛି, ମାତ୍ର ଜନସଂଖ୍ୟା ବଢି ବଢି ଚାଲୁଛି। ଋତୁ ଉପଯୋଗୀ ହେଉଥିବା ପନିପରିବା ଚାଷରୁ ଉତ୍ପାଦିତ ସାମଗ୍ରୀ ସାଇତି ରଖିବା ପାଇଁ ଶୀତଳ ଭଣ୍ଡାର ଆବଶ୍ୟକତାକୁ ଗୁରୁତ୍ୱ ଦେବାକୁ ଦାବି ହେଉଛି।

ଦରଦାମ ବୃଦ୍ଧିକୁ ନେଇ ଉପୁଜିଥିବା ସମସ୍ୟାକୁ ନେଇ ସାଧାରଣ ଓ ମଧ୍ୟବିତ୍ତ ପରିବାର ଏବେ ଜର୍ଜରିତ। ମୂଖ୍ୟତଃ ବାଇଗଣ, ବିଲାତି, ଭେଣ୍ଡି, ଜହ୍ନି ଆଦି ପରିବା ଚଢା ଦାମରେ ବିକ୍ରି ହେଉଛି । ବୈଶିଙ୍ଗା ଠାରେ ଶୀତଳ ଭଣ୍ଡାର ନିର୍ମାଣ ହୋଇଥିଲେ ବୁଢାବଳଙ୍ଗ, ଗଙ୍ଗାହାର ଅବବାହିକାରୁ ଉତ୍ପାଦିତ ହେଉଥିବା ପନିପରିବା ଜିଲ୍ଲା ଏବଂ ଜିଲ୍ଲା ବାହାରକୁ ଯୋଗାଇବା ପରେ ମଧ୍ୟ ବଳକା ପନି ପରିବା ସାଇତା ଯାଇ ପାରନ୍ତା । ମାତ୍ର ଶୀତଳ ଭଣ୍ଡାର ଅଭାବରୁ ବଳକା ପନିପରିବା ପଚି ସଢି ନଷ୍ଟ ହୋଇଯାଉଛି। ଏଥି ପାଇଁ ଚାଷୀ ମାନଙ୍କୁ ଲକ୍ଷ ଲକ୍ଷ ଟଙ୍କା କ୍ଷତି ସହିବାକୁ ପଡୁଛି। ଯାହା ଫଳରେ ଚାଷୀ ଚାଷ କରିବା ପାଇଁ ଆଗ୍ରହ ପ୍ରକାଶ କରୁନାହାଁନ୍ତି। ବିଭିନ୍ନ ଯୋଜନାରେ ସରକାର କୋଟି କୋଟି ଟଙ୍କା ବିକଶିତ ଗାଁ ବିକଶିତ ଓଡ଼ିଶା ମାଧ୍ୟମରେ ଖର୍ଚ୍ଚ କରୁଛନ୍ତି । ଏହି ଶୀତଳ ଭଣ୍ଡାରକୁ ଯଦି ଏହିଭଳି ବିକାଶ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଏଥି ପ୍ରତି ଧ୍ୟାନ ଦିଆ ଯାଇ ପାରନ୍ତା ତେବେ ଚାଷୀ କୂଳ ଉପକୃତ ହୋଇ ପାରନ୍ତେ ।

# ସୁରଭି କୃତୀ ବିଦ୍ୟାର୍ଥୀଙ୍କୁ ସାଧନ କେନ୍ଦ୍ରସ୍ତରୀୟ ସମ୍ବର୍ଦ୍ଧନା



**କଣାସ,୧୦।୧୧ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୫ ଅବସରରେ ଗତ ଶୁକ୍ରବାର ଦିନ ପୁରୀଠାରେ ଆୟୋଜିତଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ତରୀୟ ସୃଜନତ୍ମକ ଲିଖନ ପ୍ରତି ଯୋଗିତାରେ ପ୍ରଥମ ସ୍ଥାନ ହାସଲ କରି ରାଜ୍ୟ ସ୍ତରୀୟ ସୁରଭୀ ପ୍ରତି ଯୋଗିତାରେ ଅଂଶ ଗ୍ରହଣ ପାଇଁ କୃତିତ୍ୱ ହାସଲ କରିଥିବା କଣାସ ବ୍ଲକ ଅନ୍ତର୍ଗତ ଗଡ଼ସାନପୁଟ ଗ୍ରାମପଞ୍ଚାୟତର ଚୌଦ ମୌଜା ବିଦ୍ୟୁତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଥମ ବର୍ଷର ଛାତ୍ରୀ ବିଜୟଲକ୍ଷ୍ମୀ ପ୍ରଧାନଙ୍କୁ ଆଜି ମନ୍ଦାରବସ୍ତ ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆଞ୍ଚଳିକ ସାଧନ କେନ୍ଦ୍ର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଚୌଦ ମୌଜା ବିଦ୍ୟୁତ ଉଚ୍ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ବିଦ୍ୟାଳୟର ବରିଷ୍ଠ ଅଧ୍ୟାପିକା ଦିପ୍ତିମୟୀ ରାୟ, ରବୀନ୍ଦ୍ର କୁମାର ସୁନ୍ଦରାୟ, ଅଞ୍ଜଳି ମିଶ୍ର, ବିଜୟ କୁମାର ପଣ୍ଡା, ଅନ୍ନପୂର୍ଣ୍ଣା ବେହେରା, ରଶ୍ମିତା ନାୟକ, ରଞ୍ଜିତା ନାୟକ ପ୍ରମୁଖ ବିଜୟାଲକ୍ଷ୍ମୀ ସଫଳତାକୁ ନେଇ ଗର୍ବ ପ୍ରକାଶ କରିବା ସହ ରାଜ୍ୟ ସ୍ତରରେ ସେ ନିଜର ପ୍ରତିଭା ପ୍ରଦର୍ଶନ ନେଇ ଶ୍ରେଷ୍ଠତା ହାସଲ କରି ପାରିବେ ବୋଲି ମତ ଦେଇଥିଲେ। ସ୍ଥାନୀୟ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜିକା ମମତା ସାହୁ ଏବଂ ଭୂପତିଭୂଷଣ ତ୍ରୀପାଠୀ କୃତି ବିଜୟା ଲକ୍ଷ୍ମୀକୁ ପୁଷ୍ପ ଗୁଚ୍ଛ ମେମେଣ୍ଟୋ ସହ ସ୍ୱାଗତ କରିବା ସହ ରାଜ୍ୟ ସ୍ତରରେ କୃତିତ୍ୱ ହାସଲ ପାଇଁ ପ୍ରଚେଷ୍ଟା ଜାରି ରଖିବା ପାଇଁ ପରାମର୍ଶ ଦେଇଥିଲେ।

### ଆନ୍ତଃ ଉଚ୍ଚ ମାଧ୍ୟମିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ମ୍ୟୁନିସିପାଲ, ରାଉରକେଲା ଫାଇନାଲରେ




**ଯାଜପୁର ରୋଡ଼, ୧୦।୧୧(ସଂଚାର ବ୍ୟୁରୋ):** ବ୍ୟାସନଗର କଲେଜ ଖେଳ ପଡିଆରେ ଚାଲୁଥିବା ଆନ୍ତଃ ଉଚ୍ଚ ମାଧ୍ୟମିକ ଫାଇନାଲ ଜୋନ କ୍ରିକେଟ ଟୁର୍ନାମେଂଟରେ ଦ୍ୱିତୀୟ ସେମି ଫାଇନାଲ ବ୍ୟାସନଗର ଓ ମୁନିସିପାଲ ଉଚ୍ଚ ମାଧ୍ୟମିକ ସ୍କୁଲ ମଧ୍ୟରେ ହୋଇଥିଲା। ଟସରେ ବିଜୟୀ ହୋଇ ମୁନିସିପାଲ ଫିଲଡିଂ କରିବାକୁ ନିଷ୍ପତି ନେଇଥିଲେ । ବ୍ୟାସନଗର ୧୯.୫ଓଭରରେ ସମସ୍ତ ଉଇକେଟ ହରାଇ ୭୮ରନ କରିଥିଲେ । ଦଳ ତରଫରୁ ଅନିକେତ ଧୀର ୩୩ ଓ ସୋମେସ ବାରିକ ୨୬ ରନ କରିଥିଲେ। ମୁନିସିପାଲର ରୋଶନ କୁମାର ୪ଟି ଉଇକେଟ ନେଇଥିଲେ । ଏହାର ଜବାବରେ ମୁନିସିପାଲ, ରାଉରକେଲା ୧୧ଓଭରରେ ୨ ଉଇକେଟ ହରାଇ ୭୯ ରନ କରିଥିଲେ । ୮ ଉଇକେଟରେ ମୁନିସିପାଲ ଉଚ୍ଚ ମାଧ୍ୟମିକ ବିଜୟୀ ହୋଇଥିଲେ । ଆଜିର ଖେଳରେ ତେଜ ହୋଣ୍ଡା ତରଫରୁ ମୁନିସିପାଲ ସ୍କୁଲର ରୋଶନ କୁମାରଙ୍କୁ ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା ।ଅତିଥି ଭାବେ ରାଧିକା ରଞ୍ଜନ କାନୁନଗୋ, ପ୍ରତାପ କୁମାର ଧୀର, ଶଶିକାନ୍ତ ଲେଙ୍କା, ଶରତ ସାହୁ, ସ୍ମୃତି ରଞ୍ଜନ ରାଉତ ଓ ନିରଞ୍ଜନ ପୃଷ୍ଟି ଯୋଗ ଦେଇଥିଲେ । ଖେଳାକୁ ପବିତ୍ର ମଲ୍ଲିକ, ପ୍ରଦୀପ କୁମାର ମଲ୍ଲିକ, ବି. ମୋହିନେଶ ଓ ଶୁଭମ ବିଶ୍ୱାଳ ପରିଚାଳନା କରିଥିଲେ।

## ଗ୍ରାମପଞ୍ଚାୟତ ପିଅନ ସଂଘର ବୈଠକ ଅନୁଷ୍ଠିତ



**ବୋରିଗୁମ୍ମା,୧୦।୧୧ (ସଂଚାର ବ୍ୟୁରୋ):** ବୋରିଗୁମ୍ମା ବ୍ଲକ ଗ୍ରାମପଞ୍ଚାୟତ ପିଅନ ସଂଘ ର ବୈଠକ ବିଜାପୁର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା।ବ୍ଲକ ଗ୍ରାମପଞ୍ଚାୟତ ପିଅନ ସଂଘ ର ସଭାପତି ସୁଧୀର ପଟ୍ଟନାୟକ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ବୈଠକରେ ଗ୍ରାମପଞ୍ଚାୟତ ପିଅନ ମାନଙ୍କୁ କିପରି ସରକାର ଅବହେଳା କରିଆସୁଛନ୍ତି, ସେ ନେଇ ଆଲୋଚନା ହୋଇଥିଲା।ମୁଖ୍ୟ ଅତିଥି ଭାବେ ଗ୍ରାମପଞ୍ଚାୟତ ପିଅନ ମହାସଂଘ ର କୋରାପୁଟ ଜିଲ୍ଲା ସମ୍ପାଦକ ସୁରେଶ ପାଇକ ଯୋଗ ଦେଇଥିଲେ।ସେମାନଙ୍କ ୧୦ ଦଫା ଦାବୀ ଯଦି ସରକାର ପୂରଣ ନ କରନ୍ତି, ତେବେ ଆଗାମୀ ବିଧାନସଭା ଶୀତ ଅଧିବେଶନ ରେ ଓଡିଶା ଗ୍ରାମପଞ୍ଚାୟତ କର୍ମଚାରୀ(ପିଅନ) ମହାସଂଘ ଭୁବନେଶ୍ୱର ରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।ସେମାନଙ୍କ ୧୦ ଦାବୀ ମଧ୍ରୁ ପ୍ରମୁଖ ଦାବୀ ଗୁଡିକ ହେଲା ଓଡିଶା ର ୬୭୯୪ ଗ୍ରାମପଞ୍ଚାୟତ ମାନଙ୍କ ରେ ଗୋଟିଏ ଲେଖାଏଁ ପିଅନ ପଦବୀ ସୃଷ୍ଟି କରିବା ସହିତ ପ୍ରତି ପଞ୍ଚାୟତ ରେ ସ୍ଥାୟୀ ଓ ନିୟମିତ ଦରମା ପ୍ରଦାନ କରିବା। ଓଡିଶା ଗ୍ରାମପଞ୍ଚାୟତ ୨୦୧୪ ମସିହା ୧୨୫ ନିୟମ କୁ ଉଛେଦ କରିବା ଓ ୧୯୬୪ ମସିହା ୧୨୩ ଆଇନ କୁ ତୁରନ୍ତ ବିଧାନସଭା ରେ ଉପସ୍ଥାପନ କରାଯାଇ ସଂଶୋଧନ କରିବା।ଆଗାମୀ ଦିନରେ ସ୍ଥାନୀୟ ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଙ୍କୁ ୧୦ ଦଫା ଦାବି ସମ୍ବଳିତ ପତ୍ର ପ୍ରଦାନ କରାଯିବ ବୋଲି ବୈଠକ ନିଷ୍ପତ୍ତି ହୋଇଥିଲା।ବୈଠକରେ ବୋରିଗୁମ୍ମା ବ୍ଲକ ଗ୍ରାମପଞ୍ଚାୟତ ପିଅନ ସଂଘ ସମ୍ପାଦକ ଏ କୋଣ୍ଡାଲ ରାଓ, କୋଷାଧ୍ୟକ୍ଷ ଅଭିମନ୍ୟୁ ଦାସଙ୍କ ସମେତ ବିଭିନ୍ନ ପଞ୍ଚାୟତ ରୁ ଆସିଥିବା ପିଅନ ମାନେ ଯୋଗ ଦେଇଥିଲେ।

# ପ୍ରତିଭା ପୂଜନ ଅନୁଷ୍ଠାନ ପକ୍ଷରୁ ଚତୁର୍ଥ ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ଜ୍ଞାପନ



**ବେତନଟୀ,୧୦।୧୧ (ସଂଚାର ବ୍ୟୁରୋ):** ପ୍ରତିଭାଦୀପ୍ତ ବ୍ୟକ୍ତି ମାନଙ୍କୁ ସମାଜ ରାଷ୍ଟ୍ର ଓ ରାଜ୍ୟ ଉପଯୁକ୍ତ ମାନ୍ୟତା ପ୍ରଦାନ ନ କଲେ ସେମାନଙ୍କ ପ୍ରତିଭା ସମାଜ କୁ ସୁଧାରିବାରେ ବା ଅନ୍ୟ ପ୍ରତିଭା ସଂପନ୍ନ ମାନଙ୍କୁ ପ୍ରେରଣା ଦେବାରେ ସହାୟକ ନ ହୋଇ ସମାଜ କୁ ଆଗେଇ ନେବାରେ ଅବହେଳା ହୋଇଥାଏ ବୋଲି ଆଜି ଏଠାରେ ପ୍ରତିଭା ପୂଜନ ଉତ୍ସବରେ ଯୋଗ ଦେଇଥିବା ମୁଖ୍ୟ ଅତିଥି ବାରିପଦା ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡା ତାଙ୍କ ବକ୍ତବ୍ୟ ରେ କହିଥିଲେ । ସେହିପରି ଉଦଳା ଏନଏସି ର ଅଧକ୍ଷା ପ୍ରମିଳା ପଣ୍ଡା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ପ୍ରତିଭା ସଂପନ୍ନ ବ୍ୟକ୍ତି ଟି ସମାଜ କିମ୍ବା ଅନୁଷ୍ଠାନ ଅଥବା ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହେବା ସେହି ବ୍ୟକ୍ତି ପାଇଁ ହକ ବୋଲି ମଧ କହିଥିଲେ ।

ବେତନଟୀ ସହର ପ୍ରତିଭା ପୂଜନ କମିଟି ପକ୍ଷରୁ ଏହାର ଚତୁର୍ଥ ବାର୍ଷିକ ଉତ୍ସବରେ ୨୦୨୪-୨୫ ମସିହା ପାଇଁ ଏକୋଇଶ ଜଣ ଜିଲ୍ଲା ଓ ରାଜ୍ୟ ସ୍ତରରେ ସେମାନଙ୍କ ଉତ୍ସର୍ଗୀକୃତ ଅବଦାନ ପାଇଁ ପ୍ରତିଭା ଚୟନ କମିଟି ଦ୍ୱାରା ଚୟନ କରାଯାଇ ସ୍ଥାନୀୟ ଏମପିସି ସରକାରୀ ଉଚ୍ଚ ବିଦ୍ୟାଳୟ ସଭାଗୃହ ରେ ଆୟୋଜିତ ଉତ୍ସବରେ କମିଟି ପକ୍ଷରୁ ମାନପତ୍ର ଉପଢୌକନ ତଥା ପୁଷ୍ପ ଗୁଚ୍ଛ ପ୍ରଦାନ କରାଯାଇ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ ।

ଏହି ଉତ୍ସବରେ ପ୍ରତି ବର୍ଷ ଏହି ପ୍ରତିଭା ପୂଜନ ଉତ୍ସବରେ ମୋଟ ଏକୋୟିଶ ଜଣ ବିଶିଷ୍ଟ ପ୍ରତିଭା ସଂପନ୍ନ ବିଭିନ୍ନ ବର୍ଗର ଆଠ ରୁ ଅଶୀ ବର୍ଷ ବୟସ ପର୍ଯ୍ୟନ୍ତ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ ବିଭିନ୍ନ ଦିବଂଗତ ବ୍ୟକ୍ତି ବିଶେଷଙ୍କ ନାମରେ ତାଙ୍କର ଦାୟାଦ ମାନେ ସମ୍ବର୍ଦ୍ଧିତ କରିଥାନ୍ତି। ଶେଷରେ ଟ୍ରଷ୍ଟି ତଥା ଆଜୀବନ ସଦସ୍ୟ ବାସୁଦେବ ନାପିତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନା ରେ ବରିଷ୍ଠ ସାମ୍ବାଦିକ ଅରୁଣ କୁମାର ଓତା ରୋଟାରିଆନ ରବୀନ୍ଦ୍ର କୁମାର ମିଶ୍ର ଫୋର୍ଡ଼ ର ସଂଯୋଜକ ସନ୍ତୋଷ କୁମାର ଖଣ୍ଡା କମଳ ଲୋଚନ କର ଟ୍ରଷ୍ଟି ରବୀନ୍ଦ୍ର ଖଟୁଆ ପ୍ରମୁଖ ସହଯୋଗ କରିଥିଲେ ।

## କବାଡି ଟୁର୍ଣ୍ଣାମେଣ୍ଟରେ ଭୁବନେଶ୍ୱର କିଟ୍ ଚମ୍ପିୟାନ



**ବାଲିଆପାଳ, ୧୦।୧୧(ସଂଚାର ବ୍ୟୁରୋ):**ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକରେ ଅନୁଷ୍ଠିତ ହୋଇଆସୁଥିବା ଐତିହାସିକ କୁଦ ମାନସିଂହ ବାଲିଯାତ୍ରା ପଡ଼ିଆରେ ଉଭୟ ପୁରୁଷ ଓ ମହିଳା କବାଡି ଟୁର୍ଣ୍ଣାମେଣ୍ଟ ହୋଇଆସୁଛି। ରବିବାର ରାତିରେ ରାଜ୍ୟ ବିହାରରୁ ଆସିଥିବା ମହିଳା କବାଡି ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳ ଆରମ୍ଭ ହୋଇଥିଲା। ଏହି ଖେଳରେ ସମୁଦାୟ ତିନୋଟି ମହିଳା ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳରେ ପୁରୀ ଦାଣ୍ଡ ମୁକୁନ୍ଦପୁର ଦଳକୁ ଛଅ ରନରେ ହରାଇ ଭୁବନେଶ୍ୱର କିଟ୍ ଇନଭରସିଟ୍ ଦଳ ଚମ୍ପିୟାନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବାଲିଆପାଳ ଥାନା ଅଧିକାରୀ ଗୋବିନ୍ଦ ପ୍ରସାଦ ବେହେରା ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହିତ ଚମ୍ପିୟାନ ଏବଂ ରନସଫ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।ରେଫ୍ରି ରାଜୀବ କୁମାର ସାହୁ, ହେମନ୍ତ କୁମାର ପରିଡ଼ା, ପୁଲିନ କୁମାର ପରିଡ଼ା ଖେଳକୁ ପରିଚାଳନା କରିଥିଲେ।ଆଠଟି ପୁରୁଷ ଦଳକୁ ନେଇ ଅନୁଷ୍ଠିତ ହୋଇଆସୁଥିବା ଖେଳ ୧୩ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟିର ମୁଖ୍ୟ ପରିଚାଳକ ରଘୁନାଥ ଜେନା କହିଛନ୍ତି।

# ଧାମନଗରରେ ସରକାରୀ ଜମି ଜବରଦଖଲ ଉଚ୍ଛେଦ ଓ ଟ୍ରାଫିକ ସମସ୍ୟା ଦୂର କେବେ ?




**ଧାମନଗର,୧୦।୧୧ (ସଂଚାର ବ୍ୟୁରୋ):** ଧାମନଗର ଏନ୍‌ଏସିଘୋଷଣା ହେଲାପରେ ବିଭିନ୍ନ ଉନ୍ନତିକରଣ କାର୍ଯ୍ୟ, ସହରାଞ୍ଚଳର ଅଭିବୃଦ୍ଧି ହେତୁ ଅତ୍ୟଧିକ ଜନ ସମାଗମ ବଢ଼ିବାରେ ଲାଗିଥିବା ବେଳେ ତା ସାଙ୍ଗକୁ ଟ୍ରାଫିକ ସମସ୍ୟା ବୃଦ୍ଧି ପାଉଛି। ଧାମନଗର ସହର ମାନ୍ୟତା ପାଇବା ପରେ ବହୁ ଛୋଟ ବଡ଼ ଦୋକାନ ମାନ ଖୋଲୁଛି। ଦୋକାନୀ ଓ ଉଠା ଦୋକାନୀ ମାନେ ରାସ୍ତା ଉଭୟ ପାର୍ଶ୍ୱରେ ସେମାନଙ୍କ ପସରା ମେଲାଇ ବ୍ୟବସାୟ କରୁଥିବା ବେଳେ ଯାତାୟତରେ ଘୋର ବାଧା ସୃଷ୍ଟି କରୁଛନ୍ତି। ଯାହା ଫଳରେ ସାନ ବଜାର ଠାରୁ ମେଡିକାଲ ବଜାର ପର୍ଯ୍ୟନ୍ତ ରାସ୍ତାଟି ବହୁ ସମୟରେ ଗହଳି ହୋଇ ଯାତାୟତରେ ଘୋର ବାଧା ସୃଷ୍ଟି ହେବା ସହ ଘଣ୍ଟା ଘଣ୍ଟା ଧରି ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି।

ବିଶେଷ କରି ସପ୍ତାହର ଦୁଇଦିନ ରବିବାରରେ ଓ ବୁଧବାର ସାପ୍ତାହିକ ହାଟ ହେତୁ ଅଧିକ ଗହଳି ହେଉଛି। ସେଥି ମଧ୍ୟରୁ ରବିବାର ଛୁଟି ଦିନ ଥିବାରୁ ଟିକେ କମ ଗହଳି ହେଉଥିବା ସ୍ଥଳେ ବୁଧବାର ସମସ୍ତ କାର୍ଯ୍ୟାଳୟ ଖୋଲା ରହୁଥିବାରୁ ସର୍ବାଧିକ ଗହଳି ହୋଇ ଘଣ୍ଟା ଘଣ୍ଟା ଧରି ରାସ୍ତା ଜାମ ରହୁଛି। ଏହି ସମୟରେ ଆମ୍ବୁଲାନ୍ସ, ଦମକଳ ଗାଡ଼ି ଏପରିକି ଖୋଦ ପୁଲିସ ଗାଡ଼ି ମଧ୍ୟ ବହୁସମୟ ଧରି ଫଶି ରହୁଛି। ଏଥିପାଇଁ ପୋଲିସକୁ ନାକେଦମ ହେବାକୁ ପଡୁଛି। ସାନ ବଜାର ଠାରୁ ମେଡିକାଲ ବଜାର ଯାଏ ୫ ଟି ବ୍ୟାଙ୍କ ରହୁଥିବାରୁ କାର୍ଯ୍ୟ ଦିବସରେ ବହୁ ଜନ ସମାଗମ ହେଉଛି। କେତେକ ସମୟରେ ଟ୍ରାଫିକ ସମସ୍ୟାକୁ ନେଇ ବିଗତ ଦିନରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି। ସରକାର ତଥା ଜିଲ୍ଲା ପ୍ରଶାସନ ଏହାର ସ୍ଥାୟୀ ସମାଧାନ ଓ ଦୂରୀକରଣ ନିମନ୍ତେ ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ସ୍ୱାଗତ ତୋରଣ ପାଖରୁ ଧାମନଗର କଲେଜ ପର୍ଯ୍ୟନ୍ତ ରାସ୍ତାରେ ଡିଭାଇଡର ନିର୍ମାଣ ପୂର୍ବକ ଦୁଇଥାକିଆ ରାସ୍ତା କରାଯାଉ ବୋଲି ସାଧାରଣରେ ଦାବି କରିଛନ୍ତି। ଏଥି ସହିତ ବଡ଼ ଓ ସାନ ବଜାର ଛକରେ ଗୋଲେଇ ନିର୍ମାଣ କରାଯାଉ ଏବଂ ଜୟନଗର ଠାରୁ ମେଡିକାଲ ବଜାର ଯାଏ ଏକ ବାଇପାସ ରାସ୍ତା ନିର୍ମାଣ କରାଯିବାକୁ ଦାବି ହେଉଛି।

# ବୋରିଗୁମ୍ମାରେ 'ପରବ' ପ୍ରସ୍ତୁତି ବୈଠକ

**ବୋରିଗୁମ୍ମା, ୧୦।୧୧(ସଂଚାର ବ୍ୟୁରୋ):** ଚଳିତବର୍ଷ ପରବ ମହୋତ୍ସବ କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକର କୂଟଣିପଦର ସ୍ଥିତ ଶୈବପିଠରୁ ଉଦ୍‌ଘାଟିତ ହେବ। ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ଜିଲ୍ଲାର ୧୪ ଗୋଟି ବ୍ଲକର ପ୍ରତିନିଧି ନିଜନିଜ ବ୍ଲକ ପାଇଁ ମଶାଲ ନେଇ ପ୍ରଥମେ ପଞ୍ଚାୟତସ୍ତରୀୟ ଓ ପରେ ବ୍ଲକ୍‌ସ୍ତରୀୟ ପରବ ଆୟୋଜନ କରିବେ। ଏହି ଅବସରରେ ବୋରିଗୁମ୍ମା ବ୍ଲକ୍‌ରେ ପରବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଗସ୍ତକରି ଅଞ୍ଚଳ ବୁଲି ଦେଖିବା ସହ ପ୍ରସ୍ତୁତି ସମ୍ପର୍କରେ ବ୍ଲକ୍ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ନଭେମ୍ବର ୧୨ ତାରିଖରେ ହେବାକୁ ଥିବା ଉଦ୍‌ଘାଟନୀ ଉତ୍ସବରେ ବୋରିଗୁମ୍ମା ବ୍ଲକ୍‌ରୁ ବିଡ଼ିଓ ଓ ବ୍ଲକ୍ ଅଧକ୍ଷା ଓ କିଛି ସରକାରୀ କର୍ମଚାରି ଓ ପିୟାର ମେମ୍ବର ଓ ରାଜନେତା କେଉଁ ପ୍ରକାର ଭାବରେ କୁଟୁଣୀପଦର ଯାଇ ବ୍ଲକ୍ ପରବ ଉଦ୍‌ଘାଟନ ପାଇଁ ମଶାଲ ଅଣିବେ ତା ଉପରେ ଆଜି ବ୍ଲକ ଅଧ୍ୟକ୍ଷା ଦୀପ୍ତିମୟୀ ନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିବା ପ୍ରସ୍ତୁତି ବୈଠକରେ ଆଲୋଚନା ହୋଇଥିଲା।